# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୧୦/୨୦୧୯ (୨୦ ପୃଷ୍ଠା) | Bhubaneswar, Monday, June 10/2019 | ★★★★★★

୪୫ଶ ଭାଗ ୧୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




### ୩୪ ବର୍ଷରେ ସୋନମ୍

ଅଭିନେତ୍ରୀ ସୋନମ୍ କପୁର ରବିବାର ୩୪ବର୍ଷରେ ପଦାର୍ପଣ କରିଛନ୍ତି। ଘନିଷ୍ଠ ସାଙ୍ଗସାଥୀ ଏବଂ ପରିବାର ସଦସ୍ୟଙ୍କ ମେଳରେ ସେ ଜନ୍ମଦିନ ପାଳନ କରିଛନ୍ତି।

**୦୨ ୨୦**

### ନାଡାଲଙ୍କ ରେକର୍ଡ

ସ୍ପେନର ରାଫାଲ ନାଡାଲ ୧୨ଥର ଫ୍ରେଞ୍ଚ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତି ରେକର୍ଡ ପ୍ରତିଷ୍ଠା କରିଛନ୍ତି।



## ■ ହାଟବେଳେ ଭୁଶୁଡ଼ିଲା ପରିତ୍ୟକ୍ତ ରାଇସ୍ ମିଲ୍ ପାଚେରି

# ଚପିଗଲା ଚାରି ଜୀବନ

**ଢେଙ୍କାନାଳ ଅଫିସ,୯।୬**

ହାଟର ନାଁ ଅଳସୁଆ। ହେଲେ ହାଟୁଆମାନେ ଆଦୌ ଅଳସୁଆ ନୁହନ୍ତି। ସେଥିପାଇଁ ପ୍ରତି ସପ୍ତାହର ଶେଷ ଦିନରେ ଭାରି ଭିଡ଼ ହୁଏ ଢେଙ୍କାନାଳ ଷ୍ଟେଶନ ବଜାର ରୋଡ୍‌ରେ ଥିବା ଏହି ହାଟରେ। ସବୁଥର ପରି ରବିବାର ବି ବସିଥିଲା ହାଟ। ଭଲ ବେପାର ଆଶାରେ ଆସିଥିଲେ ବ୍ୟବସାୟୀ। ତାଜା ପରିବା ନେବାକୁ ପହଞ୍ଚିଥିଲେ ଗରାଖ। କିଣା ବିକା ଜୋର୍ ଧରୁଥିବା ବେଳେ ହଠାତ୍ ଘଟିଗଲା ଏକ ଦୁର୍ଘଟଣା। ସକାଳ ୮ଟା ୧୫ରେ ଭୁଶୁଡ଼ି ପଡ଼ିଲା ହାଟ ନିକଟରେ ଥିବା ଏକ ପରିତ୍ୟକ୍ତ ରାଇସ୍ ମିଲ୍‌ର ପାଚେରି, ଯାହା ତଳେ ଚପିଗଲା ୪ ବ୍ୟବସାୟୀଙ୍କ ଜୀବନ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ଏଥିସହିତ ଆହତମାନଙ୍କ ଚିକିତ୍ସା ବିନା ମୂଲ୍ୟରେ କରାଯିବ ବୋଲି ସେ କହିଛନ୍ତି।

ସକାଳ ସାଢ଼େ ୭ଟାରୁ ଆରମ୍ଭ ହୋଇଥିଲା ଢେଙ୍କାନାଳ ପୌର ପରିଷଦ ଅଧୀନରେ ଥିବା ଅଳସୁଆ ହାଟ। ଅପରାହ୍ନ ଯାଏ ଏହା ଚାଲିବାକୁ ଥିବାରୁ ଖରାରୁ ବର୍ତ୍ତିବା ପାଇଁ କେତେଜଣ ବ୍ୟବସାୟୀ ହାଟ ପାର୍ଶ୍ୱ ଡି. ହଂସରାଜ ନାମକ ଏକ ପରିତ୍ୟକ୍ତ ରାଇସ୍‌ମିଲ୍‌ର ପାଚେରିଛାଇରେ ବସିଥିଲେ। କିଛି ଗ୍ରାହକ ସମ୍ପୃକ୍ତ ବେପାରୀଙ୍କଠାରୁ ପରିବା କିଣୁଥିବା ବେଳେ ୧୦ରୁ ଅଧିକ ବାଇକ୍ ସେଠାରେ ରହିଥିଲା। ଏହି ସମୟରେ ହଠାତ୍ ୪୦ ବର୍ଷ ପୁରୁଣା ଉକ୍ତ ପାଚେରି ଭୁଶୁଡ଼ି ପଡ଼ିଥିଲା। ଫଳରେ ଏହା ତଳେ ବସିଥିବା ୪ ପରିବା ବେପାରୀ ସଦର ଥାନା ଚାଇଁପୁରପାଟଣାର ସଂଗ୍ରାମ ସାହୁ(୨୫), ଗେଙ୍ଗୁଟିଆ ଗ୍ରାମର ରାମଚନ୍ଦ୍ର ସାହୁ(୩୨), ଗୁରୁଜଙ୍ଗର ଅଭିମନ୍ୟୁ ବିଶ୍ୱାଳ(୬୫), ଡୁମୁସିଙ୍ଗା ଥାନା ପଣ୍ଡୁଆ ଫାଣ୍ଡି କମଗରା ସିଦ୍ଧପଡା ଗ୍ରାମର ମାୟାଧର ମଲିକ(୭୦) ଚାପି ହୋଇଯାଇଥିଲେ। ପରିବା ନେବାକୁ ଆସିଥିବା ସୋଗର କଣପାଳ ଗ୍ରାମର କିଣା ବେହେରା(୪୫), ସଦରଥାନା ଗୁଣ୍ଡିଚାପଡା ଗ୍ରୀଡ୍‌ର ସୁରକ୍ଷା କର୍ମୀ ଭାବେ କାମ କରୁଥିବା ଗଁନ୍ଦିଆ ଥାନା ନୂଆଗଡର କାମେଶ ପାତ୍ର ଓ ରାସୋଳ ଥାନା ଗଞ୍ଜରା ଗ୍ରାମର ଶରତ ରାଉତ(୬୦) ମଧ୍ୟ ପାଚେରି ତଳେ ରହିଯାଇଥିଲେ। ହାଟରେ ଉପସ୍ଥିତ ଲୋକେ ପାଚେରି ତଳୁ ସମସ୍ତଙ୍କୁ ବାହାର କରିବାକୁ ଉଦ୍ୟମ କରୁଥିବା ବେଳେ ଖବରପାଇ ଟାଉନ ଥାନା ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। ଗୁରୁତର ଅବସ୍ଥାରେ ୭ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ଡାକ୍ତର ୪ ବେପାରୀ ସଂଗ୍ରାମ ସାହୁ, ରାମଚନ୍ଦ୍ର ସାହୁ, ଅଭିମନ୍ୟୁ ବିଶ୍ୱାଳ ଓ ମାୟାଧର ମଲିକଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତୁରନ୍ତ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଘଟଣାରେ ସାମାନ୍ୟ ଆହତ ହୋଇଥିବା ଢେଙ୍କାନାଳ ସହର ଟାଉନ ପ୍ଲାନିଂ ଅଞ୍ଚଳର ୨ଜଣଙ୍କୁ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଖବରପାଇ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ, ଏସ୍‌ପି ଅନୁପମା ଜେମ୍‌ସ ପ୍ରମୁଖ ଘଟଣାସ୍ଥଳ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ମୃତକଙ୍କ ପରିବାରକୁ ରେଡକ୍ରସ ପକ୍ଷରୁ ୨୫ ହଜାର ଟଙ୍କା ଲେଖାଏ ସହାୟତା ଦିଆଯାଇଥିବା ବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୧୯/୨୦୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ମୃତ ବ୍ୟବସାୟୀଙ୍କ ପରିବାରକୁ ଅଧିକ କ୍ଷତିପୂରଣ ଦାବିରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସାମାନ୍ୟ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ସମୟରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର ପ୍ରମୁଖ ପହଞ୍ଚି ମୃତକଙ୍କ ପରିବାରକୁ ବୁଝାଶୁଝା କରିଥିଲେ। ଅଧିକ ସହାୟତା ପାଇଁ ରାଜ୍ୟ ସରକାରଙ୍କୁ ପ୍ରଶାସନ ପକ୍ଷରୁ ଲିଖିତ ଭାବେ ଜଣାଯାଇଛି ବୋଲି ଅତିରିକ୍ତ ଜିଲାପାଳ ସୂଚନା ଦେବାପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏହି ଦୁର୍ଘଟଣା ପରେ ପୌରସଂସ୍ଥା ପକ୍ଷରୁ ତୁରନ୍ତ ଅଳସୁଆ ହାଟ ପାର୍ଶ୍ୱରେ ଥିବା ଉକ୍ତ ପରିତ୍ୟକ୍ତ ପାଚେରିର ଅନ୍ୟ ଅଂଶ ସହ ପରିତ୍ୟକ୍ତ ଘର ଗୁଡିକୁ ଜେସିବି ମେସିନ ସାହାଯ୍ୟରେ ଭଙ୍ଗା ଯାଇଥିଲା ।

ଏ ସମ୍ପର୍କରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ କହିଛନ୍ତି, ଏହା ଅତ୍ୟନ୍ତ ଦୁଃଖଦ ଘଟଣା। ମୃତ ବ୍ୟବସାୟୀଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରାଯାଇ ତୁରନ୍ତ ରେଡକ୍ରସ ପକ୍ଷରୁ ୨୫ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଛି। କଟକରେ ୩ ଗୁରୁତରଙ୍କ ଚିକିତ୍ସାର ତଦାରଖ କରାଯାଉଛି। ଯେଉଁମାନେ ସାମାନ୍ୟ ଆହତ ହୋଇଥିଲେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଛାଡି ଦିଆଯାଇଛି। ରାଇସମିଲ୍ କରିଥିବା ସଂସ୍ଥା କିଭଳି ଲିଜ୍ ନେଇଥିଲା ଏବଂ କେବେଠାରୁ ତାହା ବନ୍ଦ ପଡିଥିଲା ସେ ସମ୍ପର୍କରେ ତଦନ୍ତ କରାଯାଇ ନୋଟିସ୍ ଜାରି କରାଯିବ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହାଟ ପାର୍ଶ୍ୱରେ ଥିବା ବିପଦସଙ୍କୁଳ ସମସ୍ତ ପାଚେରି, ଘରଗୁଡ଼ିକୁ ଭଙ୍ଗାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।



ପରିତ୍ୟକ୍ତ ରାଇସ୍ ମିଲର ପାଚେରି ଭୁଶୁଡ଼ି ଯାଇଛି।

- ■ କଟକରେ ଚାଲିଛି ୩ ଗୁରୁତରଙ୍କ ଚିକିତ୍ସା
- ■ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଲେଖାଏ ସହାୟତା
- ■ ରେଡକ୍ରସ ପକ୍ଷରୁ ମିଳିଲା ୨୫ ହଜାର ଟଙ୍କା
- ■ ରାଇସ୍ ମିଲ୍ ମାଲିକଙ୍କୁ ନୋଟିସ୍ କରିବ ପ୍ରଶାସନ

# ଧାଓ୍ୱନ ଧମାକା ଭାରତ ବିଜୟୀ



**ଲଣ୍ଡନ, ୯।୬**

ସ୍ଥାନୀୟ କେନିଙ୍ଗଟନ ଓଭାଲ ଗ୍ରାଉଣ୍ଡରେ କ୍ୟାରିୟରର ଅନ୍ୟତମ ସ୍ମରଣୀୟ ଇନିଂସ ଖେଳି ଭାରତ ବିଜୟର କର୍ଣ୍ଣଧାର ସାଜିଛନ୍ତି ଶିଖର ଧାଓ୍ୱନ। ଚଳିତ ଆଇସିସି ବିଶ୍ୱକପର ରବିବାର ଅନୁଷ୍ଠିତ ମ୍ୟାଚରେ ସେ ଅଷ୍ଟ୍ରେଲିଆ ବୋଲରଙ୍କୁ ଧୂଳେଇ କରି ହାସଲ କରିଥିଲେ ୧୭ତମ ଦିନିକିଆ ଶତକ(୧୧୭ ରନ, ୧୦୯ ବଲ୍, ୧୬ ଚୌକା)। ଧାଓ୍ୱନଙ୍କ ଧମାକାଦାର ଇନିଂସ ବଳରେ ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୫୨ ରନ କରିଥିବାବେଳେ ଅଷ୍ଟ୍ରେଲିଆ ୫୦ ଓଭରରେ ୩୧୬ ରନରେ ଅଲଆଉଟ ହୋଇ ୩୬ ରନରେ ପରାଜିତ ହୋଇଥିଲା। ଶତକୀୟ ଇନିଂସ ପାଇଁ ଧାଓ୍ୱନ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ।

(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠାରେ)

**ଶିଖର ଧାଓ୍ୱନ**
- ■ ୧୧୭ ରନ
- ■ ୧୦୯ ବଲ
- ■ ୧୬ ଚୌକା
- ■ ଷ୍ଟ୍ରାଇକ୍ ହାର ୧୦୭.୩୪

# ପୁଣି ଲେଉଟିଲା ତାତି

**ଭୁବନେଶ୍ୱର,୯।୬(ବ୍ୟୁରୋ)**

ପୁଣି ତାତି ଲେଉଟିଛି। ଶନିବାର ଅପେକ୍ଷା ରବିବାର ତାପମାତ୍ରା ବୃଦ୍ଧି ପାଇଛି। ପଶ୍ଚିମ ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଥିଲା। ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳି ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। ଘର ଭିତରେ ମଧ୍ୟ ଗୁଳୁଗୁଳି ଅନୁଭୂତି ହେଉଛି। ରବିବାର ଅନୁଗୋଳ, ଝାରସୁଗୁଡ଼ା, ସମ୍ବଲପୁର, ହୀରାକୁଦ, ଭବାନୀପାଟଣା, ବଲାଙ୍ଗୀର, ଟିଟିଲାଗଡ଼, ମାଲକାନଗିରି, ସୋନପୁର ଆଦି ୯ ସହରରେ ତାପମାତ୍ରା ୪୦ଡିଗ୍ରୀ ଟପିଥିଲା। ସମ୍ବଲପୁର ସର୍ବାଧିକ ୪୩.୬ଡିଗ୍ରୀ ତାପମାତ୍ରା ରହିଥିବା ବେଳେ ହୀରାକୁଦ ୪୩.୧, ଟିଟିଲାଗଡ଼ ୪୨.୬, ଝାରସୁଗୁଡ଼ା ୪୨.୨, ବଲାଙ୍ଗୀର ୪୨, ମାଲକାନଗିରି ୪୧, ସୋନପୁର ୪୦.୮, ଭବାନୀପାଟଣା ୪୦.୫ ଓ ଅନୁଗୋଳ ୪୦.୪ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଭୁବନେଶ୍ୱରରେ ତାପମାତ୍ରା ୩୭.୭ଡିଗ୍ରୀ ରହିଥିବା ବେଳେ କଟକରେ ୩୬.୫ଡିଗ୍ରୀ ରହିଥିଲା। ସେପଟେ କେରଳରେ ମୌସୁମୀ ଛୁଇଁବା ପରେ ଓଡ଼ିଶାରେ ମୌସୁମୀ କେବେ ପହଞ୍ଚିବ, ତାକୁ ନେଇ ସମସ୍ତଙ୍କର ଅପେକ୍ଷା। ଆଉ ୬ଦିନ ମଧ୍ୟରେ ଓଡ଼ିଶାରେ ମୌସୁମୀ ଛୁଇଁବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ ☞ପୃଷ୍ଠା–୪

**୪୦ ଡିଗ୍ରୀ ଟପିଲା ୯ ସହର**

**ଫନୀ ମାଡ଼ରେ ପ୍ରଭାବିତ ଶିକ୍ଷା ବ୍ୟବସ୍ଥା**

# ଅସଜଡ଼ା କ୍ଷତିଗ୍ରସ୍ତ ବିଦ୍ୟାଳୟ

- ■ ସପ୍ତାହକ ପରେ ସରିବ ଖରାଛୁଟି
- ■ ପିଲାଙ୍କ ପଢ଼ାକୁ ନେଇ ଚିନ୍ତାରେ ଅଭିଭାବକ
- ■ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି:ମନ୍ତ୍ରୀ



**ଭୁବନେଶ୍ୱର,୯।୬(ଅନିଲ କୁମାର ଦାସ)**

ସାମୁଦ୍ରିକ ଝଡ଼ ଫନୀର ଶକ୍ତ ପ୍ରହାରରେ ଛାରଖାର ହୋଇଯାଇଛି ସମଗ୍ର ପୁରୀ ଜିଲା। କେବଳ ଯେ, ଘରଦ୍ୱାର, ନଡ଼ିଆ, କଦଳୀ, କାଜୁ ବଗିଚା କିମ୍ବା ଧାନ ଖେତ ନୁହେଁ କୁନିକୁନି ପିଲାଙ୍କ ଭବିଷ୍ୟତ ମଧ୍ୟ ବିଶେଷଭାବେ ପ୍ରଭାବିତ ହୋଇଛି। ଘର, ବାଡ଼ିବଗିଚା ଓ ନିଜର ବେଉସା ହରାଇ ମାତାପିତା ଗରିବୀ ଜ୍ୱାଳାରେ ଛଟପଟ ହେଉଥିବାବେଳେ ପିଲାମାନଙ୍କ ଶିକ୍ଷା ସେମାନଙ୍କ ଚିନ୍ତାକୁ ଆହୁରି ବଢାଇ ଦେଇଛି। ଦିନ କେଇଟା ପରେ ଶେଷ ହେବ ଖରାଦିନ ଛୁଟି। ଆସନ୍ତା ୧୮ ତାରିଖରେ ରାଜ୍ୟର ସମସ୍ତ ସ୍କୁଲ ଖୋଲି ଯିବ। ନୂଆ ଶ୍ରେଣୀରେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନେ ପାଠପଢା ଆରମ୍ଭ କରିବେ। ହେଲେ ବାତ୍ୟାରେ ଛାରଖାର ହୋଇଥିବା ଆଜବେଷ୍ଟସ ନିର୍ମିତ ସ୍କୁଲ ଘର ଫନୀମାଡ଼ରେ ଉଡ଼ିଯାଇଛି। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

### ଖଣିରେ ମୃତ୍ୟୁ

**ଆଜିର ମନ୍ତବ୍ୟ**

" ଆତଙ୍କବାଦର ମୂଳୋତ୍ପାଟନ ପାଇଁ ସାମୂହିକ ଉଦ୍ୟମ ଲୋଡ଼ା।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE | 09.06.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 111 | 172 | 182 |
| CTC | 111 | 172 | 182 |
| DKL | 109 | 170 | 180 |
| BDK | 109 | 170 | 180 |
| BLS | 109 | 170 | 180 |
| ANG | 109 | 170 | 180 |

*Conditions Apply

Eggs Retail Price- 41/-Dozen

Issued in the Interest of Consumers


**କିଛି ତଥ୍ୟ**

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ରେ ମାସିକ ୩.୯ କୋଟି ବିଜ୍‌ନେସ ଟୁ ବିଜ୍‌ନେସ୍ (ବିଟୁବି) ଇନଭଏସ୍ ଜେନେରେଟ ହେଉଛି।

– ଜିଏସ୍‌ଟିଏନ୍












ଶତ୍ରୁଙ୍କ ଘରେ ପଶି ମାରିବୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ପ୍ରଚାର ବେଳେ କହି ବୁଲୁଥିଲେ। ଆତଙ୍କବାଦ ନିରୋଧୀ କାର୍ଯ୍ୟାନୁଷ୍ଠାନ ପାକିସ୍ତାନରେ ନୁହେଁ, ବରଂ କଶ୍ମୀରରେ ନିଆଯାଇଛି, ଯାହାକି ଭାରତର ଏକ ଅଙ୍ଗ।

-ଶରଦ ପାୱାର, ଏନ୍‌ସିପି ମୁଖ୍ୟ

### ଥମୁନି ଲଜ୍ଜା: ଆଲିଗଡ଼, ହମିରପୁର ପରେ ଭୋପାଳ

# ନାବାଳିକାଙ୍କୁ ବଳାତ୍କାର, ହତ୍ୟା

ଭୋପାଳ,୯।୬(ପି.ଟି./ ଆଇଏଏନ୍‌ଏସ୍)

ଉତ୍ତରପ୍ରଦେଶର ଆଲିଗଡ଼ ଓ ହମିରପୁର ପରେ ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରେ ଘଟିଛି ଆଉ ଏକ ଲଜ୍ଜାଜନକ ଘଟଣା। ଭୋପାଳର କମଳାନଗରରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ତଣ୍ଟିଚିପି ହତ୍ୟା କରାଯାଇଛି। ୮ ବର୍ଷୀୟା ଝିଅଙ୍କ ମୃତଦେହ ରବିବାର ଏକ ନାଳରୁ ଉଦ୍ଧାର କରାଯିବା ପରେ ଚାଞ୍ଚଲ୍ୟ ଖେଳିଯାଇଛି। ଏହି ମାମଲାରେ ୬ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି।




ଭୋପାଳସ୍ଥିତ କମଳାନଗର ଥାନା ମଣ୍ଡୱା ବସ୍ତିର ଜଣେ ନାବାଳିକା ଶନିବାର ରାତି ପ୍ରାୟ ୮ଟାରେ କିଛି ସାମଗ୍ରୀ କିଣିବା ପାଇଁ ଘରୁ ବାହାରିଥିଲେ। ସେ ନ ଫେରିବାରୁ ଘର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ। ତାଙ୍କର ପତ୍ତା ନ ମିଳିବାରୁ ପରିବାର ଲୋକେ କମଳାନଗର ଥାନାରେ ଝିଅ ନିଖୋଜ ଥିବା ନେଇ ରିପୋର୍ଟ କରିଥିଲେ। ହେଲେ ପୋଲିସ ଏହାକୁ ଗମ୍ଭୀରତା ସହ ନେଇ ନ ଥିଲା। ରାତି ୧୧ଟାରେ ଜଣେ କର୍ପୋରେଟରଙ୍କଠାରୁ ଫୋନ୍ କଲ୍ ପାଇବା ପରେ ପୋଲିସର ନିଦ ଭାଙ୍ଗିଲା। ମାତ୍ର କିଛି ଲାଭ ହେଲାନାହିଁ। ରବିବାର ସକାଳ ୫ଟାରେ ସମ୍ପୃକ୍ତ ଅଞ୍ଚଳର ଏକ ନାଳରୁ ନାବାଳିକାଙ୍କ ମୃତଦେହ ମିଳିଲା। ହାମିଦିଆ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ ବେଳେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଛି। ନିଖୋଜ ରିପୋର୍ଟ ପାଇବା ପରେ ସମ୍ପୃକ୍ତ ଅଞ୍ଚଳରେ ପୋଲିସ ମୁତୟନ କରାଯାଇ ତଲାସି ଚଳାଇଥିଲେ ଏପରି ଘଟି ନ ଥାନ୍ତା ବୋଲି ପରିବାର ଓ ଉତ୍ତ୍ୟକ୍ତ ଲୋକେ ଅଭିଯୋଗ କରିଛନ୍ତି। କର୍ତ୍ତବ୍ୟରେ ଅବହେଳା ପାଇଁ ୬ ପୋଲିସ ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ନାବାଳିକାଙ୍କୁ ବଳାତ୍କାର ପରେ ତଣ୍ଟିଚିପି ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ତାଙ୍କୁ ଧରାଇଦେଲେ ୨୦ ହଜାର ଟଙ୍କା ଦିଆଯିବ ବୋଲି ପୋଲିସ ପକ୍ଷରୁ ଘୋଷଣା କରାଯାଇଛି।

ଏହାର ଦୁଇଦିନ ପୂର୍ବରୁ ଉଜ୍ଜୟିନୀରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଅଭିଯୋଗରେ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରାଯାଇଥିଲା। ମଧ୍ୟପ୍ରଦେଶରେ ନାବାଳିକାଙ୍କ ପ୍ରତି ଯୌନ ଉତ୍ପୀଡ଼ନ ଘଟଣା ରାଜ୍ୟ ରାଜନୀତିକୁ ସରଗରମ କରିଛି। ଭୋପାଳର ନବନିର୍ବାଚିତ ଏମ୍‌ପି ପ୍ରଜ୍ଞା ସିଂ ଠାକୁର ସଦ୍ୟ ଘଟଣାର ନିନ୍ଦା କରିବା ସହ ପୀଡ଼ିତାଙ୍କ ଘରକୁ ଯାଇ ସମବେଦନା ଜଣାଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂ ମଧ୍ୟ ନାବାଳିକାଙ୍କ ଘରକୁ ଯାଇ ଏହାର ନିନ୍ଦା କରିଛନ୍ତି। ମୁଖ୍ୟମନ୍ତ୍ରୀ କମଲନାଥ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଛନ୍ତି। ୟୁପିର ହମିରପୁର ଜିଲାରେ ଜଣେ ୧୦ ବର୍ଷୀୟା ଝିଅଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ଦଳିତ ନାବାଳିକା ଜଣକ ଶୁକ୍ରବାର ରାତିରେ ତାଙ୍କ ଘର ବାହାରେ ମା'ଙ୍କ ସହ ଶୋଇଥିଲେ। କେତେଜଣ ଦୁର୍ବୃତ୍ତ ତାଙ୍କୁ ଉଠାଇନେଇ ଏକ ଶ୍ମଶାନ ଘାଟରେ ଗଣବଳାତ୍କାର ପରେ ହତ୍ୟା କରିଥିଲେ। ନାବାଳିକାଙ୍କ ମୃତଦେହ ଏକ ବୁଦାରୁ ଉଦ୍ଧାର ହୋଇଛି। ୫ ଅଭିଯୁକ୍ତ ଗିରଫ ହୋଇଛନ୍ତି।

### ନାଳରୁ ମିଳିଲା ୮ ବର୍ଷୀୟା ଝିଅଙ୍କ ମୃତଦେହ
### ୬ ପୋଲିସ ନିଲମ୍ବିତ



## ସାଧ୍ୱୀ ପ୍ରାଚୀଙ୍କୁ ଆଲିଗଡ଼ ମନା

**ଆଲିଗଡ଼,୯।୬(ପି.ଟି.):** ହିନ୍ଦୁତ୍ୱବାଦୀ ନେତା ସାଧ୍ୱୀ ପ୍ରଜ୍ଞା ରବିବାର ଆଲିଗଡ଼ର ଟପ୍ପାଲ ସହରକୁ ଯାଉଥିବାବେଳେ ଉତ୍ତେଜନା ଆଶଙ୍କାରେ ତାଙ୍କୁ ରୋକାଯାଇଛି। ହତ୍ୟାର ଶିକାର ହୋଇଥିବା ଅଢ଼େଇ ବର୍ଷୀୟା ଝିଅଙ୍କୁ ନ୍ୟାୟ ପ୍ରଦାନ ଦାବିରେ ରୁଣ୍ଡ ହୋଇଥିବା ଲୋକଙ୍କୁ ଘଉଡ଼ାଇବା ପାଇଁ ପୋଲିସକୁ ବଳ ପ୍ରୟୋଗ କରିବାକୁ ପଡ଼ିଛି। ଅନ୍ୟପକ୍ଷରେ ପୀଡ଼ିତାଙ୍କ ପରିବାର ଲୋକେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଭେଟିବାକୁ ମନା କରିଦେଇଛନ୍ତି। ଗିରଫ ୪ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ମେ ୩୦ରେ ନିଖୋଜ ହୋଇଯାଇଥିବା ନାବାଳିକାଙ୍କ ମୃତଦେହ ଜୁନ୍ ୨ରେ ଏକ ଅଳିଆ ଗଦାରୁ ମିଳିଥିଲା। ୧୦ ହଜାର ଟଙ୍କା ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୁକ୍ତମାନେ ପୋଲିସ ନିକଟରେ ସ୍ୱୀକାର କରିସାରିଛନ୍ତି।



### ବିହାର ବାହାରେ ଏନ୍‌ଡିଏର ନୁହନ୍ତି ନୀତୀଶ

## ୪ ରାଜ୍ୟରେ ଏକାକୀ ଲଢ଼ିବ ଜେଡିୟୁ



ଜେଡିୟୁ କାର୍ଯ୍ୟକାରିଣୀ ବୈଠକରେ ଅଧ୍ୟକ୍ଷ ନୀତୀଶ କୁମାର, ଉପାଧ୍ୟକ୍ଷ ପ୍ରଶାନ୍ତ କିଶୋର ଓ ସାଧାରଣ ସମ୍ପାଦକ କେ.ସି. ତ୍ୟାଗୀ।

ପାଟନା,୯।୬(ଆଇଏଏନ୍‌ଏସ୍)

ଗତ ଲୋକ ସଭା ନିର୍ବାଚନରେ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରେ ସାମିଲ ହୋଇଥିଲା। ନିର୍ବାଚନ ଶେଷ ହେବା ପରେ ବିହାର ମୁଖ୍ୟମନ୍ତ୍ରୀ ତାଙ୍କ ମନୋଭାବରେ ପରିବର୍ତ୍ତନ କରିଛନ୍ତି। ବିହାର ବାହାରେ ନୀତୀଶ ଏନ୍‌ଡିଏର ନୁହନ୍ତି। ଅର୍ଥାତ୍ ବିହାର ଭିନ୍ନ ଅନ୍ୟ ରାଜ୍ୟ ବିଧାନସଭା ନିର୍ବାଚନରେ ଜେଡିୟୁ ଏକାକୀ ଲଢ଼ିବାକୁ ରବିବାର ନିଷ୍ପତ୍ତି ନେଇଛି। ନୀତୀଶଙ୍କ ବାସଭବନରେ ଅନୁଷ୍ଠିତ ଦଳର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଜେଡିୟୁ ଜମ୍ମୁ-କଶ୍ମୀର, ଝାଡଖଣ୍ଡ, ହରିୟାଣା ଏବଂ ଦିଲ୍ଲୀ ବିଧାନସଭା ନିର୍ବାଚନ ଏକାକୀ ଲଢ଼ିବା ଲାଗି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଦଳ ଅଧ୍ୟକ୍ଷ ନୀତୀଶଙ୍କ ସମେତ ଉପାଧ୍ୟକ୍ଷ ପ୍ରଶାନ୍ତ କିଶୋର, ବିଭିନ୍ନ ରାଜ୍ୟର ଜେଡିୟୁ ସଭାପତି ଓ ବରିଷ୍ଠ ନେତା ତଥା ଏମ୍‌ପି ଓ ବିଧାୟକମାନେ ଯୋଗଦେଇଥିଲେ।

ଲୋକ ସଭା ନିର୍ବାଚନରେ ଏନ୍‌ଡିଏ ସହଯୋଗୀ ଭାବେ ଜେଡିୟୁ ବିହାରରେ ୧୭ ଆସନରେ ଲଢ଼ି ୧୬ଟିରେ ଜିତିଥିଲା। ତେବେ ଗୋଟିଏ ମନ୍ତ୍ରୀ ପଦ ଯଚାଯିବାରୁ ଦଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ହୋଇ ନ ଥିଲା। ଏବେ ଅନ୍ୟ ରାଜ୍ୟରେ ଜେଡିୟୁ ଏକାକୀ ଲଢ଼ିବା ନିଷ୍ପତ୍ତି ଭାଜପାକୁ ବିହାର ମୁଖ୍ୟମନ୍ତ୍ରୀଙ୍କ ଠିକଣା ଜବାବ ବୋଲି କୁହାଯାଉଛି। ବିହାର ବାହାରେ ଦଳକୁ ସୁଦୃଢ଼ କରିବା ଲାଗି ନୀତୀଶ ଜେଡିୟୁ କର୍ମୀ ଓ ନେତାମାନଙ୍କୁ ଅନୁରୋଧ କରିଛନ୍ତି। ମାସେବ୍ୟାପୀ ହେବାକୁ ଥିବା ନୂଆ ସଦସ୍ୟ ସଂଗ୍ରହ ଅଭିଯାନ ଉପରେ ଗୁରୁତ୍ୱ ଦେବା ଲାଗି ସେ ପରାମର୍ଶ ଦେଇଛନ୍ତି। ଗତବର୍ଷ ୫୦ ଲକ୍ଷ ନୂଆ ସଦସ୍ୟ ସଂଗ୍ରହ ଲାଗି ଦଳ ଲକ୍ଷ୍ୟଧାର୍ଯ୍ୟ କରିଥିଲା। ପଞ୍ଚାୟତଠାରୁ ଆରମ୍ଭ କରି ଜାତୀୟ ସ୍ତର ପର୍ଯ୍ୟନ୍ତ ନୂଆ ସଦସ୍ୟ ସଂଗ୍ରହ ମାଧ୍ୟମରେ ଦଳକୁ ମଜଭୁତ କରିବାକୁ ଜେଡିୟୁ ଯୋଜନା କରିଛି।

# କିଡ୍‌ନୀ ର୍‌ୟାକେଟ୍‌ରେ ୧୩ ଡାକ୍ତର

ନୂଆଦିଲ୍ଲୀ,୯।୬(ଆଇଏଏନ୍‌ଏସ୍)

### ବିଦେଶକୁ ଲମ୍ବିଛି ଚେର

ଦିଲ୍ଲୀର ୧୩ ଜଣ ଜଣାଶୁଣା ଘରୋଇ ସର୍ଜନ ଅନ୍ତର୍ଜାତୀୟ କିଡ୍‌ନୀ ପ୍ରତିରୋପଣ ର୍‌ୟାକେଟରେ ସମ୍ପୃକ୍ତ ଥିବା ଜଣାପଡିବା ପରେ ସେମାନେ ଏବେ ଉତ୍ତରପ୍ରଦେଶ ପୋଲିସ୍‌ର ତଦନ୍ତ ପରିସରକୁ ଆସିଛନ୍ତି। ସେମାନଙ୍କ ମଧ୍ୟରେ କେତେଜଣ ୟୁରୋଲୋଜିଷ୍ଟ ମଧ୍ୟ ଅଛନ୍ତି। ଏହି ର୍‌ୟାକେଟ୍‌ର ଚେର ତୁର୍କୀ ଏବଂ କେତେକ ମଧ୍ୟପ୍ରାଚ୍ୟ ଦେଶକୁ ଲମ୍ବିଛି। କିଡ୍‌ନୀ ର୍‌ୟାକେଟରେ ସମ୍ପୃକ୍ତି ଅଭିଯୋଗରେ ପୁଷ୍ପୱତି ସିଙ୍ଘାଣିଆ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ (ପିଏସ୍‌ଆର୍‌ଆଇ)ର ସିଇଓ ଡ. ଦୀପକ ଶୁକ୍ଳାଙ୍କୁ ଗିରଫ କରାଯାଇଥିବାବେଳେ ଫୋର୍ଟିସ୍ ହସ୍ପିଟାଲ୍‌ର ଦୁଇଜଣ ପ୍ରମୁଖ ଡାକ୍ତରଙ୍କୁ ନୋଟିସ୍ ଜାରି ହୋଇଛି। କେନ୍ଦ୍ରୀୟ ଦିଲ୍ଲୀରେ ଥିବା ଅନ୍ୟତମ ପ୍ରମୁଖ ହସ୍ପିଟାଲ ବିରୋଧରେ ମଧ୍ୟ ତଦନ୍ତ ଜାରି ରହିଥିବାରୁ ଖୁବ୍‌ଶୀଘ୍ର ଅଧିକ ଡାକ୍ତର ଗିରଫ ହେବା ସମ୍ଭାବନା ରହିଛି। ମାନବ ଅଙ୍ଗ ପ୍ରତିରୋପଣ ଆଇନର ଉଲ୍ଲଂଘନ ଅଭିଯୋଗରେ ଫର୍ଟିସ୍ ହସ୍ପିଟାଲକୁ ନୋଟିସ ଜାରି ହୋଇଥିବା କାନପୁର ଏସ୍‌ଏସ୍‌ପି ଅନନ୍ତ ଦେଓ କହିଛନ୍ତି। ଦଲାଲଙ୍କ ମାଧ୍ୟମରେ ଗରିବ ରୋଗୀଙ୍କୁ ଶୋଷଣ କରୁଥିବା ଦିଲ୍ଲୀର ଅନ୍ୟ ଏକ ହସ୍ପିଟାଲ ବିରୋଧରେ ମଧ ତଦନ୍ତ ଆରମ୍ଭ ହୋଇଛି। କେତନ କୌଶିକ୍ ନାମକ ଡାକ୍ତରଙ୍କୁ ପୋଲିସ ଖୋଜୁଛି। କିଡ୍‌ନୀ ପ୍ରତିରୋପଣ ପାଇଁ ସେ ତୁର୍କୀ, ୟୁଏଇ ଏବଂ ଅନ୍ୟ ମଧ୍ୟପ୍ରାଚ୍ୟ ଦେଶରୁ ରୋଗୀଙ୍କୁ ଆଣିଥାନ୍ତି। ଉକ୍ତ ର୍‌ୟାକେଟରେ ବିଭିନ୍ନ ଅଞ୍ଚଳ ପାଇଁ ଭିନ୍ନ ଭିନ୍ନ ଗ୍ରୁପ୍ କାମ କରୁଥିବା ଏସ୍‌ଏସ୍‌ପି କହିଛନ୍ତି।

## ୭୦ ଆତଙ୍କବାଦୀ ନିହତ

**କାନ୍ଦାହାର,୯।୬(ଆଇଏଏନ୍‌ଏସ୍):** ଆଫଗାନିସ୍ତାନର କାନ୍ଦାହାର ସମେତ ପଡ଼ୋଶୀ ଜାବୁଲ, ହେଲମଣ୍ଡ ଓ ଉରୁଜ୍‌ଗାନ୍ ପ୍ରଦେଶରେ ସୁରକ୍ଷା ବଳ ତାଲିବାନ ଉପରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ନେଇଛି। ଏଥିରେ ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ପ୍ରାନ୍ତରେ ୭୦ରୁ ଊର୍ଦ୍ଧ୍ୱ ତାଲିବାନ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ତାଲିବାନ କମାଣ୍ଡର ମୁଲ୍ଲା ମହମ୍ମଦ ଓରଫ ବାଡୋ ଜାନ୍ ରହିଛନ୍ତି। ଆତଙ୍କବାଦୀଙ୍କୁ ସେମାନଙ୍କ ଆଡ୍ଡାଗୁଡ଼ିକରୁ ହଟାଇବା ପାଇଁ ଆଫଗାନ୍ ପ୍ରତିରକ୍ଷାମନ୍ତ୍ରୀ ଅସାଦୁଲ୍ଲା ଖାଲିଦ୍ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି।

## ମୋଦିଙ୍କୁ ଭେଟିବେ ଜିନ୍‌ପିଙ୍ଗ

**ବେଜିଂ,୯।୬:** କିରଗିଜସ୍ତାନର ବିଶ୍‌କେକ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀରେ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ ଯୋଗଦେବା ସହ ସେଠାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବେ। ଲୋକ ସଭା ନିର୍ବାଚନରେ ଭାଜପାର ବଡ଼ ବିଜୟ ପରେ ଦୁଇ ନେତାଙ୍କ ମଧ୍ୟରେ ଏହା ହେବ ପ୍ରଥମ ବୈଠକ। ଆସନ୍ତା ୧୨ରୁ ୧୬ ତାରିଖ ଜିନ୍‌ପିଙ୍ଗ କିରଗିଜସ୍ତାନ ଓ ତାଜିକିସ୍ତାନ ଗସ୍ତରେ ଯିବେ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଲୁ କାଙ୍ଗ୍ କହିଛନ୍ତି। ୧୩ ଓ ୧୪ରେ ବିଶ୍‌କେକ୍‌ଠାରେ ଏସ୍‌ସିଓ ସମ୍ମିଳନୀ ଅନୁଷ୍ଠିତ ହେବ। ଗତବର୍ଷ ୟୁହାନଠାରେ ଜିନ୍‌ପିଙ୍ଗ ଓ ମୋଦିଙ୍କ ମଧ୍ୟରେ ବୈଠକ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଲାଗି ଗୁରୁତ୍ୱପୂର୍ଣ୍ଣ ଥିଲା।

## ୩ ବଗି ଜଳିଗଲା

ସିଲ୍‌ଚର(ଆସାମ),୯।୬(ଆଇଏଏନ୍‌ଏସ୍)

ଆସାମର ସିଲ୍‌ଚର ଷ୍ଟେଶନରେ ରବିବାର ଛିଡ଼ାହୋଇଥିବା ଏକ ଏକ୍ସପ୍ରେସ୍ ଟ୍ରେନ୍‌ର ୩ଟି ବଗି ଜଳିଯାଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ସିଲ୍‌ଚର-ତ୍ରିଭେନ୍ଦ୍ରମ୍ ଏକ୍ସପ୍ରେସ୍ ଶନିବାର ମଧ୍ୟରାତ୍ରରେ ସିଲ୍‌ଚର ଷ୍ଟେଶନରେ ପହଞ୍ଚିଥିଲା। ମଙ୍ଗଳବାର ସକାଳେ ଏହା ସିଲ୍‌ଚର ଛାଡ଼ିଥାନ୍ତା। ରବିବାର ସକାଳେ ଏହାର ସ୍ଲିପର କ୍ଲାସ୍ ବଗିରେ ନିଆଁ ଲାଗି ଅନ୍ୟ ବଗିକୁ ବ୍ୟାପିଯାଇଥିଲା। ନିଆଁ ଲାଗିବାର କାରଣ ଜଣାପଡି ନାହିଁ।

[ଇତିହାସର ଆଇନାରେ]

## ଜୁନ୍ ୧୦ର ପ୍ରମୁଖ ଘଟଣା

୧୯୬୭ ଜୁନ୍ ୧୦ରେ ଇସ୍ରାଏଲ୍ ଏବଂ ସିରିଆ ମଧ୍ୟରେ ୬ ଦିନ ଯୁଦ୍ଧର ପରିସମାପ୍ତି ପରେ ଦୁଇ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ। ଏହି ଯୁଦ୍ଧକୁ ଜୁନ୍ ୱାର ମଧ୍ୟ କୁହାଯାଏ। ୧୯୬୭ ଜୁନ୍ ୫ରୁ ୧୦ ମଧ୍ୟରେ ଇସ୍ରାଏଲ୍ ଏବଂ ଇଜିପ୍ଟର ପଡୋଶୀ ଦେଶ ଜୋର୍ଡାନ୍ ଓ ସିରିଆ ମଧ୍ୟରେ ଯୁଦ୍ଧ ସଂଗଠିତ ହୋଇଥିଲା।

୧୯୮୦ ଜୁନ୍ ୧୦ରେ ଦକ୍ଷିଣ ଆଫ୍ରିକୀୟ ନେତା ନେଲ୍‌ସନ ମାଣ୍ଡେଲାଙ୍କ ଆହ୍ୱାନରେ ଆଫ୍ରିକୀୟ ନ୍ୟାଶନାଲ କଂଗ୍ରେସ ବର୍ଣ୍ଣବିଦ୍ୱେଷ ବିରୋଧରେ ଲଢ଼େଇ ପାଇଁ ପ୍ରସ୍ତୁତ ହୋଇଥିଲା। ଆଫ୍ରିକୀୟ ନ୍ୟାଶନାଲ କଂଗ୍ରେସ (ଏଏନ୍‌ସି) ହେଉଛି ରିପବ୍ଲିକ୍ ଅଫ୍ ସାଉଥ୍ ଆଫ୍ରିକାର ଗଭର୍ନିଂ ପଲିଟିକାଲ ପାର୍ଟି। ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବିଦ୍ୱେଷ ଆନ୍ଦୋଳନ ପରେ ଏହା ଦେଶର ଶାସକ ଦଳ ହୋଇ ରହିଆସିଥିଲା।

### ଚାଇନା ପ୍ରତ୍ୟର୍ପଣ ଆଇନକୁ ବିରୋଧ

# ହଂକଂରେ ବିକ୍ଷୋଭ ବେଳେ ହିଂସା




ହଂକଂ,୯।୬(ଏଏଫ୍‌ପି)

ଚାଇନାର ପ୍ରତ୍ୟର୍ପଣ ଆଇନକୁ ବିରୋଧ କରି ହଂକଂରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ଲକ୍ଷ ଲକ୍ଷ ଜନସାଧାରଣ ଭାଗ ନେଇ ଶୋଭାଯାତ୍ରାରେ ବାହାରିଥିବାବେଳେ ସେମାନଙ୍କୁ ଘଉଡାଇବାକୁ ପୋଲିସ ଲାଠିଚାଳନା ଓ ପିପର ସ୍ପ୍ରେ କରିବାରୁ ହିଂସାକାଣ୍ଡ ଘଟିଛି। ବିକ୍ଷୋଭକାରୀମାନେ ବୋତଲ ଫିଙ୍ଗିବା ସହ ବାରିକେଡ ବ୍ୟବହାର କରିଥିଲେ। ଜଣେ ପୋଲିସ ଅଫିସର ଗୁରୁତର ଆହତ ହୋଇଥିବା ଜଣାପଡିଛି। ପୂର୍ବରୁ ଆନ୍ଦୋଳନକାରୀମାନେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଚଳାଇଥିବାବେଳେ ମଧ୍ୟରାତ୍ର ପରେ ଏହା ହିଂସାତ୍ମକ ରୂପ ନେଇଥିଲା।

ପ୍ରସ୍ତାବିତ ପ୍ରତ୍ୟର୍ପଣ ଆଇନକୁ ରଦ୍ଦ କରିବା ଦାବିରେ ରବିବାର ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଲକ୍ଷ ଲକ୍ଷ ଆନ୍ଦୋଳନକାରୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବୁଧବାର ଉକ୍ତ ବିଲ୍ ଉପରେ ବିଧାନ ପରିଷଦରେ ଦ୍ୱିତୀୟ ପାଠ ହେବାକୁ ଥିବାବେଳେ ସେ ପର୍ଯ୍ୟନ୍ତ ଏହା ବାହାରେ ବସିରହିବା ଲାଗି କେତେକ ଯୁବ ବିକ୍ଷୋଭକାରୀ ଯୋଜନା କରିଥିଲେ। ତେବେ ସେମାନଙ୍କୁ ମିଳିଥିବା ବିକ୍ଷୋଭ ଅନୁମତି ମଧ୍ୟରାତ୍ରରେ ଶେଷ ହୋଇଯିବା ପରେ ପୋଲିସ ସେମାନଙ୍କୁ ତଡିବା ପାଇଁ ଲାଠିଚାଳନା କରିଥିଲା। ଫଳରେ ମାତ୍ର କିଛି ମୁହୂର୍ତ୍ତ ମଧ୍ୟରେ ଘଟଣାସ୍ଥଳ ରଣାଙ୍ଗନରେ ପରିଣତ ହୋଇଥିଲା। ବିକ୍ଷୋଭକାରୀ ଏବଂ ଦଙ୍ଗା ନିୟନ୍ତ୍ରଣ ପୋଲିସ ବାହିନୀ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ୧୯୯୭ରେ ହଂକଂ ଚାଇନାକୁ ହସ୍ତାନ୍ତର ପରେ ଏଭଳି ବିଶାଳ ବିକ୍ଷୋଭ କେବେ ହୋଇ ନଥିଲା।

## ସାଥୀଙ୍କ ଗହଣରେ ଜନ୍ମଦିନ ପାଳିଲେ ସୋନମ୍

**ମୁମ୍ବାଇ:** ଅଭିନେତ୍ରୀ ସୋନମ୍ କପୁର ରବିବାର ୩୪ବର୍ଷରେ ପଦାର୍ପଣ କରିଛନ୍ତି। ଏଥିପାଇଁ ଘନିଷ୍ଠ ସାଙ୍ଗସାଥୀ ଏବଂ ପରିବାର ସଦସ୍ୟଙ୍କ ମେଳରେ ସେ ଜନ୍ମଦିନ ପାଳନ କରିଛନ୍ତି। ତାଙ୍କ ମାତାପିତା ସୁନୀତା ଓ ଅନିଲ କପୁର, ଭଉଣୀ ରେହା କପୁର, ବାନ୍ଧବୀ ମାସାବା ଗୁପ୍ତା, ପୂଜା ଧିଙ୍ଗ୍ରା, ସମ୍ୟୁକ୍ତ ନାୟର, କୁନାଲ ରାୱଲ ଏବଂ ଶେହଲା ଖାନ୍ ଜନ୍ମଦିନ ଉତ୍ସବର ମଜା ଉଠାଇଛନ୍ତି। ଅନିଲଙ୍କ ବନ୍ଧୁ ଅନୁପମ ଖେର ମଧ୍ୟ ସୋନମ୍‌ଙ୍କ ପାର୍ଶ୍ୱରେ ଥାଇ ପୋଜ୍ ଦେଇଛନ୍ତି। ଅନିଲ ତାଙ୍କ କନ୍ୟାଙ୍କ ଜନ୍ମଦିନରେ ସୋସିଆଲ ମିଡିଆରେ ସ୍ୱତନ୍ତ୍ର ବାର୍ତ୍ତା ପୋଷ୍ଟ କରିଛନ୍ତି। ସୋନମ୍‌ଙ୍କୁ ହାପି ବାର୍ଥ ଡେ ଜଣାଇ ଅନିଲ ଲେଖିଛନ୍ତି, 'ତୋ ପାଇଁ ଆମେ କେତେ ଗର୍ବିତ ତାହା ଭାଷାରେ ବର୍ଣ୍ଣନା କରିପାରିବୁ ନାହିଁ।' ରେହା ମଧ୍ୟ ଭଉଣୀକୁ ଅଭିନନ୍ଦନ ଜଣାଇ ଇନ୍‌ଷ୍ଟାଗ୍ରାମ୍‌ରେ ବାର୍ତ୍ତା ଦେଇଛନ୍ତି, 'ତୋ ବିନା ମୁଁ ବଞ୍ଚିପାରିବି ନାହିଁ।' ସୋନମଙ୍କ ସ୍ୱାମୀ ମଧ୍ୟ ଏକ ଫଟୋ ପୋଷ୍ଟ କରି 'ଚିରଦିନର ଗର୍ଲଫ୍ରେଣ୍ଡ' ବୋଲି ବର୍ଣ୍ଣନା କରିଛନ୍ତି। 'ବୀର ଦି ୱେଡିଂ'ର ସହ-ଅଭିନେତା ସ୍ୱରା ଭାସ୍କର ମଧ୍ୟ ସୋନମଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୋନମ୍‌ଙ୍କ ଅଭିନୀତ ଅନେକ ଫିଲ୍ମ ମଧ୍ୟରୁ ଚର୍ଚ୍ଚିତ ସିନେମାଗୁଡିକ ହେଉଛି, 'ପ୍ରେମ ରତନ ଧନ ପାୟୋ', 'ଏକ ଲଡ୍‌କୀ କୋ ଦେଖା ତୋ ଐଶା ଲଗା', 'ଖୁବ୍‌ସୁରତ୍', 'ରନ୍‌ଝାନା', 'ସାୱାରିୟା' ଏବଂ 'ଐଶା'।



SRI SRI UNIVERSITY
Best of East and West
LEARN LEAD SERVE
Admissions Open
UGC, AICTE & COA



Sri Sri University, Bidyadharpur-Arilo, Cuttack, Odisha

2019 Bachelors Programs @ SSU
- BBA
- B.Com. (Hons.)
- B.Travel & Tourism Management
- BPA (Hindustani Vocal Music)
- BVA (Applied Arts & Painting)
- B.Fine Arts in (Animation)
- B.Sc. Osteopathy
- B.A. (Hons.) English
- B.Sc. Yoga
- BPA (Odissi Dance)
- B.Sc. (Hons.) Computer Science
- B.Sc. (Hons.) Agri-Business (new)
- B.Sc. (Hons.) Physics (new)
- B.Sc. (Hons.) Horticulture
- B.Sc. (Hons.) Agriculture
- B.Sc. Data Science (new)
- B.Arch.

2019 Masters Programs @ SSU
- MBA General Management (Marketing | HR | Operations | IFinance | Business Analytics)
- MBA (Agri-Business Management)
- MBA (Entrepreneurship)
- M.Com. (new)
- M.A. English (new)
- M.A. (Journalism & Mass Communication)
- M.A. (Yogic Science)
- M.A. (Sanskrit)
- M.Sc. (Osteopathy)
- M.Sc. (Data Science) (new)
- M.Sc. (Applied Mathematics) (new)
- PG Diploma Financial Markets (1 Yr.)

Scholarship Available
M.Com., M.A. Yogic Science, PGFDM, B.Sc. Yoga
M.A.-Journalism & Mass Communication
Admissions Counselling 11th - 22nd June
www.srisriuniversity.edu.in
Apply Now: 8144921912 7894443306



ସୁଦାନରେ ବିକ୍ଷୋଭକାରୀମାନେ ଆଇନ ଅମାନ୍ୟ ଆନ୍ଦୋଳନ କରିବାରୁ ୪ଜଣ ପ୍ରାଣ ହରାଇଛନ୍ତି। ରାଜଧାନୀ ଖାର୍ତ୍ତୁମ୍‌ରେ ଦୁଇ ଜଣଙ୍କୁ ଗୁଳି କରାଯାଇଥିଲା। ଅନ୍ୟ ଦୁଇଜଣଙ୍କୁ ଛୁରି ଭୁସାଯାଇଥିବାବେଳେ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କର ମୃତ୍ୟୁ ଘଟିଛି। ସୁଦାନ ଡାକ୍ତରଙ୍କୁ ନେଇ ଗଠିତ କେନ୍ଦ୍ରୀୟ କମିଟି ଏହି ହତ୍ୟାକାଣ୍ଡ ପାଇଁ ଶାସକ ସାମରିକ ପରିଷଦ ଏବଂ ଅର୍ଦ୍ଧସାମରିକ ବାହିନୀକୁ ଦାୟୀ କରିଛି।




# ଦିଲ୍ଲୀ ଗଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୯।୬(ବ୍ୟୁରୋ)

- ୧୧ରେ ମୋଦିଙ୍କୁ କରିବେ ସାକ୍ଷାତ୍
- ୧୫ରେ ନୀତି ଆୟୋଗ ବୈଠକରେ ଯୋଗଦାନ
- ଏକାଧିକ ପ୍ରସଙ୍ଗରେ କରିପାରନ୍ତି ଆଭିମୁଖ୍ୟ ସ୍ପଷ୍ଟ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ୫ମ ଥର ଶପଥ ନେବା ପରେ ପ୍ରଥମଥର ଦିଲ୍ଲୀ ଗସ୍ତ କରିଛନ୍ତି। ଏହି ଗସ୍ତ ସମୟରେ ଆସନ୍ତା ୧୧ ତାରିଖରେ ମୁଖ୍ୟମନ୍ତ୍ରୀ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଚଳିତ ମାସ ୧୫ରେ ନୀତି ଆୟୋଗରେ ବୈଠକରେ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ବାଦ୍ ଦେଲେ ବିଭିନ୍ନ ମନ୍ତ୍ରଣାଳୟ ଯାଇ ରାଜ୍ୟରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଅଗ୍ରଗତି ଏବଂ ବକେୟା କେନ୍ଦ୍ରୀୟ ଅର୍ଥ ରାଶି ନେଇ ଆଲୋଚନା କରିବେ ବୋଲି ଜଣାପଡ଼ିଛି।

ସଂଘୀୟ ବ୍ୟବସ୍ଥାରେ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ କୌଣସି ନୂଆ କଥା ନୁହେଁ। ହେଲେ ସାମ୍ପ୍ରତିକ ପରିସ୍ଥିତିରେ କେନ୍ଦ୍ର–ରାଜ୍ୟ ମଧ୍ୟରେ ବିବାଦ ରହିଥିବା କିଛି ପ୍ରସଙ୍ଗରେ ପୂର୍ଣ୍ଣଚ୍ଛେଦ ପଡ଼ିବା ଆଶା କରାଯାଉଛି। ସେହିଦୃଷ୍ଟିରୁ ବିଚାର କଲେ ଆୟୁଷ୍ମାନ ଯୋଜନା ଏବଂ ପିଏମ୍–କିଷାନ ଯୋଜନା ନେଇ ଆଲୋଚନା ହେବାର ଆଭାସ ମିଳୁଛି। ପ୍ରଥମେ ରାଜ୍ୟ ଆୟୁଷ୍ମାନ ଯୋଜନାକୁ ନେଇ ନାସ୍ତିବାଣୀ ଶୁଣାଇଥିଲା। ହେଲେ ନିକଟରେ କେନ୍ଦ୍ରୀୟ ଟିମ୍ ସହ ପ୍ରଥମ ପର୍ଯ୍ୟାୟ ଆଲୋଚନା ସରିଛି। ରାଜ୍ୟର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସହ ଆୟୁଷ୍ମାନର ମିଶ୍ରଣକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ତେଣୁ ଓଡ଼ିଶା ରଖିଥିବା ସର୍ତ୍ତରେ କେନ୍ଦ୍ର ରାଜି ହୋଇଗଲେ, ଆୟୁଷ୍ମାନ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେବା ନେଇ ବାଟ ଫିଟିବ ବୋଲି କୁହାଯାଉଛି। ସେହିପରି ପିଏମ୍–କିଷାନ ତାଲିକାକୁ ନେଇ କେନ୍ଦ୍ର–ରାଜ୍ୟ ବିବାଦ ରହିଛି। ଓଡ଼ିଶା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତାଲିକା ଦେବ କି ନାହିଁ, କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ପିଏମ୍–କିଷାନ ପରି ରାଜ୍ୟ ସରକାର କାଳିଆ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ତେଣୁ କେନ୍ଦ୍ର ମାଗୁଥିବା ମୁତାବକ ତାଲିକା ନେଇ ରାଜ୍ୟର ଆଭିମୁଖ୍ୟ ଉପରେ ଓଡ଼ିଶାର ନଜର ରହିବ। ନିକଟରେ ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ଓଡ଼ିଶା ଉପକୂଳ ବହୁଳ କ୍ଷତିଗ୍ରସ୍ତ ହୋଇଛି। ପୁରୀ ଜିଲାର ପର୍ଯ୍ୟଟନ ଏବଂ ବିଦ୍ୟୁତ ଭିତ୍ତିଭୂମି ଧ୍ୱଂସ ପାଇଛି, ଏହାର ପୁନରୁଦ୍ଧାର ପାଇଁ ଆବଶ୍ୟକ କେନ୍ଦ୍ରୀୟ ସହଯୋଗ ଓ ଅତିରିକ୍ତ ସହାୟତା ନେଇ ମଧ୍ୟ ମୁଖ୍ୟମନ୍ତ୍ରୀ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରିପାରନ୍ତି। ସେହିପରି ନୀତି ଆୟୋଗରେ ବୈଠକରେ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା, କୋଇଲା ରୟାଲଟି ବୃଦ୍ଧି ନେଇ ଦାବି ଉପସ୍ଥାପନ କରିବେ ବୋଲି କୁହାଯାଇଛି।

ସରକାରୀ କାମକୁ ବାଦ୍ ଦେଲେ ବିଜେଡି ସଭାପତି କିଛି ରାଜନୈତିକ ପ୍ରସଙ୍ଗରେ କେନ୍ଦ୍ର ଏବଂ ଅନ୍ୟାନ୍ୟ ଦଳ ସହ ଆଲୋଚନା କରିପାରନ୍ତି। କିଛିଦିନ ହେବ ଲୋକ ସଭାର ଉପ ବାଚସ୍ପତି ପଦ ନେଇ ବିଜେଡିକୁ କିଛି ଜାତୀୟ ଗଣମାଧ୍ୟମ ଚର୍ଚ୍ଚାକୁ ଆଣିଥିଲା। ସେ ନେଇ ଭାଜପା–ବିଜେଡି ପକ୍ଷରୁ କିଛି ସୂଚନା ଆସିବା ପୂର୍ବରୁ ଶିବସେନା ପ୍ରତିକ୍ରିୟାଶୀଳ ହୋଇଥିଲା। ତେଣୁ ଉପବାଚସ୍ପତି ପଦ ଯଦି ଭାଜପା ପକ୍ଷରୁ ବିଜେଡିକୁ ଦିଆଯିବ ବୋଲି ଚିନ୍ତା କରାଯାଇଥିବ, ତେବେ ଏ ସମ୍ପର୍କରେ ନବୀନଙ୍କ ସହ ମୋଦି ଆଲୋଚନା କରିବାର ଆଶା ରହିଛି। ହେଲେ ବିଜେଡିର ସଂଖ୍ୟା, ଏନ୍‌ଡିଏ ସହଯୋଗୀଙ୍କ ଦାବିକୁ ଅନୁଧ୍ୟାନ କଲେ ଏହି ପଦ ବିଜେଡି ହାତକୁ ଆସିବା ସମ୍ଭାବନା କମ୍ ବୋଲି ସମୀକ୍ଷକମାନେ ମତ ଦେଇଛନ୍ତି। ଏପ୍ରିଲ ୨୯ରେ ନିର୍ବାଚନ ସରିବା ପରେ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା। ହେଲେ ସାମୁଦ୍ରିକ ଝଡ଼ର ପୂର୍ବ ପ୍ରସ୍ତୁତି କାରଣରୁ ଅଧାରୁ ଗସ୍ତ ବାତିଲ କରି ମୁଖ୍ୟମନ୍ତ୍ରୀ ରାଜ୍ୟକୁ ଫେରିଥିଲେ।

# ଦୁର୍ଘଟଣାରେ ଯୁବକ ମୃତ

କୁଚିଣ୍ଡା, ୯।୬ (ଡି.ଏନ.ଏ.)

ସମ୍ବଲପୁର ଜିଲା କୁଚିଣ୍ଡା ନିକଟ ପତ୍ରାପାଲି ସ୍କୁଲ ନିକଟରେ ଶନିବାର ରାତିରେ ଏକ ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ଗୋଟିଏ ୧୦ ଚକିଆ ଟ୍ରକ୍ ଧକ୍କା ଦେଇଛି। ଫଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାରସୁଗୁଡା ଜିଲା ଠେଲକୋଲି ଥାନା ଲପଙ୍ଗା ନିକଟ ତିଲେଇମାଳ ଗ୍ରାମର କୁମରମଣି ମାଝି (୪୦)। କୁମରମଣିଙ୍କ ସହ ବାଇକ୍‌ରେ ବସିଥିବା ଜିତେନ୍ଦ୍ର ପଟ୍ଟା ମଧ୍ୟ ଗୁରୁତର ହୋଇଛନ୍ତି। ରବିବାର ବ୍ୟବଚ୍ଛେଦ ପରେ କୁମରମଣିଙ୍କ ମୃତଦେହକୁ କୁଚିଣ୍ଡା ପୋଲିସ ତାଙ୍କ ଘର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି।

## ବୁଝାଇବାକୁ ଥାନାକୁ ଡାକି ପୋଲିସ ମାରିଦେବା ଘଟଣା

# ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ଭୁବନେଶ୍ୱର,୯।୬(ବ୍ୟୁରୋ)

ଅନୁଗୋଳ ଜିଲା କଣିହାଁ ଥାନା ପୋଲିସ ଏକ ପାରିବାରିକ ଝଗଡ଼ାର ସମାଧାନ ପାଇଁ ଡାକି ମାଡ଼ ମାରିବା ଓ ଏଥିରେ ଦୀପକ ବାରିକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ରବିବାର ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଅନ୍‌ଲାଇନ୍ ମାଧ୍ୟମରେ ଜାତୀୟ ମାନବାଧିକାର କମିଶନ ଏନଏଚ୍‌ଆରସି)ରେ ଅଭିଯୋଗ କରିଛନ୍ତି। ମୃତ ଦୀପକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବା ସହ ଦୋଷୀ ପୋଲିସ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପିଙ୍କୁ ନିର୍ଦ୍ଦେଶ ଦେବାକୁ ସେ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, କଣିହାଁ ଥାନା ବଡ଼ଗୁଣ୍ଡୁରୀ ଅଞ୍ଚଳର ଦୀପକ ଓ ସ୍ତ୍ରୀ ଡଲି ବାରିକଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏନେଇ ଡଲି ଥାନାରେ ମୌଖିକ ଅଭିଯୋଗ କରିବା ପରେ ଉଭୟଙ୍କୁ କାଉନସେଲିଂ ପାଇଁ ଥାନାକୁ ଡାକିଥିଲେ। ଶୁକ୍ରବାର ପୂର୍ବାହ୍ନ ସାଢେ ୧୦ଟାରେ ଦୀପକ, ସ୍ତ୍ରୀ ଡଲି ଓ ସମ୍ପର୍କୀୟ ଥାନାରେ ପହଞ୍ଚିଥିଲେ। ବହୁ ସମୟ ଅପେକ୍ଷା କରିବା ପରେ ଜଣେ ପୋଲିସ ଅଧିକାରୀ ଦୀପକ ଓ ଡଲିଙ୍କୁ କାଉସେଲିଂ କରିଥିଲେ। ଏହି ସମୟରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରିସ୍ଥିତି ଏପରି ହୋଇଥିଲା ପୋଲିସ ସେମାନଙ୍କୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଶେଷରେ ପୋଲିସ ଅଧିକାରୀ ଜଣକ ଦୀପକଙ୍କୁ ଏକ ଶକ୍ତ ଚାପୁଡା ମାରିଥିଲେ। ଫଳରେ ସେ ଚେତାଶୂନ୍ୟ ହୋଇ ସେଠାରେ ପଡ଼ିଯାଇଥିଲା। ତାଙ୍କୁ ତୁରନ୍ତ କଣିହାଁ ଡାକ୍ତରଖାନାରେ ଭର୍ତ୍ତି କରାଯଇଥିଲା, ମାତ୍ର ଡାକ୍ତର ଦୀପକଙ୍କୁ ମୃତ ଘୋଷଣା କରିଥିଲେ।






ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନକୁ ଆଣିବା ଲାଗି ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ପ୍ରସ୍ତାବ ଦେଇଛନ୍ତି। ଏନେଇ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ଅଧୀନରେ ଥିବା ଇଡି ମନି ଲଣ୍ଡରିଂ ସମ୍ପର୍କିତ ଅପରାଧର ତଦନ୍ତ କରିଥାଏ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସୋହନ
ପରିବାରବର୍ଗ


ଆରୁଷି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## କାନ୍ଥ ପଡ଼ି ୪ ବ୍ୟବସାୟୀଙ୍କ ମୃତ୍ୟୁ




## ଜୁଲାଇ ୧୬ରେ ଚନ୍ଦ୍ରଗ୍ରହଣ

ପୁରୀ ଅଫିସ, ୯।୬: ଆସନ୍ତା ଜୁଲାଇ ୧୬ ତାରିଖ ଆଷାଢ ପୂର୍ଣ୍ଣିମାରେ ଖଣ୍ଡଗ୍ରାସ କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ୧୬ ତାରିଖ ରାତି ୧ଟା ୩୦ ମିନିଟ୍ ୫୨ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ହୋଇ ରାତି ୪ଟା ୩୦ରେ ସର୍ବମୋକ୍ଷ ହେବ। ଗ୍ରହଣ ସ୍ପର୍ଶ ହେଉଥିବାରୁ ଅପରାହ୍ନ ୪ଟା ୩୧ ମିନିଟ୍‌ରୁ ଅନ୍ନଭୋଜନ, ପାକତ୍ୟାଗ ଓ ଦେବନୀତି ନିଷେଧ। ଦିବା ୪ଟା ୩୧ ମିନିଟ୍ ପୂର୍ବରୁ ଦେବନୀତି ଶେଷ କରିବାକୁ ପଡିବ। କିନ୍ତୁ ଶ୍ରୀମନ୍ଦିରରେ ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ ଓ ଗ୍ରହଣ ଭୋଗ ନୀତି ସରି ସମୟକୁ ଦେଖି ଅନ୍ୟାନ୍ୟ ନୀତିମାନ କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରହଣ ପାଇଁ ହୋଇଥିବା ସ୍ୱତନ୍ତ୍ର ନୀତି ଅନୁଯାୟୀ, ସକାଳ ୬ଟାରେ ଦ୍ୱାରଫିଟା ଯାଇ ୭ଟାରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ଚାଲିବ। ପୂର୍ବାହ୍ନ ସାଢେ ୧୦ଟାରୁ ସାଢେ ୧୧ଟା ମଧ୍ୟରେ ସକାଳ ଧୂପ, ୧୦ଟା ୪୫ରୁ ଅପରାହ୍ନ ସାଢେ ୧ଟା ମଧ୍ୟରେ ଭୋଗମଣ୍ଡପ ଉଠିବ। ୨ଟାରୁ ୩ଟା ମଧ୍ୟରେ ମଧ୍ୟାହ୍ନ ଧୂପ ଏବଂ ୨ଟା ୧୫ରୁ ଅପରାହ୍ନ ୪ଟା ମଧ୍ୟରେ ଦ୍ୱିତୀୟ ଭୋଗ ମଣ୍ଡପ ସରି ୪ଟାରେ ମଇଲମ ଏବଂ ସାଢେ ୪ଟା ତଡ଼ପଲାଗି ହେବ ବୋଲି ନିର୍ଘଣ୍ଟ ହୋଇଛି।

## ‘ରଥଯାତ୍ରାର ସିଧା ପ୍ରସାରଣ ଅନୁମତିକୁ ବ୍ୟବସାୟୀକରଣ କରା ନ ଯାଉ’

ଭୁବନେଶ୍ୱର,୯।୬(ବ୍ୟୁରୋ)

ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ସିଧା ପ୍ରସାରଣ ଅନୁମତିର ବ୍ୟବସାୟୀକରଣ କରା ନ ଯାଉ। ସମାଜବାଦୀ ପାର୍ଟି, ଓଡ଼ିଶା ଶାଖାର ସଭାପତି ରବି ବେହେରା ରବିବାର ଏହି ଦାବି କରିଛନ୍ତି। ଏଥିସହିତ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଘୋଷଯାତ୍ରାର ସିଧା ପ୍ରସାରଣ ନେଇ ଜାରି କରାଯାଇଥିବା ବିଜ୍ଞପ୍ତିକୁ ପ୍ରତ୍ୟାହାର କରାଯିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ସବୁଥର ଭଳି ଏଥର ରାଜ୍ୟର ସମସ୍ତ ନ୍ୟୁଜ୍ ଚ୍ୟାନେଲ ରଥାଯାତ୍ରା ସିଧା ପ୍ରସାରଣ କରିପାରିବେ ନାହିଁ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଟେଣ୍ଡର ଡକାଯାଇଛି। ସର୍ବାଧିକ ଟେଣ୍ଡର ଡାକିଥିବା ଚ୍ୟାନେଲକୁ ହିଁ ସିଧା ପ୍ରସାରଣର ଅନୁମତି ମିଳିବ। ମାତ୍ର ସମସ୍ତ ଟିଭି ଚ୍ୟାନେଲ ସିଧା ପ୍ରସାରଣ କରି ନ ପାରିଲେ ବହୁ ଦର୍ଶକ ରଥଯାତ୍ରା ଦେଖିବାରୁ ବଞ୍ଚିତ ହେବେ। ତେଣୁ ଘୋଷଯାତ୍ରା ପ୍ରସାରଣକୁ ବ୍ୟବସାୟୀକରଣ କରା ନ ଯାଉ ବୋଲି ବେହେରା କହିଛନ୍ତି।

## ■ ପଶ୍ଚିମବଙ୍ଗରେ ଥମୁନି ରାଜନୈତିକ ହିଂସା

# ସନ୍ଦେଶଖଲିରେ ୮ କର୍ମୀଙ୍କୁ ହତ୍ୟା

**କୋଲକାତା, ୯।୬ (ପି.ଟି./ ଆଇଏଏନ୍ଏସ୍)**

ପଶ୍ଚିମବଙ୍ଗରେ ନିର୍ବାଚନ ପୂର୍ବରୁ କୁହୁଳୁଥିବା ଧୂଆଁର ନିଆଁ ଏବେ ବି ଜଳୁଛି। ରାଜ୍ୟର ବିଭିନ୍ନ ସ୍ଥାନରେ ହିଂସା ଜାରି ରହିଥିବାବେଳେ ୨୪ ପ୍ରଗଣା ଜିଲାରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବିରୋଧୀ ଭାଜପା କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଉଭୟ ଦଳର ୮ କର୍ମୀଙ୍କ ଜୀବନ ଯାଇଥିବାବେଳେ ଅନ୍ୟ କେତେଜଣ ଆହତ ଓ ନିଖୋଜ ହୋଇଯାଇଥିବା କୁହାଯାଉଛି। ଏହି ପ୍ରସଙ୍ଗକୁ ନେଇ ଦୁଇଦଳ ପରସ୍ପର ଉପରେ ଦୋଷାରୋପ କରି ମୁହାଁମୁହିଁ ହୋଇଛନ୍ତି। କେନ୍ଦ୍ର ସରକାର ରବିବାର ଏହାର ନିନ୍ଦା କରିବା ସହ ଆଇନଶୃଙ୍ଖଳା ବଜାୟ ରଖିବା ଲାଗି ପଦକ୍ଷେପ ନେବା ସକାଶେ ରାଜ୍ୟକୁ ଏକ ଆଡଭାଇଜରି ଜାରି କରିଛନ୍ତି। ଉତ୍ତେଜନାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ପଶ୍ଚିମବଙ୍ଗରେ ଲୋକ ସଭା ନିର୍ବାଚନ ବେଳେ ସବୁଠୁ ଅଧିକ ହିଂସାକାଣ୍ଡ ଦେଖିବାକୁ ମିଳିଥିଲା। ନିର୍ବାଚନ ପରେ ବି ଏହି ଧାରା ଜାରି ରହିଛି। ୨୪ ପ୍ରଗଣା ଜିଲା ସନ୍ଦେଶଖଲି ବିଧାନସଭା ଆସନ ଅନ୍ତର୍ଗତ ହାଟଗାଛି ଅଞ୍ଚଳରେ ଶନିବାର ଅପରାହ୍ନରେ ଭାଜପାର ଏକ ପତାକାକୁ ଜୋରଜବରଦସ୍ତ ହଟାଇବାକୁ ନେଇ ଟିଏମ୍‌ସି ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ବିବାଦ ହୋଇଥିଲା। କିଛି ସମୟ ପରେ ଏହା ହିଂସାର ରୂପ ନେଇ ଗୁଳି ଫୁଟିବା ଆରମ୍ଭ ହୋଇଥିଲା। ଟିଏମ୍‌ସି ସମର୍ଥକଙ୍କ ପକ୍ଷରୁ କରାଯାଇଥିବା ଗୁଳିମାଡ଼ରେ ଭାଜପାର ୫ କର୍ମୀ ନିହତ ହୋଇଛନ୍ତି ଏବଂ ଅନ୍ୟ ୧୮ ଜଣ ନିଖୋଜ ହୋଇଯାଇଛନ୍ତି ବୋଲି ଗୈରିକ ଦଳ ପକ୍ଷରୁ କୁହାଯାଇଛି। ନିହତ ଭାଜପା କର୍ମୀ ହେଲେ ପ୍ରଦୀପ ମଣ୍ଡଳ, ତପନ ମଣ୍ଡଳ, ସୁକାନ୍ତ ମଣ୍ଡଳ, ଦେବବ୍ରତ ମଣ୍ଡଳ ଓ ଶଙ୍କର ମଣ୍ଡଳ। ଅନ୍ୟପକ୍ଷରେ ଟିଏମ୍‌ସିର ବୁଥ୍ ସ୍ତରୀୟ ବୈଠକ ବେଳେ ଭାଜପା ପକ୍ଷରୁ ଆକ୍ରମଣ କରାଯାଇଥିଲା। ସଂଘର୍ଷ ବେଳେ ଟିଏମ୍‌ସି କର୍ମୀ କ୍ୟାୟୁମ୍ ମୋଲ୍ଲା(୨୬)ଙ୍କୁ ଘୋଷାଡ଼ି ନେଇ ଛୁରାମାଡ଼ କରି ହତ୍ୟା କରାଯାଇଥିଲା। ଏହାସହ ଅନ୍ୟ ଦୁଇଜଣଙ୍କୁ ନଦୀ ଭିତରକୁ ଫିଙ୍ଗି ଦିଆଯାଇଛି। ଆକ୍ରମଣରେ ୬ ମହିଳାଙ୍କ ସମେତ ୮ କର୍ମୀ ଆହତ ହୋଇଛନ୍ତି ବୋଲି ପଶ୍ଚିମବଙ୍ଗ ମନ୍ତ୍ରୀ ତଥା ଟିଏମ୍‌ସିର ଜିଲା ସଭାପତି ଜ୍ୟୋତିପ୍ରିୟ ମଲିକ ଦାବି କରିଛନ୍ତି। ତେବେ ଏହି ହିଂସାରେ ଭାଜପାର ୨ ଓ ଟିଏମ୍‌ସିର ଜଣେ କର୍ମୀ ନିହତ ହୋଇଥିବା ପୋଲିସ ସ୍ପଷ୍ଟ କରିଛି। ନିଖୋଜ ହୋଇଯାଇଥିବା କର୍ମୀଙ୍କୁ ଠାବ କରିବା ପାଇଁ ପୋଲିସ ପକ୍ଷରୁ ତଲାସି ଅଭିଯାନ ଜାରି ରହିଛି।

> **ଟିଏମ୍‌ସି-ଭାଜପା ସଂଘର୍ଷ**
> - ପୋଲିସ କହୁଛି ୫ ନିହତ
> - ନିଖୋଜଙ୍କୁ ଠାବ ପାଇଁ ଚାଲିଛି ତଲାସି
> - ପରସ୍ପରକୁ ଦାୟୀ କଲେ ଦୁଇଦଳ
> - ଶାନ୍ତି ବଜାୟ ପାଇଁ ନିର୍ଦ୍ଦେଶନାମା ଜାରି କଲା କେନ୍ଦ୍ର

ସନ୍ଦେଶଖଲି ସଂଘର୍ଷରେ ନିହତ କର୍ମୀମାନଙ୍କ ଗ୍ରାଫିକ୍ ଚିତ୍ର ସୋସିଆଲ ମିଡିଆରେ ପୋଷ୍ଟ କରାଯିବା ପରେ ଏହା ଭାଇରାଲ ହୋଇଛି। ଭାଜପା ନେତା ମୁକୁଲ ରୟ ଏହି ହିଂସା ପାଇଁ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ପ୍ରତ୍ୟକ୍ଷ ଭାବେ ଦାୟୀ କରିଛନ୍ତି। ଭାଜପା ଏମ୍‌ପିଙ୍କ ଏକ ପ୍ରତିନିଧି ଦଳ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ଭେଟି ଦୃଷ୍ଟି ଆକର୍ଷଣ କରିବ ବୋଲି ମୁକୁଲ ଟୁଇଟ୍ କରିଛନ୍ତି। ଏହାସହ ସେ ଶାହଙ୍କୁ ଫୋନ୍ କରି ଘଟଣା ସମ୍ପର୍କରେ ଅବଗତ କରାଇଥିବା ଜଣାପଡ଼ିଛି। ସେହିପରି କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ ଘଟଣାର ନିନ୍ଦା କରିବା ସହ ରାଜ୍ୟବାସୀ ଖୁବଶୀଘ୍ର ଟିଏମ୍‌ସି ବର୍ବରତାର ଅନ୍ତ ଘଟାଇବେ ବୋଲି ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଭାଜପା ଆଇନଶୃଙ୍ଖଳା ପରିସ୍ଥିତି ବିଗାଡ଼ି ଗୁଣ୍ଡାରାଜ ଚଳାଉଛି ବୋଲି ପଶ୍ଚିମବଙ୍ଗ ଶିକ୍ଷାମନ୍ତ୍ରୀ ପାର୍ଥ ଚାଟାର୍ଜୀ ସମାଲୋଚନା କରିଛନ୍ତି। ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଟିଏମ୍‌ସିର ବସିରହାଟ ଏମ୍‌ପି ନୁସରତ ଜାହାଁ ଅନୁରୋଧ କରିଛନ୍ତି। ଉତ୍ତେଜନା ଲାଗିରହିଥିବାରୁ ସ୍ୱରାଷ୍ଟ୍ରମନ୍ତ୍ରଣାଳୟ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଶାନ୍ତିଶୃଙ୍ଖଳା ବଜାୟ ରଖିବାରେ ରାଜ୍ୟର ଆଇନ ପ୍ରବର୍ତ୍ତନକାରୀ ବ୍ୟବସ୍ଥା ବିଫଳ ହୋଇଥିବା ଏଥିରେ ଦର୍ଶାଯାଇଛି। ସ୍ୱାଭାବିକ ସ୍ଥିତି ଫେରାଇଆଣିବା ଲାଗି ସବୁ ପ୍ରକାର ପଦକ୍ଷେପ ନେବା ପାଇଁ ଆଡ୍‌ଭାଇଜରିରେ ନିର୍ଦ୍ଦେଶ ଦିଆଯାଇଛି।

## ପୁଣି ଲେଉଟିଲା...

କରାଯାଇଛି। ତେବେ ବର୍ତ୍ତମାନ ପ୍ରାକ୍ ମୌସୁମୀ ବର୍ଷା ରାଜ୍ୟର ବିଭିନ୍ନ ସହରରେ ହେଉଛି। ରବିବାର ଉପକୂଳ ଓଡ଼ିଶା ସହ ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, କୋରାପୁଟ ଆଦି ସହରର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହୋଇଥିବା ଜଣାପଡ଼ିଛି। ସୋମବାର ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ସମେତ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଗଜପତି, ଗଞ୍ଜାମ ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ। ବାକି ସବୁ ଜିଲାରେ ପାଗ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି। ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ସମେତ ମୟୂରଭଞ୍ଜ, ବାଲେଶ୍ୱର, ଗଜପତି ଓ ଗଞ୍ଜାମ ଜିଲାରେ କାଳବୈଶାଖୀ ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଏ ସବୁ ଜିଲାରେ ବର୍ଷା ସହ ବଜ୍ରପାତ ହେବା ସମ୍ଭାବନା ରହିଛି। ତେଣୁ ବାହାରକୁ ନ ବାହାରିବା ପାଇଁ ପରାମର୍ଶ ଦିଆଯାଇଛି।

## ଅସଜଡ଼ା...

ବାତ୍ୟାକୁ ମାସେ ୧୦ଦିନ ପରେ ମଧ୍ୟ ବିଦ୍ୟାଳୟର ବଖରାଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ଥାଁ କରି ରହିଛି। ଜିଲାର ସ୍କୁଲ ଅବସ୍ଥା ପରଖିବାକୁ ଧରିତ୍ରୀ ପକ୍ଷରୁ ସତ୍ୟବାଦୀ, ନିମାପଡ଼ା, ବ୍ରହ୍ମଗିରି, କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରାଯାଇଥିଲା। ସତ୍ୟବାଦୀ ବ୍ଲକରେ ଦେଉଳି ସାହି ପ୍ରାଥମିକ ସ୍କୁଲ ହେଉ କିମ୍ବା ବ୍ରହ୍ମଗିରିର ବାଲିହରଚଣ୍ଡୀ ନୋଡାଲ ଉ.ପ୍ରା. ବିଦ୍ୟାଳୟ ସବୁଠି ଶୋଚନୀୟ ଅବସ୍ଥା। ସ୍କୁଲ ଘରର ଆଜବେଷ୍ଟସ ଉଡ଼ି କେଉଁଆଡେ ଚାଲିଯାଇଥିବାବେଳେ ଘରର କେବଳ କାଠ ପଞ୍ଜରା ପଡ଼ି ରହିଛି। ମାସେ ପରେ ମଧ୍ୟ ସ୍କୁଲ ଗୃହ ମରାମତି ପାଇଁ ସରକାରଙ୍କ ପକ୍ଷରୁ କୌଣସି ଧ୍ୟାନ ଦିଆଯାଇନାହିଁ। ସରକାର କିମ୍ବା ବେସରକାରୀ ସଂସ୍ଥା ସେ ଦିଗକୁ ଆଡ଼ ଆଖିରେ ଚାହିଁ ନାହାନ୍ତି। ଏବେ ବି ସ୍କୁଲ ଘରେ ଭଙ୍ଗା ଆଜବେଷ୍ଟସ ବିଛାଡ଼ି ହୋଇ ପଡିଛି। ଆଉ କେତେ କୋଠାଘର ଥିବା ସ୍କୁଲକୁ ବେଘର ହୋଇଥିବା ଲୋକମାନେ ମାଡ଼ି ବସିଛନ୍ତି। ପିଲାମାନଙ୍କର ଶିକ୍ଷା ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଗୋଟିଏ ପଟେ ବାତ୍ୟାରେ ପାଠ୍ୟପୁସ୍ତକ ନଷ୍ଟ ହୋଇଯାଇଥିବା ବେଳେ ଅନ୍ୟପକ୍ଷରେ ଉଜୁଡ଼ା ସ୍କୁଲ ଗୃହ ସମଗ୍ର ଜିଲାର ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରି ଦେଇଛି। ବ୍ରହ୍ମଗିରି, ବାଲିହରଚଣ୍ଡୀ ନୋଡାଲ ସ୍କୁଲରେ ପଢୁଥିବା ଛାତ୍ର ମାନସ ପଲାଇ କହିଛନ୍ତି, ଘରେ ପାଣି ପଶିବାରୁ ବହିପତ୍ର ଓଦା ହୋଇ ନଷ୍ଟ ହୋଇଯାଇଛି। ବାତ୍ୟା ପରଠାରୁ ମୁଁ ବହି ଦେଖି ନାହିଁ। ହୋମୱାର୍କ କିଛି କରି ନାହିଁ। କେବେ ସ୍କୁଲ ଖୋଲିବ ସେନେଇ କିଛି ଜଣାପଡୁ ନ ଥିବା ମାନସ କହିଛନ୍ତି। ଜିଲାରେ ବିଦ୍ୟାଳୟଗୁଡ଼ିକର କ୍ଷୟକ୍ଷତିକୁ ନେଇ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଆକଳନ କରାଯାଇଥିଲା। ୨୦୮.୭୪କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବା ଏକ ରିପୋର୍ଟ ଜିଲା ପ୍ରଶାସନକୁ ସର୍ବଶିକ୍ଷା ଅଭିଯାନ ପ୍ରଦାନ କରିଛି। ଜିଲା ପ୍ରଶାସନ ମଧ୍ୟ ଉକ୍ତ ରିପୋର୍ଟକୁ ସରକାରଙ୍କ ନିକଟରେ ଦାଖଲ କରିଛି। କିନ୍ତୁ ବାସ୍ତବ ସ୍ଥିତିରେ କିଛିଟା ପରିବର୍ତ୍ତନ ହୋଇ ଥିବା ଜଣାପଡୁ ନାହିଁ। ସ୍କୁଲ ଗୃହ ମରାମତିକୁ ନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଡୁଆରେ ପଡିଥିବାବେଳେ ସରକାର ଏନେଇ କୌଣସି ନିଷ୍ପତ୍ତି ନେଇ ନାହାନ୍ତି। କେଉଁ ସ୍କୁଲ ଗୃହ କେଉଁ ବିଭାଗ ମରାମତି କରିବ ତାହା ମଧ୍ୟ ଏଯାଏଁ ଚୂଡ଼ାନ୍ତ ହୋଇନାହିଁ। ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ସ୍କୁଲ ଗୃହ ମରାମତି ପାଇଁ ସରକାର ଅର୍ଥ ଦେବାର ବ୍ୟବସ୍ଥା ଥିବା ବେଳେ ବ୍ଲକ ଗ୍ରାଣ୍ଟ ସ୍କୁଲ ପାଇଁ କୌଣସି ଯୋଜନା ନାହିଁ। ପୁରୀ ଜିଲାରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ବ୍ଲକଗ୍ରାଣ୍ଟ ସ୍କୁଲ ରହିଛି। ଏହି ବର୍ଗର ସମସ୍ତ ସ୍କୁଲ ଆଜବେଷ୍ଟସରେ ନିର୍ମିତ ଏବଂ ସମସ୍ତ ସ୍କୁଲ ବାତ୍ୟାରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଏଗୁଡ଼ିକରେ ପଢୁଥିବା ପିଲାମାନଙ୍କ

### ପ୍ରଥମ ପୃଷ୍ଠାରୁ...

ଭବିଷ୍ୟତ ଏକ ପ୍ରକାର ଅନିଶ୍ଚିତତା ଭିତରକୁ ଚାଲିଯାଇଛି। ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବିଭୂତି ପୋଖରୀ ଗ୍ରାମର ରଞ୍ଜିତା ସେନାପତି କହିଛନ୍ତି ସ୍କୁଲ ଖୋଲିବା ସମୟ ପାଖେଇ ଆସୁଛି। ମାସେ ହେବ ପିଲାମାନେ ବୁଲୁଛନ୍ତି। ଘର ନାହିଁ କେବେ ପାଠପଢା ହେବ ତାହା କିଏ କହିବ। ସରକାର ଏ ନେଇ ତୁରନ୍ତ ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି। ପୁରୀ ଜିଲାର ଶିକ୍ଷା ଓ ସ୍କୁଲ ଗୃହ ମରାମତି ସମ୍ପର୍କରେ ସ୍କୁଲ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ କହିଛନ୍ତି ଯେ, ଭାଙ୍ଗି ଯାଇଥିବା ସ୍କୁଲ ଘର ମରାମତି ପାଇଁ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଯେଉଁଠି ସ୍କୁଲ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି ସେହି ପିଲାଙ୍କୁ ନିକଟସ୍ଥ ସ୍କୁଲରେ ପଢାଇବା ବ୍ୟବସ୍ଥା କରାଯିବ। ବ୍ଲକ ଗ୍ରାଣ୍ଟ ସ୍କୁଲ ଘର ନିର୍ମାଣ ପାଇଁ କୌଣସି ଅର୍ଥ ବ୍ୟବସ୍ଥା ନାହିଁ। ସେ ନେଇ ସରକାରଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଦାସ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଶୁକ୍ର ନକ୍ଷତ୍ରସ୍ଥ ଚନ୍ଦ୍ର ଅର୍ଥ ସମ୍ପର୍କିତ ଚିନ୍ତା, ବିଳାସବ୍ୟସନ ଦିଗରେ ମନକୁ ନିମଜ୍ଜିତ କରାଇବ। ତୃତୀୟସ୍ଥ ରାହୁ ସହ ମଙ୍ଗଳଙ୍କ ଭ୍ରାତୃ, ନିକଟ ସମ୍ପର୍କୀୟମାନଙ୍କ ସହ ବିବାଦ ବୃଦ୍ଧି କରିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ବୃଷ** ଆଜି ରବିଙ୍କ ନକ୍ଷତ୍ରସ୍ଥ ଶୁକ୍ର ରାଶିରେ ରହି ଆତ୍ମୀୟମାନଙ୍କୁ ଆପଣେଇ ନେବାରେ ସାହାଯ୍ୟ କରିବେ। କେତେକ ଅତୀତ ଘଟଣା, ସ୍ୱାସ୍ଥ୍ୟହାନି ଯୋଗୁ ସାମୟିକ ମନ ଉଦାସ ରହିପାରେ। ଆର୍ଥିକ ସ୍ଥିତିରେ ଉନ୍ନତି, ସ୍ଥଗିତ କାର୍ଯ୍ୟର ଅଗ୍ରଗତି ଘଟିବାର ସମ୍ଭାବନା ରହିଛି। ନୂତନ କର୍ମାରମ୍ଭ କ୍ଷେତ୍ରରେ ବିଶେଷ ଅସୁବିଧା ନ ହୋଇପାରେ।

**ମିଥୁନ** ବୁଧ ଉଚ୍ଚସ୍ଥ ରାହୁଙ୍କ ନକ୍ଷତ୍ରରେ ଅବସ୍ଥାନ କରି ସମସ୍ୟାକୁ ପ୍ରତିହତ କରିବା ସାଙ୍ଗକୁ ବିବାଦରେ ବିଜୟୀ କରାଇବ। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହୋଇପାରନ୍ତି।

**କର୍କଟ** ଧନସ୍ଥାନରେ ରାଶ୍ୟାଧିପତି ଆର୍ଥିକ ଉନ୍ନତି କରାଇବ ସହ ଦୈହିକ ସୁସ୍ଥତାକୁ ଅକ୍ଷୁର୍ଣ୍ଣ ରଖିବ। ରାହୁ ସହ ମଙ୍ଗଳ ପ୍ରଭାବରୁ ଜମା ଭଲ ପଡୁ ନ ଥିବା କୌଣସି ବ୍ୟକ୍ତି ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଆଲୋଚନା କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। କର୍ମକ୍ଷେତ୍ର, ବ୍ୟବସାୟ, ପରିବହନ ଓ ଯାତ୍ରା, ବାଣିଜ୍ୟରେ ପ୍ରତିବନ୍ଧକ ଲାଗି ରହିବ।

**ସିଂହ** କର୍ମସ୍ଥାନରେ କର୍ମାଧିପତି ସହ ରାଶ୍ୟାଧିପତି ଚେଷ୍ଟା କରୁଥିବା କ୍ରମେ ସଫଳତା ହାସଲ କରିବେ। ବାଣୀକାରକ ବୁଧ ପାପାକ୍ରାନ୍ତ ଯୋଗୁ ଅଫିସ୍ କାମରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଦୂରଯାତ୍ରା ସାଙ୍ଗକୁ ଦେବଦର୍ଶନର ସୁଯୋଗ ପାଇବେ। ଶିଳ୍ପ, ବାଣିଜ୍ୟ, ସଭାସମିତି, ଆନୁଷ୍ଠାନିକ କାମରେ ମନୋନିବେଶ କରିପାରନ୍ତି।

**କନ୍ୟା** ବୁଧ ଯୁକ୍ତ ରାହୁ ଓ ମଙ୍ଗଳ ଚତୁର୍ଥସ୍ଥାନକୁ ପ୍ରଭାବିତ କରୁଥିବାରୁ ପାରିବାରିକ କ୍ଷେତ୍ର ବିବାଦୀୟ ରହିବ। କର୍ମକ୍ଷେତ୍ର, ସାମାଜିକ କାର୍ଯ୍ୟ, ବନ୍ଧୁ ପରିଜନ ଓ ପରିବହନ କ୍ଷେତ୍ର ମଧ୍ୟ ସମସ୍ୟା ବହୁଳ ରହିପାରେ। ଏଣେ ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ଆନୁଷ୍ଠାନିକ କ୍ଷେତ୍ରରେ ନୀତିଗତ କାମ ଓ ବନ୍ଧୁମିଳନରୁ ଖୁସି ରହିପାରନ୍ତି।

**ତୁଳା** ଲାଭାଧିପତିଙ୍କ ଧନଭାବ ପ୍ରତି ସମ୍ବନ୍ଧ ଅର୍ଥଲାଭର ସୂଚନା ପ୍ରଦାନ କରେ। ଆଜି ଆପଣ ଅଫିସ୍ କାମରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ସାମାଜିକ ସ୍ତରରେ ଅନ୍ୟମାନଙ୍କୁ ସୁହାଇଲା ଭଳି କଥାକହି ଲକ୍ଷ୍ୟ ହାସଲ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଭାରସାମ୍ୟ ରଖି ଚଳିବା ନିତାନ୍ତ ଜରୁରୀ ହୋଇପଡ଼ିବ।

**ବିଛା** ବଳହୀନ ରାଶ୍ୟାଧିପ ଅଷ୍ଟମରେ ସ୍ୱାସ୍ଥ୍ୟହାନି ସହ ବିଭିନ୍ନ ସମସ୍ୟାରେ ବିବ୍ରତ କରାଇବ। ଅବଶ୍ୟ ରବିଙ୍କ ସଫଳତା କାରଣରୁ ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସହାୟତା ପାଇ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। କର୍ମକ୍ଷେତ୍ରରେ ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିପାରନ୍ତି। ସମ୍ପର୍କୀୟ ବନ୍ଧୁବର୍ଗ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାରର ମନ୍ତବ୍ୟ ଦେଇପାରନ୍ତି।

**ଧନୁ** ବୃହସ୍ପତି ପରମୁହୂର୍ତ୍ତରେ ଅବସ୍ଥା ସ୍ୱାଭାବିକ ହେଲେ ମଧ୍ୟ ପାରିବାରିକ କ୍ଷେତ୍ର ଭୁଲ୍‌ବୁଝାମଣା ମଧ୍ୟରେ ବିଶୃଙ୍ଖଳିତ ରହିପାରେ। ମାଲିମକଦ୍ଦମା,ରାଜନୀତି କିମ୍ବା ପ୍ରଶାସନିକ ସ୍ତରରେ ସହଜରେ କାମ ହାସଲ ହେବା କଷ୍ଟକର ହେବ। ବ୍ୟବସାୟରେ ଲାଭ ମିଳିବ, ମାତ୍ର ବକେୟା ପରିଶୋଧ କରିବାରେ ବିଫଳ ହେବେ।

**ମକର** ଆଜିର ଅଷ୍ଟମଚନ୍ଦ୍ର ରାଶିସ୍ଥ କେତୁଙ୍କ ନକ୍ଷତ୍ରସ୍ଥ ହେତୁ ମାନସିକ ଦୁଶ୍ଚିନ୍ତାରେ ମନ ଉଦ୍ବେଳିତ ହୋଇପାରେ। ବାଣିଜ୍ୟ, ବ୍ୟବସାୟ,ସଭାସମିତି ତଥା ପ୍ରଶାସନିକ ସ୍ତରରେ କିମ୍ବା ପ୍ରକାଶନ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ କିନ୍ତୁ ସେପରି କିଛି ବିଶେଷ ଅସୁବିଧା ହେବ ନାହିଁ।

**କୁମ୍ଭ** କର୍ମାଭାବରୁ ଅଷ୍ଟମସ୍ଥ କର୍ମାଧିପତି ଯୋଗୁ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବନାହିଁ। ତଥାପି ଶୁକ୍ରଙ୍କ ସୁପ୍ରଭାବରୁ ନୂତନ ଯୋଜନାଟିକୁ ଆରମ୍ଭ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ନିଜର ଦକ୍ଷତା ହେତୁ ପ୍ରଶଂସିତ ହୋଇପାରନ୍ତି।

**ମୀନ** ଆଜିର ଗ୍ରହସ୍ଥିତି ପ୍ରଭାବରେ ଦୈହିକ ସୁସ୍ଥତା ସାଙ୍ଗକୁ ବନ୍ଧୁମାନଙ୍କ ଆଦର, ଅଭ୍ୟର୍ଥନା ମଧ୍ୟରେ ଦିନଟି ଉପଭୋଗ୍ୟ ରହିବ। ସକାଳୁ ସକାଳୁ ଆଜିର ଯାତ୍ରା,କାମର ଶୈଳୀ, ବନ୍ଧୁମାନଙ୍କ ସଦିଚ୍ଛାରୁ ମନ ପ୍ରାୟତଃ ଖୁସି ରହିବ। ପାରିବାରିକ କ୍ଷେତ୍ରକୁ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରିବେ ବାସ୍ତବରେ ସେପରି କିଛି ହେବନି।

ଆଜି ଜ୍ୟେଷ୍ଠ ଶୁକ୍ଳ ଅଷ୍ଟମୀ ସୋମବାର, ଜୁନ୍ ୧୦ ତାରିଖ, ରାଶି ନକ୍ଷତ୍ର-ଦିବା, ଘ୨।୫୨ମି. ପର୍ଯ୍ୟନ୍ତ ପୂର୍ବଫାଲ୍‌ଗୁନୀ/ସିଂହ, ବୃଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ୬।୫୦ମି. ମଧ୍ୟେ, ଘ୧।୨୬ମି. ଗତେ ଘ୩।୦୫ମି. ମଧ୍ୟେ, ଘ୪।୪୪ମି. ଗତେ ଘ୬।୨୨ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୯ମି. ଗତେ ଘ୧୦।୦୮ମି. ମଧ୍ୟେ, ଦିବା ଘ୩।୦୫ମି. ଗତେ ଘ୪।୪୪ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୬।୪୯ମି. ଗତେ ଘ୮।୨୮ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



**SALE**

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରୁ 3.5 କିଲୋମିଟର ମାର୍କେଟ କମ୍ପ୍ଲେକ୍ସ ପାଖରେ ୧୨୦୦ ସ୍କୋୟାରଫୁଟ ପ୍ଲଟ ୩୫୦୦୦୦ରେ ମିଳୁଛି। ଯୋଗାଯୋଗ 8908492594. D-12707

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 9348817649, 8144706560. D-66702

ଭୁବନେଶ୍ୱର KEC, ଗୁଡିଆ-ପୋଖରୀଠାରେ 30’road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7 0 0 8 0 4 5 5 8 2, 9692003948. D-12852

4BHK duplex with gated community at Balianta (land-1400 construction-2200 @ 55Lakh and 2600 @ 65Lakh). Contact Mplanets: 9938219397, 9861022055. D-12824

212 decml yellowzone, gharabari, sthitiban plot at Sunderpur on Sikharchandi-Chandaka road @ 1250 per sqft. Contact: 9338342502. D-66561

1500sqft. (6nos), 2000sqft (7nos) mainroad side plot, infront Tata Ariana Ghatikia, Sankarpur, Bhubaneswar 30ft. road, electricity, supply water available- 8114744495, 8328943165. D-66485



Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Experience full body massage with us (expert). Call: 7377048581, 0674-2597822. D-66555

Full body massage with refreshment, expert therapist. 7381239385, 0674-2540855. D-66554

Herbal full body massage by smart/expert therapist. Contact: 8338067247. D-66556

Newly opening ayurvedic body massage smart therapist, Shree herbal. 7750020754. D-66557

Physiotherapy, full Body massage by trained ladies / Gents therapy: 7008773793. D-66484

Monalisa club full body massage with hiprofile smart lady air-condition rooms available hurry up ! 9708545108. D-12867



Medical registration- BAMS, BHMS, BUMS, BDS, D.Pharma, ANM, GNM (ଘରେରହି Course କରିପାରିବେ). Call: 9893869473. D-66564



Get electronics & grocery product of 40% discount. Call: 07478268108. D-12792

**ଷଷ୍ଠ ଜନ୍ମଦିନ ଶୁଭେଚ୍ଛା**



**ଆରୁଷି ଦାସ**
**ନୟାଗଡ଼, ନାଗମୁଣ୍ଡଳୀ**
ଷଷ୍ଠ ଜନ୍ମବାର୍ଷିକୀ ଉପଲକ୍ଷେ ତୋତେ ଅନେକ ଶୁଭେଚ୍ଛା ଓ ଶୁଭ ଆଶୀର୍ବାଦ। ପ୍ରଭୁ ଜଗନ୍ନାଥ ଓ ମା ମଙ୍ଗଳାଙ୍କ କୃପାରୁ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଏହାହିଁ ପ୍ରାର୍ଥନା।
**ଶୁଭେଚ୍ଛା ସହ:**
ଜେଜେ, ଜେଜେମା, ଅଜା, ବାବା, ମାମା, ବାପା, ମାମୁ, ରାଜା, ରିଙ୍କୁ, ରିତା, ବନ୍ଧୁ ଓ ପରିବାରବର୍ଗ।
ଧ-୬୫୯୦୬

**ଜନ୍ମଦିନ ଶୁଭେଚ୍ଛା**



**ଅରମାନ୍ (ସୋହନ)**
ଆଜି ତୋର ପ୍ରଥମ ବାର୍ଷିକ ଜନ୍ମଦିନରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ତୋର ଚଲାପଥ କୁସୁମିତ ହେଉ।
**ଶୁଭେଚ୍ଛା ସହ:**
ବଡ଼ବାପା, ବଡ଼ମାମା, ବାପା, ମାମା, ଜେଜେ ମା, ଅପା, ବିଷ୍ଣୁ ପିଇସା, ବେବି ପିଇସୀ, ରୁବି, କିଶନ ଭାଇ, ଶୁଭମ ଭାଇ, ରୋଶନ ଭାଇ।
ଧ-୧୪୫୬୬


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପଞ୍ଜାବର ସଙ୍ଗରୁର ଜିଲାରେ ୩ଦିନ ତଳେ ୧୫୦ଫୁଟ ଗଭୀର ବୋରୱେଲ୍ ଭିତରକୁ ଖସି ପଡିଥିବା ୨ ବର୍ଷର ପିଲାକୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। କେତେକ ବୈଷୟିକ ସମସ୍ୟା ଯୋଗୁ ଉଦ୍ଧାର କାର୍ଯ୍ୟ ବିଳମ୍ବ ହେଉଥିବା ସୂଚନା ମିଳିଛି। ଫତେବୀର ନାମକ ଏହି ଶିଶୁ ଗୁରୁବାର ଅପରାହ୍ନ ୪ଟାରେ ଘର ପାଖରେ ଖେଳୁଥିବା ସମୟରେ ଗଭୀର ବୋରୱେଲ୍ ମଧ୍ୟକୁ ଖସି ପଡିଥିଲା।












ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୮୮ତମ ଜୟନ୍ତୀ ଅବସରରେ ଭୁବନେଶ୍ୱର ରାଜଭବନ ନିକଟ ଏଲ୍ଆଇସି ଛକଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମ। ଏହି ଅବସରରେ ଉପସ୍ଥିତ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ଓ ଜନସାଧାରଣ।

# 'ନନ୍ଦିନୀ ଶତପଥୀଙ୍କର ଏକ ରାଷ୍ଟ୍ରୀୟ ପରିଚୟ ଥିଲା'

ଭୁବନେଶ୍ୱର, ୯।୬(ବ୍ୟୁରୋ)

ନନ୍ଦିନୀ ଶତପଥୀ ଓଡ଼ିଶାର ବିଶିଷ୍ଟ ଜନନେତ୍ରୀ ଥିଲେ। ତାଙ୍କର ଏକ ରାଷ୍ଟ୍ରୀୟ ପରିଚୟ ଥିଲା। ତାଙ୍କ ପ୍ରଶାସନିକ ଦକ୍ଷତା ଓ ଦୃଢ଼ ନେତୃତ୍ୱ ନୂଆ ପିଢ଼ି ପାଇଁ ପ୍ରେରଣାଦାୟକ ହୋଇପାରିଛି। ଓଡ଼ିଶା ରାଜନୈତିକ ଇତିହାସ ତଥା ଭାରତୀୟ ରାଜନୀତିରେ ସେ ଓଡ଼ିଶାର ନାଁ ବଢ଼ାଇବାରେ ଥିଲେ ଜଣେ ନିଆରା ମଣିଷ। ଲମ୍ବା ସମୟର ପ୍ରତିନିଧି ଭାବେ ରାଜ୍ୟ ଓ ଦେଶର ନେତୃତ୍ୱ ନେଇଥିବା ବ୍ୟକ୍ତିତ୍ୱ ଥିଲେ ନନ୍ଦିନୀ । ଆଜିର ଦିନରେ ମଧ୍ୟ ତାଙ୍କ ଅଞ୍ଚଳରେ ବୁଲିଲେ କିମ୍ବା ରାଜ୍ୟର ବିଶେଷ କିଛି ଘଟଣାକୁ ମନେପକାଇଲେ, ନନ୍ଦିନୀ ଦେବୀଙ୍କ ପ୍ରଶାସନିକ ଦକ୍ଷତାକୁ ସ୍ୱୀକାର କରିବା ପାଇଁ ସମସ୍ତେ ବାଧ୍ୟ ହୁଅନ୍ତି। ନନ୍ଦିନୀ ଦେବୀଙ୍କ ଆଦର୍ଶ ସମସ୍ତଙ୍କୁ ରାଜନୈତିକ ତଥା ସାମାଜିକ କାର୍ଯ୍ୟ ଓ ବିଚାରଧାରାରେ ପ୍ରେରଣା ଦେଉ। ରବିବାର ପୂର୍ବାହ୍ନରେ ଭୁବନେଶ୍ୱର ରାଜଭବନ ନିକଟ ଏଲ୍ଆଇସି ଛକସ୍ଥିତ

## ୮୮ତମ ଜୟନ୍ତୀରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଓଡ଼ିଶାର ପ୍ରଥମ ତଥା ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୮୮ତମ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଥିଲେ, ବିଭିନ୍ନ କ୍ଷେତ୍ରରେ ନନ୍ଦିନୀ ଦେବୀଙ୍କ ପାରଦର୍ଶିତା ଥିଲା। ସାମାଜିକ କ୍ଷେତ୍ରରେ ସେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲେ। ରାଜନୀତି ଓ ସାହିତ୍ୟକୁ ସେ ଯୁଗଳବନ୍ଦୀ କରିଥିଲେ। ଆଗାମୀ ଦିନରେ ମହିଳା ପିଢ଼ି ତାଙ୍କ ଆଦର୍ଶରେ ଉଦ୍‌ବୁଦ୍ଧ ହେବେ। ନନ୍ଦିନୀ ଆମର ପଥ ପ୍ରଦର୍ଶକ ବୋଲି ମନ୍ତ୍ରୀ ପଣ୍ଡା କହିଛନ୍ତି। ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ନନ୍ଦିନୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ତାଙ୍କର ଜନସେବା, ସାହସ, ରାଜନୈତିକ ବିଚକ୍ଷଣତାକୁ ମନେପକାଇଥିଲେ। ଭାଜପା ନେତା ଜଗନ୍ନାଥ ପ୍ରଧାନ, ବାବୁ ସିଂ, ଟଙ୍କଧର ତ୍ରିପାଠୀ, କର୍ପୋରେଟର ଶ୍ରୀଧର ବେହେରା ଓ ଦେବାଶିଷ ଶିଟ୍ ପ୍ରମୁଖ ଉପସ୍ଥିତ ଥିଲେ।

### ଟୁଇଟ୍ କରି ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୯।୬(ବ୍ୟୁରୋ)

ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ସ୍ୱର୍ଗତା ନନ୍ଦିନୀ ଶତପଥୀଙ୍କର ୮୮ତମ ଜନ୍ମଜୟନ୍ତୀ ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି ଟୁଇଟ୍ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ଲେଖିକା ନନ୍ଦିନୀ ଶତପଥୀଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି। ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ପ୍ରଗତି ପାଇଁ ତାଙ୍କ ଅବଦାନ ଏବଂ ଓଡ଼ିଆ ସାହିତ୍ୟ ଜଗତକୁ ସମୃଦ୍ଧ କରୁଥିବା ତାଙ୍କ ସୃଷ୍ଟି ସର୍ବଦା ସ୍ମରଣୀୟ। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୮୮ତମ ଜନ୍ମଜୟନ୍ତୀରେ ଶ୍ରଦ୍ଧାଞ୍ଜଳି। ଭାରତୀୟ ରାଜନୀତିରେ ଓଡ଼ିଶାର ନାଁକୁ ବଢେଇଥିବା ବ୍ୟକ୍ତିତ୍ୱ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତି, କଂଗ୍ରେସ ନେତା କୈଳାସ ଆଚାର୍ଯ୍ୟ ପ୍ରମୁଖ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

କାର୍ଯ୍ୟକ୍ରମରେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥା ନନ୍ଦିନୀଙ୍କ ସୁପୁତ୍ର ତଥାଗତ ସତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଡାଇରେକ୍ଟର (ମାର୍କେଟିଂ) ହିମାଂଶୁ ହୋତାଙ୍କ ସମେତ ଅନ୍ୟମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଏହି ଉପଲକ୍ଷେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ପକ୍ଷରୁ ମଧ୍ୟ ନନ୍ଦିନୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି କହିଥିଲେ ଯେ, ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଓଡ଼ିଶାରେ ପ୍ରଥମଥର ପାଇଁ ଉତ୍କଳ ଦିବସ ସରକାରୀ ଭାବେ ପାଳନ ହୋଇଥିଲା। ସେହିଦିନଠାରୁ ପ୍ରତ୍ୟେକ ବର୍ଷ ଉତ୍କଳ ଦିବସ ସରକାରଙ୍କ ପକ୍ଷରୁ ପାଳନ କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଶାଖା ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦିକା ବାସନ୍ତୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ନନ୍ଦିନୀ ଦେବୀଙ୍କ ସ୍ମୃତିଚାରଣ କରିଥିଲେ।

# ବିରଳ ନୀଳରକ୍ତ କଙ୍କଡ଼ାଙ୍କ ସୁରକ୍ଷା ଚିନ୍ତା

ବାଲେଶ୍ୱର ଅଫିସ, ୯।୬

- ୧୫ରୁ ଚାଇନାରେ ହେବ କର୍ମଶାଳା
- ବାଲେଶ୍ୱରରୁ ଯୋଗଦେବେ ୬ ଗବେଷକ

ବିରଳ ନୀଳରକ୍ତ କଙ୍କଡାଙ୍କ ସୁରକ୍ଷା ଏବଂ ଏହି କଙ୍କଡାଙ୍କ ରକ୍ତରେ ଥିବା ଔଷଧୀୟ ଗୁଣ ସମ୍ପର୍କରେ ଅନ୍ତର୍ଜାତୀୟ ସ୍ତରରେ ଗବେଷଣା ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୫ରୁ ୨୦ତାରିଖ ମଧ୍ୟରେ ଚାଇନାର କିନ୍‌ଜୋ ସିଟିରେ ୪ର୍ଥ ଆନ୍ତର୍ଜାତିକ ନୀଳରକ୍ତ କଙ୍କଡ଼ା ସୁରକ୍ଷା ଓ ବିଜ୍ଞାନ କର୍ମଶାଳା ଆୟୋଜନ କରାଯାଇଛି। ଏଥିରେ ବାଲେଶ୍ୱରରୁ ୬ଜଣ ପ୍ରାଧ୍ୟାପକ, ଅଧ୍ୟାପକ, ଗବେଷକ ଓ ଶିଳ୍ପୀ ଯୋଗଦେବେ ବୋଲି ଜଣାପଡିଛି।

ଚାଇନାର କିନ୍‌ଜୋ ସିଟିରେ ହେବାକୁ ଥିବା ଏହି କର୍ମଶାଳାରେ ଆମେରିକା, ଚୀନ, ଜାପାନ, ମାଲେସିଆ ଓ ଭାରତ ସମେତ ୨୦ରୁ ଅଧିକ ଦେଶର ୨୦୦ରୁ ଅଧିକ ସଙ୍ଗଠନ, ଗବେଷକ, ଶିଳ୍ପୀ, ଛାତ୍ରୀଛାତ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏମାନଙ୍କ ମଧ୍ୟରେ ବାଲେଶ୍ୱରର ଫକୀରମୋହନ ବିଶ୍ୱବିଦ୍ୟାଳୟର ଜୈବ ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରଫେସର ଡ. ବିଷ୍ଣୁ ପ୍ରସାଦ ଦାଶ, ଫକୀରମୋହନ କଲେଜର ନୃତତ୍ତ୍ୱ ବିଭାଗର ଅଧ୍ୟାପିକା ସସ୍ମିତା ଦାଶ, ଆସୋସିଏଶନ ଫର୍ ବାୟୋ ଡାଇଭରସିଟି କର୍ଜେସନ ଆଣ୍ଡ ରିସର୍ଚ୍ଚର ନିର୍ଦ୍ଦେଶକ ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଭୁବନେଶ୍ୱର ଅମିତ କଲେଜର ସହକାରୀ ପ୍ରାଧ୍ୟାପକ ସିଦ୍ଧାର୍ଥ ପତି, ନୋସି କଲଚ୍ୟୁରାଲ ଏକାଡ଼େମୀର ମୁଖ୍ୟ ଶିଳ୍ପୀ କେଶୁଦାସ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ଯୁବ ନୀଳରକ୍ତ ଗବେଷକ ସନାତନ ଟୁଡୁ କର୍ମଶାଳା ପାଇଁ ନିମନ୍ତ୍ରିତ ହୋଇଛନ୍ତି।

ପୃଥିବୀରେ ଏସିଆ ଓ ଆମେରିକା ଭଳି ଦୁଇ ମହାଦେଶରେ କେବଳ ୪ ପ୍ରଜାତିର ବିରଳ ଓ ବିଲୁପ୍ତପ୍ରାୟ ସାମୁଦ୍ରିକ ନୀଳରକ୍ତ କଙ୍କଡ଼ା ଦେଖାଯାନ୍ତି। ଏଥିମଧ୍ୟରୁ ଭାରତରେ ଦୁଇ ପ୍ରଜାତିର ନୀଳରକ୍ତ କଙ୍କଡ଼ା ରହିଛନ୍ତି। ବାଲେଶ୍ୱର ଉପକୂଳରେ ମାଛଧରା ଟ୍ରଲର ଓ ବୋଟ ଚଳାଚଳ ଯୋଗୁ ବିରଳ ନୀଳରକ୍ତ କଙ୍କଡାଙ୍କ ସଂଖ୍ୟା ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଉଛି। ନଦୀ ମୁହାଣରେ ଗୁରୁ ଜୁଆର ଉଠିବା ବେଳେ ଏହି କଙ୍କଡା ଅଣ୍ଡା ଦେବାକୁ ଆସିଥାନ୍ତି। ଦୀର୍ଘ ୪ ଦଶନ୍ଧି ଧରି ଭାରତର କେତେକ ଗବେଷକ ଚାନ୍ଦିପୁର ଓ ବଳରାମଗଡ଼ିରେ ଏନେଇ ଗବେଷଣା ଜାରି ରଖିଛନ୍ତି। ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜୈବ ପ୍ରଯୁକ୍ତି ବିଦ୍ୟା ବିଭାଗ ଖୋଲିବା ପରେ ନୀଳରକ୍ତ କଙ୍କଡ଼ା ଉପରେ ଅଧିକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଜିଲାରେ ଥିବା ବିଭିନ୍ନ ସାମାଜିକ ଅନୁଷ୍ଠାନ ନୀଳରକ୍ତ କଙ୍କଡାଙ୍କ ସୁରକ୍ଷା ପାଇଁ ମଧ୍ୟ କାର୍ଯ୍ୟ କରୁଛନ୍ତି। ବାଲେଶ୍ୱରର ଆସୋସିଏଶନ ଫର୍ ବାୟୋଡାଇଭରସିଟି କଞ୍ଜର୍ଭେସନ ଆଣ୍ଡ ରିସର୍ଚ୍ଚ, ବାଲେଶ୍ୱରୀ କଳା କେନ୍ଦ୍ର, ନ୍ୟୁ ହୋପ୍, ଜଉକଣ୍ଢେଇ ବାହାଘର ଉତ୍ସବ କମିଟି, ବାହାବଳପୁର ନୀଳରକ୍ତ କଙ୍କଡ଼ା ସୁରକ୍ଷାମଞ୍ଚ ପ୍ରମୁଖ ବେଳାଭୂମି ସଫେଇ ବେଳେ ଏହି ବିରଳ ପ୍ରଜାତିର କଙ୍କଡାଙ୍କ ସୁରକ୍ଷା ଲାଗି ଜନ ସଚେତନତା ସୃଷ୍ଟି କରୁଛନ୍ତି। ଏ ଦିଗରେ ଅଧିକ ଗବେଷଣା ଲାଗି ଜାତୀୟସ୍ତରୀୟ ସାମୁଦ୍ରିକ ଗବେଷଣା କେନ୍ଦ୍ର ଖୋଲା ଯିବାକୁ ପ୍ରକୃତିପ୍ରେମୀ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହେଉଛି।

## ମାଳଦ୍ୱୀପର ହଜାରେ ଅଫିସରଙ୍କୁ ପ୍ରଶିକ୍ଷଣ ଦେବ ଭାରତ

ନୂଆଦିଲ୍ଲୀ,୯।୬(ପି.ଟି.)

ଭାରତର ପ୍ରମୁଖ ସିଭିଲ୍ ସର୍ଭିସ ପ୍ରଶିକ୍ଷଣ ଅନୁଷ୍ଠାନ ନ୍ୟାଶନାଲ୍ ସେଣ୍ଟର ଫର୍ ଗୁଡ୍ ଗଭର୍ଣ୍ଣାନ୍ସ (ଏନ୍‌ସିଜିଜି) ମାଳଦ୍ୱୀପର ୧୦୦୦ ଅଫିସରଙ୍କୁ ଆଗାମୀ ୫ ବର୍ଷ ମଧ୍ୟରେ ପ୍ରଶିକ୍ଷଣ ଯୋଗାଇଦେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ଅବସରରେ ମାଳଦ୍ୱୀପ ସିଭିଲ୍ ସର୍ଭିସେସ୍ କମିଶନ ଏଥିପାଇଁ ଏନ୍‌ସିଜିଜି ସହ ରାଜିନାମା ସ୍ୱାକ୍ଷର କରିଛି। ରାଜିନାମା ସର୍ତ୍ତ ଅନୁଯାୟୀ ମାଳଦ୍ୱୀପ ବରିଷ୍ଠ ପ୍ରଶାସନିକ ଅଧିକାରୀ, କାର୍ଯ୍ୟନିର୍ବାହୀ ଏବଂ ମ୍ୟାନେଜମେଣ୍ଟ ସ୍ତରର ଅଧିକାରୀମାନଙ୍କୁ ପ୍ରତିକ୍ଷଣ ପାଇଁ ମନୋନୀତ କରି ପଠାଇବ।



## ଜିଲା ଟିଠି
## ବରଗଡ଼

# ପିସିରେ ପେଷି ହେଉଛନ୍ତି ଚାଷୀ

ସାଧାରଣତଃ ସରକାରଙ୍କ ଗୃହ ନିର୍ମାଣ ଯୋଜନା, ରାସ୍ତାଘାଟ, ପୋଲ, କେନାଲ ନିର୍ମାଣ, ମରାମତି ଆଦିରେ ପିସି(ପରସେଣ୍ଟେଜ ବା କମିଶନ) କାରବାର କଥା ଉଠିଥାଏ। ସେଥିପାଇଁ ସେହି ପ୍ରକଳ୍ପଗୁଡ଼ିକର କାମ ନିମ୍ନମାନର ହୋଇଥିବା ଅଭିଯୋଗ ଉଠେ। ଏହାକୁ ନେଇ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି ଜୋର ଧରେ। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବିଧାନସଭା ପର୍ଯ୍ୟନ୍ତ ତୁମ୍ବିତୋଫାନ ହୁଏ। ତେବେ ଧାନ କିଣାବିକା ପ୍ରକ୍ରିୟାରୁ ମଧ୍ୟ ପିସି କାରବାର ବାଦ୍ ପଡ଼ିନାହିଁ। ଧାନ କିଣାବିକାରେ ପିସି କାରବାର ପ୍ରସଙ୍ଗ ଆଶ୍ଚର୍ଯ୍ୟ ଲାଗୁଥାଇପାରେ। ହେଲେ ଏଥିରେ ଅନିୟମିତତା ଓ ଅଭାବୀ ବିକ୍ରି ଏହାର ମୂଳ କାରଣ। ଧାନ କିଣାବିକା ପ୍ରକ୍ରିୟା ଆରମ୍ଭର ଅବ୍ୟବହିତ ପୂର୍ବରୁ ଏଥିପାଇଁ ଯୋଜନା ପ୍ରସ୍ତୁତ ହୁଏ। ଏଥିରେ ଜଣେ କିମ୍ବା ଦୁଇଜଣ ନୁହନ୍ତି ତଳୁ ଉପର ପର୍ଯ୍ୟନ୍ତ ସରକାରୀ କଳର ଅନେକ ଅଧିକାରୀ, କର୍ମଚାରୀ ସମ୍ପୃକ୍ତ ଥାଆନ୍ତି। ସେହିପରି ଏଭଳି ଅନିୟମିତତା ପଛରେ ଚାଷ ଓ ଚାଷୀ ପ୍ରସଙ୍ଗକୁ ମୁଖ୍ୟ ଆୟୁଧ କରି ନିର୍ବାଚନ ବୈତରଣୀ ପାରି ହେଉଥିବା କେତେକ ଜନପ୍ରତିନିଧିଙ୍କ ଭୂମିକା ମଧ୍ୟ କିଛି କମ୍ ନୁହେଁ। ଯେଉଁ ଚାଷୀଙ୍କ ଭୋଟ୍ ପାଇ ଅଞ୍ଚଳର ଜନପ୍ରତିନିଧି ଭାବେ ନିର୍ବାଚିତ ହେଉଛନ୍ତି ସେହି ଚାଷୀଙ୍କ କଷ୍ଟୋପାର୍ଜିତ ଧାନର ଲବ୍ଧ ରାଶିରୁ ପିସି ନେବାକୁ ସେମାନେ ପଛାଉ ନାହାନ୍ତି। ଏଥିପାଇଁ ବିଭିନ୍ନ ସମୟରେ ସେହି ନିର୍ବାଚିତ ଜନପ୍ରତିନିଧିମାନେ ଧାନ ସଂଗ୍ରହ ପ୍ରକ୍ରିୟାରେ ନିୟୋଜିତ ଅଧିକାରୀ, କର୍ମଚାରୀଙ୍କ ଉପରେ ଚାପ ପକାଉଛନ୍ତି। ଆଉ କାର୍ଯ୍ୟାନୁଷ୍ଠାନ ଭୟରେ ସମ୍ପୃକ୍ତ କର୍ମଚାରୀମାନେ ସେହି ଜନ ପ୍ରତିନିଧିଙ୍କ ପାଇଁ ମଧ୍ୟ ପିସି ନିର୍ଦ୍ଧାରଣ କରୁଛନ୍ତି। ତେବେ ବିଭିନ୍ନ କର୍ମଚାରୀ, ଅଧିକାରୀଙ୍କ ସମେତ ନିର୍ବାଚିତ ଜନ ପ୍ରତିନିଧିଙ୍କ ପାଇଁ ପିସି ଅଲଗା ରହିଥାଏ। କୁଇଣ୍ଟାଲ ପ୍ରତି ୧ଟଙ୍କାରୁ ଆରମ୍ଭ କରି ୧୦ଟଙ୍କା ପର୍ଯ୍ୟନ୍ତ ଭାଗ ପଡ଼ିଥାଏ। ଆଉ ଏହା କିଭଳି ଅସୁଲି ହେବ ସେଥିପାଇଁ ମଧ୍ୟ ଖସଡ଼ା ପ୍ରସ୍ତୁତ ହୋଇଥାଏ। ଧାନ କିଣାବିକାକୁ ଜାଣିଶୁଣି ବିଭିନ୍ନ ଆଳରେ ବିଳମ୍ବ କରିବା, ନିର୍ଦ୍ଧାରିତ ସମୟରେ ଚାଷୀ ପରିଚୟପତ୍ର ନ ଦେବା, ଆର୍ଦ୍ରତା ଓ ଗୁଣମାନ ଆଳରେ କଟ୍‌ନିଛଟନି କରିବା, ମଣ୍ଡିରୁ ଦୀର୍ଘଦିନ ଧରି ଧାନ କ୍ରୟ ନ ହେବା କିମ୍ବା ସେଠାରେ ପଡ଼ିଥିବା ଧାନକୁ ନ ଉଠାଇବା ଆଦି ଗୋଟିଏ ଗୋଟିଏ ଦୃଷ୍ଟାନ୍ତ। ତେବେ ଅନେକ ସମୟରେ ଅଭାବୀ ବିକ୍ରି କଥା ଉଠିଲେ ଚାଷୀଙ୍କ ଆକାଉଣ୍ଟକୁ ପି-ପାସ୍ (ପ୍ୟାଡି ପ୍ରକ୍ୟୋରମେଣ୍ଟ ଅଟୋନମସ୍ ସିଷ୍ଟମ) ମାଧ୍ୟମରେ ସେମାନଙ୍କ ବିକ୍ରିଧାନର ପ୍ରାପ୍ୟରାଶି ଯାଉଥିବାରୁ ଅଭାବୀ ବିକ୍ରି ହୋଇ ନ ଥିବା ନେଇ ବିଭାଗୀୟ ଅଧିକାରୀମାନେ ଯୁକ୍ତି ବାଢ଼ିଥାନ୍ତି। ପି-ପାସ୍ ଜରିଆରେ ଚାଷୀଙ୍କ ଆକାଉଣ୍ଟକୁ ବିକ୍ରିଧାନର ପ୍ରାପ୍ୟରାଶି ଆସିବା ସତ। ହେଲେ ସେହି ରାଶି ଜମା ହେବା ପୂର୍ବରୁ ମଣ୍ଡିକୁ ଆସିଥିବା ଧାନରୁ କୁଇଣ୍ଟାଲ ପ୍ରତି ୩/୪କିଗ୍ରା କାଟ୍‌ଛାଣ୍ଟ ହେବା, ମଣ୍ଡିକୁ ନ ଆସି ସିଧାସଳଖ ରାଇସ୍ ମିଲକୁ ଯାଇଥିବା ଧାନକୁ ଫଲ୍ସ ଏଣ୍ଟ୍ରି କରାଯିବା, ଅନେକ ସମୟରେ ନକଲି ଚାଷୀ ସୃଷ୍ଟି କରି ଧାନ କିଣାବିକା ହେବା ଘଟଣା ମଧ୍ୟ ମିଛ ନୁହେଁ। ଏଭଳି ଅନେକ ନଜିର ରହିଛି। ଏଥିରୁ ଜିଲାର ଧାନ କିଣାବିକାରେ କେତେ ସ୍ୱଚ୍ଛତା ରହିଛି, ତାହା ସ୍ପଷ୍ଟ ହୋଇ ଯାଇଛି। ସେହିପରି ଜିଲାରୁ ଖରିଫରେ ପାଖାପାଖି ୫ଲକ୍ଷ ମେଟ୍ରିକ ଟନ୍ ଏବଂ ରବି ଋତୁରେ ସାଢ଼େ ୪ଲକ୍ଷରୁ ଊର୍ଦ୍ଧ୍ୱ ମେଟ୍ରିକ ଟନ୍ ଧାନ ସଂଗ୍ରହ ହେଉଥିବା ଯୋଗୁ କାହା ଭାଗରେ କେତେ ପିସି ଟଙ୍କା ପଡୁଥିବ, ତାହା ସହଜରେ ଅନୁମେୟ।

-ପ୍ରେମାନନ୍ଦ ଖମାରୀ

ସ୍ୱାର୍ଥପରତା ହିଁ ଏକମାତ୍ର ପାପ। ନୀଚତା ହିଁ ଏକମାତ୍ର କୁବୃତ୍ତି। ଘୃଣା ହିଁ ଏକମାତ୍ର ଅପକର୍ମ। ଆଉ ସବୁକୁ ସତ୍‌ରୂପରେ ପରିବର୍ତ୍ତନ କରାଯାଇପାରେ। କିନ୍ତୁ ଏଇ କେତୋଟି ହେଲା ଭଗବାନଙ୍କର ଚିରଶତ୍ରୁ। -ଶ୍ରୀଅରବିନ୍ଦ



# ଖଣିରେ ମୃତ୍ୟୁ

ବେଆଇନ ଖଣି ଖନନ ଭାରତରେ ଏକ ଦୀର୍ଘସ୍ଥାୟୀ ସମସ୍ୟା ଭାବେ ରହିଆସିଛି। ଏ ନେଇ ଯେତେ ପଦକ୍ଷେପ ନିଆଗଲେ ମଧ୍ୟ ସ୍ଥାନୀୟ ପ୍ରଶାସନର ଅପାରଗତା ବେଆଇନ କାର୍ଯ୍ୟକୁ ରୋକିପାରୁ ନାହିଁ। ଏଥିସହିତ ଦେଶର ବିଭିନ୍ନ ଭାଗରେ ଏ ସଂକ୍ରାନ୍ତ ଦୁର୍ଘଟଣା ଖବର ବର୍ଷତମାମ ଶୁଣିବାକୁ ମିଳିଥାଏ। ୧୩ ଡିସେମ୍ବର ୨୦୧୮ରେ ମେଘାଳୟର ଜୟନ୍ତିଆ ପାର୍ବତ୍ୟାଞ୍ଚଳରେ ବେଆଇନ କୋଇଲା ଉତ୍ତୋଳନ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ମଧ୍ୟରୁ ୨ ଜଣଙ୍କ ଜୀବନ ଯାଇଥିବା ବେଳେ ୧୩ ନିଖୋଜ ଥିବା ବିଷୟ ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିଲା। ଖଣି ମାଲିକ ଓ ଦଲାଲମାନେ ଅତ୍ୟନ୍ତ ଅବୈଜ୍ଞାନିକ ଉପାୟରେ ଶ୍ରମିକମାନଙ୍କୁ ସୁଡ଼ଙ୍ଗ ଭିତରେ ପ୍ରବେଶ କରାଇ କୋଇଲା ଚୋରିକୁ ପ୍ରୋତ୍ସାହିତ କରି ଚାଲୁଥିବାରୁ ଏଭଳି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗରିବ ଶ୍ରମିକମାନେ ପେଟ ପାଇଁ ନିଜର ସୁରକ୍ଷାକୁ ବାଜି ଲଗାଇ ଦେବା ଯୋଗୁ ଦୁର୍ଘଟଣା ଘଟୁଛି। ଆଶ୍ଚର୍ଯ୍ୟ ଲାଗେ ଯେତେବେଳେ ଚିନ୍ତା କରାଯାଏ ଯେ, ମେଘାଳୟ ଘଟଣା ସମ୍ପୂର୍ଣ୍ଣ ଭାବେ ଲୋକଙ୍କ ମାନସପଟରୁ ଉଭେଇ ଗଲାଣି। ଗଣମାଧ୍ୟମରେ ଯେତେଶୀଘ୍ର କାହାଣୀ ବଦଳୁଛି, ଦେଶର ନାଗରିକ ମଧ୍ୟ ସେତେଶୀଘ୍ର ପୂର୍ବ ଘଟଣାକୁ ଭୁଲି ଯାଉଛି।

ପ୍ରାକୃତିକ ସମ୍ପଦରେ ଭରପୂର ଓଡ଼ିଶାରେ ବେଆଇନ ଖଣି ଖନନ ସଂକ୍ରାନ୍ତ ମାମଲା ସୁପ୍ରିମକୋର୍ଟ ଯାଏ ଯାଇଛି। ଏଥିଲାଗି ବିଭିନ୍ନ ସମୟରେ ଖଣି ମାଲିକମାନଙ୍କୁ ତାଗିଦ୍ କରାଯାଇ ସେମାନଙ୍କ ଉପରେ ଜରିମାନା ଲଦାଯାଇଛି। ଲିଜ୍ ଅଞ୍ଚଳ ବାହାରକୁ ଯାଇ ପ୍ରାକୃତିକ ସମ୍ପଦ ହରିଲୁଟ୍ କରିବାର ନଜିର ଅନେକ ରହିଛି। ୮ ଜୁନ୍‌ରେ କେନ୍ଦୁଝରଠାରୁ ୭ କିଲୋମିଟର ଦୂର ତୁଳସୀଚଉରା ଗ୍ରାମ ନିକଟରେ ଥିବା ପଥର ଖଣିରୁ ମୋରମ ଉତ୍ତୋଳନ ହେଉଥିବା ବେଳେ ଏହା ଧସିଯିବାରୁ ୩ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଶୁଣିବାକୁ ମିଳିଛି ଯେ, ୫ ବର୍ଷ ତଳେ ଜଣେ ଠିକାଦାର ରାସ୍ତା କାମ ପାଇଁ ଏହି ଖଣି ଖୋଳିଥିଲେ। ଦୀର୍ଘ ଦିନ ଧରି ଏହା ବନ୍ଦ ରହିଥିବା ବେଳେ ୮ ଜୁନ୍‌ରେ ମୋରମ ଆଣିବା ପାଇଁ କେତେ ଜଣ ଶ୍ରମିକ ଏହି ଖଣିର ନିମ୍ନଭାଗ ଦେଇ ଭିତରକୁ ପଶି ଖୋଳା ଆରମ୍ଭ କରିଥିଲେ। ଏହି ସମୟରେ ଅତଡ଼ା ଧସିଯିବାରୁ ୪ ଶ୍ରମିକ ଏହା ତଳେ ପୋତି ହୋଇ ଯାଇଥିଲେ। ଉକ୍ତ ଅଞ୍ଚଳରୁ ଆଖପାଖ ଇଲାକାର ଠିକାଦାର, କ୍ରଶର ମାଲିକ ପଥର ଓ ମୋରମ ଖୋଳି ଆସୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନର କୌଣସି ଅଙ୍କୁଶ ରହୁ ନ ଥିବାରୁ ଏପରି ଦୁର୍ଘଟଣା ଘଟିଚାଲିଛି। କେବଳ କେନ୍ଦୁଝର ନୁହେଁ, ଏହାର ପାଖ ଜିଲା ଯାଜପୁରରେ ବେଆଇନ ପଥର ଚାଲାଣ ହୋଇଆସୁଛି। ବିଶେଷକରି ଡଙ୍ଗାରୀ ପାହାଡ଼ ପଦା ହୋଇ ଯାଉଥିବାରୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ବେଆଇନ ଖଣି କାର୍ଯ୍ୟ କରିଥିବା ବ୍ୟକ୍ତି ଓ ସେମାନଙ୍କୁ ଭିତିରିଆ ପ୍ରୋତ୍ସାହନ ଦେଉଥିବା ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କଠାରୁ ୨୫ କୋଟି ଟଙ୍କାର ଜରିମାନା ଆଦାୟ କରିବା ଲାଗି ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶରେ କୁହାଯାଇଥିଲା ଯେ, ଯେଉଁ ପ୍ରଶାସନିକ ଅଧିକାରୀଙ୍କ ସମୟରେ ଏଭଳି କାର୍ଯ୍ୟ ହୋଇଥିଲା ; ସେମାନଙ୍କଠାରୁ ମଧ୍ୟ ଜରିମାନା ଅର୍ଥ ଆଦାୟ କରାଯିବା ବାଞ୍ଛନୀୟ। ଆଦାୟ ଅର୍ଥ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ନିକଟରେ ଦାଖଲ କରାଯିବାକୁ କୁହାଯାଇଥିଲା। ହେଲେ ଏନ୍‌ଜିଟିଙ୍କ ଏଭଳି ନିର୍ଦ୍ଦେଶ ବିରୋଧରେ ଜିଲା ପ୍ରଶାସନ ସୁପ୍ରିମକୋର୍ଟ ଯାଇଛନ୍ତି, ଯାହାକି ଏବେ ବିଚାରାଧୀନ ରହିଛି। ଭାଇ ବିରାଦରି ହେଉ ବା ଅର୍ଥ ଆଦାୟ କରିବାର ଜଞ୍ଜାଳରୁ ଦୂରେଇ ରହିବା ପାଇଁ ବର୍ତ୍ତମାନର ଅଧିକାରୀମାନେ ଅଦାଲତ ଆଶ୍ରୟକୁ ସହଜ ବାଟ ଭାବେ ଧରି ପୂର୍ବ ଅଧିକାରୀଙ୍କ କୁକର୍ମକୁ ସୁରକ୍ଷା ଯୋଗାଇ ଚାଲିଛନ୍ତି। ଏଥିରୁ ବୁଝିବାକୁ ହେବ ଯେକୌଣସି ଏକ ବେଆଇନ କାର୍ଯ୍ୟକୁ ରୋକିବା ଲାଗି ପ୍ରଶାସନିକ ତତ୍ପରତା ଦେଖାଯାଉ ନାହିଁ। ସ୍ଥାନୀୟ ଅଞ୍ଚଳର ଖଣି ଦଲାଲଙ୍କ ସହ ଅଧିକାରୀମାନଙ୍କ ମଧୁଚନ୍ଦ୍ରିକା ଯୋଗୁ ଆଜି ପ୍ରାକୃତିକ ସମ୍ପଦ ମାଟିଦରରେ ଲୁଟ୍ ହେବାରେ ଲାଗିଛି। ସେହିଭଳି ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିବା ଦେଖିବାକୁ ମିଳୁଛି। ନିର୍ମାଣ ଶିଳ୍ପ ତିଷ୍ଠିବାକୁ ହେଲେ ବାଲି ଓ ପଥର ଉପରେ ଏହା ଅତ୍ୟନ୍ତ ନିର୍ଭରଶୀଳ। ସରକାରୀ ନିୟମାବଳୀ ଅନୁଯାୟୀ ଉତ୍ତୋଳନ କରାଗଲେ ପ୍ରାକୃତିକ ସମ୍ପଦକୁ ନିୟନ୍ତ୍ରଣ ମଧ୍ୟରେ ରଖାଯାଇପାରନ୍ତା। ଏଠାରେ କେବଳ ସରକାର ସବୁକିଛି କରିବେ ବୋଲି ଆଶା ରଖିବା ଠିକ୍ ନୁହେଁ। ଏହିସବୁ କାମରେ ସମ୍ପୃକ୍ତ ଠିକାଦାର ଏବଂ ତାଙ୍କ କର୍ମଚାରୀ ମଧ୍ୟ ଉତ୍ତରଦାୟୀ ହେବା ଉଚିତ। ଯେହେତୁ କାହାରି କାନ୍ଧରେ ଦାୟିତ୍ୱ ପଡୁନାହିଁ, ସେହେତୁ ସବୁ ଦିଗରେ ବିନା ଲଗାମରେ କାର୍ଯ୍ୟ କରାଯାଉଛି। ପରିସ୍ଥିତି ଦେଖିଲେ କେହି ପ୍ରକୃତି କିମ୍ବା ସରକାରୀ ନିୟମକୁ ମାନିଲା ଭଳି ମନେ ହେଉନାହିଁ। ବେଆଇନ କାର୍ଯ୍ୟକୁ ରୋକିବାକୁ ହେଲେ କଡ଼ା ଆଇନ କରିଦେଲେ ଚଳିବ ନାହିଁ, ଏହାକୁ କାର୍ଯ୍ୟକାରୀ କରୁଥିବା ବ୍ୟକ୍ତିଙ୍କ ପ୍ରତିବଦ୍ଧତା ମଧ୍ୟ ରହିବା ଦରକାର। ଏହା ନ ହେବାଯାଏ ପ୍ରାକୃତିକ ସମ୍ପଦ ଲୁଟେରା ମାଲାମାଲ ହେଉଥିବେ ଓ ଶ୍ରମିକ ଶ୍ରେଣୀ ମୃତ୍ୟୁ ଜାଲରେ ପଡୁଥିବେ। ସର୍ବୋପରି ପ୍ରାକୃତିକ ଅସନ୍ତୁଳନ ଜନସାଧାରଣଙ୍କ ପାଇଁ ବିପଦ ଡାକି ଆଣୁଥିବ।

## ଚିରନ୍ତନୀ

ସଂଗ୍ରାମ ନିଶା ପିଇ
ସର୍ବହରାର ସୈନିକ ଆଜି ମାଟିରୁ ଉଠଇ ଜୀଇଁ
ଶୋଷକ ଭିତରେ ସରିଛି ଲଢ଼େଇ
ଆବର ରହିଛି ବାକି
ଶୋଷିତ ଉଠିଛି ଡାକି! (ଅଗଣିତ ଆଗୁଆନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 4 | | | | 0 | | | A | 7 | | |
| 6 | | 4 | C | | | | 2 | 9 | 5 | | | | | E |
| | | | 6 | | | | 7 | | | | | A | C | 5 |
| | | | | | 1 | | | 8 | | D | | | 0 | 2 |
| | | | 8 | | E | | | | | | | | | |
| | C | | | | | B | | | 1 | E | | | | |
| A | 3 | | 5 | | C | D | | | | | 4 | 8 | 1 | |
| | | 9 | | D | | | | | | 7 | | | | |
| 1 | | | | 7 | | | 9 | | 6 | | | 3 | D | |
| 4 | | | | B | | | | 6 | | 2 | C | | | |
| | | 6 | | | | | 0 | | 4 | 5 | | B | | 8 |
| D | E | | | | | 3 | | 7 | | | | | | |
| | | 3 | 2 | 1 | | C | D | | | 9 | | 4 | 7 | |
| B | | C | | | 0 | | 8 | | D | A | | | 5 | |
| 2 | | 5 | 4 | 9 | | | B | | 0 | 3 | | | | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 2 | 3 | 4 | B | 7 | 1 | D | 8 | 5 | 9 | 6 | A | 0 | E |
| E | 1 | 0 | D | 8 | 5 | 9 | B | A | C | 2 | 7 | 3 | 4 | 6 |
| 8 | 6 | B | 2 | A | C | 4 | 0 | 7 | D | 3 | E | 9 | 5 | 1 |
| A | D | 5 | E | 6 | 9 | 3 | C | 2 | 1 | 4 | 0 | 8 | B | 7 |
| 4 | 7 | 9 | 3 | 1 | 0 | E | 6 | 5 | 8 | A | B | 2 | C | D |
| B | 8 | 2 | 7 | 4 | E | C | A | 1 | 0 | D | 3 | 5 | 6 | 9 |
| 3 | C | 1 | B | D | 8 | 6 | 4 | E | A | 5 | 9 | 7 | 2 | 0 |
| 7 | A | 4 | 5 | 0 | 6 | D | 8 | 9 | 2 | E | C | 1 | 3 | B |
| 9 | 5 | E | C | 2 | 1 | 7 | 3 | 0 | 6 | B | 8 | 4 | D | A |
| 6 | 0 | D | A | 9 | 3 | 5 | 2 | B | 4 | 7 | 1 | E | 8 | C |
| 5 | 3 | A | 1 | C | B | 8 | E | D | 9 | 6 | 2 | 0 | 7 | 4 |
| 1 | B | C | 6 | 7 | 4 | 0 | 9 | 3 | E | 8 | 5 | D | A | 2 |
| 0 | E | 6 | 8 | 3 | A | 2 | 7 | 4 | B | 1 | D | C | 9 | 5 |
| D | 4 | 8 | 9 | 5 | 2 | B | 1 | C | 7 | 0 | A | 6 | E | 3 |
| 2 | 9 | 7 | 0 | E | D | A | 5 | 6 | 3 | C | 4 | B | 1 | 8 |

ଗତକାଲିର ଉତ୍ତର

# ଭିନ୍ନ ପ୍ରକାର ସନ୍ତ୍ରାସବାଦ



ବିପିନ ବିହାରୀ ମିଶ୍ର

ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ଆନ୍ଧ୍ର ଓ ମହାରାଷ୍ଟ୍ରରେ ବର୍ତ୍ତମାନ ପରିସ୍ଥିତିରେ ସନ୍ତ୍ରାସବାଦ ଶବ୍ଦ ଶୁଣିବା ମାତ୍ରେ ସର୍ବସାଧାରଣଙ୍କ ମନକୁ ଆସିଯାଏ ମାଓବାଦୀଙ୍କ ଉପଦ୍ରବ। ଏହି ସରକାରମାନେ ପରସ୍ପର ସହିତ ସମନ୍ୱୟ ରଖି ମାଓବାଦୀଙ୍କ ସହିତ ଲଢ଼େଇ କରି ଆସୁଛନ୍ତି ଏବଂ ସେମାନଙ୍କ ଉପଦ୍ରବ କମିବାରେ ଲାଗିଛି। କଶ୍ମୀରରେ ପାକିସ୍ତାନ ପ୍ରରୋଚିତ ସନ୍ତ୍ରାସବାଦ ୧୯୯୦ ମସିହାରୁ ଲାଗିରହିଛି। କିନ୍ତୁ ଏବେ ପୋଲିସ, ସାମରିକ, ଅର୍ଦ୍ଧସାମରିକ ବାହିନୀ ଓ ବିଭିନ୍ନ ଗୁଇନ୍ଦା ବିଭାଗର ମିଳିତ ଚେଷ୍ଟାରୁ ସନ୍ତ୍ରାସବାଦର ମାତ୍ରା କମୁଛି। କଶ୍ମୀର ଉତ୍ତର-ପୂର୍ବର କେତୋଟି ରାଜ୍ୟ ଯଥା ଅରୁଣାଚଳ, ଆସାମ, ମଣିପୁର ଓ ନାଗାଲାଣ୍ଡ ଇତ୍ୟାଦିରେ କାଁ ଭାଁ ସନ୍ତ୍ରାସବାଦ ଦେଖାଦେଉଛି। ଏହି ସମସ୍ତ ସନ୍ତ୍ରାସବାଦୀଙ୍କର କାର୍ଯ୍ୟ ହେଉଛି ନିରୀହ ଜନତା ଓ ସରକାରୀ ଅଫିସର, ପୋଲିସ, ସାମରିକ, ଅର୍ଦ୍ଧସାମରିକ ବାହିନୀର ସଦସ୍ୟମାନଙ୍କୁ ମାରିବା, ଭୟ ସୃଷ୍ଟି କରିବା ଓ କେତେକ ସ୍ଥାନ ନିଜ ଦଖଲରେ ରଖିବା। ଏମିତି ଅଳ୍ପକେତେକ ସ୍ଥାନ ଅଛି ଯେଉଁ ସ୍ଥାନକୁ ସୁରକ୍ଷାକର୍ମୀଙ୍କ ବିନା ସହାୟତାରେ ଯାଇହେବ ନାହିଁ। ସନ୍ତ୍ରାସବାଦୀଙ୍କ ଶିକାର ହୋଇଛନ୍ତି ସ୍ୱର୍ଗତ ରାଜୀବ ଗାନ୍ଧୀ ଓ ସେମାନଙ୍କ ପ୍ରରୋଚନାରେ ଶିକାର ହୋଇଛନ୍ତି ସ୍ୱର୍ଗତା ଇନ୍ଦିରା ଗାନ୍ଧୀ।

ବିଶ୍ୱର ଅନେକ ସ୍ଥାନରେ ସନ୍ତ୍ରାସବାଦ ରାଜୁତି କରୁଛି ଓ ବର୍ତ୍ତମାନ ସନ୍ତ୍ରାସବାଦର ମୁଖ୍ୟକେନ୍ଦ୍ର ହୋଇଛି ପାକିସ୍ତାନ। ଭାରତ, ଆଫଗାନିସ୍ତାନ, ଇରାନ ଏହି ସନ୍ତ୍ରାସବାଦ ବିରୋଧରେ ଲଢୁଛନ୍ତି। ଆମେ ଏଇ ପ୍ରକାର ବିଦେଶୀ ସନ୍ତ୍ରାସବାଦୀ ଓ ଆମ ଦେଶର ସନ୍ତ୍ରାସବାଦୀଙ୍କ ସହିତ ଲଢେଇ କରୁଛୁ। ସମସ୍ୟାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି ଅଥଚ ଆମ ସମାଜ ଓ ସରକାରୀ କଳରେ ପ୍ରଚଳିତ ସନ୍ତ୍ରାସବାଦ (ଭିନ୍ନପ୍ରକାର)କୁ ସେତିକି ଗୁରୁତ୍ୱ ଦିଆଯାଉନି।

ନିକଟ ଅତୀତରେ ଉତ୍ତର ଭାରତର ଏକ ବିଖ୍ୟାତ ମେଡିକାଲ କଲେଜରୁ ଚାରିପାଞ୍ଚ ଜଣ ଉଜ୍ଜ୍ୱଳ ଛାତ୍ର ପଳେଇଯିବା ପାଇଁ ବାଧ ହେଲେ। ସେମାନେ ଏମ୍‌ବିବିଏସ୍ କରି ଯାଇଥିଲେ ପଢ଼ିବା ପାଇଁ ଏମ୍‌ଡି କିମ୍ବା ଏମ୍‌ଏସ୍ କିନ୍ତୁ ଦେଖିଲା ବେଳକୁ ପ୍ରାୟ ସବୁ ପ୍ରଫେସର (ଡାକ୍ତର) ସିନିୟର ପିଲାଙ୍କୁ ପଠାଉଛନ୍ତି ତାଙ୍କର ବେନାମୀ କ୍ଲିନିକ୍‌କୁ କାମ କରିବା ପାଇଁ ଓ ଜୁନିୟରମାନଙ୍କୁ ନିଜ ପାଠ ସହିତ ସିନିୟରମାନଙ୍କ କାମ କରିବା ପାଇଁ ବାଧ କରୁଛନ୍ତି। ଏହି ଅନ୍ୟାୟ ଆଦେଶ ପାଳନ ନ କଲେ ତୁମେ ଜୀବନରେ କେବେ ଡାକ୍ତର ହୋଇପାରିବ ନାହିଁ ବୋଲି ସିନିୟରମାନେ ଧମକ ଦେଉଛନ୍ତି। ଜଣେ ଛାତ୍ରଙ୍କ ବାପା ପ୍ରଫେସରଙ୍କୁ ଦେଖାକରି ଅଭିଯୋଗ କରିବାରୁ ସେ ଓଲଟି କହିଲେ ପିଲା ଅଧିକ ଅଭିଜ୍ଞତା ପାଇବ, ଦୃଢ଼ ହେବ, ଅଯଥା ଅଭିଯୋଗ କାହିଁକି କରୁଛନ୍ତି। ଏଣେ ପିଲା ଯେ ଦିନକୁ ଅଠର ଘଣ୍ଟା କାମ କରୁଛି, ଖାଇବା ପାଇଁ ହଷ୍ଟେଲକୁ ଯାଇପାରୁନାହିଁ। ଖରାଦିନ ହେଲେ ମଧ୍ୟ ଗାଧୋଇ ପାରୁନାହିଁ। ଏସବୁ ଉକ୍ତ ପ୍ରଫେସରଙ୍କ ପାଇଁ ଗ୍ରହଣୀୟ। ସେ ପିଲାଟି ଟି.ସି. ନେଇ ପଳେଇଲା। ସେ ଆରବର୍ଷ ଆଉ କେଉଁଠି ଆଡମିଶନ ପାଇବ କାରଣ ସେ ବେଶ୍ ଉଜ୍ଜ୍ୱଳ ଛାତ୍ର। କିନ୍ତୁ ପ୍ରଫେସରଙ୍କ ସନ୍ତ୍ରାସବାଦର ଶିକାର ହେବାରୁ ତା'ର ବର୍ଷେ ନଷ୍ଟ ହେଲା। ତା' ଛଡା କଲେଜକୁ ଚାରିଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପଡ଼ିଲା।

ବିଭିନ୍ନ କଲେଜ ବିଶେଷତଃ ଇଞ୍ଜିନିୟରିଂ ଓ ମେଡିକାଲ କଲେଜରେ ର୍‍ୟାଗିଂ ହେବା ଏକ ଜଣାଶୁଣା କଥା। କଲେଜ କର୍ତ୍ତୃପକ୍ଷ ଆଖି ବୁଜି ଦିଅନ୍ତି ଓ ସଫେଇ ଦିଅନ୍ତି ଯେ ଏ ବର୍ଷ ର୍‍ୟାଗିଂ ସହିଯାଆନ୍ତୁ ଆରବର୍ଷ ସେମାନେ କରିବେ। ଏଭଳି ର୍‍ୟାଗିଂ ସମ୍ଭାଳି ନ ପାରି ନିକଟ ଅତୀତରେ ମହାରାଷ୍ଟ୍ରରେ ଜଣେ ଛାତ୍ରୀ ଆତ୍ମହତ୍ୟା କଲା ଓ ତା'ର ଆତ୍ମହତ୍ୟାର ଲେଖାକୁ ଭିତ୍ତିକରି ପୋଲିସ ତିନିଜଣ ବରିଷ୍ଠ ମହିଳା ଡାକ୍ତରଙ୍କୁ ଗିରଫ କରିବାକୁ ଖୋଜୁଛନ୍ତି। କିଛିମାସ ତଳେ ଓଡ଼ିଶାର ଏକ ମେଡିକାଲ କଲେଜର କେତେକ ଛାତ୍ର ପ୍ରଫେସର ତାଙ୍କୁ ପାଠ ନ ପଢ଼େଇ ତାଙ୍କ କ୍ଲିନିକ୍‌ରେ କାମ କରାଉଛନ୍ତି କହି ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ତଦନ୍ତ ହୋଇ ଡାକ୍ତରଙ୍କ ବଦଳି ହୋଇଥିଲା। ତା'ପରେ କ'ଣ ହେଲା ଜଣା ନାହିଁ। ରୋଗୀଙ୍କୁ ଡରେଇ ଅତ୍ୟଧିକ ପଇସା ଆଦାୟ କରିବା କାମ ମଧ୍ୟ କେତେକ ଡାକ୍ତର କରୁଛନ୍ତି। ଅସ୍ତ୍ରୋପଚାର କରିବେ ନାହିଁ ଓ ରୋଗୀକୁ ଶୁଣେଇ ଶୁଣେଇ କହିବେ ଡାକ୍ତରଖାନାର ଅଧସ୍ତନ କର୍ମଚାରୀ (ଡାକ୍ତରଙ୍କ ପ୍ରରୋଚନାରେ)- ଆରେ ଅମୁକ ବେଡରେ ସେ ପେସେଣ୍ଟର ଅପରେଶନ ଡେରି ହେଲା ବୋଲି ମରିଗଲା, ଜାଣିଛ କି ନାହିଁ? କିନ୍ତୁ ପାଖ ବେଡ୍ ରୋଗୀ ଠିକ୍ ସମୟରେ ଡାକ୍ତରଙ୍କ କ୍ଲିନିକ୍‌ରେ ଅପରେଶନ କରେଇଲା ଓ ଭଲ ହୋଇଗଲା। ଏଇଭଳି ସନ୍ତ୍ରାସବାଦଭରା ଶବ୍ଦରେ ଇଙ୍ଗିତ ପାଇ ପେସେଣ୍ଟ ଯାଏ କ୍ଲିନିକ୍‌କୁ ଏବଂ ହଜାର ହଜାର ଟଙ୍କା ଖର୍ଚ୍ଚ କରେ। ଅନେକ ସମୟରେ ପଇସା ଦେଲେ ହସ୍ପିଟାଲରେ ଅପରେଶନ କରାଯାଏ। ଏସବୁ ଦୁର୍ନୀତି ହେଲା ଭିନ୍ନ ପ୍ରକାର ସନ୍ତ୍ରାସବାଦ ଓ ଏହା ନକ୍ସଲମାନେ କାଁ ଭାଁ ହତ୍ୟା କରୁଥିବାଠାରୁ ବେଶି ଭୟଙ୍କର। ପଇସା ନ ଦେଇପାରି ଉପଯୁକ୍ତ ଚିକିତ୍ସା ନ ପାଇ କେତେ ଯେ ରୋଗୀ ମରୁଛନ୍ତି ତା'ର ହିସାବ କିଏ ରଖୁଛି?

ଏସବୁ ବିଷୟରେ କିଛି ଅଭିଯୋଗ ପାଇ ମୁଁ ଜଣେ ଅବସରପ୍ରାପ୍ତ ବରିଷ୍ଠ ଅଧ୍ୟାପକଙ୍କୁ କହୁଥିବା ବେଳେ ସେ କହିଲେ- ସାର୍, ଜାଣିଛନ୍ତି ଆମର ପିଏଚ୍‌ଡି ପାଇବା ପାଇଁ କେତେ କ'ଣ କରିବାକୁ ପଡ଼େ? ଖୁବ୍ କମ୍ ପ୍ରଫେସରଙ୍କୁ ଛାଡିଦେଲେ ସମସ୍ତେ ଆମକୁ ଖଟାନ୍ତି। ଦୋକାନରୁ ଜିନିଷ ଆଣିବା, ରେଲୱେ ଟିକେଟ କରିବା, ପ୍ରଫେସର କେଉଁଠୁ ଫେରୁଛନ୍ତି ତାଙ୍କୁ ପାଛୋଟି ଆଣିବା, ମଝିରେ ମଝିରେ ପଇସା ଦେବା ଇତ୍ୟାଦି କରିବାକୁ ପଡ଼େ। ଯେତେବେଳେ ଇଣ୍ଟରଭ୍ୟୁ ହୁଏ ଓଡ଼ିଶା ବାହାରୁ ଜଣେ ପ୍ରଫେସର ଆସନ୍ତି ଓ ତାଙ୍କୁ ବିଶ୍ୱବିଦ୍ୟାଳୟ ଟ୍ରେନ୍‌ରେ ଯିବାଆସିବା ଖର୍ଚ୍ଚ ଓ ଦୈନିକ ଭତ୍ତା ଦିଅନ୍ତି। ସେ ଭଦ୍ରଲୋକ (ପ୍ରାୟ ସବୁ କ୍ଷେତ୍ରରେ) ପିଏଚ୍‌ଡି ପ୍ରାର୍ଥୀଙ୍କୁ ଖବର ଦିଅନ୍ତି ପ୍ଲେନ୍ ଟିକେଟ କରିଦେବା ପାଇଁ। ସେ ବିଶ୍ୱବିଦ୍ୟାଳୟ ଅତିଥି ଗୃହରେ ନ ରହି ହୋଟେଲରେ ରୁହନ୍ତି। ଟ୍ୟାକ୍ସି ଧରି ବ୍ରହ୍ମାଣ୍ଡ ଭ୍ରମଣ କରନ୍ତି। ଇଣ୍ଟରଭ୍ୟୁ ବିଭାଗର କକ୍ଷରେ ନୁହେଁ, କୌଣସି ଏକ ଭଲ ହୋଟେଲରେ ହୁଏ, ଯେଉଁଠି ବିଭାଗର ସମସ୍ତ ଅଧ୍ୟାପକ ଉପସ୍ଥିତ ରୁହନ୍ତି। ଖାଦ୍ୟ ଓ ପାନୀୟର ସମସ୍ତ ଖର୍ଚ୍ଚ ବିଚରା ପ୍ରାର୍ଥୀ ବହନ କରନ୍ତି। ଆଜିକାଲି ଛତୁ ଭଳି ଫୁଟୁଥିବା ବିଭିନ୍ନ କଲେଜକୁ ସ୍ୱୀକୃତି ଦେବା ପାଇଁ ବିଶ୍ୱବିଦ୍ୟାଳୟ ଓ ସରକାରୀ ଟିମ୍‌ମାନେ ଯାଆନ୍ତି ଓ ବହୁ କ୍ଷେତ୍ରରେ କଲେଜ ତରଫରୁ ତାଙ୍କର ଚର୍ଚ୍ଚା କରାଯାଏ। ବିଶ୍ୱବିଦ୍ୟାଳୟ ଘୋଷିତ ହୋଇଥିବା କଲେଜ କିମ୍ବା ସ୍ୱୟଂଶାସିତ କଲେଜ ପରିଦର୍ଶନରେ ଆସନ୍ତି ୟୁଜିସି ଦ୍ୱାରା ପ୍ରେରିତ ଏକ ଟିମ୍। ସେମାନଙ୍କ ଉପଯୁକ୍ତ ଚର୍ଚ୍ଚା କରାଯାଏ। ସେ ଟିମ୍‌ରେ ଗଲେ ବହୁତ ଲାଭ ହୁଏ ବୋଲି ଜଣେ ଅବସରପ୍ରାପ୍ତ ପ୍ରଫେସର କହିଲେ। ଯଦି ଉପଯୁକ୍ତ ଚର୍ଚ୍ଚା ନ ହୁଏ ତେବେ ସେହି ବିଶ୍ୱବିଦ୍ୟାଳୟର ଭବିଷ୍ୟତ ଅନ୍ଧକାରମୟ।

ସରକାରଙ୍କ ଅନ୍ୟ ବିଭାଗଗୁଡିକ କଥା ଦେଖନ୍ତୁ। ଥରେ ଜଣେ ସିନିୟର ଓଏଏସ ଅଫିସର ମୋତେ ଆସି କହିଲେ- ସାର, ମୁଁ ଆଇଏଏସ୍ ହୋଇପାରିବି ନାହିଁ। କାରଣ ମୋର ଦୁଇବର୍ଷର ସିସିଆର ବାକି ଅଛି। କଥାଟାକୁ ହାଲୁକା ଭାବି ମୁଁ କହିଲି- ଯାହାଙ୍କ ପାଖେ ବାକି ଅଛି ତାଙ୍କୁ ଦେଖାକରି କହୁନ କାହିଁକି? ତାଙ୍କ ଉତ୍ତର ଶୁଣି ମୁଁ ଅବାକ୍ ହୋଇଗଲି। ତାଙ୍କ ଉପରିସ୍ଥ ହାକିମଙ୍କର ପ୍ରଶ୍ନ ଥିଲା ତୁମେ ଆଇଏଏସ୍ ପାଇଲେ ମୋର ଲାଭ କ'ଣ ହେବ? ଏ ବାବୁଙ୍କର ଅପଖ୍ୟାତି ଥିଲା ଯେ ପଇସା ଦେଲେ ଭଲ ସିସିଆର ଲେଖିବେ। ଅଧିକ ପଇସା ଦେଲେ ତୁମର ଉପରିସ୍ଥ କର୍ମଚାରୀଙ୍କ ସିସିଆର ଖରାପ କରିଦେବେ। ମୁଁ ଭିଜିଲାନ୍ସରେ ଥିବା ବେଳେ ଏଭଳି ଅନେକ ଅଭିଯୋଗ ପାଇ ତାଙ୍କ ନାଁରେ କେସ୍ କରିଥିଲି ଓ ବର୍ତ୍ତମାନ ସୁଦ୍ଧା ସେ ତାଙ୍କ ଅପକର୍ମର ଫଳ ଭୋଗୁଛନ୍ତି। ଏଇଭଳି ସନ୍ତ୍ରାସବାଦ ଚାଲିଛି ସବୁ ବିଭାଗରେ। ପୋଷ୍ଟିଂ ପାଇଁ ପଇସା, ଅଡୁଆ ସ୍ଥାନକୁ କିମ୍ବା ଅଡୁଆ ସମୟରେ ବଦଳି କରିବାର ଧମକ, ସିସିଆର ଖରାପ କରିଦେବାର ପ୍ରଚ୍ଛନ୍ନ ଧମକ କିମ୍ବା ଛୋଟ ଛୋଟ କଥାରେ ପ୍ରୋସିଡିଂ କରିଦେବାର ଧମକ ଇତ୍ୟାଦି ଦୁର୍ଦ୍ଦଶା ଭୋଗୁଛନ୍ତି ବହୁତ ଓ ଲାଭ ପାଉଛନ୍ତି ଅନେକ। ଏ ସବୁକୁ ଅତ୍ୟାଚାର କୁହନ୍ତୁ ବା ସନ୍ତ୍ରାସବାଦ, ପ୍ରଭାବ ପରୋକ୍ଷରେ ପଡୁଛି ସର୍ବସାଧାରଣଙ୍କ ଉପରେ। କାହା ପାଖକୁ ଯିବେ? ସାମାଜିକ ସଂଗଠନ କି ଗଣମାଧ୍ୟମରେ ଯଥେଷ୍ଟ ସଚ୍ଚୋଟ କିମ୍ବା ନିଷ୍ଠାବାନ ଲୋକ ନାହାନ୍ତି। ଗଣମାଧ୍ୟମ ମଧ୍ୟ ସନ୍ତ୍ରାସବାଦର ଶିକାର। ସେଥିରୁ ଅଧିକାଂଶ ହେଉଛନ୍ତି ବ୍ୟବସାୟୀ ଓ ରାଜନୀତିଜ୍ଞ। ସେମାନେ ମନ୍ତ୍ରୀ ଓ ନେତାମାନଙ୍କୁ ତୁଷ୍ଟ କରି କିମ୍ବା ବ୍ଲାକ୍‌ମେଲ କରି ପରିପୁଷ୍ଟ ହେଉଛନ୍ତି। ସାମାଜିକ ସଂଗଠନ ଅଧିକାଂଶ ନିଜ ଲାଭରେ ଥାଆନ୍ତି।

ଏ ସନ୍ତ୍ରାସବାଦ ଆଗରେ ନକ୍ସଲଙ୍କ ସନ୍ତ୍ରାସବାଦ ଫିକା। ନକ୍ସଲଙ୍କ ଜବାବ ଆମେ ଦେଉଛୁ ବନ୍ଧୁକ ଓ ଗୁଳିରେ। କିନ୍ତୁ ଏମାନଙ୍କ ସନ୍ତ୍ରାସବାଦ ଦୂର କରିବା ପାଇଁ କୌଣସି ଉପାୟ ବାହାର କରାଯାଇନାହିଁ। ଶହେ ସ୍ଥାନରେ ଦୁର୍ନୀତି ହେଲେ ଗୋଟିଏ ସ୍ଥାନରୁ ଅଭିଯୋଗ ଆସେ। ଯଦି ଯଥେଷ୍ଟ ପ୍ରମାଣ ଥାଏ ତେବେ ଦଣ୍ଡ ମିଳିପାରେ ଦଶ ପନ୍ଦର ବର୍ଷ ପରେ। ଅଥଚ ନକ୍ସଲଙ୍କୁ ଦଣ୍ଡ ମିଳିଥାଏ ଏନ୍‌କାଉଣ୍ଟର ମାଧ୍ୟମରେ ସଙ୍ଗେ ସଙ୍ଗେ।

ମୋ-୯୦୪୦୪୧୨୩୭୮

# ଭାରତର ଜୀବନରେଖା ଦକ୍ଷିଣ-ପଶ୍ଚିମ ମୌସୁମୀ

ଶାରଦା ପ୍ରସନ୍ନ ବେହେରା

ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବିଳମ୍ବରେ ପହଞ୍ଚିବ ଓ କମ୍ ବର୍ଷିବ ବୋଲି ପାଣିପାଗ ବିଜ୍ଞାନୀମାନେ ଭବିଷ୍ୟବାଣୀ କରିବା ପରେ ଏହି ମୌସୁମୀ ବାୟୁକୁ ନେଇ ସାଧାରଣରେ ଅନେକ ଚର୍ଚ୍ଚା ସୃଷ୍ଟି ହୋଇଛି। ଆଜକୁ ପ୍ରାୟ ୫୦ ନିୟୁତ ବର୍ଷ ପୂର୍ବେ ଏସିଆ ସହ ଭାରତର ମିଶ୍ରଣ ଯୋଗୁ ତିବ୍ବତୀୟ ମାଳଭୂମି ସୃଷ୍ଟି ଦ୍ୱାରା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦୃଢ଼ୀଭୂତ ହୋଇଥିଲା। ଭୂତତ୍ତ୍ୱ ବୈଜ୍ଞାନିକଙ୍କ କହିବା ଅନୁଯାୟୀ ଚାଇନାର ଲୋଏସ୍ ମାଳଭୂମିରୁ ବାୟୁ ପ୍ରବାହ ଯୋଗୁ ଜମାହୋଇ ରହିଥିବା ଧୂଳିକଣାକୁ ଆଧାର କରି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରଭାବ ପ୍ରାୟ ୮ ନିୟୁତ ବର୍ଷ ପୂର୍ବେ ଦୃଢ଼ୀଭୂତ ହୋଇଥିଲା। ଜଳବାୟୁ ପରିବର୍ତ୍ତନ ମୌସୁମୀର ଗତି ଓ ଶକ୍ତି ଉପରେ ପ୍ରଭାବ ପକାଉଥିବାବେଳେ ତିବ୍ବତୀୟ ମାଳଭୂମିର ଉତ୍ପତ୍ତି ବେଳେ ପ୍ରାୟ ୨୪ ନିୟୁତ ବର୍ଷ ପୂର୍ବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କ୍ରିୟାଶୀଳ ହୋଇଛି। ଲଘୁଚାପ ଓ ଗୁରୁଚାପ ଭଳି ବାୟୁମଣ୍ଡଳର ଜାଗତିକ କ୍ରିୟାରେ ମୌସୁମୀର ସୃଷ୍ଟି ହୋଇଥାଏ। ପ୍ରାୟ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ମୌସୁମୀର ପ୍ରଭାବ ବ୍ୟାପକତା ଧାରଣ କରିଥାଏ।

ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଯେତେବେଳେ କୌଣସି ସମୁଦ୍ର ଉପକୂଳବର୍ତ୍ତୀ ଭୂଖଣ୍ଡର ବାୟୁମଣ୍ଡଳ ଉତ୍ତପ୍ତ ହୋଇ ଉପରକୁ ଉଠିଯାଏ ତାହାର ଶୂନ୍ୟସ୍ଥାନ ପୂରଣ କରିବାକୁ ସମୁଦ୍ର ଉପରେ ଥିବା ଶୀତଳ ବାୟୁ ଧାଇଁ ଆସିଥାଏ। ଖାଲି ସ୍ଥାନ ପୂରଣ କରିବାକୁ ସମୁଦ୍ର ଉପରେ ପ୍ରଭାବିତ ହୋଇ ଆସିଥିବା ବାୟୁମଣ୍ଡଳ ସାଙ୍ଗରେ ସମୁଦ୍ର ଜଳ ନେଇ ପ୍ରବଳ ଆର୍ଦ୍ର ହୋଇସାରିଥାଏ। ଭୂଖଣ୍ଡରେ ପହଞ୍ଚିବା ପରେ ଅନେକ ବଡ଼ ବଡ଼ ପାହାଡ଼ ପର୍ବତ ଏହି ବାୟୁର ବାଟ ରୋକିଥାନ୍ତି। ଫଳରେ ଏହାର ତାପମାତ୍ରା ବୃଦ୍ଧି ପାଇବା ସହ ଏହା ଘନୀଭୂତ ହେବାକୁ ଲାଗେ। ଅଧିକ ଘନୀଭୂତ ହେବା ପରେ ମୌସୁମୀ ବାୟୁ ଜଳକଣା ରୂପ ନେଇ ବର୍ଷିବା ଆରମ୍ଭ କରିଥାଏ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଭାରତଠାରୁ ୩ହଜାର କିଲୋମିଟର ଦୂରରେ ଥିବା ଦକ୍ଷିଣ-ପୂର୍ବ ଆଫ୍ରିକା ଉପକୂଳବର୍ତ୍ତୀ ଭାରତ ମହାସାଗରରେ ଥିବା ମାଡାଗାସ୍କର ଦ୍ୱୀପପୁଞ୍ଜ ନିକଟରେ ଜନ୍ମ ନେଇଥାଏ। ଭାରତ ଉପରେ ମୌସୁମୀ ବାୟୁ ପହଞ୍ଚିବା ପାଇଁ ବିଭିନ୍ନ ରାସ୍ତା ଧରିଥାଏ। ସେ ସ୍ଥାନରୁ ଗୁରୁଚାପରୁ ପ୍ରବାହିତ ବାୟୁ ପ୍ରଥମେ ମାଡାଗାସ୍କର ଦେଇ ଆଫ୍ରିକା ମହାଦେଶର ସୋମାଲିଆରେ ପହଞ୍ଚିଥାଏ। ସେଠାରେ ପହଞ୍ଚିଲା ବେଳକୁ ଅର୍ଥାତ୍ ମେ ମାସର ପରବର୍ତ୍ତୀ ସମୟରେ ଭାରତ ମହାସାଗର ଦେଇ ଯାଇଥିବା ଏହି ବାୟୁରେ ପରିବର୍ତ୍ତନ ଘଟି ଏହା ଜେଟ୍ ଷ୍ଟ୍ରିମ୍‌ର ରୂପ ନେଇଥାଏ। ସେଠାରୁ ଏହା ଅଧିକ କ୍ଷମତାଶାଳୀ ହୋଇ ଦକ୍ଷିଣ-ପଶ୍ଚିମ ଦିଗରେ ଏସିଆ ମହାଦେଶ ଆଡ଼କୁ ମୁହାଁଇଥାଏ। ଭାରତ ଉପକୂଳରେ ଏହା ସମୁଦ୍ର ପତ୍ତନର ପନ୍ଦର କିଲୋମିଟର ଉପରେ ପ୍ରବାହିତ ହୋଇଥାଏ।

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ବୈଜ୍ଞାନିକ ଦିଗ ହେଉଛି ଭାରତରେ ମେ' ମାସରେ ଗ୍ରୀଷ୍ମ ପ୍ରବାହ ଚାଳିଶରୁ ପଚାଶ ଡିଗ୍ରୀ ମଧ୍ୟରେ ପହଞ୍ଚି ସାରିଥାଏ। ଉତ୍ତରଭାରତର ବହୁ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇ ଭାରତର ସବୁଠୁ ବଡ଼ ମରୁଭୂମି ଥର୍ ଅଞ୍ଚଳରେ ବହୁ ଉଚ୍ଚରେ ଏହାର ପ୍ରଭାବ ରହିଥାଏ। ଉତ୍ତର ମଧ୍ୟଭାରତ ଭୂଭାଗରେ ଏକ ଲଘୁଚାପ ସ୍ଥିତି ସୃଷ୍ଟି ହୋଇ ସେହି ସମୟରେ ସୋମାଲିଆରୁ ଏସିଆ ଅଭିମୁଖେ ଆସୁଥିବା ମୌସୁମୀ ବାୟୁ ଭାରତ ଭୂଭାଗ ଉପର ବାୟୁମଣ୍ଡଳରେ ସୃଷ୍ଟି ହୋଇଥିବା ଖାଲି ସ୍ଥାନ ପୂରଣ କରିବାକୁ ତୀବ୍ର ବେଗରେ ଗତି କରିଥାଏ। ବାଟରେ ଏହା ବଙ୍ଗୋପସାଗର ଓ ଆରବ ସାଗର ଉପରେ ଆସି ଅଧିକ ଶକ୍ତିଶାଳୀ ହୋଇଥାଏ। ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ପାଖାପାଖି ମେ ୧୫ରେ ପହଞ୍ଚି ଏହା ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କରେ। ଜୁନ୍ ପହିଲା ବେଳକୁ ଏହା କେରଳ ଛୁଇଁସାରିଥାଏ। ସେଠାରୁ ମୌସୁମୀ ବାୟୁ ଉତ୍ତରକୁ ଗତି କରି ଦକ୍ଷିଣରୁ ଉତ୍ତର ଭାରତକୁ ବର୍ଷାରେ ଭିଜାଇଥାଏ। ବଙ୍ଗୋପସାଗରରୁ ଜଳ ନେଇ ଉତ୍ତରଭାରତକୁ ଗତି କରୁଥିବା ମୌସୁମୀ ଜୁନ୍ ଦ୍ୱିତୀୟ ସପ୍ତାହ ସୁଦ୍ଧା ଓଡ଼ିଶାରେ ନିଜର ଉପସ୍ଥିତି ଜାହିର କରି ଜୋରଦାର ବର୍ଷା କଷି ଦେଇଥାଏ। ମୌସୁମୀ ଭାରତରେ ଅଧିକ ସମୟ ଘୁରି ବୁଲିଥାଏ।

ଭାରତରେ ମୋଟ ବର୍ଷାର ସିଂହଭାଗ ଅର୍ଥାତ୍ ୮୦ ଭାଗ ପାଖାପାଖି ଦକ୍ଷିଣ-ପଶ୍ଚିମ ମୌସୁମୀରୁ ହିଁ ହୋଇଥାଏ। ଭାରତର ଚାଷୀ ପାଇଁ ଏହି ମୌସୁମୀ ବର୍ଷା ବଡ଼ ଆଶୀର୍ବାଦ, ଯାହାଦ୍ୱାରା ଖାଦ୍ୟ ଉତ୍ପାଦନ ବ୍ୟାପକ ହୋଇଥାଏ। ଜୁଲାଇ ସୁଦ୍ଧା ରାଜସ୍ଥାନ ଅଞ୍ଚଳରେ ମୌସୁମୀ ପହଞ୍ଚି ସାରିଥାଏ । ପରିଶେଷରେ ୧୫ ଜୁଲାଇ ପରେ ପରେ ମୌସୁମୀ ଭାରତର ପଡ଼ୋଶୀ ଦେଶ ପାକିସ୍ତାନକୁ ପ୍ରବେଶ କରିଥାଏ। ବାତ୍ୟାଭଳି ସ୍ଥିତିରେ ଆର୍ଦ୍ରତା ହରାଇ ବସିଥିବା ପଶ୍ଚିମ ମୌସୁମୀ ବାୟୁ ତିବ୍ବତୀୟ ଗୁରୁଚାପ ଅଞ୍ଚଳକୁ ଧାଇଁ ଯାଏ। ଶେଷରେ ମୌସୁମୀ ବାୟୁ ପୁଣି ତା'ର ଉତ୍ପତ୍ତି ସ୍ଥଳ ମାଡାଗାସ୍କରକୁ ପ୍ରତ୍ୟାବର୍ତ୍ତନ କରି ନିଶ୍ଚିହ୍ନ ହୋଇଯାଏ। ପ୍ରାୟ ପ୍ରତିବର୍ଷ ମୌସୁମୀ ବର୍ଷାରେ ଭାରତର ବହୁ ରାଜ୍ୟ ବନ୍ୟାରେ ଭାସିଥାଏ। ସେହିପରି ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ହୋଇ ବ୍ୟାପକ ଧନଜୀବନ ହାନି ଘଟିଥାଏ। ଚାଷୀକୁଳ ପାଇଁ ମୁଖ୍ୟ ଅବଦାନ ରଖିଥାଏ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଇଏ ଭାରତର ଜୀବନରେଖା। ମୌସୁମୀର ଆଗମନକୁ କିଛି କ୍ଷତି ସତ୍ତ୍ୱେ ସମସ୍ତେ ଚାତକ ଭଳି ଚାହିଁ ବସିଥାନ୍ତି।

ବିରଜା କଲୋନୀ, ଯୋବ୍ରା, କଟକ,
ଦୂରଭାଷ : ୭୬୫୭୦୭୧୯୬୭

## ଏଇ ଭାରତରେ

ଜଣେ ମହିଳାଙ୍କ ଦୃଢ଼ ଇଚ୍ଛାଶକ୍ତି ଏବେ ଦେଖିବାକୁ ମିଳିଛି ଆଗ୍ରାରେ। ସ୍ଥାନୀୟ କାଗାରୋଲରେ ରହୁଥିବା ପ୍ରିୟଙ୍କା ବର୍ମା ନାମକ ଜଣେ ମହିଳା ସନ୍ତାନ ଜନ୍ମଦେବାର ମାତ୍ର ୮ ଘଣ୍ଟା ପରେ ଡିଏଲ୍‌ଇଡି (ଡିପ୍ଲୋମା ଇନ୍ ଏଲିମେଣ୍ଟାରୀ ଏଜୁକେଶନ)ର ତୃତୀୟ ସେମିଷ୍ଟର ପରୀକ୍ଷା ଦେଇଛନ୍ତି। ପ୍ରସବ ପରବର୍ତ୍ତୀ ଯନ୍ତ୍ରଣା ଥାଇ ମଧ୍ୟ ତାଙ୍କର ଦୃଢ଼ ଇଚ୍ଛାଶକ୍ତି ଆଗରେ ସବୁକିଛି ହାର ମାନିଥିଲା। ଜୁନ୍‌ରେ ଆରମ୍ଭ ହୋଇଥିବା ଏହି ପରୀକ୍ଷାର ପ୍ରଥମ ଦିନରେ ପ୍ରିୟଙ୍କା ଶୁକ୍ରବାର ୨ଟି ସିଟିଂ ପରୀକ୍ଷା ଦେଇଥିଲେ। ଏହାପରେ ତାଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ରାତିରେ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିବା ବେଳେ ଶନିବାର ପୁଣିଥରେ ପ୍ରସବର ମାତ୍ର ଆଠଘଣ୍ଟା ମଧ୍ୟରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ତୃତୀୟ ସିଟିଂରେ ପରୀକ୍ଷା ଦେଇଥିଲେ। ଏଥିରେ ତାଙ୍କୁ ଡାକ୍ତର, ପରୀକ୍ଷା କେନ୍ଦ୍ରର କର୍ମଚାରୀ ଓ ପରିବାର ଲୋକେ ସହାୟତା କରିଥିଲେ। ତେବେ ଡାକ୍ତରଙ୍କ କହିବା କଥା ହେଲା ସାଧାରଣ ପ୍ରସବ ପରେ ଜଣେ ମହିଳାଙ୍କୁ ଅତିକମ୍‌ରେ ୪୮ ଘଣ୍ଟା ବିଶ୍ରାମ ଆବଶ୍ୟକ ହୋଇଥାଏ। ହେଲେ ପ୍ରିୟଙ୍କାଙ୍କ ଦୃଢ଼ ମନୋବଳ ଯୋଗୁ ସେ ପରୀକ୍ଷା କେନ୍ଦ୍ରରେ ବସି ପରୀକ୍ଷା ଦେଇ ପାରିଛନ୍ତି। ପ୍ରିୟଙ୍କା ଚଳିତବର୍ଷ ପରୀକ୍ଷା ଦେଇ ନ ଥିଲେ ତାଙ୍କର ଗୋଟିଏ ବର୍ଷ ନଷ୍ଟ ହୋଇ ଯାଇଥାଆନ୍ତା। ସୋମବାର ସେ ଆଉ ଏକ ପରୀକ୍ଷା ଦେବେ। ପ୍ରିୟଙ୍କାଙ୍କ ଦୃଢ଼ ମନୋବଳ ଅନ୍ୟମାନଙ୍କ ପାଇଁ ଉଦାହରଣ ନିଶ୍ଚୟ।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଜୁନ୍ ୧୯୯୪

- ରୋଜର ମୁର, ସିନ କନେରୀଙ୍କ ପରେ ଆୟର୍ଲାଣ୍ଡର ୪୧ ବର୍ଷ ବୟସ୍କ ପି.ଏସ୍. ବ୍ରସନ୍ୟାନ ନୂଆ 'ଜେମ୍‌ସ ବଣ୍ଡ' ରୂପେ ମନୋନୀତ ହୋଇଛନ୍ତି।
- ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ବୃଦ୍ଧି କରିବାକୁ ଭାରତ ଓ ଅଷ୍ଟ୍ରିଆ ସହମତ।
- ଗୃହଯୁଦ୍ଧ ଆରମ୍ଭ ହେବା ପରଠାରୁ ରୁଆଣ୍ଡାରେ ଥିବା ପ୍ରାୟ ୧.୫ ମିଲିୟନ ଶରଣାର୍ଥୀ ନିଖୋଜ ଅଛନ୍ତି ବୋଲି ଅନ୍ତର୍ଜାତୀୟ ସହାୟତା ଏଜେନ୍ସି ଅଟକଳ କରିଛି।

## ଆମ ସମସ୍ୟା

### କାଡାନାଳ ପୁନରୁଦ୍ଧାର ହେଉ

ମହାଶୟ,

ଭୂ-ସଂସ୍କାର ପାଇଁ ଚକବନ୍ଦୀ ଓ କାଡ଼ା ଜଳସେଚନ ଉପରେ ଗୁରୁତ୍ୱ ଦିଆଗଲା। ଖଣ୍ଡିତ ଜମିଗୁଡିକୁ 'ଚକ' ଗଠନ କରିବା ଏବଂ କାଡାନାଳ ମାଧ୍ୟମରେ ଜଳସେଚନ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଚକରାସ୍ତା/ଚକନାଳ ନିମନ୍ତେ ଭୂମି ଅଧିକାରୀ ପ୍ରତ୍ୟେକ ୦.୦୨ ଡେସିମିଲ କରି ଦାନ ଦେଇଥିଲେ। ପରବର୍ତ୍ତୀ ସମୟରେ ଦେଖାଗଲା କେତେକ ବ୍ୟକ୍ତି କାଡା ନାଳକୁ ହାଣି ତାଙ୍କ ଜମିରେ ମିଶାଇଦେଲେ। ଏହା ପରେ ପାଣିମଡାକୁ କେନ୍ଦ୍ରକରି ଲୋକମାନେ ଗଣ୍ଡଗୋଳ କରୁଛନ୍ତି। ଏଣୁ କାଡାନାଳ ପୁନରୁଦ୍ଧାର କରାଯିବା ବ୍ୟବସ୍ଥା ହେଉ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

### ରାଶନରେ ଡାଲି ମିଳୁ

ରାଶନକାର୍ଡଧାରୀଙ୍କୁ ବିନା ମୂଲ୍ୟରେ କିମ୍ବା ସ୍ୱଳ୍ପ ମୂଲ୍ୟରେ ଡାଲି ଯୋଗାଇ ଦିଆଯାଉ। ବାତ୍ୟା ଯୋଗୁ ଦୁର୍ଦ୍ଦଶାରେ ରହିଥିବା ହିତାଧିକାରୀଙ୍କ ପାଇଁ ଜରୁରୀ। ଦୈନନ୍ଦିନ ଚଳିବା ପାଇଁ ଯେପରି ଚାଉଳ ଅପରିହାର୍ଯ୍ୟ ସେହିପରି ଡାଲି ମଧ୍ୟ ଆବଶ୍ୟକ। ବାତ୍ୟା ପ୍ରପୀଡ଼ିତ ଲୋକଙ୍କୁ ଖାଦ୍ୟ ସୁରକ୍ଷା ଆଇନ ବଳରେ ଅତ୍ୟାବଶ୍ୟକ ଦ୍ରବ୍ୟ ଯୋଗାଇଦେବା ଉଚିତ। ଗୋରୁଙ୍କୁ ଖାଦ୍ୟ, ଚାଷୀମାନଙ୍କୁ କ୍ଷତିପୂରଣ ଯଥାଶୀଘ୍ର ଯୋଗାଇଦେବା ସହ ଧାନବିହନ, ସାର ଏବଂ କୀଟନାଶକ ସ୍ୱଳ୍ପ ମୂଲ୍ୟରେ ଦିଆଯାଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

ଜୁନ୍ ୨-ପୁରୀ ଏମ୍‌ପି ପିନାକୀ ମିଶ୍ର ଲୋକ ସଭାରେ ବିଜେଡିର ସଂସଦୀୟ ଦଳ ନେତାଭାବେ ମନୋନୀତ ହୋଇଛନ୍ତି।

୩- ବିଶିଷ୍ଟ ହାସ୍ୟ ଅଭିନେତା ସଲିଲ ମିତ୍ରଙ୍କର ପରଲୋକ। ଉତ୍ତରପ୍ରଦେଶର ଏସ୍‌ପି ଓ ବିଏସ୍‌ପି ମେଣ୍ଟ ଭାଙ୍ଗିଲା।

୪- ବିଶିଷ୍ଟ ବୈଜ୍ଞାନିକ ମୃତ୍ୟୁଞ୍ଜୟ ମହାପାତ୍ର ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି।

୫- ବିଶିଷ୍ଟ ହାସ୍ୟ ଅଭିନେତା ଦିନ୍‌ୟାର୍ କଣ୍ଟ୍ରାକ୍ଟରଙ୍କର ୭୯ ବର୍ଷ ବୟସରେ ପରଲୋକ।

୬- ବେଆଇନ ଲଟେରୀ ଲଞ୍ଚ କରିବା ମାମଲାରେ ଥାଇଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଥକ୍‌ସିନ ସିନାୱାତ୍ରାଙ୍କୁ ଦୁଇବର୍ଷର ଜେଲ ଦଣ୍ଡାଦେଶ ମିଳିଛି।

୭- ଆନ୍ଧ୍ରପ୍ରଦେଶର ୱାଇଏସ୍‌ଆର୍ କଂଗ୍ରେସ ଅଧ୍ୟକ୍ଷ ତଥା ନୂତନ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ରେଡ୍ଡୀଙ୍କ ସରକାରରେ ୫ଟି ସମ୍ପ୍ରଦାୟରୁ ପାଞ୍ଚଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଛି, ଯାହା ଦେଶରେ ପ୍ରଥମ।



କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ୧୯୭୦ ଜୁନ୍ ୧୯ରେ ଦିଲ୍ଲୀର ହୋଲି ଫ୍ୟାମିଲି ହସ୍ପିଟାଲରେ ଜନ୍ମଗ୍ରହଣ କରିଥିଲେ। ସେତେବେଳେ ତାଙ୍କ ଡେଲିଭରି ନର୍ସ ଥିବା କେରଳର ରାଜାମ୍ମା ଭାବାଥିଲଙ୍କୁ ଏବେ ୭୨ ବର୍ଷ। ରାହୁଲ ୱାୟନାଡ୍ ଗସ୍ତରେ ଥିବାବେଳେ ରବିବାର କାଲପେଟ୍ଟା ପିଡବ୍ଲ୍ୟୁଡି ରେଷ୍ଟ ହାଉସ୍‌ରେ ରାଜାମ୍ମାଙ୍କ ସହ ତାଙ୍କର ସାକ୍ଷାତ୍ ହୋଇଛି। ୪୯ ବର୍ଷ ତଳେ ନବଜାତକଙ୍କୁ ନିଜ ହାତରେ ଯତ୍ନ ନେଇଥିବା ଏହି ଅବସରପ୍ରାପ୍ତ ନର୍ସ ୱାୟନାଡ୍ ଏମ୍‌ପି ରାହୁଲଙ୍କୁ ଭେଟିବା ପରେ ଅତୀତର ସ୍ମୃତିଚାରଣ କରି ଭାବବିହ୍ୱଳ ହୋଇଯାଇଛନ୍ତି।

## ଶ୍ରୀଲଙ୍କା ନେତାଙ୍କୁ ଭେଟିଲେ ମୋଦି

# ଆତଙ୍କବାଦ ବିରୋଧରେ ମିଳିତ କାର୍ଯ୍ୟାନୁଷ୍ଠାନ ଆହ୍ୱାନ

କଲମ୍ବୋ,୯।୬(ପି.ଟି.)

ଦ୍ୱିରାଷ୍ଟ୍ରୀୟ ଗସ୍ତର ଦ୍ୱିତୀୟ ଚରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କଲମ୍ବୋରେ ପହଞ୍ଚି ଶ୍ରୀଲଙ୍କା ରାଷ୍ଟ୍ରପତି ମୈତ୍ରିପାଲ ସିରିସେନା ଓ ଅନ୍ୟ ଶୀର୍ଷ ନେତାମାନଙ୍କ ସହ ଆଲୋଚନା କରିଛନ୍ତି। ଆତଙ୍କବାଦ ଉଭୟ ଦେଶ ପାଇଁ ବିପଦ ବୋଲି ସେମାନେ ଏକମତ ହେବା ସହ ଏହା ବିରୋଧରେ ମିଳିତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ଗତ ଏପ୍ରିଲରେ ଇଷ୍ଟର ପାଳନ ବେଳେ ଶ୍ରୀଲଙ୍କାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୫୦ ଜଣ ନିହତ ହୋଇଥିଲେ। ଏହାପରେ ପ୍ରଥମ ବିଦେଶୀ ନେତା ଭାବେ ପ୍ରଧାନମନ୍ତ୍ରୀ ମୋଦି ସେଠାକୁ ଯାଇ ଆକ୍ରମଣରେ କ୍ଷତିଗ୍ରସ୍ତ ଚର୍ଚ୍ଚ ପରିଦର୍ଶନ କରିବା ସହ ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଶ୍ରୀଲଙ୍କାରେ ଜଣେ 'ମୁସଲମାନ ପ୍ରଭାକରନ' ମୁଣ୍ଡ ଟେକୁଥିବା ରାଷ୍ଟ୍ରପତି ସିରିସେନା ସତର୍କ କରାଇଦେବା ସହ ଏହା ବିରୋଧରେ ସବୁ ସମ୍ପ୍ରଦାୟ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ସୂଚନାଯୋଗ୍ୟ, ଏଲ୍‌ଟିଟିଇର ପ୍ରତିଷ୍ଠାତା ଭେଲାପିଲାଇ ପ୍ରଭାକରନ୍ ଶ୍ରୀଲଙ୍କାରେ ହଜାର ହଜାର ଲୋକଙ୍କ ଜୀବନ ନେଇଥିଲା। ଦୀର୍ଘଦିନର ସାମରିକ କାର୍ଯ୍ୟାନୁଷ୍ଠାନ ପରେ ୨୦୦୯ରେ ପ୍ରଭାକରନ ନିହତ ହୋଇଥିଲା। ଯଦି ଆମେ ଏକାଠି ନ ହେବା ପୁଣି ଏକ ଯୁଦ୍ଧର ସମ୍ମୁଖୀନ ହେବାକୁ ପଡିବ ବୋଲି ସିରିସେନା କହିଛନ୍ତି।



କଲମ୍ବୋରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶ୍ରୀଲଙ୍କା ପ୍ରତିପକ୍ଷ ରାନିଲ ବିକ୍ରମସିଙ୍ଘେ ସ୍ୱାଗତ କରୁଛନ୍ତି।

କଲମ୍ବୋରେ ପହଞ୍ଚିବା ପରେ ମୋଦିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୋଦି ରାଷ୍ଟ୍ରପତି ଭବନ ପରିସରରେ ଏକ ଅଶୋକ ଚାରା ରୋପଣ କରିଥିଲେ। ରାଷ୍ଟ୍ରପତି ସିରିସେନା ଓ ମୋଦିଙ୍କ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ସମ୍ମାନାର୍ଥେ ସିରିସେନା ଏକ ଭୋଜିର ଆୟୋଜନ କରିବା ସହ ତାଙ୍କୁ ଧ୍ୟାନରତ ବୁଦ୍ଧ ପ୍ରତିମୂର୍ତ୍ତିର ଏକ ପ୍ରତିକୃତି ଉପହାର ଦେଇଥିଲେ।

ପ୍ରଧାନମନ୍ତ୍ରୀ କଲମ୍ବୋରେ ରହୁଥିବା ଭାରତୀୟମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସେମାନଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି। ଗତ ୫ ବର୍ଷ ମଧ୍ୟରେ ଭାରତର ଛବିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । ଏହା ପଛରେ ପ୍ରବାସୀ ଭାରତୀୟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବା ପ୍ରଧାନମନ୍ତ୍ରୀ କହିଥିଲେ।

## ଯୋଗୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ

# ଜେଲ ଗଲେ ଟିଭି ଚ୍ୟାନେଲ୍ ମୁଖ୍ୟ, ସମ୍ପାଦକ

ନୋଇଡା,୯।୬(ପି.ଟି.)

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ମାନହାନିକାରୀ କାର୍ଯ୍ୟକ୍ରମ ପ୍ରସାରଣ କରି ଏକ ଘରୋଇ ଟେଲିଭିଜନ ନ୍ୟୁଜ୍ ଚ୍ୟାନେଲ ମୁଖ୍ୟ ଏବଂ ଏହାର ସମ୍ପାଦକ ଜେଲ୍ ଯାଇଛନ୍ତି। ନେଶନ ଲାଇଭ୍ ଚ୍ୟାନେଲ ମୁଖ୍ୟ ଇଶିକା ସିଂ ଏବଂ ସମ୍ପାଦକ ଅନୁଜ ଶୁକ୍ଳାଙ୍କୁ ଶନିବାର ପୋଲିସ ଗିରଫ କରିଥିଲା। ରବିବାର ତାଙ୍କୁ ସ୍ଥାନୀୟ ଅଦାଲତରେ ହାଜର କରାଯିବା ପରେ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଗୌତମବୁଦ୍ଧ ନଗର ଏସ୍‌ଏସ୍‌ପି ବୈଭବ କ୍ରିଷ୍ଣା କହିଛନ୍ତି। ନୋଇଡାର ଏହି ଟିଭି ଚ୍ୟାନେଲରେ ୬ ତାରିଖରେ ଏକ ବିତର୍କ କାର୍ଯ୍ୟକ୍ରମରେ ଜଣେ ମହିଳା ଆଦିତ୍ୟନାଥଙ୍କ ବିରୋଧରେ ମାନହାନିକାରକ ମନ୍ତବ୍ୟ ଦେଇଥିଲେ। ମହିଳାଙ୍କ ମନ୍ତବ୍ୟର ସତ୍ୟାସତ୍ୟ ଯାଞ୍ଚ ନ କରି ଏହାକୁ ପ୍ରସାରଣ କରିଥିବାରୁ ଏକ ରାଜନୈତିକ ଦଳର କର୍ମୀଙ୍କ ଅଭିଯୋଗ କ୍ରମେ ଉକ୍ତ ଚ୍ୟାନେଲ ମୁଖ୍ୟ ଓ ସମ୍ପାଦକଙ୍କ ବିରୋଧରେ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିଲା। ତଦନ୍ତ ବେଳେ ଉକ୍ତ ଚ୍ୟାନେଲର ଆବଶ୍ୟକ ଲାଇସେନ୍ସ ନ ଥିବା ଜଣାପଡିବାରୁ ଆଇପିସିର ଧାରା ୪୨୦ ଏବଂ ୪୬୭ରେ ମାମଲା ରୁଜୁ ହୋଇଛି।

## କାଜାଖସ୍ତାନରେ ନୂଆ ନେତାଙ୍କୁ ବିରୋଧ: ୫୦୦ ଗିରଫ

ଅଲମାଟି,୯।୬(ଏଏଫ୍‌ପି)

କାଜାଖସ୍ତାନ ରାଷ୍ଟ୍ରପତି ନୁରସୁଲତାନ୍ ନଜାର୍ବାୟେବ୍‌ଙ୍କ ୩୦ ବର୍ଷ ଶାସନର ଅନ୍ତ ଘଟିବା ପରେ ଦେଶବାସୀ କାସିମ୍ ଜୋମ୍‌ରାଟ-ଟୋକାୟଭ୍‌ଙ୍କୁ ନୂଆ ନେତା ଭାବେ ନିର୍ବାଚିତ କରିଥିବାବେଳେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ରବିବାର ଅନୁଷ୍ଠିତ ନିର୍ବାଚନ ମୁକ୍ତ ଓ ଅବାଧ ନୁହେଁ ବୋଲି ଦେଶର ବିଭିନ୍ନ ସ୍ଥାନରେ ବିରୋଧୀମାନେ ସରକାର ଏବଂ ପୋଲିସ ବିପକ୍ଷରେ ସ୍ଲୋଗାନ ଦେବାସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାଜଧାନୀ ନୁର୍-ସୁଲତାନ ଓ ଅଲମାଟି ସହରରେ



ରବିବାର ୫୦୦ ବିକ୍ଷୋଭକାରୀଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ, ୭୮ ବର୍ଷୀୟ ନୁରସୁଲତାନ୍ ୧୯୯୦ ଏପ୍ରିଲ ୨୪ରୁ ୨୦୧୯ ମାର୍ଚ୍ଚ ୧୯ ପର୍ଯ୍ୟନ୍ତ ଦେଶର ରାଷ୍ଟ୍ରପତି ଥିଲେ। ସେ ଇସ୍ତଫା ଦେବା ପରେ ତାଙ୍କ ଘନିଷ୍ଠ ସହଯୋଗୀ କାସିମ୍(୬୬)ଙ୍କୁ ଉତ୍ତରାଧିକାରୀ ଭାବେ ବାଛିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକା ମୁହଁରୁ ତିନିକଥା**
**ଶୁଣିଲେ ହୁଏ ମୁଣ୍ଡ ବ୍ୟଥା ।**

ଜଣେ ଗୋଟିଏ ବିଷୟକୁ ତିନିଥରରେ ବିଚିତ୍ର କରି ବର୍ଣ୍ଣନା କଲେ ଅନ୍ୟର ମୁଣ୍ଡବ୍ୟଥା ହୋଇଥାଏ। ଫଳସ୍ୱରୂପ ଶୁଣିବା ଲୋକ କେଉଁଟା ସତ କେଉଁଟା ମିଛ ଜାଣି ନ ପାରି ଅଯଥାରେ ଦ୍ୱନ୍ଦ୍ୱରେ ପଡ଼ିଯିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏ ଅଟେ ଅନିତ୍ୟ ସଂସାର**
**କିମ୍ବା ଏ କପଟ ବେଭାର ?**

କୂଟ, କପଟ ମଣିଷକୁ ମଣିଷ ହୋଇ ରହିବାକୁ ଦେଇ ନ ଥାଏ। ମଣିଷକୁ ପଶୁଠାରୁ ହୀନ କରି ଦେଇଥାଏ। ଏ ସଂସାର ଯେହେତୁ ଅନିତ୍ୟ, ସେଠାରେ ବାସକରୁଥିବା ମଣିଷ ମନରେ ଏପରି କପଟ ଆଚରଣ ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.


## ମନେ ପଡ଼ନ୍ତି

### ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଲକ୍ଷ୍ମୀ ମିଶ୍ର**
ସ୍ୱାମୀ- ସ୍ୱର୍ଗତ ନାରାୟଣ ମିଶ୍ର
ଆବିର୍ଭାବ: ୦୨।୦୯।୧୯୩୦
ତିରୋଧାନ: ୦୧।୦୬।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ହତଭାଗ୍ୟ ନାତି, ନାତୁଣୀ ଓ ବୋହୂ
ନୀଳାଦ୍ରି, ଶାନ୍ତା ଓ ଶ୍ରଦ୍ଧା।
ନାରାୟଣ ମିଶ୍ର & Co. ବଡ଼ଦାଣ୍ଡ, ପୁରୀ।
7894458684
ଧ-୬୩୭୭୫

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଧର୍ମାନନ୍ଦ ମଲ୍ଲିକ**
ଗୋବିନ୍ଦରାମ ପାଟଣା, କଟକ
ଆବିର୍ଭାବ: ୨୦।୦୬।୧୯୩୨
ତିରୋଧାନ: ୨୦।୦୬।୨୦୧୮
ବାପା ଚାହୁଁ ଚାହୁଁ ଆପଣଙ୍କ ଦେହାନ୍ତ ହେବାର ଏକ ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା ଓ ସମସ୍ତଙ୍କୁ ଭଲପାଇବା ଆମେ ଭୁଲିପାରୁ ନାହୁଁ। ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଦିବସରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶ୍ରଦ୍ଧାଞ୍ଜଳି ସହ:**
ପତ୍ନୀ- ଲକ୍ଷ୍ମୀ, ପୁତ୍ର- ବାବୁଲି, ବୋହୂ- ମିତା, ଝିଅ- ମନି, ରେନି, କୁନି, ଜ୍ୱାଇଁ- ଶଙ୍କର, ମଦନ, ରମେଶ, ଭାଇ- କାଳନ୍ଦୀ, ଚନ୍ଦ୍ରମଣି, ନାତି, ନାତୁଣୀ, ପୁତୁରା, ଝିଆରୀ ଓ ପ୍ରିୟବନ୍ଧୁ ଓ ପରିବାରବର୍ଗ।
ଧ-୧୨୮୧୪

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ରଞ୍ଜିତା ଦାସ**
ସ୍ଥାନ- ଚଣାହାଟ, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୨୪।୦୬।୧୯୬୨
ତିରୋଧାନ: ୨୦।୦୬।୨୦୧୮
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା। ତୁମର ଅନାବିଳ ସ୍ନେହ, ଆଦର୍ଶ, ବ୍ୟକ୍ତିତ୍ୱ ଆମ୍ଭମାନଙ୍କ ନିକଟରେ ଚିର ସ୍ମରଣୀୟ ହୋଇ ରହିଥାଉ।
**ଶୋକସନ୍ତପ୍ତ:**
ବନ୍ଧୁ ଓ ପରିବାରବର୍ଗ।
ଧ-୫୯୫୩୨

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ମନ୍ମଥ କୁମାର ସାହୁ**
(ପି.କେ. ଆର.ଆଇ.ଟି କଲୋନୀ, ପୁରୀ)
ଆବିର୍ଭାବ: ୧୪।୦୪।୧୯୫୨
ତିରୋଧାନ: ୦୫।୦୬।୨୦୧୪
ବହୁ ଘାତ ପ୍ରତିଘାତ ଭିତରେ ଗତିକରି ଆପଣ ଏ ଜୀବନ ଜିଇଲେ। ଶେଷରେ ବହୁ ଯନ୍ତ୍ରଣା ସହି ଆମକୁ ଛାଡ଼ି ଚାଲିଗଲେ। ଜୀବନତମାମ ମନେରହିବ ଆପଣଙ୍କ କର୍ତ୍ତବ୍ୟପରାୟଣତା ଓ ଅନାବିଳ ସ୍ନେହ, ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପାଖରେ ଆମ୍ଭେମାନେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ପତ୍ନୀ-ନିର୍ମଳା, ପୁତ୍ର- ଲିଙ୍ଗରାଜ ଓ ଦେବରାଜ, ପୁତ୍ରବଧୂ- ଲକ୍ଷ୍ମୀ ଓ ସୁଭଦ୍ରା, ଝିଅ- ମିଲି, ଜାମାତା- ସୁରେଶ, ଆଦରର- ନାରାୟଣୀ, ଜଗନ୍, ଜୟ ଓ ଶୁଭଶ୍ରୀ।
ଧ-୬୩୭୭୪

# CLASSIFIED DISPLAY

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

DHARITRI Career appointment Every Wednesday and Saturday

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815, 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

LOAN
ମହିଳା ମିତ୍ର ସମୂହ ଋଣ
2500 - 5 ଲକ୍ଷ ପର୍ଯ୍ୟନ୍ତ ପାଆନ୍ତୁ ସହଜ ସାପ୍ତାହିକ/ମାସିକ କିସ୍ତିରେ
ରୋଶ୍‌ନୀ - 9119072218
ଶାଳିନୀ - 9084922848
ମୁସ୍କାନ - 9119093228
ଦିବ୍ୟା - 9084869022
ରିତୁ - 8868967322
M/S SARATHI ENTERPRISES
Ashok Nagar, East Delhi, Delhi - 110096

BUSINESS

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

All INDIA FINANCIAL SERVICES
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-95 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09499108259
PETUMALI, JHARMUNDA, PETUPALI, BARGARH, ODISHA - 968034

ବ୍ୟବସାୟ
(ସରକାରୀ ଅନୁମୋଦିତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଦ୍ୱାରା
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା
୨ ଜଣଙ୍କ ପାଇଁ ୨୫୦୦୦/-ର ସୁବିଧା
ବାଇକ୍ + ବୀମା + ମୋବାଇଲ
(ଇଣ୍ଟରନେଟ୍ ଫ୍ରି) + ହାଇସ୍ପିଡ୍ ନେଟ୍
ଇଣ୍ଡସ୍ ଟାୱାର
ହେଲ୍‌ପଲାଇନ୍ ନମ୍ବର
18001205460
H. No. # 412, Subhash Nagar, Jind, Haryana

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

WISE INVESTMENT
Value Your Money Safely
A Bhubaneswar Based company is looking forward for good investors (MORE THAN ONE CRORE) to invest on land properties within the territory of Odisha.
SSP PVT. LTD.
A/88, Sahid Nagar, Bhubaneswar
6372858860
Email : landbank.19@gmail.com

COLOR DISPLAY CLASSIFIED on every Tuesday & Friday

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୦ ଜୁନ୍, ୨୦୧୯



ତାମିଲନାଡୁର ନେଇଭେଲି ଲିଗ୍‌ନାଇଟ କର୍ପୋରେଶନ୍ (ଏନ୍‌ଏଲ୍‌ସି)ର ଥର୍ମାଲ ପାୱାର ୟୁନିଟରେ ବିସ୍ଫୋରଣ ଯୋଗୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ମୃତ କର୍ମଚାରୀ ହେଉଛନ୍ତି ପେରିୟାକାପନକୁଲମ୍‌ର ଭେଲମୁରୁଗାନ୍। ଆହତ ଦୁଇଜଣଙ୍କୁ ନେଇଭେଲି ସରକାରୀ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହେବା ସହିତ ତଦନ୍ତ ଜାରି ରହିଛି।



## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଘଟଣା
### କ୍ଷତିପୂରଣ ରାଶି ଦେଉନାହାନ୍ତି ସରକାର

**କଟକ ଅଫିସ, ୯।୬:** ନାବାଳିକାଙ୍କୁ ବଳାତ୍କାର ଘଟଣାରେ ପୀଡ଼ିତାଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ୨୦୧୮ରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ନିୟମ ଲାଗୁ କରିଥିଲେ। ପୀଡ଼ିତାଙ୍କ ପରିବାରକୁ ୪ରୁ ୭ ଲକ୍ଷ ପର୍ଯ୍ୟନ୍ତ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି। ହେଲେ ଗୃହ ବିଭାଗ ଏହି ନିୟମକୁ ପାଳନ କରୁ ନ ଥିବା ନେଇ ମାନବ ଅଧିକାର କର୍ମୀ ଜୟନ୍ତ କୁମାର ଦାସ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ରବିବାର ଅନ୍‌ଲାଇନ ଯୋଗେ ଅଭିଯୋଗ କରିଛନ୍ତି। ଏହା ଭାରତୀୟ ସମ୍ବିଧାନର ମାନବ ଅଧିକାର ଧାରା ୧୪, ୧୯(୧)(ଏ), ୨୧ର ଉଲ୍ଲଂଘନ ହେଉଥିବା ସେ ଅଭିଯୋଗ କରିଛନ୍ତି। ମର୍କତନଗର ଥାନା ଅଞ୍ଚଳରେ ଗତ ଶୁକ୍ରବାର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଅଞ୍ଚଳର ରମେଶ ମହାରଣା ନାମକ ଯୁବକଙ୍କୁ ଶନିବାର ଗିରଫ କରିଥିଲା। ଏ ନେଇ ପୋଲିସ ଆଇପିସି ଦଫା ୩୭୬ରେ ଏକ ମାମଲା(ନଂ. ୮୪/୧୯) ରୁଜୁ କରିଥିଲା। ଏହି ଖବର ଧରିତ୍ରୀରେ ରବିବାର ପ୍ରକାଶ ପାଇଥିଲା। ଉକ୍ତ ଖବରର ନକଲ ସହିତ ଜୟନ୍ତ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ କରିଛନ୍ତି। ତେବେ ଉକ୍ତ ପୀଡ଼ିତାଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରିବାକୁ ସେ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଛନ୍ତି।

### ଖାଇବାକୁ ମାଗିବାରୁ ଗରମ ପେୟ ଫୋପାଡ଼ିଲେ ସ୍ତ୍ରୀ

**ଯାଜପୁର ଟାଉନ,୯।୬(ଡିଏନଏ):** ସ୍ୱାମୀଙ୍କ ଉପରକୁ ସ୍ତ୍ରୀ ଗରମ ପେୟ ଫୋପାଡ଼ିବାରୁ ସ୍ୱାମୀ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ଯାଜପୁର ଜିଲା ଯାଜପୁର ଥାନା ଖଣ୍ଡରା ପଞ୍ଚାୟତ ଇନ୍ଦାସ ଗ୍ରାମରେ। ଖାଇବାକୁ ମାଗିବା ନେଇ ବଚସା ହେବା ପରେ ସ୍ତ୍ରୀ ଉତ୍‌କ୍ଷିପ୍ତ ହୋଇ ଏଭଳି କାଣ୍ଡ ଘଟାଇଥିବା ଜଣାପଡ଼ିଛି। ଏ ନେଇ ଯାଜପୁର ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଇନ୍ଦାସ ଗ୍ରାମର ପ୍ରଶାନ୍ତ ରାଉତ (୩୫) ମୀନାକ୍ଷୀଙ୍କୁ ଖାଇବାକୁ ମାଗିଥିଲେ। ମୀନାକ୍ଷୀ ଭାତ ରନ୍ଧା ସରିଛି, କିନ୍ତୁ ତରକାରି ସରି ନାହିଁ ବୋଲି କହିବାରୁ ପ୍ରଶାନ୍ତ ତାଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ଏହାପରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇ ଉଗ୍ରରୂପ ଧାରଣ କରିଥିଲା। ମୀନାକ୍ଷୀ ଉତ୍‌କ୍ଷିପ୍ତ ହୋଇ ପ୍ରଶାନ୍ତଙ୍କ ଉପରେ ଗରମ ପେୟ ଫୋପାଡ଼ି ଦେଇଥିଲେ।

### ସ୍ତ୍ରୀଙ୍କୁ ହାତୁଡ଼ିରେ ଛେଚି ହତ୍ୟା, ସ୍ୱାମୀ ଗିରଫ

**କ.ନୂଆଗାଁ/ଶଙ୍କରାଖୋଲ/ବାଲିଗୁଡ଼ା, ୯।୬(ଡି.ଏନ୍.ଏ.):** କନ୍ଧମାଳ ଜିଲା ସାରଙ୍ଗଗଡ଼ ଥାନା ଅନ୍ତର୍ଗତ ପାଡାଙ୍ଗି ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ପାଡଙ୍ଗି ପଞ୍ଚାୟତର ପଦାସାହିରେ ଶନିବାର ରାତିରେ ସ୍ତ୍ରୀଙ୍କ ମୁଣ୍ଡକୁ ସ୍ୱାମୀ ପ୍ରଶାନ୍ତ ନାୟକ ହାତୁଡ଼ିରେ ପିଟି ଦେବାରୁ ଘଟଣାସ୍ଥଳରେ ସ୍ତ୍ରୀ ସୁଦେଷ୍ଣା ନାୟକଙ୍କ ମୃତ୍ୟୁ ଘଟିଛି। ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ପ୍ରଶାନ୍ତଙ୍କର ୩ ପୁଅ ଓ ଗୋଟିଏ ଝିଅ। ଦୁଇ ପୁଅ ଓ ଝିଅଙ୍କ ବିବାହ ସରିଛି। ବିବାହିତ ୨ ପୁଅ ବାହାର ରାଜ୍ୟକୁ ଯାଇ କାମ କରୁଛନ୍ତି। ସାନପୁଅ ଶ୍ରବଣ ମଧ ନିକଟସ୍ଥ ଅନ୍ୟ ଏକ ଗାଁରେ ରହି କାମ କରନ୍ତି। ଏଭଳି ପରିସ୍ଥିତିରେ ସ୍ତ୍ରୀଙ୍କ ସହ ପ୍ରଶାନ୍ତଙ୍କର ବିଭିନ୍ନ କଥାକୁ ନେଇ ମଝିରେ ମଝିରେ ଯୁକ୍ତିତର୍କ ହୁଏ। ଶନିବାର ରାତିରେ କୌଣସି ଏକ ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ପୁଣି ପାଟିତୁଣ୍ଡ ହୋଇଥିଲା। ଏଥିରେ ପ୍ରଶାନ୍ତ ରାଗିଯାଇ ଘରେ ଥିବା ଏକ ହାତୁଡ଼ିରେ ସୁଦେଷ୍ଣାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସାନ ପୁଅ ଶ୍ରବଣ ଏହି ଖବରପାଇ ରବିବାର ସକାଳେ ଥାନାରେ ଏତଲା ଦେଇଥିଲେ। ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଏ ନେଇ ନଂ. ୩୨/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ ଚାଲିଥିବା ପୋଲିସ କହିଛି।

# ସାଢ଼େ ୯ରେ ପହଣ୍ଡି, ୪ଟାରେ ରଥଟଣା

**ପୁରୀ ଅଫିସ, ୯।୬**



ଛତିଶାନିଯୋଗ ବୈଠକରେ ଉପସ୍ଥିତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଏବଂ ଅନ୍ୟମାନେ।

- ମଧ୍ୟାହ୍ନ ୧୨ରୁ ବାହୁଡା ପହଣ୍ଡି
- ଅପରାହ୍ନ ୪ଟାରୁ ସୁନାବେଶ
- ଗ୍ରହଣ ଯୋଗୁ ସଅଳ ନୀଳାଦ୍ରିବିଜେ ପହଣ୍ଡି

**ରଥଯାତ୍ରା ପାଇଁ ନୀତି ନିର୍ଘଣ୍ଟ**

ଆସନ୍ତା ଜୁଲାଇ ୪ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା। ଏହାକୁ ସୁରୁଖୁରରେ ସମ୍ପନ୍ନ କରିବା ଲାଗି ଚଳିତବର୍ଷ ଶ୍ରୀମନ୍ଦିର ପ୍ରଶାସନ ସଅଳ ନୀତି ନିର୍ଘଣ୍ଟ କରିଛି। ପ୍ରାତଃ ୬ଟାରେ ମଙ୍ଗଳ ଆଳତି କରାଯାଇ ଠାକୁରଙ୍କ ଅନ୍ୟାନ୍ୟ ନୀତି ଚାଲିବ। ସକାଳ ୯ଟାରେ ରଥ ପ୍ରତିଷ୍ଠା, ୯ଟା ୧୫ରେ ମଙ୍ଗଳାର୍ପଣ ହୋଇ ସାଢେ ୯ଟାରେ ପହଣ୍ଡି ଆରମ୍ଭ ହେବ। ମଧ୍ୟାହ୍ନ ସାଢେ ୧୨ଟା ସୁଦ୍ଧା ପହଣ୍ଡି ସରି ରଥ ଉପରକୁ ମଦନମୋହନ ବିଜେ ହେବେ। ଏହାପରେ ଚିତାଲାଗି ନୀତି ଓ ଠାକୁରଙ୍କ ବେଶ ସମ୍ପନ୍ନ ହେବ। ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ ଗଜପତି ମହାରାଜା ତିନିରଥରେ ଛେରା ପହଁରା କରିବେ। ୩ଟାରୁ ୪ଟା ମଧ୍ୟରେ ଚାରମାଳ ଫିଟା ହୋଇ ଘୋଡ଼ା, ସାରଥୀ ଲାଗିବ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବ। ରବିବାର ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହାକୁ ମୋହର ମାରିବା ପରେ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହେବ। ଆବଶ୍ୟକ ପଡିଲେ ପରିଚାଳନା କମିଟି ଏଥିରେ ପରିବର୍ତ୍ତନ ଆଣିପାରିବ। ଗତ ୪ ତାରିଖ ନୀତି ସବ୍ କମିଟି ବୈଠକରେ ଶ୍ରୀମନ୍ଦିର ପ୍ରଶାସନ ରାଜେନ୍ଦ୍ରାଭିଷେକଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ନୀତି ସମ୍ପର୍କରେ ଆଲୋଚନା କରାଯାଇ ଏହାକୁ ପ୍ରସ୍ତୁତ କରାଯାଇଥିଲା। ଛତିଶା ନିଯୋଗ ବୈଠକରେ ଏଥିରେ ସାମାନ୍ୟ ପରିବର୍ତ୍ତନ ଅଣାଯାଇ ନିର୍ଘଣ୍ଟ ହୋଇଛି। ଆସନ୍ତା ୧୭ରେ ଦେବସ୍ନାନ ପୂର୍ଣ୍ଣିମା। ଏହିଦିନ ୧୦୮ ଗରା ଜଳରେ ସ୍ନାନ ସାରି ମହାପ୍ରଭୁ ଭକ୍ତଙ୍କୁ ହାତୀବେଶରେ ଦର୍ଶନ ଦେବେ। ଏହା ପରେ ଅସୁସ୍ଥ ହୋଇଥିବା ଦାରୁଦିଅଁ ଜୁଲାଇ ୨ ତାରିଖରେ ନବଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ନବଯୌବନ ଦର୍ଶନ ପାଇଁ ନୀତି ନିର୍ଘଣ୍ଟ ହୋଇଛି। ମଧ୍ୟାହ୍ନ ୧୨ଟା ୧୫ରେ ଚକା ଅପସର ହୋଇ ମଙ୍ଗଳ ଆଳତି ହେବ। ଅପରାହ୍ନ ସାଢେ ଗୋଟାଏରେ ଦଶାବତାର ଠାକୁରଙ୍କ ବାହୁଡା ବିଜେ ହୋଇ ତାଟି ଫିଟିବ। ଏହାପରେ ଅପରାହ୍ନ ସାଢେ ୨ଟାରୁ ସାଢେ ୩ଟା ଭିତରକାଠ ପରିମାଣିକ ଦର୍ଶନ ହେବ। ପରେ ସାଢେ ୩ଟାରୁ ସାଢେ ୪ଟା ପର୍ଯ୍ୟନ୍ତ ଭିତରଠାକରେ ଠାକୁରଙ୍କୁ ସର୍ବସାଧାରଣ ଦର୍ଶନ କରିବେ। ବାହୁଡା ନୀତି ନିର୍ଘଣ୍ଟ ଉପରେ ମଧ ବିଶେଷ ଆଲୋଚନା ହୋଇଛି। ଭୋର ୪ଟାରୁ ମଙ୍ଗଳ ଆଳତି ହୋଇ ସକାଳ ୬ଟା ୪୫ ସୁଦ୍ଧା ଗୋପାଳ ବଲ୍ଲଭ ଓ ସକାଳଧୂପ ଶେଷ ହେବ। ସକାଳ ୭ଟାରୁ ୧୧ଟା ମଧ୍ୟରେ ମହାପ୍ରଭୁଙ୍କୁ ସେନାପଟା ଲାଗି ହେବ। ୧୧ଟା ୪୫ରେ ମଙ୍ଗଳାର୍ପଣ ହୋଇ ମଧ୍ୟାହ୍ନ ୧୨ଟାରୁ ବାହୁଡା ପହଣ୍ଡି ଆରମ୍ଭ ହେବ। ଅପରାହ୍ନ ସାଢେ ୨ଟା ସୁଦ୍ଧା ପହଣ୍ଡି ସମ୍ପନ୍ନ ହେବ। ଏହି ସମୟ ମଧ୍ୟରେ ତିନିରଥରେ ଠାକୁରଙ୍କ ବେଶ ସମ୍ପନ୍ନ କରାଯିବ। ଅପରାହ୍ନ ସାଢେ ୨ଟାରୁ ସାଢେ ୩ଟା ମଧ୍ୟରେ ଛେରାପହଁରା ସରିବ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବ।

ଏହା ପରଦିନ ସୁନାବେଶ ରହିଥିବାରୁ ତିନିରଥ ଯେଭଳି ସନ୍ଧ୍ୟା ସୁଦ୍ଧା ସିଂହଦ୍ୱାରରେ ଲାଗିବେ ତା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ୧୩ ତାରିଖରେ ମହାପ୍ରଭୁଙ୍କ ସୁନାବେଶ। ସକାଳ ୬ଟାରେ ତିନିରଥରେ ଠାକୁରଙ୍କ ମଙ୍ଗଳ ଆଳତି ହେବ। ଏହାପରେ ଦୈନନ୍ଦିନ ନୀତି ବଢିବ। ଅପରାହ୍ନ ୪ଟାରେ ମହାପ୍ରଭୁଙ୍କ ସୁନାବେଶ ଆରମ୍ଭ ହୋଇ ସାଢେ ୫ଟା ସୁଦ୍ଧା ବେଶ ସରିବ। ସର୍ବସାଧାରଣ ଦର୍ଶନ ପରେ ରାତ୍ର ୧୧ଟାରୁ ୧୨ଟା ମଧ୍ୟରେ ସୁନାବେଶ ମଇଲମ (ଓଲାଗି) କରାଯିବ। ପରେ ଅନ୍ୟାନ୍ୟ ନୀତି ବଢିବ। ଭୋର ୨ଟାରେ ଗରୁଡ଼ ଶୟନ ନୀତି ସମ୍ପନ୍ନ ହୋଇ ମହାପ୍ରଭୁଙ୍କ ପହୁଡ ହେବ। ୧୪ ତାରିଖ ମହାପ୍ରଭୁଙ୍କ ଅଧରପଣା ନୀତି। ତିନିରଥରେ ରାତ୍ର ୮ଟା ସୁଦ୍ଧା ଅଧରପଣା ନୀତି ସମ୍ପନ୍ନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଜୁଲାଇ ୧୫ ତାରିଖ ରଥଯାତ୍ରାର ଶେଷପର୍ବ ବା ନୀଳାଦ୍ରିବିଜେ। ମହାପ୍ରଭୁ ନବଦିନାତ୍ମକ ଯାତ୍ରା ସାରି ରତ୍ନସିଂହାସନକୁ ବିଜେ କରିବେ। ଏହା ପରଦିନ ଅର୍ଥାତ୍ ଜୁଲାଇ ୧୬ ତରିଖରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଏହାକୁ ନଜରରେ ରଖି ନୀଳାଦ୍ରିବିଜେ ପହଣ୍ଡି ସମେତ ସବୁ ନୀତିକୁ ସଅଳ କରାଯାଇଛି। ନୀଳାଦ୍ରିବିଜେ ଦିନ ଭୋର ୪ଟାରେ ତିନିରଥ ଉପରେ ମଙ୍ଗଳ ଆଳତି ହେବ। ସକାଳ ୭ଟାରୁ ୮ଟା ମଧ୍ୟରେ ସକାଳ ଧୂପ, ପୂର୍ବାହ୍ନ ସାଢେ ୧୦ଟାରୁ ସାଢେ ୧୧ଟା ମଧ୍ୟରେ ମଧ୍ୟାହ୍ନ ଧୂପ ଏବଂ ମଧ୍ୟାହ୍ନ ୧୨ଟା ୧୫ ସୁଦ୍ଧା ସନ୍ଧ୍ୟା ଆଳତି ଶେଷ କରାଯିବାକୁ ସ୍ଥିର ହୋଇଛି। ଅପରାହ୍ନ ୪ଟାରୁ ନୀଳାଦ୍ରିବିଜେ ପହଣ୍ଡି ଆରମ୍ଭ ହୋଇ ରାତି ୧୦ଟାରେ ଠାକୁର ରତ୍ନସିଂହାସନରେ ପହଞ୍ଚିବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ନୀଳାଦ୍ରିବିଜେ ରାତିରେ ଠାକୁରଙ୍କୁ ପହୁଡ଼ କରିବାକୁ ଚେଷ୍ଟା କରାଯିବ। ଫଳରେ ଏହା ପରଦିନ ଚନ୍ଦ୍ରଗ୍ରହଣ ପଡୁଥିବାରୁ ମଧ୍ୟାହ୍ନ ଧୂପ ପରେ ଅପରାହ୍ନ ୪ଟା ବେଳକୁ ପାକତ୍ୟାଗ କରାଯିବ। ନୀତି ତ୍ୱରାନ୍ୱିତ ହେଲେ ପାକଛାଡ ପୂର୍ବରୁ ଭକ୍ତମାନେ ମହାପ୍ରସାଦ ସେବନ କରିପାରିବେ। ଏହାକୁ ଦୃଷ୍ଟିରେ ରଖି ନିଳାଦ୍ରୀବିଜେ ନୀତି ନିର୍ଘଣ୍ଟ ହୋଇଛି । ଏହି ବୈଠକରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ ପ୍ରମୁଖଙ୍କ ସହିତ ଛତିଶା ନିଯୋଗର ସଦସ୍ୟମାନେ ଯୋଗଦେଇଥିଲେ।

| ରଥଯାତ୍ରା ନୀତି ନିର୍ଘଣ୍ଟ | |
|---|---|
| ଜୁନ ୨୮ | ଚକାବିଜେ |
| ଜୁନ ୨୯ | ଖଳିଲାଗି ଏକାଦଶୀ |
| ଜୁନ ୩୦ | ରାଜପ୍ରସାଦ ବିଜେ |
| ଜୁଲାଇ ୧ | ଘଣାଲାଗି/ବନକଲାଗି |
| ଜୁଲାଇ ୨ | ନବଯୌବନ ଦର୍ଶନ |
| ଜୁଲାଇ ୪ | ରଥଯାତ୍ରା |
| ଜୁଲାଇ ୫ | ଠାକୁରଙ୍କ ଗୁଣ୍ଡିଚା ମନ୍ଦିରକୁ ପହଣ୍ଡି |
| ଜୁଲାଇ ୮ | ହେରାପଞ୍ଚମୀ |
| ଜୁଲାଇ ୯ | ଦକ୍ଷିଣୀମୋଡ଼ |
| ଜୁଲାଇ ୧୧ | ସନ୍ଧ୍ୟା ଦର୍ଶନ |
| ଜୁଲାଇ ୧୨ | ବାହୁଡା ଯାତ୍ରା |
| ଜୁଲାଇ ୧୩ | ସୁନାବେଶ |
| ଜୁଲାଇ ୧୪ | ଅଧରପଣା |
| ଜୁଲାଇ ୧୫ | ନୀଳାଦ୍ରିବିଜେ |

## ■ ଶୀତଳଷଷ୍ଠୀ ଯାତ୍ରା ଉଦ୍‌ଯାପିତ
# ଦେବଦମ୍ପତିଙ୍କ ମନ୍ଦିର ପ୍ରବେଶ

**ସମ୍ବଲପୁର, ୯।୬(ବ୍ୟୁରୋ)**



ମୁଦିପଡ଼ା ଜାଗେଶ୍ୱର ବାବା ଓ ମାତା ପାର୍ବତୀଙ୍କୁ ଭକ୍ତମାନେ କାନ୍ଧରେ ବୋହି ମନ୍ଦିର ପ୍ରବେଶ କରୁଛନ୍ତି।

ଦେବଦେବ ମହାଦେବ ଓ ଜଗଜ୍ଜନନୀ ମାତା ପାର୍ବତୀ ସୁସଜ୍ଜିତ ବିମାନରେ ଉପବିଷ୍ଟ ହୋଇ ରବିବାର ଗୋଧୂଳି ଲଗ୍ନରେ ସ୍ୱ ମନ୍ଦିର ପ୍ରବେଶ କରିଛନ୍ତି। ଜ୍ୟେଷ୍ଠ ଶୁକ୍ଳପକ୍ଷ ଯୁକ୍ତ ସପ୍ତମୀ ତିଥିରେ ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ଉଦ୍‌ଯାପିତ ହୋଇଛି। ମହିଳାମାନେ ଶୈବପୀଠ ମୁଖ୍ୟଦ୍ୱାରରେ ଝୋଟି ଆଙ୍କିଥିଲେ। ଛୋଟି ପୂର୍ଣ୍ଣକଳସ ସ୍ଥାପନ କରି ଦେବଦମ୍ପତିଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ। ଶିବ ପାର୍ବତୀଙ୍କୁ ଭକ୍ତମାନେ କାନ୍ଧରେ ବୋହି ମନ୍ଦିର ବେଢ଼ାକୁ ଆଣିଥିଲେ। ଏହାପରେ ଶଙ୍ଖ, ଘଣ୍ଟ ଧ୍ୱନିରେ ମୁଖରିତ ହୋଇଥିଲା ଶିବାଳୟ। ମହିଳାଙ୍କ ହୁଳହୁଳି ଓ ପୁରୁଷମାନଙ୍କ ହରିବୋଲରେ ପ୍ରକମ୍ପିତ ହୋଇଥିଲା ଅଞ୍ଚଳ। ଦୁଲଦୁଲି ବାଦ୍ୟରେ ଦୁଲୁକି ଉଠିଥିଲା ମନ୍ଦିର ପ୍ରବେଶ ପଥ । କାଠ ପିଢ଼ାରେ ନବ ବିବାହିତ ଦେବଦମ୍ପତି ଉପବିଷ୍ଟ ହୋଇଥିଲେ। ଉପସ୍ଥିତ ସମବେତ ମହିଳାମାନେ ଦୂବ, ଅରୁଆ ଚାଉଳ, ବୁରୋ ପତ୍ର, ଫୁଲ ବନ୍ଦାଣ କରି ମୁଣ୍ଡିଆ ମାରିଥିଲେ । ଦେବଦମ୍ପତିଙ୍କ ପାଦ ଧୋଇ ଭକ୍ତମାନେ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ସମୟରେ ପଣ୍ଡିତଙ୍କ ଶିବସ୍ତୁତି ଉଚ୍ଚାରଣ ସହ ଶାନ୍ତିପାଠ, ପଞ୍ଚଗବ୍ୟ, ପଞ୍ଚାମୃତରେ ମହାଭିଷେକ ରୀତି ହୋଇଥିଲା। ଦେବଦମ୍ପତିଙ୍କୁ ୧୦୮ ଆଳତି କରି ମନ୍ଦିର ପ୍ରବେଶ ରୀତିନୀତି ହୋଇଥିଲା। ପରମ୍ପରା ଅନୁସାରେ ନନ୍ଦପଡା ଶ୍ରୀଶ୍ରୀ ବମ୍ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡା ଶ୍ରୀଶ୍ରୀ ଲୋକନାଥ ବାବା, ମୁଦିପଡା ଶ୍ରୀଶ୍ରୀ ଜାଗେଶ୍ୱର ବାବା, ବଡ଼ବଜାର ଶ୍ରୀଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡା ଶ୍ରୀଶ୍ରୀ ଗୁପ୍ତେଶ୍ୱର ବାବା ଓ ଜଗତ ଜନନୀ ପାର୍ବତୀ ଗଣ୍ଡାଳ ହୋଇ ଶନିବାର ମଧରାତ୍ରରୁ ସୁସଜ୍ଜିତ ବିମାନରେ ଆରୂଢ଼ ହୋଇ ନଗର ପରିକ୍ରମାରେ ବାହାରିଥିଲେ। ନିର୍ଦ୍ଧାରିତ ଯାତ୍ରାପଥରେ ଭକ୍ତମାନେ ଦେବଦମ୍ପତିଙ୍କୁ ବନ୍ଦାଣ ଓ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ରାତି ତମାମ ଶୋଭାଯାତ୍ରା ହୋଇଥିଲା। ସକାଳ ସାଢ଼େ ୫ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଥିଲା। କିନ୍ତୁ ଲକ୍ଷାଧିକ ଭକ୍ତ ବିମାନରେ ଉପବିଷ୍ଟ ଶିବପାର୍ବତୀଙ୍କୁ ଦୀପଦାନ କରି ପୂଜାର୍ଚ୍ଚନା କରିଥିଲେ। ରବିବାର ପ୍ରାୟ ପୂର୍ବାହ୍ନ ୧୦ଟାରେ ପୁଣି ସାଂସ୍କୃତିକ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ନନ୍ଦପଡା ଯାତ୍ରା ସାନସଡ଼କ, ଝାଡୁଆପଡା ଯାତ୍ରା ବୈଦ୍ୟନାଥ ଛକରୁ ଗେଟି ରୋଡ, କୁଞ୍ଜେଲପଡା ଛକ, ମୁଦିପଡା ଯାତ୍ରା ଲକ୍ଷ୍ମୀଟକିଜ ଛକରୁ ଗୋଲବଜାର ରାସ୍ତା, ବଡବଜାର ଯାତ୍ରା କ୍ଷେତରାଜପୁର, ଫାର୍ମରୋଡ ଓ ଠାକୁରପଡା ଯାତ୍ରା ବୁଢ଼ାରଜା ମୁଖ୍ୟରାସ୍ତା ଦେଇ ଗୋପାଳମାଲ ପରିକ୍ରମା କରି ସ୍ୱମନ୍ଦିର ପ୍ରବେଶ କରିଥିଲା। ଅତିଥି କଳାକାରମାନେ ନିରବଚ୍ଛିନ୍ନ ଭାବେ ନୃତ୍ୟ ଗୀତ ଓ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଯୁବତୀ ଯୁବକଙ୍କୁ ଆକୃଷ୍ଟ କରିଥିଲେ। ସେହିପରି ଲୋକବାଦ୍ୟ ଓ ରେକର୍ଡ ଡ୍ୟାନ୍ସ ତାଳରେ ଭକ୍ତମାନେ ଯାତ୍ରା ପଥରେ ନୃତ୍ୟ କରି ମସଗୁଲ ହୋଇଥିଲେ। ଅପରପକ୍ଷେ ସମବେତ କିନ୍ନରମାନେ ଦେବଦମ୍ପତିଙ୍କୁ ମୁଣ୍ଡିଆ ମାରି ଗନ୍ତବ୍ୟ ସ୍ଥଳକୁ ଚାଲିଯାଇଛନ୍ତି।

## ସ୍ୱାମୀ ବିମଳାନନ୍ଦଙ୍କ ମହାପ୍ରୟାଣ



**ଋଷିକେଶ,୯।୬**

ଦିବ୍ୟଜୀବନ ସଂଘ ଏବଂ ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷ ସ୍ୱାମୀ ବିମଳାନନ୍ଦ ସରସ୍ୱତୀଙ୍କର ରବିବାର ମହାପ୍ରୟାଣ ହୋଇଯାଇଛି। ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ମୁନିକିରେତିସ୍ଥିତ ଶିବାନନ୍ଦ ଘାଟରେ ଅପରାହ୍ନ ୪ଟାରେ ହଜାର ହଜାର ଅନୁଗାମୀଙ୍କ ଗହଣରେ ତାଙ୍କୁ ଜଳସମାଧି ଦିଆଯାଇଛି।

ସ୍ୱାମୀ ବିମଳାନନ୍ଦ ସରସ୍ୱତୀଙ୍କ ଜନ୍ମ ୧୯୩୧ ଅକ୍ଟୋବର ୧୦ରେ ତାମିଲନାଡୁରେ ହୋଇଥିଲା। ଶିକ୍ଷା ସମାପ୍ତ ପରେ ୨୦ ବର୍ଷ ବୟସରେ ସେ ଶିବାନନ୍ଦ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ମହାରାଜଙ୍କ ସଂସ୍ପର୍ଶରେ ଆସିଥିଲେ। ଦୀର୍ଘଦିନ ତାଙ୍କ ସହ ବିଭିନ୍ନ ସେବା କାର୍ଯ୍ୟରେ ସମ୍ପୃକ୍ତ ରହିବା ସହ ଶିବାନନ୍ଦଙ୍କ ଶିଷ୍ୟ ସ୍ୱାମୀ ଚିଦାନନ୍ଦଙ୍କ ଠାରୁ ସନ୍ନ୍ୟାସୀ ଦୀକ୍ଷା ନେଇଥିଲେ।୨୦୦୮ରେ ସ୍ୱାମୀ ଚିଦାନନ୍ଦଙ୍କ ମହାପ୍ରୟାଣ ପରେ ସ୍ୱାମୀ ବିମଳାନନ୍ଦ ଦିବ୍ୟଜୀବନ ସଂଘ ଓ ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷ ନିଯୁକ୍ତ ହୋଇଥିଲେ। ରବିବାର ତାଙ୍କର ବ୍ରହ୍ମଲୀନ ଖବର ପାଇ ବହୁସଂଖ୍ୟାରେ ଅନୁଗାମୀ ତାଙ୍କ ଆଶ୍ରମରେ ପହଞ୍ଚିଥିଲେ।

## ଦଳ ଭିତରେ ଅନ୍ତର୍ଘାତୀ କାର୍ଯ୍ୟ ହୋଇଛି କହିଲେ ରାଧାରାଣୀ

**ଭୁବନେଶ୍ୱର, ୯।୬(ବ୍ୟୁରୋ)**



ରାଧାରାଣୀ ପଣ୍ଡା

୨୦୧୯ ସାଧାରଣ ନିର୍ବାଚନରେ ଭାଜପାର ପ୍ରଦର୍ଶନ କିପରି ଥିଲା ସେ ନେଇ ରବିବାର ଦଳୀୟ କାର୍ଯ୍ୟାଳୟଠାରେ ବିସ୍ତୃତ ଆଲୋଚନା ହୋଇଛି। ବୈଠକ ଶେଷରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ଗୁରୁତର ଅଭିଯୋଗ ଆଣିଛନ୍ତି। ତାଙ୍କ ହାରିବା ପାଇଁ ଅନ୍ତର୍ଘାତୀ କାମ ହୋଇଥିବା ସେ ଅଭିଯୋଗ ଆଣିଛନ୍ତି। ତେବେ ଦଳର କିଏ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟ କରିଛନ୍ତି ଏବଂ ସେ କାହାକୁ ଇଙ୍ଗିତ କରି ଦୋଷ ଦେଇଛନ୍ତି ତାହା ବର୍ତ୍ତମାନ ରାଜନୈତିକ ମହଲରେ ଚର୍ଚ୍ଚା ସୃଷ୍ଟି କରିଛି।

ରାଧାରାଣୀ କହିଛନ୍ତି ଯେ, ନିର୍ବାଚନ ସମ୍ପର୍କିତ ଫଳ ନେଇ ତର୍ଜମା ଚାଲିଛି। ତାଙ୍କର ହାରିବାର ତିନୋଟି ମୁଖ୍ୟ କାରଣ ରହିଛି। ଦଳ ଭିତରେ ଅନ୍ତର୍ଘାତୀ କାର୍ଯ୍ୟ ହେଲା। ବିଜେଡି ହାରିଯିବା ଭୟରେ ଥିଲା। ସେଥିଲାଗି ନେତାଙ୍କ ମଧ୍ୟରେ ଅଘୋଷିତ ମେଣ୍ଟ ହୋଇଥିଲା। ଗୋଟେ ପଦ୍ମ ଗୋଟେ ଶଙ୍ଖ ଭୋଟ ଦେବା ଲାଗି କେତେଜଣ କାର୍ଯ୍ୟ ଆରମ୍ଭ କରିଦେଲେ। ଯଦି ଅନ୍ତର୍ଘାତୀ କାର୍ଯ୍ୟ ହୋଇନି ତେବେ ତାଙ୍କୁ ଯେତେବେଳେ ୬୮ ହଜାର ଭୋଟ ମିଳିଲା ସେତେବେଳେ ଏମ୍‌ପି ପ୍ରାର୍ଥୀଙ୍କୁ କେମିତି ୨୨ ହଜାର ଅଧିକ ମିଳିଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଦୁର୍ବଳ କଂଗ୍ରେସ ପ୍ରାର୍ଥୀ ପାଇଁ ଭାଜପା ସେଠାରେ ହାରିଗଲା। ୨୦୧୪ ନିର୍ବାଚନରେ ସିପିଆଇ ଏକାକୀ ୭ ହଜାର ଭୋଟ ନେଇଥିଲା। ଏଥର କଂଗ୍ରେସ ଏବଂ ସିପିଆଇ ମଧ୍ୟରେ ମେଣ୍ଟ ହେବାସତ୍ତ୍ୱେ ସେମାନେ ମୋଟ ୯ହଜାର ଭୋଟ ପାଇଲେ। କଂଗ୍ରେସର ଭୋଟକୁ ବିଜେଡି ୫୦୦ଟଙ୍କା ଲେଖା ହିସାବରେ କିଣିଲା। ଏ ସମ୍ପର୍କରେ ଜାଣିପାରିଲୁ ନାହିଁ। ୧୮ରେ ଏ ବିଷୟରେ ଜାଣିବାକୁ ପାଇଲୁ। ପୋଲିସ୍, ପ୍ରଶାସନ, ଅର୍ଥ ଏବଂ ବାହୁବଳ ଲଗାଇ ବିଜେଡି ନିର୍ବାଚନ ଲଢିଲା।

# ରାଜ୍ୟ ଭାଜପାର ନିର୍ବାଚନୀ ସମୀକ୍ଷା

**ଭୁବନେଶ୍ୱର, ୯।୬(ବ୍ୟୁରୋ)**

- ୧୨୦ ମିଶନ ଫେଲ୍‌ର କାରଣ ଖୋଜିବ ଦଳ
- ୧୬ ଓ ୧୭ରେ ଲୋକ ସଭାସ୍ତରରୁ ସମୀକ୍ଷା
- ପ୍ରତି ଲୋକ ସଭା ଆସନ ପାଇଁ ୨ ନେତାଙ୍କୁ ଦାୟିତ୍ୱ
- ଜୁଲାଇରୁ ସଭ୍ୟ ସଂଗ୍ରହ ଚାଲିବ, ଅଗଷ୍ଟରେ ଆସିପାରନ୍ତି ନୂଆ ସଭାପତି
- ବିଜେପୁର, ପାଟକୁରା ନେଇ ଗୁପ୍ତ ମନ୍ତ୍ରଣା

୨୦୧୯ ସାଧାରଣ ନିର୍ବାଚନରେ ଭାଜପା ରାଜ୍ୟରେ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିପାରିଛି। ଦଳ ରାଜ୍ୟରେ ସରକାର ଗଠନ କରିବାର ଯେଉଁ ଦମ୍ଭୋକ୍ତି ଦେଖାଇଥିଲା, ସେଥିରେ ବିଫଳ ହୋଇଛି। ପ୍ରଥମଥର ବିରୋଧୀ ଦଳ ମାନ୍ୟତା ପାଇବାରେ ସକ୍ଷମ ହୋଇଛି। ଲୋକ ସଭା କ୍ଷେତ୍ରରେ ମଧ ଭାଜପା ୮ଟି ଆସନରେ ବିଜୟୀ ହୋଇଛି। ଓଡିଶାର ଦୁଇ ନେତାଙ୍କୁ ଏଥର କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଛି। କେନ୍ଦ୍ରମନ୍ତ୍ରୀ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନ ଏବଂ ପ୍ରତାପ ଷଡଙ୍ଗୀ ଶନିବାର ଓଡିଶା ଫେରିଛନ୍ତି। ଦୁଇ ନେତାଙ୍କ ସହ ବିଜୟୀ ହୋଇଥିବା ଅନ୍ୟ ଏମ୍‌ପି ଏବଂ ବିଧାୟକମାନଙ୍କୁ ଦଳୀୟ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଥିଲା। ରବିବାର ସବୁ ବରିଷ୍ଠ ନେତାମାନେ ବସି ଦଳର ନିର୍ବାଚନ ପ୍ରଦର୍ଶନ ସମ୍ପର୍କରେ ଆଲୋଚନା କରିଛନ୍ତି। ଦଳର ୧୨୦ ମିଶନ୍ ବିଫଳ ହେବାନେଇ ଭାଜପା ସବୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଖସଡା ପ୍ରସ୍ତୁତ କରିଛି। ଏଥିପାଇଁ ବହୁ ବରିଷ୍ଠ ନେତାଙ୍କ ମଧ୍ୟରେ ଦାୟିତ୍ୱ ବାଣ୍ଟି ଦିଆଯାଇଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ୨୦୧୯ ସାଧାରଣ ନିର୍ବାଚନରେ ଦଳର ପ୍ରଦର୍ଶନ ନେଇ ଦୁଇଟି ପର୍ଯ୍ୟାୟରେ ଆଲୋଚନା ହୋଇଛି। ପ୍ରଥମ ପର୍ଯ୍ୟାୟରେ ଦଳର କୋର୍ କମିଟି ବୈଠକ ବସିଥିଲା। ବରିଷ୍ଠ ନେତା ତଥା କୋର୍ କମିଟି ସଦସ୍ୟମାନେ ବସି ଦଳର ନିର୍ବାଚନ ଫଳ ସମ୍ପର୍କିତ ଆଲୋଚନା ହୋଇଥିଲା। ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ରାଜ୍ୟ ପ୍ରଭାରୀ ଅରୁଣ ସିଂ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହାସହ ଆଗକୁ ହେବାକୁ ଥିବା ପାଟକୁରା ନିର୍ବାଚନ ଏବଂ ବିଜେପୁର ଉପନିର୍ବାଚନ ନେଇ ଆଲୋଚନା ହୋଇଛି। ଏହି ଦୁଇ ଆସନରେ କେଉଁ ନେତାମାନଙ୍କୁ ଦାୟିତ୍ୱ ଦିଆଯିବ ସେ ନେଇ ମଧ୍ୟ ବିସ୍ତୃତ ଆଲୋଚନା ପର୍ଯ୍ୟାଲୋଚନା ସରିଛି। ଖୁବ୍‌ଶୀଘ୍ର ଏହି ଦୁଇ ଆସନ ଲାଗି ବହୁ ନେତାଙ୍କୁ ଦାୟିତ୍ୱ ବାଣ୍ଟି ଦିଆଯିବ ବୋଲି ଜଣାପଡିଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ରାଜ୍ୟ ପଦାଧିକାରୀ ଏବଂ ଜିଲା ସଭାପତିମାନଙ୍କ ସହ ବୈଠକ ବସିଥିଲା। ବୈଠକରେ ୧୨୦ ମିଶନ କାହିଁକି ବିଫଳ ହେଲା ତା' ଉପରେ ଆଲୋଚନା ହୋଇଛି। ଦଳ ୮ଟି ଲୋକ ସଭା ଆସନରେ ସଫଳତା ପାଇଥିବା ବେଳେ ନିଶ୍ଚୟ ଜିତିବା ସମ୍ଭାବନା ଥିବା କେତୋଟି ଆସନରେ କାହିଁକି ଖରାପ ପ୍ରଦର୍ଶନ ହେଲା ସେ ନେଇ ମଧ ଆଲୋଚନା ହୋଇଛି। ଏଥିପାଇଁ ଦଳ ପକ୍ଷରୁ ଦୁଇଟି ତାରିଖ ମଧ୍ୟ ଧାର୍ଯ୍ୟ କରାଯାଇଛି। ଦଳର ରାଜ୍ୟ ନେତାମାନଙ୍କ ମଧ୍ୟରୁ ପ୍ରତି ଲୋକ ସଭା କ୍ଷେତ୍ର ପାଇଁ ଦୁଇଜଣ ନେତାଙ୍କୁ ଦାୟିତ୍ୱ ବଣ୍ଟାଯିବ। ସେମାନେ ଆସନ୍ତା ୧୬ ଏବଂ ୧୭ ତାରିଖରେ ପ୍ରତି ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ଏହାର ଅନ୍ତର୍ଗତ ୭ ବିଧାନସଭା କ୍ଷେତ୍ର ଗସ୍ତ କରିବେ। ସେଠାରେ ଦଳର ପ୍ରଦର୍ଶନ ସମ୍ପର୍କିତ ରିପୋର୍ଟ ସଂଗ୍ରହ କରିବେ। ଯେଉଁସବୁ ସ୍ଥାନରେ ଦଳୀୟ କାର୍ଯ୍ୟକର୍ତ୍ତା ପ୍ରାର୍ଥୀଙ୍କ ବିରୋଧରେ କାମ କରିଥିବାର ତଥ୍ୟ ମିଳିବ ତା'ର ମଧ ସମୀକ୍ଷା କରିବେ। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡିଛି।

ଯେଉଁ ନେତାଙ୍କୁ ଦାୟିତ୍ୱ ମିଳିଛି ସେମାନେ ରିପୋର୍ଟ ସଂଗ୍ରହ କରି କୋର୍ କମିଟିରେ ଦାଖଲ କରିବେ। ପୁନର୍ବାର କୋର୍ କମିଟି ବୈଠକ ବସି ସେହି ରିପୋର୍ଟ ଉପରେ ଆଲୋଚନା କରାଯିବ। ଏହାପରେ ଦଳ ବିରୋଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରାଯିବ।



“ଲାଗିପଡ଼ି ଯଦି ଜଳଭଣ୍ଡାର କାନ୍ଥକୁ ଖୋଳିବ, ତେବେ ମୂଷାଟିଏ ମଧ୍ୟ ଗୋଟିଏ ଦେଶକୁ ବୁଡ଼ାଇ ଦେଇପାରିବ।
- ବକ୍



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ମହିଳା ଦକ୍ଷତା ସମିତି ରାଜ୍ୟ ଶାଖାର ୨୬ତମ ବାର୍ଷିକ ଉତ୍ସବ, ବୁଦ୍ଧ ମନ୍ଦିର, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦।
- ଅନ୍ତର୍ଜାତୀୟ ଅଭିଲେଖ ଦିବସ ପାଳନ ଅବସରରେ ଶାରଳା ଦାସଙ୍କ ଉପରେ ସ୍ୱତନ୍ତ୍ର ବକ୍ତୃତା, ଜାତୀୟ ଅଭିଲେଖାଗାର ପ୍ରେକ୍ଷାଳୟ, ୟୁନିଟ୍-୪, ସନ୍ଧ୍ୟା ୬ଟା।
- ମ୍ୟୁଜିକ୍ ସିଜ୍‌ଲର୍ସ ପକ୍ଷରୁ ମ୍ୟୁଜିକାଲ୍ ଶୋ 'ପ୍ୟାର୍ ହୁଆ ଚୁପ୍‌କେ ସେ...', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ବାଲିଯାତ୍ରା ସାଂସ୍କୃତିକ ମହୋତ୍ସବ ପକ୍ଷରୁ ମାଟ୍ରିକ ପରୀକ୍ଷାର କୃତି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ଜୟଦେବ ଶିକ୍ଷାକେନ୍ଦ୍ର, କାନନ ବିହାର, ଫେଜ୍-୨, ପଟିଆ, ସନ୍ଧ୍ୟା ୬ଟା।
- କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚର ସମ୍ବର୍ଦ୍ଧନା ଉତ୍ସବ, ସୂଚନା ଭବନସ୍ଥିତ ଗୀତ ଗୋବିନ୍ଦ ପ୍ରେକ୍ଷାଳୟ, ରାତି ୭ଟା।
- ସ୍ୱରତୀର୍ଥ ପକ୍ଷରୁ ଚନ୍ଦନ ପ୍ରତିଭା ଉତ୍ସବ, ସୂଚନା ଭବନ, ରାତି ୭ଟା ୩୦।

**ପୁରୀ**

- ଶୀତଳ ବାଞ୍ଚ ସେବା, ପୌର ସଦନ ଛକ, ପୂର୍ବାହ୍ନ ୧୦ଟା।

**ଖୋର୍ଦ୍ଧା**

- ଅହମୟା ମୁସଲିମ ଯୁବ ସଙ୍ଗଠନର ବାର୍ଷିକ ଇଜତେମାର ଉଦ୍‌ଯାପନୀ ଦିବସ, ଜାମା ମସ୍‌ଜିଦ, କେରଙ୍ଗ, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ବଟେଶ୍ୱର ଦେବ ଡ୍ରାମାଟିକ କ୍ଲବର ସାମାଜିକ ନାଟକ 'ବାଟ ହଜିଗଲା ହାଟ ମଝିରେ', ବ୍ରାହ୍ମଣ ଷଡ଼ଙ୍ଗୀ ଛକ, ରାତି ୧୧ଟା।

## ସାତ ଦିନ ପରେ ଅଣସର

### ହୋହାଲ୍ଲାରେ ସରିଲା ପ୍ରସ୍ତୁତି ବୈଠକ

**ବ୍ରହ୍ମଗିରି, ୯।୬(ଡି.ଏନ୍.ଏ.):** ଆସନ୍ତା ୧୭ ତାରିଖରେ ସ୍ନାନ ପୂର୍ଣ୍ଣିମା। ଅଣସର ପିଣ୍ଡିରେ ଶ୍ରୀଜୀଉମାନେ ମହାସ୍ନାନ କରିବେ। ତା ପର ଦିନ ଠାରୁ ବ୍ରହ୍ମଗିରି ପାଲଟିବ ଦ୍ୱିତୀୟ ଶ୍ରୀକ୍ଷେତ୍ର। ଶ୍ରୀଅଲାରନାଥଙ୍କ ପୀଠରେ ଆରମ୍ଭ ହେବ ଅଣସର ଦର୍ଶନ। ଅଣସରକୁ ମାତ୍ର ୭ ଦିନ ବାକି ଥିବା ବେଳେ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଗତ ବର୍ଷ ଅଣସର ସମୟରେ ଅଲାରନାଥ ମନ୍ଦିରରୁ ସିସି କ୍ୟାମେରା ଓ ହୁଣ୍ଡି ଭାଙ୍ଗି ଚୋରି ଘଟଣାରେ ପ୍ରଶାସନ କିମ୍ବା ସେବାୟତ କମିଟି ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ସେଥିପାଇଁ ପ୍ରସ୍ତୁତି ବୈଠକରେ ତୀବ୍ର ପ୍ରତିକ୍ରିୟା ଦେଖା ଦେଇଥିଲା। ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ମଧ୍ୟ କୌଣସି ବିଭାଗକୁ କାମ ବଣ୍ଟା ଯାଇ ନ ଥିଲା। ଫନୀରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଥିବାରୁ ଅଣସର ସମୟରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରିବା ପାଇଁ କେବଳ ବିଭାଗୀୟ ଅଧିକାରୀ ମାନଙ୍କୁ ସତର୍କ କରାଯାଇଥିଲା। ମଙ୍ଗଳବାର ପୁନର୍ବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବାକୁ ଥିବା ବେଳେ ସେହି ଦିନ ଅଲାରନାଥ ପରିଚାଳନା ଟ୍ରଷ୍ଟ ତରଫରୁ ଯାନବାହନ ପାର୍କିଂ, ଜୋତା ଷ୍ଟାଣ୍ଡ, ଦୀପ ସମେତ ଅନ୍ୟାନ୍ୟ ନିଲାମ କରାଯିବ ବୋଲି ଅଲାରନାଥ ଟ୍ରଷ୍ଟି ତଥା ତହସିଲଦାର ଅଶୋକ କୁମାର ମହାନ୍ତିଙ୍କ ସୂଚନା ଦେଇଛନ୍ତି।

## ରଜରୁ ପୁଣି ଏକାମ୍ର ଐତିହ୍ୟ ପଦଯାତ୍ରା

**ଭୁବନେଶ୍ୱର, ୯।୬(ବ୍ୟୁରୋ):** ବାତ୍ୟା 'ଫନୀ' ଓ ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଯୋଗୁ ଏକାମ୍ର ଐତିହ୍ୟ ପଦଯାତ୍ରାକୁ କିଛିଦିନ ହେବ ବନ୍ଦ ରଖାଯାଇଥିଲା। ବର୍ତ୍ତମାନ ଭୁବନେଶ୍ୱରରେ ସ୍ଥିତି ସ୍ୱାଭାବିକ ହୋଇଆସୁଥିବାରୁ ଏହାକୁ ପୁନର୍ବାର ରଜଠାରୁ ଆରମ୍ଭ କରାଯିବାକୁ ନିଷ୍ପତ୍ତି ହୋଇଛି। ପୂର୍ବପରି ତିନୋଟି ସ୍ଥାନରେ କରାଯିବ। ବିଦେଶୀ ପର୍ଯ୍ୟଟକ ଓ ପଦଯାତ୍ରାରେ ଭାଗ ନେଉଥିବା ସମସ୍ତ ସଦସ୍ୟଙ୍କୁ ପୁରୁଣା ଭୁବନେଶ୍ୱରରେ ଥିବା ମନ୍ଦିରର କାରୁକାର୍ଯ୍ୟ, ଖଣ୍ଡଗିରି ଉଦୟଗିରି ଗୁମ୍ଫାର କାହାଣୀ ସହ ବୀର ଓଡ଼ିଆ ରାଜାଙ୍କ କଥା, ସଂଗ୍ରହାଳୟରେ କଳିଙ୍ଗର ଇତିହାସ ଓ ଐତିହ୍ୟର ଗାଥା ଜାଣିବାର ସୁଯୋଗ ମିଳିବ। ଆସନ୍ତା ଶନିବାର ୧୫ ତାରିଖରେ ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାରେ ମହାବୀର ଜୈନଙ୍କ ଐତିହ୍ୟ ଗାଥା ସହ କଳିଙ୍ଗର ଇତିହାସ ଓ ଓଡ଼ିଆ ବୀରଙ୍କ ଅନାଲୋଚିତ କାହାଣୀ ସମ୍ପର୍କରେ ପର୍ଯ୍ୟଟକମାନେ ଜାଣିବାକୁ ପାଇବେ। ୧୬ ତାରିଖ ସକାଳେ ପୁରୁଣା ଭୁବନେଶ୍ୱରରେ ଐତିହ୍ୟ ପଦଯାତ୍ରା ଓ ସନ୍ଧ୍ୟାରେ ସଂଗ୍ରହାଳୟ ପଦଯାତ୍ରା ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ଐତିହ୍ୟ ପଦଯାତ୍ରାରେ ୩୦ଟି ରାଷ୍ଟ୍ରର ୧୦ ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଯୋଗଦେଇଛନ୍ତି। ବାତ୍ୟା ପୂର୍ବରୁ ଏପ୍ରିଲ ୨୭ ସୁଦ୍ଧା ଖଣ୍ଡଗିରି ଓ ଉଦୟଗିରିରେ ୭୧ଟି ଐତିହ୍ୟ ପଦଯାତ୍ରା ସମ୍ପନ୍ନ ହୋଇଥିଲା। ପୁରୁଣା ଭୁବନେଶ୍ୱରରେ ୧୨୩ଟି ଐତିହ୍ୟ ପଦଯାତ୍ରା ଓ କଳାଭୂମିରେ ୪୭ଟି ସଂଗ୍ରହାଳୟ ଗାଥା ଶୁଣାଯାଇଛି। ରାଜ୍ୟ ସଂସ୍କୃତି ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ କରାଯାଉଥିବାବେଳେ 'ଦି ଟୁର ଓଡ଼ିଶା' ପକ୍ଷରୁ ଏହାର ପରିଚାଳନା କରାଯାଉଛି।

## ସ୍ନାନମଣ୍ଡପରେ କଟକଣା



# ଠାକୁରଙ୍କ ଆଗରେ ଠିଆ ହେଲେ କାର୍ଯ୍ୟାନୁଷ୍ଠାନ

**ପୁରୀ ଅଫିସ,୯।୬**

ସ୍ନାନମଣ୍ଡପରେ ଠାକୁରଙ୍କ ଆଗରେ କେହି ଠିଆ ହେବେନାହିଁ। କୌଣସି ଭକ୍ତ ଠାକୁରଙ୍କୁ ସ୍ପର୍ଶ କରିପାରିବେ ନାହିଁ। ମହାପ୍ରଭୁଙ୍କ ପହଣ୍ଡି ବିଜେ କିମ୍ବା ସ୍ନାନବେଦୀରେ ଦର୍ଶନାର୍ଥୀ ଯେପରି ଶ୍ରୀବିଗ୍ରହ ନ ଛୁଇଁବେ ତାହା ଉପରେ କଡ଼ା ନଜର ରଖାଯାଇଛି। ସେଥିପାଇଁ ପର୍ଯ୍ୟାପ୍ତ ସିସିଟିଭି ଲଗାଯିବ ବୋଲି ଛତିଶା ନିଯୋଗ ବୈଠକରେ ଆଲୋଚନା ହୋଇଛି। ଏହି ପ୍ରସଙ୍ଗ ମଧ୍ୟ ସ୍ନାନଯାତ୍ରା ବ୍ୟବସ୍ଥାବଳୀରେ ସ୍ଥାନ ପାଇଥିବା ଜଣାପଡିଛି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ନାନଯାତ୍ରା ବ୍ୟବସ୍ଥାବଳୀ, ରଥଯାତ୍ରା ଓ ବାହୁଡା ଯାତ୍ରା ବ୍ୟବସ୍ଥାବଳୀ ନେଇ ଆଲୋଚନା କରାଯାଇଥିଲା। ଆସନ୍ତା ୧୭ ତାରିଖରେ ସ୍ନାନଯାତ୍ରା। ତେଣୁ ସ୍ନାନଯାତ୍ରା ବ୍ୟବସ୍ଥାବଳୀ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହା କିପରି ସୁରୁଖୁରୁରେ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ସୂଚନା ଅନୁଯାୟୀ, ସ୍ନାନମଣ୍ଡପର ପ୍ରବେଶ ପଥ ପାହାଚର ଡାହାଣ ପାର୍ଶ୍ୱ ପିଣ୍ଡି ଉପରେ କୌଣସି ବ୍ୟକ୍ତି ଛିଡ଼ା ହୋଇପାରିବେ ନାହିଁ। ସ୍ନାନମଣ୍ଡପକୁ ମହାପ୍ରଭୁଙ୍କ ପହଣ୍ଡି ଦୃଶ୍ୟକୁ ଭକ୍ତମାନେ ଯେପରି ଠିକ୍ ଭାବେ ଦର୍ଶନ କରିପାରିବେ ସେଥିପ୍ରତି ଦୃଷ୍ଟି ଦିଆଯିବ। ପହଣ୍ଡି ସମୟରେ ସୀମିତ ସଂଖ୍ୟକ ଘଣ୍ଟୁଆଙ୍କୁ ସ୍ନାନମଣ୍ଡପ ଉପରକୁ ଛଡ଼ାଯିବ। ପହଣ୍ଡି ପରେ ଶୋଧ ହେବ। ଶୋଧ ଦଳ ଅପ୍ରାଧିକୃତ ବ୍ୟକ୍ତିଙ୍କୁ ମଣ୍ଡପରୁ ଓହ୍ଲାଇବେ। ପହଣ୍ଡି ଓ ରୁନ୍ଧା କାର୍ଯ୍ୟ ସରିବା ପରେ ମହାପ୍ରଭୁଙ୍କ ସମ୍ମୁଖରେ କୌଣସି ସେବକ ଠିଆ ହେବେ ନାହିଁ। ଶ୍ରୀବିଗ୍ରହଙ୍କ ଶ୍ରୀଭୁଜ ଭିତରେ କିମ୍ବା କୌଣସି ଅଙ୍ଗରେ ଭାରା ଦେଇ ସେବାୟତ ଛିଡ଼ା ହୋଇପାରିବେ ନାହିଁ। ଶ୍ରୀଭୁଜ ତଳେ ମଧ୍ୟ କେହି ବସିବେ ନାହିଁ। ମହାପ୍ରଭୁଙ୍କ ଜଳଲାଗି ହେଉଛି ସ୍ନାନ ଯାତ୍ରାର ପ୍ରଧାନ ନୀତି। ତେଣୁ ଏହାର ଶୁଦ୍ଧତା, ପବିତ୍ରତା ରକ୍ଷା କରାଯିବା ସହ ବିଧିସମ୍ମତ ଶୃଙ୍ଖଳିତ କରିବା ଲାଗି ବୈଠକରେ ଆଲୋଚନା ହୋଇଛି। ଜଳବିଜେ, ଜଳପୂଜା ଓ ଜଳଲାଗି ସମୟରେ କୌଣସି ସେବକ ଶ୍ରୀବିଗ୍ରହମାନଙ୍କ ପ୍ରଭା ଉପରେ କିମ୍ବା ପ୍ରଭା ପାର୍ଶ୍ୱ କାନ୍ଥରେ ବସିପାରିବେ ନାହିଁ। ସ୍ନାନଜଳ ପୂଜା ଏବଂ ଜଳଲାଗି ସମୟରେ ଗରାବଡୁ ସେବକଙ୍କ ବ୍ୟତୀତ ଅନ୍ୟ କୌଣସି ସେବକ ଜଳଗଡୁକୁ ଯେପରି ସ୍ପର୍ଶ ନ କରିବେ ବୈଠକରେ ଆଲୋଚନା ହୋଇଛି। ସେହିପରି ହାତୀବେଶର ଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯାଇଛି। ସକାଳ ପହଣ୍ଡି ବିଜେ ପରଠାରୁ ସାହାଣ ମେଲା ପୂର୍ବ ପର୍ଯ୍ୟନ୍ତ ସ୍ନାନମଣ୍ଡପ ତଳ ସ୍ଥାୟୀ ର୍ୟାମ୍ପରେ ଭକ୍ତମାନେ ନିରବଚ୍ଛିନ୍ନ ଭାବେ ଦର୍ଶନ କରିବେ। ଦକ୍ଷିଣ ପାର୍ଶ୍ୱରୁ ପ୍ରବେଶ କରି ଉତ୍ତର ପାର୍ଶ୍ୱରେ ବାହାରିବେ। ସାହାଣମେଲା ଦର୍ଶନ ସମୟରେ ମହାପ୍ରଭୁଙ୍କ ସେବାରେ ନିୟୋଜିତ ସେବକ ବ୍ୟତୀତ ଅନ୍ୟ କୌଣସି ସେବକ ସ୍ନାନମଣ୍ଡପ ଉପରେ ରହିପାରିବେ ନାହିଁ। କୌଣସି ଦର୍ଶନାର୍ଥୀ ଠାକୁରଙ୍କ ପାଖକୁ ଯାଇପାରିବେ ନାହିଁ। ସାହାଣମେଲା ବ୍ୟତୀତ ଅନ୍ୟ କୌଣସି ସମୟରେ ଦର୍ଶନାର୍ଥୀ ସ୍ନାନମଣ୍ଡପ ଉପରକୁ ଉଠିପାରିବେ ନାହିଁ ବୋଲି ନିଷ୍ପତ୍ତି ହୋଇଛି।

**ଛତିଶା ନିଯୋଗ ବୈଠକ**

- କୌଣସି ଭକ୍ତ ଠାକୁରଙ୍କୁ ସ୍ପର୍ଶ କରିପାରିବେନି
- ଲଗାଯିବ ପର୍ଯ୍ୟାପ୍ତ ସିସିଟିଭି

# ଦଣ୍ଡିତ ହେବେ ବିଶୃଙ୍ଖଳିତ ସେବକ, କର୍ମଚାରୀ

**ପୁରୀ ଅଫିସ,୯।୬**

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ରବିବାର ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ନାନଯାତ୍ରା, ରଥଯାତ୍ରା, ବାହୁଡା, ସୁନାବେଶ, ଅଧରପଣା, ନୀଳାଦ୍ରିବିଜେ ଆଦି ନୀତି ସମ୍ପର୍କରେ ଆଲୋଚନା କରାଯାଇ ଚୂଡ଼ାନ୍ତ ହୋଇଛି। ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଥିଲେ, ନୀତି ସବ୍ କମିଟି ଯେଉଁ ନୀତି ପ୍ରସ୍ତୁତ କରିଥିଲା ଛତିଶା ନିଯୋଗ ସାମାନ୍ୟ କିଛି ପରିବର୍ତ୍ତନ କରି ଏହାକୁ ଅନୁମୋଦନ କରିଛି। ରଥଯାତ୍ରା ହେଉ କି ବାହୁଡା ଯାତ୍ରା, ରଥ ଲାଗି ଗଲା ପରେ ପରବର୍ତ୍ତୀ ନୀତି ପ୍ରତି ବିଶେଷ କେହି ଧ୍ୟାନ ଦେଇ ନ ଥାନ୍ତି। ଫଳରେ ବିଳମ୍ବ ହୋଇଥାଏ। ତେଣୁ ଏଥର ଏହି ନୀତି ସମ୍ପାଦନ ପାଇଁ କମିଟି ଗଠନ କରାଯାଇଛି। ଗୁଣ୍ଡିଚା ଏବଂ ବାହୁଡାରେ ରଥ ଲାଗିଗଲା ପରେ ସମ୍ପୃକ୍ତ କମିଟି ସଦସ୍ୟ ପରବର୍ତ୍ତୀ ନୀତି କିପରି ସଅଳ ହୋଇପାରିବ ତାହାର ତଦାରଖ କରିବେ। ସ୍ନାନଯାତ୍ରା ପୂର୍ବରୁ ଦଇତାପତି ଏବଂ ଗରାବଡୁଙ୍କ ସହ ଆଲୋଚନା କରାଯିବ। ଏହାପରେ ଅନ୍ୟ ପାଳିଆ ସେବାୟତଙ୍କ ସହ ଆଲୋଚନା ହେବ। ସ୍ନାନ ପୂର୍ଣ୍ଣିମାକୁ ଶୃଙ୍ଖଳିତ ଲାଗି ସମସ୍ତ ସେବକଙ୍କୁ କୁହାଯାଇଛି।

ଗତବର୍ଷ ସ୍ନାନବେଦୀରେ ସିସିଟିଭି ଫୁଟେଜକୁ ଆଧାର କରି ବିଶୃଙ୍ଖଳା କରିଥିବା ୪୫ ଜଣ ସେବକ ଏବଂ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏ ବର୍ଷ ବି ଯେଉଁମାନେ ବ୍ୟବସ୍ଥାବଳୀର ଉଲ୍ଲଂଘନ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯବ। କିନ୍ତୁ ସମସ୍ତେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଗତବର୍ଷ ହାତୀବେଶକୁ ଓଲାଗି କରି ନିଖୁଣ ଭାବେ ସେବକମାନେ ଦେଇଛନ୍ତି। ସେଥିପାଇଁ ସେମାନଙ୍କୁ ଯେଉଁ ପୁରସ୍କାର ଘୋଷଣା କରାଯାଇଥିଲା ତାହା ପ୍ରଦାନ କରାଯାଇଛି। ଚଳିତବର୍ଷ ହାତୀବେଶ ଓଲାଗି ପରେ ନଖୁଣ ଭାବେ ହସ୍ତାନ୍ତର କରିବେ ବୋଲି ସେବାୟତମାନେ କହିଛନ୍ତି। ନିଖୁଣ ଭାବେ ଏହି ବେଶ ଦେଲେ ସେମାନଙ୍କୁ ପ୍ରାପ୍ୟ ପୁରସ୍କାର ପ୍ରଦାନ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ରଥଯାତ୍ରାର ସିଧା ପ୍ରସାରଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଟେଣ୍ଡର ପ୍ରକ୍ରିୟାରେ ଜଣଙ୍କୁ ଅଧିକାର ଦେବା ଲାଗି ନେଇଥିବା ନିଷ୍ପତ୍ତି ପ୍ରଶ୍ନରେ ମୁଖ୍ୟ ପ୍ରଶାସକ କହିଥିଲେ, ୨୦୧୧ ମସିହାରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ବନ୍ଦ ରହିଯାଇଥିଲା। ଟିଭି ଚ୍ୟାନେଲଗୁଡ଼ିକ ବିଜ୍ଞାପନ ମାଧ୍ୟମରେ ବହୁତ ଅର୍ଥ ପାଉଥିଲେ ବି ଶ୍ରୀମନ୍ଦିରକୁ କିଛି ଦେଉ ନ ଥିବାରୁ ଏଭଳି ଚିନ୍ତା କରାଯାଇଛି। ଏହା ହେଉଛି ମୁଖ୍ୟ ଉଦ୍ଦେଶ୍ୟ। ଏ ନେଇ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ମହାପ୍ରଭୁଙ୍କୁ କେଉଁ ଚ୍ୟାନେଲ କେତେ କ'ଣ ଦେଇପାରିବେ ସେ ନେଇ ସୋମବାର ୪ଟା ପର୍ଯ୍ୟନ୍ତ ବିଡିଂ ମଗାଯାଇଛି, ଏହା ଆସିଲା ପରେ ଯାହା ନିଷ୍ପତ୍ତି ନିଆଯିବ। ମନ୍ଦିର ପ୍ରଶାସନର ଆୟ ବୃଦ୍ଧି ପାଇଁ ଏଭଳି ଏକ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟ ପ୍ରଶାସକ ମହାପାତ୍ର କହିଛନ୍ତି।

- ନୀତି ଶୃଙ୍ଖଳା ପାଇଁ କମିଟି ଗଠନ
- ରଥଯାତ୍ରାର ସିଧା ପ୍ରସାରଣ ନେଇ କିଛି ନିଷ୍ପତ୍ତି ହୋଇନି: ମୁଖ୍ୟ ପ୍ରଶାସକ
- ନିଖୁଣ ଭାବେ ହାତୀବେଶ ଖୋଲିଦେଲେ ମିଳିବ ପ୍ରାପ୍ୟ ପୁରସ୍କାର





**ରଥଖଳାରୁ...**

# ସରିଲା ଚକ ନିର୍ମାଣ

- ଶେଷ ପର୍ଯ୍ୟାୟରେ କଣଗୁଜ
- ପଂକ୍ତି ଭୋଗ ଖାଇଲେ ପଞ୍ଚ ମହାଦେବ

**ପୁରୀ ଅଫିସ, ୯।୬**

ରଥଯାତ୍ରା ପାଖେଇ ଆସୁଥିବା ବେଳେ ରଥ ନିର୍ମାଣ କାର୍ଯ୍ୟ ଯୋରସୋରରେ ଚାଲିଛି। ରବିବାର ତିନି ରଥର ୪୨ଟି ଚକ ତିଆରି ସରିଛି। ସେଥିରୁ ନନ୍ଦିଘୋଷର ୧୬ଟି, ତାଳଧ୍ୱଜର ୧୪ଟି ଓ ଦର୍ପଦଳନର ୧୨ଟି ଚକ ରହିଛି। ରଥଖଳା ବାହାରେ ଦଣ୍ଡା କାମ ଚାଲିଛି। ମହାରଣା ମାନେ ତୁମ୍ବରେ ଅର ବିନ୍ଧ କରୁଛନ୍ତି। ମୁହାଁଟ, ପାର୍ଶ୍ୱ ମୁହାଁଟ କାମ ସରିଛି। ଗରାଗରା କାଠ ହଣା ଚାଲିଛି। ରଥଖଳା ବାହାରେ ଅଖ ହଣା ଚାଲିଛି। ସେପଟେ ରୂପକାର ମାନେ କଣଗୁଜ କରୁଛନ୍ତି। ବଡଠାକୁରଙ୍କ ରଥର ରୂପକାର ସେବକ ପଞ୍ଚାନନ ମହାପାତ୍ର କୁହନ୍ତି, ତିନିରଥର ୪୮ଟି କଣଗୁଜ କରାଯିବ। ରବିବାର ସୁଦ୍ଧା ନନ୍ଦିଘୋଷ ରଥର ୧୬ରୁ ୧୨, ତାଳଧ୍ୱଜର ୧୬ରୁ ୧୦ ଓ ଦର୍ପଦଳନର ୧୨ରୁ ୮ଟି ମୋଟ ୩୦ଟି କଣଗୁଜ ସରିଛି। ଆଗକୁ ନାଟଗୋଡ ଓ ସିଂହସନା, ପଟାଗୁଜ କାମ ଆରମ୍ଭ ହେବ। ତିନିରଥର ୩ଟି ସିଂହାସନ ତିଆରି କରାଯିବ। ସେଥିରେ ଗଛ, ତାଳପତ୍ର, ପଦ୍ମପାଖୁଡା ଆଦି ପ୍ରସ୍ତୁତ କରାଯିବ। ତିନି ରଥର ୩୪ଟି ପଟାଗୁଜ ଆବଶ୍ୟକ। ଏଥିରେ ଗଜବିରାଳ, ସିଂହବିରାଳ ଓ ନର ବିରାଳ କରାଯିବ ବୋଲି ମହାପାତ୍ର କହିଛନ୍ତି। ଦୋଳବେଦିକୋଣ କମାର ଚାଳିରେ କମାର ସେବକ ଜୋଖା, ଗୟଳ କଣ୍ଟା ପ୍ରସ୍ତୁତ କରୁଛନ୍ତି। କରତି ସେବକ ଗୟଳ କାଠ ଚିରଟ କରୁଛନ୍ତି। ସେପଟେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଭୋଇ ସେବକ ତିନି ରଥର ୧୨ଟି ଚକରେ ପଂକ୍ତି ଚାଳି ପ୍ରସ୍ତୁତ କରିଥିଲେ। ପଞ୍ଚ ମହାଦେବ ଶ୍ରୀ ଲୋକନାଥ, ଯମେଶ୍ୱର, ମାର୍କଣ୍ଡେଶ୍ୱର, କପାଳମୋଚନ ଓ ନୀଳକଣ୍ଠେଶ୍ୱର ବିମାନରେ ସିଂହଦ୍ୱାର ସମ୍ମୁଖରୁ ବିରାଟ ଶୋଭାଯାତ୍ରାରେ ବାହାରି ଜଗନ୍ନାଥ ବଲ୍ଲଭ ମଠକୁ ଯାଇଥିଲେ। ସେଠାରୁ ଶ୍ରୀନଅରରେ ପଂକ୍ତି ସାରି ଭୋଇ ସେବକଙ୍କ ଦ୍ୱାରା ପଂକ୍ତି ଚାଳିରେ ପଂକ୍ତି ଖାଇ ଫେରିଥିଲେ। ରଥଖଳାରେ କାର୍ଯ୍ୟରତ ମହାରଣା, ରୂପକାର, ଭୋଇ, କରତି, କମାର ସେବକ ମାନେ ଏଥିରେ ସାମିଲ ହୋଇଥିଲେ।

## ମହାପ୍ରଭୁଙ୍କ ତୁଳସୀ ପାଇ ସୁସ୍ଥ ହୋଇଥିଲି

**ମୋ ଅନୁଭୂତି...**



ଗଣେଶ ମହାପାତ୍ର

ରଥରେ ତାଙ୍କର ରୂପକାର ସେବା ରହିଛି। ୫ବର୍ଷ ବୟସରେ ବାପା ଯମେଶ୍ୱରଙ୍କ ସହିତ ରଥଖଳାକୁ ଚାଲି ଆସିଥିଲେ। ୧୮ବର୍ଷ ବୟସରେ ଶାଢୀ ବନ୍ଧାଇଥିଲେ। ଏହାରି ମଧ୍ୟରେ ଅନେକ ଉତ୍ଥାନ ପତନ ଦେଇ ଗତି କରିଛନ୍ତି। ତଥାପି ମହାପ୍ରଭୁଙ୍କ ଆଶୀର୍ବାଦରୁ କୌଣସିଠାରେ ଅଟକି ନାହାନ୍ତି। ତାଙ୍କୁ ସ୍ମରଣ ମାତ୍ରକେ ଦୁଃଖ କଷ୍ଟ ଲାଘବ ହୋଇଥାଏ ବୋଲି କୁହନ୍ତି, ବଡ ଠାକୁରଙ୍କ ରଥ ମୁଖ୍ୟ ରୂପକାର ଗଣେଶ ମହାପାତ୍ର(୭୯)। ବୟସ ବଢିବା ସହିତ ବାର୍ଦ୍ଧକ୍ୟ କାରଣରୁ ଟିକିଏ ଚାଲିଲେ, ଅଣ୍ଟା ପିଠି ଦରଜ ହେଉଛି। ତଥାପି ରଥଖଳାକୁ ନ ଆସିଲେ ମନ ମାନୁନି। ଯେମିତି ମହାପ୍ରଭୁଙ୍କ ଡୋରି ଏଠାକୁ ଟାଣି ଆଣୁଛି। ନୃସିଂହ ଚତୁର୍ଦ୍ଦଶୀରେ କଣଗୁଜ କାମ ଅନୁକୂଳ ହୋଇଥାଏ। ସେହି ଦିନ ଭୀଷଣ ଜ୍ୱର ରହିଥାଏ। ଠିଆ ହେବାକୁ ବଳ ନ ଥାଏ। ମହାପ୍ରଭୁଙ୍କ ଲାଗି ତୁଳସୀ ଓ ପାଦୁକ ପାଣି ଟିକିଏ ସେବନ ପରେ ଆଶ୍ୱସ୍ତି ଅନୁଭବ କରିଥିଲି। ଶରୀରରେ ସତେଜତା ଅନୁଭବ କରିଥିଲି। ରଥଖଳାରେ ଏକ ନିଆରା ଅନୁଭବ। ଭୀଷଣ ଖରାତାତି ସତ୍ତ୍ୱେ ଏଠାରେ କିଛି ଅନୁଭୂତ ହୋଇ ନ ଥାଏ। ରଥଖଳାକୁ ଆସିଗଲେ, କିପରି ସମୟ କଟିଯାଏ, ତାହା ଜଣାପଡେନି। ଗଣେଶ କୁହନ୍ତି, ପୂର୍ବରୁ କାଠରେ କେବଳ ଗାରିଆ ହୋଇ ରଙ୍ଗ ଦିଆଯାଉଥିଲା। ୨୦୦୦ମସିହାରୁ କାଠରେ ଖୋଦେଇ କାର୍ଯ୍ୟ କରାଯାଉଛି। ଏହାକୁ ଭକ୍ତ ମାନେ ମଧ୍ୟ ଆଦର ସହିତ ଗ୍ରହଣ କରିଥିଲେ। ଚାରିଆଡେ ପ୍ରଶଂସାରୁ ସୁଅ ଛୁଟିଥିଲା। ଖୋଦେଇ କାର୍ଯ୍ୟକୁ ଅଧିକ ଆକର୍ଷଣୀୟ କରାଯାଉଛି। ଯେପରି ଏହା ଭକ୍ତଙ୍କ ନିକଟରେ ଆଦୃତ ହୋଇପାରିବ। ରଥଖଳାରେ ମୋର ତିନି ପୁଅ ନରସିଂହ, ପଞ୍ଚାନନ ଏବଂ ଦିପୁ ମହାପାତ୍ର କାମ କରୁଛନ୍ତି। ସେମାନଙ୍କ ପୁଅ ମାନେ ମଧ୍ୟ ରଥଖଳାରେ କାମ ଶିକ୍ଷା ନେଉଛନ୍ତି। ପ୍ରଥମେ ୨ଅଣା ପଇସାରୁ କାମ ଆରମ୍ଭ କରିଥିଲି। ପରେ ୫୦ ପଇସା, ୧ଟଙ୍କାରୁ ବଢି ଦୈନିକ ଦେଢ଼ା ମଜୁରୀ ୪୩୦ରେ ପହଞ୍ଚିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍ www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ସନ୍ତୋଷ



ମାନସ



ପୀୟୂଷ



ରାହୁଲ



ଆଶିଷ



ରାମ



ଗୁରୁପ୍ରସାଦ



"ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରାଇପାରିବେ।
- ମଦନମୋହନ ମାଲବ୍ୟ



# ପୋତି ହୋଇ ଚିଲିକା ସଙ୍କୁଚିତ

## ସିଡିଏ ନିଷ୍କ୍ରିୟ



ବାଲୁଗାଁ,୯।୬(ଡି.ଏନ୍.ଏ.)

ଚିଲିକା ହ୍ରଦ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ତେବେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ସିଡିଏର ବୈମାତୃକ ମନୋଭାବ ଯୋଗୁଁ ବର୍ତ୍ତମାନ ଏହି ହ୍ରଦଟି କ୍ରମେ ପୋତି ହେବାରେ ଲାଗିଛି। ବିଶେଷକରି ଶୀତଋତୁରେ ବିଦେଶରୁ ଲକ୍ଷ ଲକ୍ଷ ପକ୍ଷୀଙ୍କ ଆଗମନରେ ଚିଲିକାର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଥାଏ। ଏହାକୁ ଉପଭୋଗ କରିବା ପାଇଁ ଦୈନିକ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ତେବେ କ୍ରମଶଃ ବିଭିନ୍ନ କାରଣ ନେଇ ଏହାର ଆୟତନ ହ୍ରାସ ପାଇବା ହେତୁ ଚିଲିକାଟି ଶ୍ରୀହୀନ ହେବାରେ ଲାଗିଛି।

ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲାର ପ୍ରାୟ ୧୪୫ ଗ୍ରାମର ୩ ଲକ୍ଷରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ଚିଲିକା ଉପରେ ଆତ୍ମନିର୍ଭରଶୀଳ। ଦୈନିକ ମତ୍ସ୍ୟଜୀବୀ ଚିଲିକାରେ ମାଛ ମାରି ନିଜର ଭରଣପୋଷଣ କରିଥାନ୍ତି। ହେଲେ ଚିଲିକା ଦାୟିତ୍ୱରେ ଥିବା ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଓ ପ୍ରଶାସନର ଉଦାସୀନତା ଏବଂ ଚିଲିକା ନଳଘାସ ସହ ଅନ୍ୟାନ୍ୟ କାରଣ ଯୋଗୁଁ ପୋତି ହୋଇ ଯାଉଥିବା ଦେଖାଦେଇଛି। ବିଗତ ବର୍ଷରେ ଚିଲିକାର ଆୟତନ ପ୍ରାୟ ୨୦୦୦ ବର୍ଗ କି.ମି ଥିବା ସ୍ଥଳେ ଏବେ କିନ୍ତୁ ନଳଘାସ, ନଦୀ ପାଣିର ପଟୁମାଟି ଓ ବିଭିନ୍ନ ଅଳିଆ ଆବର୍ଜନା ଯୋଗୁଁ ଏହା କାଳକ୍ରମେ ପୋତିହୋଇ ୧୧୬୫ ବର୍ଗ କି.ମି.ରେ ପହଞ୍ଚିଛି। ବର୍ଷା ଦିନେ ଚିଲିକା ମଧ୍ୟକୁ ଶାଳିଆ, ମଲାଗୁଣି, କଂସାରି, ଦୟା, ଭାର୍ଗବୀ, ଖଇଗାଁ ବନ୍ଧ ପ୍ରଭୃତି ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ନଦୀ ଚିଲିକା ସହ ସଂଯୋଗ ଥିବାରୁ ବଢ଼ିପାଣି ସହ ପଟୁମାଟି ଏବଂ ଅଳିଆ ଆବର୍ଜନା ପ୍ରବେଶ କରିବାରୁ ଚିଲିକା ତଟରେ ଜମା ହୋଇ ପୋତି ହେବାରେ ଲାଗିଛି। ଆଉ ମଧ୍ୟ ରାଜଦଳ, ବାଉଁଶ ଘାସ, ନଳଘାସ ଦିନକୁଦିନ ବୃଦ୍ଧି ପାଉଥିବାରେ ଚିଲିକାର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ମତ୍ସ୍ୟଜୀବୀଙ୍କ ମାଛ ମାରିବାରେ ବାଧା ଉପୁଜିଛି। ମତ୍ସ୍ୟଜୀବୀମାନେ ଚିଲିକାରେ ମାଛ ନ ପାଇ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ବିଶେଷକରି ଚିଲିକାରେ ପ୍ରାୟ ୨୨୫ ପ୍ରଜାତିର ମାଛ, ଚିଙ୍ଗୁଡ଼ି, କଙ୍କଡ଼ା ଆଦି ଦେଖାଯାଉଥିବା ସ୍ଥଳେ ଏବେ କିନ୍ତୁ ପୋତି ହୋଇ ଯାଉଥିବା ହେତୁ ମାଛ ସଂଖ୍ୟା ହ୍ରାସ ହେଉଥିବା ମତ୍ସ୍ୟଜୀବୀମାନେ ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ଚିଲିକା ଚତୁଃପାର୍ଶ୍ୱ ତଟାଞ୍ଚଳରେ ଆବର୍ଜନା ଜମି ରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେବା ଫଳରେ ପର୍ଯ୍ୟଟକ ନାକରେ ହାତ ଦେଇ ଚିଲିକା ଭ୍ରମଣରେ ଯିବା ପାଇଁ ବାଧ୍ୟ ହେଉଛନ୍ତି।

ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ପକ୍ଷରୁ ଚିଲିକା ଉନ୍ନୟନ ନିମନ୍ତେ କୋଟି କୋଟି ଟଙ୍କା ଅନୁଦାନ ଆସୁଥିବା ବେଳେ ପ୍ରକୃତପକ୍ଷେ ଏହାର ଉପଯୁକ୍ତ ବିନିଯୋଗ ହେଉ ନ ଥିବା ଅଭିଯୋଗ ହୋଇଛି। ସରକାର ଏଥିପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ଗ୍ରହଣ ନ କଲେ ଭବିଷ୍ୟତରେ ଚିଲିକା କ୍ରମେ ପର୍ଯ୍ୟଟନ ମାନଚିତ୍ରରୁ ଲୋପ ପାଇବା ଆଶଙ୍କାକୁ ଏଡ଼ାଇ ହେବ ନାହିଁ। ତୁରନ୍ତ ଆଗାମୀ ବର୍ଷାଋତୁ ଆସିବା ପୂର୍ବରୁ ଚିଲିକାର ସୁରକ୍ଷା ଦିଗରେ ପଦକ୍ଷେପ ନେବା ନିମନ୍ତେ ମତ୍ସ୍ୟଜୀବୀ, ପରିବେଶବିତ୍, ବୁଦ୍ଧିଜୀବୀ ଓ ପର୍ଯ୍ୟଟକ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ସିଡିଏ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ରାଟ ଗୌଡଙ୍କୁ ପଚାରିବାରୁ ସେ କହିଥିଲେ, ଚିଲିକାର ପରିବେଶ ପ୍ରଦୂଷିତ ଓ ଅବକ୍ଷୟ ନେଇ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। ଚିଲିକାକୁ ସଂଯୋଗ କରୁଥିବା ବିଭିନ୍ନ ନଦୀ, ନାଳ ଆଦି ସ୍ଥାନରୁ ମାଟି ଓ ପଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପର୍ଯ୍ୟାୟକ୍ରମେ ସମଗ୍ର ଚିଲିକା ଚତୁଃପାର୍ଶ୍ୱ ଅଞ୍ଚଳରେ ଏହି ପୁନରୁଦ୍ଧାର କାର୍ଯ୍ୟ ଜାରି ରହିବ।

## ସଂକ୍ଷେପରେ

### କ୍ରଶର ୟୁନିଟ୍‌ରେ ଦୁର୍ଘଟଣା
### ବିଦ୍ୟୁତ୍ ଆଘାତରେ ଜଣେ ମୃତ, ଜଣେ ଆହତ

**ଖୋର୍ଦ୍ଧା ଅଫିସ,୯।୬:** ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଓସିସି ଛକରେ ଏକ କ୍ରଶର ୟୁନିଟ୍‌ରେ ବିଦ୍ୟୁତ୍ କାର୍ଯ୍ୟ ଚାଲୁ ରହିଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଠିକା ଶ୍ରମିକ ପ୍ରାଣ ହରାଇଛନ୍ତି। ମୃତକ ହେଲେ ରାଜ କିଶୋର ନାୟକ(୩୫)। ଘର ନୟାଗଡ ଜିଲା ଫତେଗଡ ଥାନା ଗୋପାଳପ୍ରସାଦ ଗାଁରେ। ସେହିଭଳି ଅନ୍ୟ ଜଣେ ଆହତ ହୋଇଛନ୍ତି। ଆହତଙ୍କ ନାଁ ମାନସ ବୋଲି ଜଣାପଡିଛି। ହେଲେ ଠିକଣା ଜଣାପଡିନି। ମିଳିଥିବା ସୂଚନା ଅନୁସାରେ, ଜଣେ ଠିକାଦାରଙ୍କ ଅଧୀନରେ ଓସିସି ଛକରେ ଏକ କ୍ରଶରରେ ବିଦ୍ୟୁତ୍ କାର୍ଯ୍ୟ ଚାଲୁ ରହିଥିଲା। ବିଦ୍ୟୁତ୍ କାର୍ଯ୍ୟରେ ରାଜକିଶୋରଙ୍କୁ ମାନସ ସହଯୋଗ କରୁଥିଲେ। ବିଦ୍ୟୁତ୍ ସଂସ୍ପର୍ଶରେ ଆସିବା ପରେ ରାଜକିଶୋରଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପକ୍ଷରୁ ନଂ. ୬/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରାଯାଉଛି। ଅନ୍ୟପକ୍ଷେ ବ୍ୟବଚ୍ଛେଦ କରାଯାଇ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଆହତଙ୍କ ସମ୍ପର୍କରେ କିଛି ସୂଚନା ମିଳିନି।

### ସରିଲା ଜୟଦେବ ରାଷ୍ଟ୍ରୀୟ ସମାରୋହ
### ମଞ୍ଚରେ ଶାସ୍ତ୍ରୀୟ ନୃତ୍ୟର ପସରା

ଭୁବନେଶ୍ୱର,୯।୬(ବ୍ୟୁରୋ)- ଜାତୀୟ ସଂସ୍କୃତି ମିଶନ ପକ୍ଷରୁ ସ୍ଥାନୀୟ ଭଞ୍ଜ କଳାମଣ୍ଡପଠାରେ ଚାଲିଥିବା ୫ଦିନିଆ ଶ୍ରୀଜୟଦେବ ରାଷ୍ଟ୍ରୀୟ ସମାରୋହ ଏବଂ ନବୀନ କଳାକାର ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅନୁଷ୍ଠାନ ଉପଦେଷ୍ଟା ବାସୁଦେବ ଭଞ୍ଜ, ପ୍ରସନ୍ନ ବିଶୋୟୀ, ଅନୁଷ୍ଠାନ ନିର୍ଦ୍ଦେଶକ ଜଗବନ୍ଧୁ ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିକ୍ରମ ଗୌଡ ବଥିନାଙ୍କୁ ଜୟଦେବ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହାସହିତ ଅଞ୍ଜନାମୟୀ ସାଇକିଆଙ୍କୁ ଶ୍ରୀଜୟଦେବ ରାଷ୍ଟ୍ରୀୟ ପୁରସ୍କାର, ଗୁରୁ ମନୋରଞ୍ଜନ ପ୍ରଧାନଙ୍କୁ ଶ୍ରୀଜୟଦେବ ଓ ମିନତି ପ୍ରଧାନଙ୍କୁ ପଦ୍ମାବତୀ ରାଷ୍ଟ୍ରୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶାସ୍ତ୍ରୀୟ ନୃତ୍ୟର ସମ୍ଭାର ଦେଖିବାକୁ ମିଳିଥିଲା। ପ୍ରଥମ ପ୍ରସ୍ତୁତିରେ ନୃତ୍ୟଶିଳ୍ପୀ ଅଞ୍ଜଳୀ ପ୍ରସାଦ ଓଡ଼ିଶୀ ଗୀତଗୋବିନ୍ଦର 'ବସନ୍ତ ବସନ୍ତେ' ପରିବେଷଣ କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହାପରେ ଅଞ୍ଜନାମୟୀ ସାଇକିଆ ସାତ୍ରୀୟା ନୃତ୍ୟ ପରିବେଷଣ କରିଥିଲେ। ପରେ ପରେ ବେଙ୍ଗାଲୁରୁର ଯଶୋବନ୍ତି ମିଶ୍ର ଦଶାବତାର ନୃତ୍ୟ ଏବଂ ବିଶାଖାପାଟଣାର ତେଜଶ୍ରୀ ବଥିନା କୁଚିପୁଡ଼ିରେ 'ଓଁ ନମଃଶିବାୟ' ପରିବେଷଣ କରିଥିଲେ। ଏହାପରେ ସୃଜନ କଳାକୋଟ କୁଚିପୁଡ଼ି ନୃତ୍ୟ, ଗୁରୁ ମନୋରଞ୍ଜନ ପ୍ରଧାନ ଓ ମିନତି ପ୍ରଧାନଙ୍କ ଦ୍ୱାରା ଓଡ଼ିଶୀ, ତୁଳିକା ତ୍ରିପାଠୀ ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଶିଳ୍ପୀମାନଙ୍କ ଦ୍ୱାରା ସମବେତ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ପ୍ରାରମ୍ଭିକ ଅଧିବେଶନରେ ୧୫ରୁ ଅଧିକ ଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ।

# ଜଗନ୍ନାଥପୁରରେ ବୋମାମାଡ଼

- ୨ ଆହତ, ୨ ବୋମା ଉଦ୍ଧାର
- ଜେଲ ଗଲେ ଅଭିଯୁକ୍ତ

ଖୋର୍ଦ୍ଧା ଅଫିସ,୯।୬

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଜଗନ୍ନାଥପୁରରେ ଶନିବାର ରାତିରେ ବୋମାମାଡ ହୋଇଛି। ଏଥିରେ ୨ଜଣ ଆହତ ହୋଇଛନ୍ତି। ଏହି ଘଟଣାରେ ପୋଲିସ ଉକ୍ତ ଗ୍ରାମର ବିଶ୍ୱନାଥ ବରାଳ(୨୫)ଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଖୋର୍ଦ୍ଧା ସବ୍ ଜେଲକୁ ପଠାଇ ଦିଆଯାଇଛି। ପୋଲିସ ଘଟଣାସ୍ଥଳରୁ ୨ ବୋମା ଓ ଫୁଟିଥିବା ବୋମାର କିଛି ଟୁକୁରା ଜବତ କରିଛି। ଏ ନେଇ ୮୭/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ସୂଚନା ଅନୁସାରେ, ବିଶ୍ୱନାଥ ତାଙ୍କ ବାପାଙ୍କୁ ମାରପିଟ୍ କରି କିଛିଦିନ ତଳେ ଜେଲ ଯାଇଥିଲେ। ଏହି ଘଟଣାରେ ସାକ୍ଷୀ ଥିବା ଗାଁର କେତେଜଣ ଲୋକଙ୍କ ଉପରକୁ ବୋମା ପକାଇବାକୁ ବିଶ୍ୱନାଥ ଯୋଜନା କରିଥିଲେ। ତଦନୁଯାୟୀ ଶନିବାର ରାତିରେ କେତେଜଣ ସାକ୍ଷୀ ଗାଁ ଦାଣ୍ଡରେ କଥାବାର୍ତ୍ତା ହେଉଥିବାବେଳେ ସେ ସେମାନଙ୍କ ଉପରକୁ ବୋମାମାଡ଼ କରିଥିଲେ। ଏଥିରେ ମାନସ ବରାଳ ଓ ପରମାନନ୍ଦ ବରାଳ ଆହତ ହୋଇଥିଲେ।

# ନାବାଳିକାଙ୍କୁ ଅସଦାଚରଣ, ବୃଦ୍ଧ ଗିରଫ

କଟକ ରୋଡ, ୯।୬ (ଡି.ଏନ.ଏ.)

ଜଣୈକା ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ରବିବାର ଜଣେ ୭୪ ବର୍ଷୀୟ ବୃଦ୍ଧଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିବା ଦିବାକର ମହାପାତ୍ର। ପୋଲିସ ସୂଚନା ଅନୁଯାୟୀ, କଟକ ଜିଲା ବଡମ୍ବା ଥାନା ଅଞ୍ଚଳର ଜଣେ ବ୍ୟବସାୟୀ ଦିବାକରଙ୍କ ଘରେ ୪ ବର୍ଷ ଧରି ଭଡାରେ ରହିଥିଲେ। ଗତ ବାତ୍ୟା ପରଠାରୁ କଲୋନୀ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦେଖା ଦେବାରୁ ସମ୍ପୃକ୍ତ ବ୍ୟବସାୟୀ ଉକ୍ତ ଘର ଛାଡି ନିକଟରେ ଥିବା ଅନ୍ୟ ଏକ ଘର ଭଡା ନେଇଥିଲେ। ତେବେ ଶନିବାର ଅପରାହ୍ନ ପ୍ରାୟ ୩ଟାରେ ବ୍ୟବସାୟୀଙ୍କ ଝିଅ ଦିବାକରଙ୍କ ଘରକୁ ପାଣି ପାଇଁ ଆସିଥିବା ବେଳେ ବୃଦ୍ଧ ଜଣଙ୍କ ତାଙ୍କୁ ଏକୁଟିଆ ପାଇ ଅସଦାଚରଣ କରିଥିଲେ ବୋଲି ଘଟଣାର ତଦନ୍ତକାରୀ ଅଧିକାରୀ ବିଶ୍ୱମ୍ଭର ପ୍ରଧାନ କହିଛନ୍ତି। ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ନଂ. ୧୪୯/୧୯ରେ ମାମଲା ରୁଜୁ ହୋଇଛି।

# ପ୍ରାକୃତିକ ରଙ୍ଗ, ପାରମ୍ପରିକ ଫ୍ୟାଶନର ଚାହିଦା ବଢୁଛି

## ୨୨୯ତମ 'ମିଟ୍ ଦ ଆର୍ଟିଷ୍ଟ' କାର୍ଯ୍ୟକ୍ରମ



ଭୁବନେଶ୍ୱର,୯।୬(ବ୍ୟୁରୋ)

ସମଗ୍ର ବିଶ୍ୱରେ ପ୍ରାକୃତିକ ରଙ୍ଗ ବ୍ୟବହୃତ ହସ୍ତଶିଳ୍ପ, ବୟନଶିଳ୍ପ ଏବଂ ଗୃହ ଅଳଙ୍କରଣର ଚାହିଦା ବୃଦ୍ଧି ପାଉଛି। ଏଭଳିସ୍ଥିତିରେ ଭାରତ ତଥା ଓଡ଼ିଶାର ବୁଣାକାର, ହସ୍ତଶିଳ୍ପୀ ତଥା ଉଦ୍ୟୋଗୀମାନଙ୍କ ପାଇଁ ବିଶେଷ ସୁଯୋଗ ସୃଷ୍ଟି ହୋଇଛି। ହଜାର ହଜାର ବର୍ଷ ଧରି ଓଡ଼ିଶାର ବୁଣାକାର ଓ ହସ୍ତଶିଳ୍ପୀମାନେ ସ୍ଥାନୀୟ ଉପଲବ୍ଧ ବୃକ୍ଷଲତା ଏବଂ ଖଣିଜ ପଦାର୍ଥ ବ୍ୟବହାର କରି ରଙ୍ଗ ତିଆରି କରୁଥିଲେ। ଏ ପର୍ଯ୍ୟନ୍ତ ମଧ୍ୟ କୋଟପାଡ଼ ଶାଢ଼ି ଓ କନାରେ ପ୍ରାକୃତିକ ରଙ୍ଗ, ଡାଇ ବ୍ୟବହାର ହେଉଛି। ସେହିଭଳି ରଘୁରାଜପୁରର ପଟଚିତ୍ର, ତାଳପତ୍ର ଖୋଦେଇ, କାଗଜ ମୁଖା ଓ ମାଟି ଗୋବର କଣ୍ଢେଇରେ ମଧ୍ୟ ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଉଛି। ମାତ୍ର ବୟନଶିଳ୍ପରେ ସମୟକ୍ରମେ ପ୍ରାକୃତିକ ରଙ୍ଗ ପରିବର୍ତ୍ତେ ରାସାୟନିକ ରଙ୍ଗ ବ୍ୟବହାର ବହୁମାତ୍ରାରେ ବଢ଼ିଯାଇଛି। ଏପରି କି, ଓଡ଼ିଶାର ହସ୍ତଶିଳ୍ପ ଓ ବୟନଶିଳ୍ପ କ୍ଷେତ୍ରରେ ଦିନକୁ ଦିନ କାରିଗରଙ୍କ ସଂଖ୍ୟା କମିବା ସହ ରାସାୟନିକ ରଙ୍ଗ ବ୍ୟବହାର ବଢ଼ିବାରେ ଲାଗିଛି। ଏହାଦ୍ୱାରା କେବଳ ବିଦେଶ ନୁହେଁ, ଆମ ଦେଶରେ ମଧ୍ୟ ଓଡ଼ିଶାର ଯେଉଁ ସ୍ୱତନ୍ତ୍ର ପରିଚୟ ଏ ପର୍ଯ୍ୟନ୍ତ ରହିଆସିଛି, ଭବିଷ୍ୟତରେ ସେଥିରେ ପ୍ରଶ୍ନବାଚୀ ଲାଗିପାରେ ବୋଲି କହିଛନ୍ତି ପ୍ରଫେସର ବିନୟ ଭୂଷଣ ଜେନା।

ଜେଡିସିଏ ପକ୍ଷରୁ ପ୍ରତ୍ୟେକ ମାସ ଦ୍ୱିତୀୟ ଶନିବାର ନୟାପଲ୍ଲୀସ୍ଥିତ ଜେଡିସିଏ କାର୍ଯ୍ୟାଳୟରେ ଆୟୋଜିତ ହେଉଥିବା 'ମିଟ୍ ଦ ଆର୍ଟିଷ୍ଟ'ର ୨୨୯ତମ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସେ ଏହା କହିଥିଲେ। ଭୁବନେଶ୍ୱରସ୍ଥିତ ରାଷ୍ଟ୍ରୀୟ ଫ୍ୟାଶନ ପ୍ରୋଦ୍ୟୋଗିକ ସଂସ୍ଥା ନିର୍ଦ୍ଦେଶକ ପ୍ରଫେସର ଜେନା ଏହି ଅବସରରେ 'ଓଡ଼ିଶାର ହସ୍ତଶିଳ୍ପ ଏବଂ ବୟନଶିଳ୍ପରେ ପ୍ରାକୃତିକ ରଙ୍ଗର ବ୍ୟବହାର' ଉପରେ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ, ସମଗ୍ର ବିଶ୍ୱରେ ଏବେ ପ୍ରାକୃତିକ ତଥା ପାରମ୍ପରିକ ଫ୍ୟାଶନର ଚାହିଦା ବଢୁଛି। ତେଣୁ ପ୍ରାକୃତିକ ସମ୍ପଦରେ ଭରପୂର ଓଡ଼ିଶାରେ ଉପଲବ୍ଧ ବୃକ୍ଷଲତା ଏବଂ ଖଣିଜ ପଦାର୍ଥର ସୁବିନିଯୋଗ କରି ସମଗ୍ର ବିଶ୍ୱରେ କଳା ସହିତ ବ୍ୟବସାୟ ଓ ନିଯୁକ୍ତିର ସୁଯୋଗ ନେବା ଉଚିତ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅବସର ବେଉରିଆ, ବାଞ୍ଛାନିଧି ପଟ୍ଟନାୟକ, ଭାଗିରଥୀ ବେହେରା, ବିଦ୍ୟୁଲତା ପାଟଶାଣୀ, ସୁବ୍ରତ ମଲ୍ଲିକ, ରାଜୀବ ଷଡ଼ଙ୍ଗୀ, ପୃଥ୍ୱୀରାଜ ସିଂହଦେଓ, ସୋମନାଥ ବେହେରା, ରଶ୍ମୀରେଖା ପାଢ଼ୀ, ଅନିତା ସାବତ, ଦିଗମ୍ବର ମହାଲିକ, ଆନନ୍ଦ ମହନ୍ତ, ରିତମ୍ବରା ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଜେଡିସିଏ ତରଫରୁ ବିଶ୍ୱଜିତ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଶ୍ରୀ ଗୁରୁ ଅର୍ଜୁନ ଦେବ ଜୀଙ୍କ ଶହୀଦ ଦିବସ ଅବସରରେ କଟକର ଫତେ ଗୁରୁଦ୍ୱାରା ଗୁରୁ ନାନକ ଦାତନ ସାହିବ ପକ୍ଷରୁ ଆୟୋଜିତ 'ଚାବଲ ସେବା'।

# ଅଟା ମିଲରଙ୍କଠାରୁ ୮ ଲକ୍ଷ ଠକେଇ, ଜଣେ ଗିରଫ

କଟକ ରୋଡ, ୯।୬ (ଡି.ଏନ୍.ଏ.)

ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଜଗତ୍‌ସିଂହପୁର ଜିଲା ଅଲଣା ଗାଁର ଗଗନ ବେହେରା। ପୋଲିସ ସୂଚନା ଅନୁଯାୟୀ, ପ୍ରାୟ ୪ବର୍ଷ ହେଲା ଗଗନ ସ୍ଥାନୀୟ କଟକ ରୋଡରେ ଥିବା ଏକ ଅଟା ମିଲରେ କର୍ମଚାରୀ ଭାବେ କାମ କରୁଥିଲେ। ମିଲ ପକ୍ଷରୁ ରାଜଧାନୀର ବିଭିନ୍ନ ତେଜରାତି ଦୋକାନକୁ ପାଇକାରୀ ମୂଲ୍ୟରେ ଯୋଗା ଯାଉଥିବା ପ୍ୟାକେଟ ଅଟା ବାବଦ ଟଙ୍କା ଗଗନ ଆଦାୟ କରନ୍ତି। କିଛିଦିନ ହେଲା ଗଗନ ଟଙ୍କା ଆଦାୟ କରୁଥିଲେ ମଧ୍ୟ ତାହା ମିଲ ମାଲିକଙ୍କ ନିକଟରେ ଜମା କରୁ ନ ଥିଲେ। ପରବର୍ତ୍ତୀ ସମୟରେ ଗଗନ ଦୋକାନୀମାନଙ୍କଠାରୁ ୮ ଲକ୍ଷ ଟଙ୍କା ସଂଗ୍ରହ କରି ହଡପ କରିଥିବା ଜଣାପଡିଥିଲା। ଏ ନେଇ ବାରମ୍ବାର ତାଙ୍କୁ ଟଙ୍କା ମଗାଯାଇଥିଲେ ହେଁ ସେ ଆଦାୟ କରିଥିବା ଟଙ୍କାର ହିସାବ ଦେଇ ପାରି ନ ଥିଲେ। ଏ ନେଇ ମିଲର ପରିଚାଳକ ଦିଲୀପ କୁମାର ବେହେରାଙ୍କ ଅଭିଯୋଗକ୍ରମେ ଥାନାରେ ନଂ. ୧୫୦/୧୯ରେ ମାମଲା ରୁଜୁ ହୋଇଥିଲା। ସୋମବାର ଗଗନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

ସେହିପରି ଅନ୍ୟ ଏକ ଠକେଇ ମାମଲାରେ ଲକ୍ଷ୍ମୀସାଗର ପୋଲିସ ଆଉ ଜଣଙ୍କୁ ଥାନାରେ ରବିବାର ଅଟକ ରଖିଛି। ପୋଲିସ ସୂଚନା ଅନୁଯାୟୀ, ଶହୀଦନଗର ଅଞ୍ଚଳରେ ରହୁଥିବା ଗିରିଧାରୀ ଲାଲ ଅଗ୍ରୱାଲଙ୍କ ଅଭିଯୋଗକ୍ରମେ ଅଟକ ଥିବା ଯୁବକ ତାଙ୍କଠାରୁ ୧୦ ଲକ୍ଷ ଟଙ୍କା ଠକିଥିବା ନେଇ ଜଣାପଡିଛି। ଅଟକ ଯୁବକଙ୍କୁ ପୋଲିସ ପଚରାଉଚରା ଚଳାଇଥିବା ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି।

### ନବବଧୂ ହତ୍ୟା ମାମଲା
### ଏନ୍ଏଚ୍ଆର୍‌ସିରେ ପିଟିଶନ

**ଭୁବନେଶ୍ୱର,୯।୬(ବ୍ୟୁରୋ):** କଟକ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଗାନ୍ଧୀପଲୀ ଅଞ୍ଚଳର ଲକ୍ଷ୍ମୀପ୍ରିୟା ସ୍ୱାଇଁଙ୍କୁ ଯୌତୁକ ପାଇଁ ଶନିବାର ଶାଶୁଘର ଲୋକେ ତଣ୍ଟିଚିପି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ସ୍ୱାମୀ ସୁଜିତ୍ ଗୁରୁ, ଶାଶୁ ରେବତୀ ଗୁରୁ ଓ ଶ୍ୱଶୁର ପ୍ରମୋଦ ଗୁରୁଙ୍କୁ ଗିରଫ କରିଛି। ହେଲେ ସେମାନଙ୍କ ବିରୋଧରେ ପୋଲିସ ୩୦୨ (ହତ୍ୟା) ଦଫା ଲଗାଇ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରିସ୍ଥଳେ ରବିବାର ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି। କମିଶନଙ୍କ କାର୍ଯ୍ୟାଳୟ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ପରବର୍ତ୍ତୀ ସମୟରେ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି। ମୃତ ଲକ୍ଷ୍ମୀପ୍ରିୟାଙ୍କ ବାପଘର ଲୋକଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଡିଜିପିଙ୍କୁ ନିର୍ଦ୍ଦେଶ ଦେବାକୁ ହିମାଂଶୁ ନିବେଦନ କରିଛନ୍ତି।

# 'ବାଣୀବିହାର ଓ ଅନ୍ୟାନ୍ୟ କବିତା' ଉନ୍ମୋଚିତ




## ବିଶ୍ୱବିଦ୍ୟାଳୟ ଉଦ୍ଦେଶ୍ୟରେ ଉତ୍ସର୍ଗ କଲେ ଲେଖକ

ଭୁବନେଶ୍ୱର,୯।୬(ବ୍ୟୁରୋ)

ତୀରତରଙ୍ଗ ପବ୍ଲିକେଶନ ଦ୍ୱାରା ପ୍ରକାଶିତ ଶତ୍ରୁଜିତଙ୍କ କବିତା ପୁସ୍ତକ 'ବାଣୀବିହାର ଓ ଅନ୍ୟାନ୍ୟ କବିତା' ରବିବାର ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ମନସ୍ତତ୍ତ୍ୱ ବିଭାଗ ସମ୍ମିଳନୀ କକ୍ଷରେ ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ବିଶ୍ୱରଞ୍ଜନ, ସମ୍ମାନିତ ଅତିଥି ଭାବେ ପ୍ରଫେସର ସଂଘମିତ୍ରା ମିଶ୍ର ଓ ସମ୍ମାନିତ ବକ୍ତା ଭାବେ ଦେବପ୍ରସାଦ ଦାଶ ଯୋଗଦେଇ ଏହି କବିତା ପୁସ୍ତକକୁ ପାଠକାର୍ପଣ କରିଥିଲେ। ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁସ୍ତକର ସମୀକ୍ଷା ସହ ଏହା ଉପରେ ଆଲୋଚନା କରାଯାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ୭୫ବର୍ଷ ପୂର୍ତ୍ତି ଅବସରରେ ଏହି କବିତା ପୁସ୍ତକ ପ୍ରକାଶିତ ହୋଇଛି। 'ବାଣୀବିହାର ଓ ଅନ୍ୟାନ୍ୟ କବିତା'ରେ ମୋଟ ୨୧ କବିତା ରହିଥିବା ବେଳେ ସେଥିମଧ୍ୟରୁ ୧୦ କବିତା ବାଣୀବିହାର ଉପରେ ଲେଖାଯାଇଛି ବୋଲି କବି ଶତ୍ରୁଜିତ କହିଛନ୍ତି। ଏହି ଅବସରରେ ପୁସ୍ତକକୁ ବିଶ୍ୱବିଦ୍ୟାଳୟ ଉଦ୍ଦେଶ୍ୟରେ ଲେଖକ ଉତ୍ସର୍ଗ କରିଛନ୍ତି।

# ଅଭିଯୁକ୍ତ ବଡ଼ଭାଇ ଫୁଲନଖରାରୁ ଗିରଫ

## ଯୁବକଙ୍କୁ ଗୋଡ଼ାଇ ହାଣିବା ଘଟଣା

- ସମ୍ପତ୍ତି ବିବାଦକୁ କେନ୍ଦ୍ରକରି ହତ୍ୟା କରିଥିଲେ
- ହତ୍ୟାରେ ବ୍ୟବହୃତ କଟୁରି ପୁରୀ କେନାଲରୁ ଜବତ





ଭୁବନେଶ୍ୱର, ୯।୬(ବ୍ୟୁରୋ)/ ବାଲିଅନ୍ତା(ଡି.ଏନ୍.ଏ.)

ବାଲିଅନ୍ତା ଥାନା ପାହାଳ ଫାଣ୍ଡି ଅନ୍ତର୍ଗତ ଅଟଳାସ୍ଥିତ ପଞ୍ଚମୁଖୀ ବିହାର ଆପାର୍ଟମେଣ୍ଟ ମୁଖ୍ୟ ଫାଟକ ନିକଟରେ ପ୍ରୀତମ୍ କୁମାର ରାଉତରାୟଙ୍କୁ ତାଙ୍କ ବଡ଼ଭାଇ ମାମୁନ ଶୁକ୍ରବାର କଟୁରିରେ ଗୋଡାଇ ଗୋଡ଼ାଇ ହତ୍ୟା କରିଥିଲେ। ରବିବାର ସକାଳେ ପୋଲିସ ଅଭିଯୁକ୍ତ ମାମୁନ ଓରଫ ଶରତ୍ତା ରାଉତରାୟଙ୍କୁ ଗିରଫ କରିଛି। ମାମୁନ ନିଜ ଭୁଲ୍ ସ୍ୱୀକାର କରି ଥାନାରେ ଆତ୍ମସମର୍ପଣ କରିଥିବା କୁହାଯାଉଥିବାବେଳେ ଫୁଲନଖରାରୁ ତାଙ୍କୁ ଗିରଫ କରାଯାଇଥିବା ପୋଲିସ କହୁଛି। ତେବେ କେସ୍ ନଂ.୧୪୮/୧୯ରେ ଆଇପିସି ଦଫା ୩୦୨ ଲଗାଇ ପୋଲିସ ତାଙ୍କୁ ପଚରାଉଚରା ପରେ ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ ଆବାସିକ ଚାମ୍ବରରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ବୟାନ ଅନୁସାରେ, ହତ୍ୟାକାଣ୍ଡରେ ବ୍ୟବହୃତ କଟୁରିକୁ ପୋଲିସ ପୁରୀ କେନାଲ ରୋଡ୍ କଡରୁ ଜବତ କରିଛି।

ଅନ୍ୟପକ୍ଷରେ ଅଭିଯୁକ୍ତଙ୍କଠାରୁ ପୋଲିସ ହତ୍ୟାକାଣ୍ଡର କାରଣ ଜାଣିବାକୁ ପାଇଛି। ସମ୍ପତ୍ତିକୁ ନେଇ ଉପୁଜିଥିବା ବିବାଦରୁ ମାମୁନ ସାନଭାଇ ପ୍ରୀତମ୍‌ଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ବାପା ନରେନ୍ଦ୍ର ରାଉତରାୟ ଦୁଇବର୍ଷ ପୂର୍ବେ ସବ୍‌ରେଜିଷ୍ଟ୍ରାର ଚାକିରିରୁ ଅବସର ଗ୍ରହଣ କରିଥିଲେ। ଏହାପରେ ତାଙ୍କ ପରିବାର ଲକ୍ଷ୍ମୀସାଗର ଶବର ସାହି ଭଡ଼ାଘରେ ନ ରହି ଅଟଳାସ୍ଥିତ ପଞ୍ଚମୁଖୀ ଆପାର୍ଟମେଣ୍ଟରେ ଫ୍ଲାଟ୍ ନଂ.୫୦୪/ବି କିଣି ସେଠାରେ ରହୁଥିଲେ। ଦୁଇ ଝିଅ ଓ ବଡ଼ପୁଅ ମାମୁନଙ୍କର ବିବାହ ସରିଥିଲା। ସାନପୁଅ ପ୍ରୀତମ୍‌ଙ୍କର ବିବାହ ହୋଇ ନ ଥିଲା। ଦୁଇପୁଅ କେହି କିଛି ରୋଜଗାର କରୁ ନ ଥିବାରୁ ବାପାଙ୍କ ପେନ୍‌ସନ ଓ ବ୍ୟବସାୟ ଟଙ୍କାରେ ଘର ଚଳୁଥିଲା। ବାପାଙ୍କ ନାମରେ ଥିବା ସମ୍ପତ୍ତିକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ତିକ୍ତତା ଉପୁଜିଥିଲା। ବାପା ନରେନ୍ଦ୍ର ଉଭୟଙ୍କୁ ବାରମ୍ବାର ବୁଝାଶୁଝା କରୁଥିଲେ ମଧ୍ୟ କେହି ବୁଝିବା ପରିସ୍ଥିତିରେ ନ ଥିଲେ। ୩ଦିନ ତଳେ ଏହି ସମ୍ପତ୍ତି ବଣ୍ଟାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ପ୍ରୀତମ ବଡ଼ଭାଇ ଓ ବାପାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇ ଘରୁ ପଳାଇଥିଲେ। ଏହାପରେ ବାପା ନରେନ୍ଦ୍ର ଗୁଜରାଟରେ ରହୁଥିବା ବଡ଼ ଝିଅ ପାଖକୁ ଚାଲିଯାଇଥିବାବେଳେ ମାମୁନ ସ୍ତ୍ରୀଙ୍କ ସହ ଉକ୍ତ ଆପାର୍ଟମେଣ୍ଟରେ ଭୟଭୀତ ଅବସ୍ଥାରେ ଥିଲେ। ଏ ପରିସ୍ଥିତିରେ ସାନଭାଇ ପ୍ରୀତମଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବାକୁ ମାମୁନ ନିଷ୍ପତ୍ତି ନେଇଥିଲେ। ଶୁକ୍ରବାର ଅପରାହ୍ନରେ ମାମୁନ ସମସ୍ୟାର ସମାଧାନ ପାଇଁ ପ୍ରୀତମ୍‌ଙ୍କୁ ଉକ୍ତ ଆପାର୍ଟମେଣ୍ଟ ନିକଟକୁ ଡାକିଥିଲେ। ପ୍ରୀତମ ଆପାର୍ଟମେଣ୍ଟଠାରୁ କିଛି ଦୂରରେ ଛିଡା ହୋଇଥିଲେ। ମାମୁନ ତାଙ୍କ ବାଇକ୍‌କୁ ଆପାର୍ଟମେଣ୍ଟ ଗେଟ୍ ନିକଟରେ ରଖି ପ୍ରୀତମଙ୍କ ନିକଟକୁ ଚାଲି ଚାଲି ଯାଇଥିଲେ। ହାତରେ ଥିଲା କପଡ଼ା ଗୁଡ଼ା ହୋଇଥିବା ଏକ କଟୁରି। ଉଭୟଙ୍କ ମଧ୍ୟରେ କିଛି ସମୟ କଥାବାର୍ତ୍ତା ହେବା ପରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ମାମୁନ କଟୁରି ଧରି ସାନଭାଇ ପ୍ରୀତମଙ୍କୁ ଗୋଡ଼ାଇ ଥିଲେ। କିଛିବାଟ ଦୌଡ଼ିଯିବା ପରେ ପ୍ରୀତମ ତଳେ ପଡିଯିବାରୁ ମାମୁନ ତାଙ୍କୁ ୧୦ରୁ ୧୫ ଚୋଟ ମାରିଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ହତ୍ୟାକାଣ୍ଡ ସଂକ୍ରାନ୍ତରେ ଆପାର୍ଟମେଣ୍ଟର ସୁରକ୍ଷାକର୍ମୀ ସୁଧାଂଶୁ ଭୂଷଣ ନନ୍ଦ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପଧରେ ରବିବାର ସକାଳେ ବାପା ନରେନ୍ଦ୍ର ଗୁଜରାଟରୁ ଫେରି କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ମୃତ ସାନପୁଅ ପ୍ରୀତମଙ୍କ ମୃତଦେହକୁ ଧରି କଟକସ୍ଥିତ ନିଜ ଗାଁକୁ ନେଇ ଦାହ କରିଥିବା ଜଣାପଡିଛି।



ରାଗ, ଦ୍ୱେଷ, ଈର୍ଷା ମନ ଭିତରେ ଥିଲେ
ପୂଜାପାଠ, ଭଜନ କୀର୍ତ୍ତନ ନିରର୍ଥକ।
- ସନ୍ଥ ଏକନାଥ



## ସଂକ୍ଷେପରେ

### ଘର ଭିତରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ନିରାକାରପୁର,୯।୬(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତସ୍ଥ ରାମେଶ୍ୱର କାମନା ସାହିର ଜଣେ ଯୁବକଙ୍କ ମୃତଦେହ ତାଙ୍କ ଘର ଭିତରୁ ପୋଲିସ ଉଦ୍ଧାର କରିଛି। ଖବର ପାଇ ରବିବାର ପୂର୍ବାହ୍ନ ୮ଟାରେ ନିରାକାରପୁର ପୋଲିସ ମୃତ ଦେହ ଉଦ୍ଧାର କରିଥିଲା। ଯୁବକ ଜଣକ ହେଉଛନ୍ତି ପବିତ୍ର ସାହୁ(ଡାକ ନାମ କାଳିଆ-୩୮)। ମୃତଦେହ ଜବତ ବେଳେ ପବିତ୍ରଙ୍କ ବେକରେ ଏକ ବିଦ୍ୟୁତ୍ ତାର ଗୁଡାଇ ହୋଇଥିବାବେଳେ ତାଙ୍କ କାନ ଓ ନାକରୁ ରକ୍ତବାହାରୁ ଥିବା ଓ ଖୋର୍ଦ୍ଧା ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଏଏସ୍ଆଇ ଶରତ ଚନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି। ତେବେ ମୋ ପୁଅ ଆତ୍ମହତ୍ୟା କରିଛି ବୋଲି ମୃତକଙ୍କ ବାପା କେଦାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ, ପାରିବାରିକ ବିଶୃଙ୍ଖଳାକୁ କେନ୍ଦ୍ରକରି ମୃତକଙ୍କ ବାପା, ମା ଓ ସାନଭାଇ ଅନ୍ୟ ସ୍ଥାନରେ ଭଡାରେ ରହୁଥିବାବେଳେ କେଦାର ପୁଅ, ଝିଅ, ସ୍ତ୍ରୀଙ୍କ ସହ ନିଜ ଘରେ ରହୁଥିଲେ। ଏନେଇ ସ୍ଥାନୀୟ ପୋଲିସ କେସ୍‌ନଂ ୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ବାପାଙ୍କୁ ଚେଙ୍ଗ ଦେଇ ପୁଅ ଗିରଫ

**କଟକ ଅଫିସ,୯।୬:** ବାପାଙ୍କୁ ଚେଙ୍ଗ ଦେବା ଅଭିଯୋଗରେ ଲାଲ୍‌ବାଗ ପୋଲିସ ସ୍ଥାନୀୟ କାଜିବଜାର ଅଞ୍ଚଳର ଅକ୍ଷୟ ବେହେରା(୩୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ଶନିବାର ପାରିବାରିକ କାରଣକୁ ନେଇ ବାପା ଧନିଆଙ୍କ ସହ ଅକ୍ଷୟଙ୍କର ଯୁକ୍ତିତର୍କ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଅକ୍ଷୟ ଉତ୍‌କ୍ଷିପ୍ତ ହୋଇ ଚୁଲିରୁ ନିଆଁଖୁଣ୍ଟା ବାହାର କରି ଧନିଆଙ୍କ ଶରୀରର ୭ଟି ସ୍ଥାନରେ ଚେଙ୍ଗ ଦେଇଥିଲେ। ଏ ନେଇ ଧନିଆ ରବିବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୦୭/୧୯) ରୁଜୁ କରିଥିଲା।

### ବେଆଇନ ଟିକଟ ବିକ୍ରି ଅଭିଯୋଗ: ଅଭିଯୁକ୍ତ ଗିରଫ

**କଟକ ଅଫିସ,୯।୬:** କଟକ ରେଳଷ୍ଟେଶନ ନିକଟରେ ବେଆଇନ ଟିକେଟ ବିକ୍ରି କରିବା ଅଭିଯୋଗରେ ଜିଆରପି ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମଙ୍ଗଳାବାଗ ଥାନା ଅନ୍ତର୍ଗତ ରାଣୀହାଟ ଅଞ୍ଚଳର ତପନ କୁମାର ନଟିଆ(୫୫)। ପୋଲିସ ତାଙ୍କ ନିକଟରୁ ଦୁଇଟି ଟିକଟ ଜବତ କରିଛି। ଗତ ଶନିବାର ରାତିରେ ତପନ ଟିକଟ ବିକ୍ରି କରୁଥିବା ପୋଲିସ ଖବର ପାଇଥିଲେ। ପରେ ପୋଲିସ ସେଠାରେ ଚଢାଉ କରି ତପନଙ୍କୁ ଗିରଫ କରିଥିଲା।

## ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ

# ସ୍ନାତକ ପରୀକ୍ଷାରେ ଝିଅଙ୍କ ବାଜିମାତ୍

**ଖୋର୍ଦ୍ଧା ଅଫିସ,୯।୬**

- ଟପ୍ପର ତାଲିକାରେ ୧୨ ଝିଅ, ୭ ପୁଅ
- ପାସ ହାର ୮୨ ପ୍ରତିଶତ
- ଦୀପାରାଣୀ ମହାପାତ୍ର ଶ୍ରେଷ୍ଠ ସ୍ନାତକ



ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର କଳା, ବାଣିଜ୍ୟ ଓ ବିଜ୍ଞାନ ଯୁକ୍ତ ୩ ଶେଷ ବର୍ଷ ଡିଗ୍ରୀ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। କଳା, ବାଣିଜ୍ୟ ଓ ବିଜ୍ଞାନର ୧୯ ବିଭାଗର ଟପ୍ପରଙ୍କ ମଧ୍ୟରେ ୧୨ ଜଣ ଛାତ୍ରୀ ଥିବାବେଳେ ୭ ଜଣ ଛାତ୍ର ରହିଛନ୍ତି। ଛାତ୍ରୀଛାତ୍ରଙ୍କ ସମୁଦାୟ ପାସ ହାର ଚଳିତବର୍ଷ ୮୨ ପ୍ରତିଶତ ହୋଇଛି। ତେବେ ଛାତ୍ରୀଙ୍କ ପାସ ହାର ୯୨.୫ ପ୍ରତିଶତ ଏବଂ ଛାତ୍ରଙ୍କ ପାସ ହାର ୭୨ ପ୍ରତିଶତ ରହିଛି। କଳାରେ ୮୫ ପ୍ରତିଶତ, ବାଣିଜ୍ୟରେ ୭୨.୦୬ ପ୍ରତିଶତ ଓ ବିଜ୍ଞାନରେ ୮୮.୨ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନ ବିଭାଗରେ ପଦାର୍ଥ ବିଜ୍ଞାନ ସମ୍ମାନର ଛାତ୍ରୀ ଦୀପାରାଣୀ ମହାପାତ୍ର, କଳା ବିଭାଗରେ ମନସ୍ତତ୍ତ୍ୱ ସମ୍ମାନ ଛାତ୍ର ସୁବ୍ରତ ମାର୍ଥା, ବାଣିଜ୍ୟ ବିଭାଗରେ ବାଣିଜ୍ୟ ସମ୍ମାନର ଛାତ୍ର ଅଂଶୁମାନ ପଟ୍ଟନାୟକ ଯଥାକ୍ରମେ ଓଭରାଲ ଟପ୍ପର ହୋଇଛନ୍ତି। ଓଭରାଲ ଟପ୍ପର ମଧ୍ୟରୁ ଛାତ୍ରୀ ଦୀପାରାଣୀ ଚଳିତବର୍ଷର ବେଷ୍ଟ ଗ୍ରାଜୁଏଟ (ଶ୍ରେଷ୍ଠ ସ୍ନାତକ) ଅଫ ଦି କଲେଜ-୨୦୧୯ ହୋଇଛନ୍ତି। ଏହି ୩ ଜଣ ଛାତ୍ରଙ୍କୁ ୨୦୨୦ ମହାବିଦ୍ୟାଳୟର ସାମ୍ବତ୍ସରିକ ଉତ୍ସବରେ ସ୍ୱର୍ଣ୍ଣ ପଦକ ଦିଆଯିବ।

ପରୀକ୍ଷା ଫଳ ପ୍ରକାଶନ ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, କଲେଜର ଅଧ୍ୟକ୍ଷ ସୌଦାମିନୀ ଦାଶ, ପରୀକ୍ଷା ନିୟନ୍ତ୍ରକ ସ୍ୱଦେଶ କୁମାର ଦାସ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କ୍ଷୀରୋଦ ପ୍ରସାଦ ମହାନ୍ତି, ଭାଇସ ପ୍ରିନ୍ସିପାଲ ମନୋରଞ୍ଜନ ସେନାପତି ଉପସ୍ଥିତ ଥିଲେ। ସୂଚନା ଅନୁସାରେ, ମହାବିଦ୍ୟାଳୟ ସ୍ୱୟଂ ଶାସିତ ମାନ୍ୟତା ଲାଭ କରିବା ପରେ ଏହା ହେଉଛି ୧୧ ତମ ବାର୍ଷିକ ପରୀକ୍ଷା ଫଳ। ୬ ଗୋଟି ସେମିଷ୍ଟରର ମୋଟ ପରୀକ୍ଷା ଫଳାଫଳକୁ ନେଇ ଶେଷ ଫଳ ପ୍ରସ୍ତୁତ କରାଯାଇଛି। ମହାବିଦ୍ୟାଳୟର କମର୍ସ ସମ୍ମାନରେ ଅଂଶୁମାନ ପଟ୍ଟନାୟକ, ବଟାନୀ ସମ୍ମାନରେ ସୋନାଲୀ ସମେକ୍ଷା ଦାସ, କେମେଷ୍ଟ୍ରୀ ସମ୍ମାନରେ ଶୈଳେନ୍ଦ୍ର ମହାନ୍ତି, ଜୋଗ୍ରାଫିରେ ମିନତି ବେହେରା, କମ୍ପ୍ୟୁଟର ସାଇନ୍ସରେ ଶୁଭ୍ରଶାଶ୍ୱତୀ ରଥ, ମ୍ୟାଥମେଟିକ୍‌ରେ ରଜତ କୁମାର ସାହୁ, ଜିଓଲୋଜି ସମ୍ମାନରେ ଶୁଭଶ୍ରୀ ପ୍ରଧାନ ଓ ପୂଜାରାଣୀ ସାହୁ ରହିଛନ୍ତି। ସେହିଭଳି ଫିଜିକ୍ସ ସମ୍ମାନରେ ଦୀପାରାଣୀ ମହାପାତ୍ର, ଇଲେକ୍‌ଟ୍ରୋନିକ୍ସ ସମ୍ମାନରେ ଅନ୍ୱେଷା ଆଚାର୍ଯ୍ୟ, ଇକୋନୋମିକ୍ସ ସମ୍ମାନରେ ମିତାଲି ମଧୁସ୍ମିତା ହୋଇଛନ୍ତି। କଳାରେ ଏଜୁକେଶନରେ ରଶ୍ମିତା ସିଙ୍ଘ, ଇଂରାଜୀ ସମ୍ମାନରେ ଶୁଭଜିତ୍ ନାୟକ, ହିଷ୍ଟ୍ରୀ ସମ୍ମାନରେ ଜ୍ୟୋତି ରଞ୍ଜନ ବେହେରା, ଓଡ଼ିଆ ସମ୍ମାନରେ ଭାଗ୍ୟଲକ୍ଷ୍ମୀ ସାମନ୍ତରାୟ, ଫିଲୋସଫି ସମ୍ମାନରେ ଅରବଜ ଖାଁ, ପଲିଟିକାଲ ସାଇନ୍ସ ସମ୍ମାନରେ ସ୍ୱାତିରେଖା ପଟ୍ଟନାୟକ, ସାଇକୋଲୋଜି ସମ୍ମାନରେ ସୁବ୍ରତ କୁମାର ରଥ, ସଂସ୍କୃତ ସମ୍ମାନରେ ସ୍ୱାଗତିକା ପଟ୍ଟନାୟକ ହୋଇଛନ୍ତି। ପ୍ରକାଶଥାଉ କି ବାଣିଜ୍ୟରେ ୨୭୫ ଛାତ୍ର ଓ ୧୫୫ ଛାତ୍ରୀ, କଳାରେ ୧୯୩ ଛାତ୍ର ଓ ୨୨୭ ଛାତ୍ରୀ, ବିଜ୍ଞାନରେ ୨୧୫ ଛାତ୍ର ଓ ୧୭୪ ଜଣ ଛାତ୍ରୀ ଏପରି ମୋଟରେ ୧୨୩୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ବାଣିଜ୍ୟରେ ୧୬୩ ଛାତ୍ର ଓ ୧୪୯ ଛାତ୍ରୀ, କଳାରେ ୧୪୯ଛାତ୍ର ଓ ୨୦୮ ଛାତ୍ରୀ, ବିଜ୍ଞାନରେ ୧୭୮ ଛାତ୍ର ଓ ୧୬୫ ଛାତ୍ରୀ ଏପରି ମୋଟରେ ୧୦୧୬ ଛାତ୍ରୀଛାତ୍ର ପାସ କରିଛନ୍ତି। ୨୨୭ ଜଣ ଛାତ୍ରୀଛାତ୍ର ଫେଲ ହୋଇଛନ୍ତି। ପାସ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୪୯ଜଣ ପ୍ରଥମ ଶ୍ରେଣୀ ସମ୍ମାନ ସହ ଡିଷ୍ଟିଂସନ, ୨୬୩ ଜଣ ସମ୍ମାନରେ ପ୍ରଥମ ଶ୍ରେଣୀ, ୫୬ ଜଣ ୨ୟ ସ୍ଥାନ ସମ୍ମାନ ସହ ଡିଷ୍ଟିଂସନ, ୧୪୭ ଜଣ ସମ୍ମାନରେ ୨ୟ ସ୍ଥାନରେ ଓ ଜଣେ ବିନା ସମ୍ମାନରେ କେବଳ ପାସ କରିଛନ୍ତି ବୋଲି ମହାବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

### ୩ ଟପ୍ପରଙ୍କ ମୁହଁରୁ ...



**ପ୍ରଫେସର ହେବାକୁ ଲକ୍ଷ୍ୟ**
ବିଜ୍ଞାନ ବିଭାଗରେ ପଦାର୍ଥ ବିଜ୍ଞାନ ସମ୍ମାନର ଛାତ୍ରୀ ଦୀପାରାଣୀ ମହାପାତ୍ର ଟପ୍ପର ହେବା ସହ ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। ପ୍ରଫେସର ହେବା ମୋର ଲକ୍ଷ୍ୟ ରହିଛି। ଦିନକୁ ମୁଁ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ପରିଶ୍ରମର ଫଳ ମୁଁ ପାଇଛି। ଅନ୍ୟମାନେ ପରିଶ୍ରମ କଲେ ନିଶ୍ଚିତ ଲକ୍ଷ୍ୟରେ ପହଞ୍ଚି ପାରିବେ ବୋଲି କହିଛନ୍ତି। ଦୀପାଙ୍କର ଘର ବାଣପୁର ବ୍ଲକ ପଞ୍ଚୁଗାଁରେ।



**ଲୋକଙ୍କ ସେବା କରିବି**
କଳା ବିଭାଗରେ ମନସ୍ତତ୍ତ୍ୱ ସମ୍ମାନ ଛାତ୍ର ସୁବ୍ରତ ମାର୍ଥା ଟପ୍ପର ହୋଇଛନ୍ତି। ମୁଁ ଓଏଏସ ପାଇଁ ପ୍ରସ୍ତୁତ ହେଉଥିବାରୁ ଶେଷ ବର୍ଷ ପାଠପଢ଼ା ପାଇଁ ସ୍ୱଳ୍ପ ସମୟ ଦେଇଥିଲି। ତେବେ ମୋ ସଫଳତା ପାଇଁ ମୁଁ ଗର୍ବିତ। ତାଙ୍କ ଘର ଖୋର୍ଦ୍ଧା ବ୍ଲକର ନରଣଗଡ ପଞ୍ଚାୟତ ଓରିମି ଗାଁରେ। ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଇବାକୁ ଆଇଏଏସ୍ ହେବାକୁ ଲକ୍ଷ୍ୟ ରଖିଛି।



**ଆଶା ସଫଳ ହେଲା**
ବାଣିଜ୍ୟ ବିଭାଗରେ ବାଣିଜ୍ୟ ସମ୍ମାନର ଛାତ୍ର ଅଂଶୁମାନ ପଟ୍ଟନାୟକ ଟପ୍ପର ହୋଇଛନ୍ତି। ମୋର ଆଶା ସଫଳ ହୋଇଛି। ମୁଁ ବିଶେଷ ଖୁସି। ମୋର ଘର ପୁରୀ ଜିଲା କଣାସ ବ୍ଲକ ରକ୍ତପଟା ଗାଁରେ। ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବାକୁ ମୁଁ ଲକ୍ଷ୍ୟ ରଖିଛି।

# ମାନବିକତା ସର୍ବଧର୍ମ ସମନ୍ୱୟର ନିର୍ଯାସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**କଟକ ଅଫିସ, ୯।୬**

ଶୋଭନୀୟ ଆନ୍ଦୋଳନ ପକ୍ଷରୁ କଟକ ବିଡାନାସୀସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ରବିବାର ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ଶ୍ରଦ୍ଧାଞ୍ଜଳି ଉତ୍ସବ ଓ ସର୍ବଧର୍ମ ସମନ୍ୱୟ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ତଥା ବିଶିଷ୍ଟ କବି ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଡ. ହୁସେନ୍ ରବି ଗାନ୍ଧୀ କହିଥିଲେ, ମୁଁ ଉତ୍କଳମଣିଙ୍କୁ ଦେଖିନି, ସେ ସମୟରେ ତାଙ୍କ ବନବିଦ୍ୟାଳୟକୁ ଦେଖିନି, ମାତ୍ର କୁମାର ଭାଇଙ୍କୁ ଥରେ ଦେଖିଛି ଏବଂ ତାଙ୍କର ଏହି ନବ ବନବିଦ୍ୟାଳୟ ଓ ତ୍ୟାଗୀ ଗୁରୁମାମାନଙ୍କୁ ଦେଖି ନମସ୍କାର କରୁଛି। ଏହି ଉପଲକ୍ଷେ ସକାଳେ ଅନୁଷ୍ଠିତ ପ୍ରାର୍ଥନା ସଭାରେ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ୍ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆଦିଲ୍ଲୀ ଦି ଇଣ୍ଟେଲେକ୍ଟ ଅଧ୍ୟକ୍ଷ ଦେବେନ୍ଦ୍ରନାଥ ରାଉତ, ଆଡ୍‌ଭୋକେଟ୍ ଶିଶିର ଦାସ, ବିଜୟ ପଢିଆରୀ, କାଞ୍ଚିନାରାୟଣ ମହାନ୍ତି, ଡ. ପ୍ରଦୀପ୍ତ ମିଶ୍ର ଯୋଗଦେଇ ମାନବିକତା ହିଁ ସର୍ବଧର୍ମ ସମନ୍ୱୟର ନିର୍ଯାସ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ଧର୍ମଗ୍ରନ୍ଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ଅନୁଗାମୀମାନେ ଯୋଗଦେଇଥିଲେ।

### ଶବଗୃହ ଫ୍ରିଜ, ଲାଇଟ୍ ଅଚଳ

**କଟକ ଅଫିସ, ୯।୬**

ଏସ୍‌ସିବି ମେଡିକାଲ ଶବଗୃହରେ ଥିବା ଫ୍ରିଜ ଓ ଲାଇଟ୍ ପ୍ରାୟ ୬ ମାସ ହେବ ଅଚଳ ହୋଇପଡ଼ିଛି। ଶବଗୃହଟି ସମ୍ପୂର୍ଣ୍ଣ ଅନ୍ଧାରରେ ରହୁଥିବା ବେଳେ ଶବ ସଂରକ୍ଷଣରେ ବାଧା ଉପୁଜୁଛି। ଶବଗୃହକୁ ଲାଗିକରି ଚର୍ମରୋଗ ବିଭାଗ, ଡାଇରିଆ ୱାର୍ଡ ଓ ଶରୀର ଗଠନ ବିଭାଗ ରହିଛି। ଯେହେତୁ ଶବଗୃହ ଫ୍ରିଜ ଅଚଳ ରହିଛି ତେଣୁ ଶବଗୁଡ଼ିକୁ ଫ୍ରିଜରରେ ରଖା ନ ଯାଇ ବାହାରେ ରଖାଯାଉଛି। ଫଳରେ ଉକ୍ତ ଅଞ୍ଚଳରେ ଦୁର୍ଗନ୍ଧ ସୃଷ୍ଟି ହେଉଛି। ଏହାକୁ ନେଇ ସାମାଜିକ ସଂଗଠକ ଅଚ୍ୟୁତ କୁମାର ସାହୁ ଓ ଦୀପକ କୁମାର ଆଚାର୍ଯ୍ୟ ରାଜ୍ୟ ସ୍ୱାସ୍ଥ୍ୟ ସଚିବ, କେନ୍ଦ୍ରାଞ୍ଚଳ ଆର୍‌ଡିସି ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ସେମାନେ ପୂର୍ବରୁ ବହୁବାର ଅଧୀକ୍ଷକଙ୍କ ନଜରକୁ ଆଣିଥିଲେ ମଧ୍ୟ ଏହାର ସମାଧାନ କରାଯାଇ ନ ଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ବିଶେଷକରି ଏସ୍‌ସିବିରେ ମୃତ୍ୟୁବରଣ କରୁଥିବା ଅସହାୟ ଅପରିଚିତ ରୋଗୀଙ୍କ ମୃତଦେହକୁ ମୃତ୍ୟୁର ୯୬ ଘଣ୍ଟା ପର୍ଯ୍ୟନ୍ତ ସଂରକ୍ଷିତ କରି ରଖିବାର ନିୟମ ରହିଛି। ମାତ୍ର ଫ୍ରିଜର ଅଚଳ ଯୋଗୁ ଏହି ମୃତଦେହଗୁଡ଼ିକ ସଂରକ୍ଷିତ ରହିବା ବଦଳରେ ପଚୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏସ୍‌ସିବି ଅଧୀକ୍ଷକ ପ୍ରଫେସର ସିବିକେ ମହାନ୍ତି କୁହନ୍ତି, ଏହାର ସମାଧାନ ପାଇଁ ବ୍ୟବସ୍ଥା କରାଯାଉଛି।

## ସମାଜ ପାଇଁ ଉଦାହରଣ ପାଲଟିଲେ ଅନନ୍ୟା

# ମୃତ୍ୟୁପରେ ଚକ୍ଷୁଦାନ

**କଟକ ଅଫିସ,୯।୬**

ଏକ ଲୋକକଥା ଅଛି, ସାନ ସିନା ଦାନ ତା ମହାନ। ଏକବିଂଶ ଶତାବ୍ଦୀରେ ଏହି କଥାକୁ ସାଧାରଣରେ କେହି ବିଶ୍ୱାସ କରନ୍ତୁନା ନାହିଁ। ହେଲେ ରବିବାର ଉପରୋକ୍ତ ଲୋକକଥା ପ୍ରମାଣିତ ହୋଇଛି। ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ସିଡ଼ିଏ ସେକ୍ଟର-୧୧ ଅଞ୍ଚଳର କୁନି ଝିଅ ଅନନ୍ୟା(୪) ଏକ ବିରଳ ଉଦାହରଣ ସୃଷ୍ଟି କରିବା ସହ ସହରରେ ଚର୍ଚ୍ଚିତ ହୋଇଛନ୍ତି। ମୃତ୍ୟୁବରଣ ପରେ ପରିବାର ଲୋକଙ୍କ ସହମତିରେ ଅନନ୍ୟାଙ୍କ ଚକ୍ଷୁ ଏସ୍‌ସିବି ମେଡ଼ିକାଲରେ ଦାନ କରାଯାଇଥିବା ଜଣାପଡ଼ିଛି। ଅନନ୍ୟା ଓ ତାଙ୍କ ପରିବାର ଲୋକଙ୍କ ଏହି ପଦକ୍ଷେପକୁ ସଲାମ ଜଣାଇଛନ୍ତି ସହରବାସୀ। ଝିଅକୁ ହରାଇଥିଲେ ମଧ୍ୟ ତାର ଚକ୍ଷୁରେ ଏବେ ଆଉ କେହି ଜଣେ ଦୁନିଆ ଦେଖିପାରିବ ବୋଲି ଅନନ୍ୟାର ବାପା ଅକ୍ଷୟ ସାହୁ କୋହଭରା କଣ୍ଠରେ କହିଛନ୍ତି। ଗତ ଶନିବାର ଅପରାହ୍ନରେ ଅନନ୍ୟା ଜେଜେମାଆ ସହ କାଠଯୋଡ଼ି ନଦୀକୁ ଗାଧୋଇବାକୁ ଯାଉଥିଲେ। ନଦୀବନ୍ଧରେ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ଅନନ୍ୟାଙ୍କୁ ଧକ୍କା ଦେଇଥିଲା। ପରେ ଉକ୍ତ ବାଇକ ଚାଳକ ଜଣଙ୍କ ଅନନ୍ୟା ଓ ତାଙ୍କ ଜେଜେମାଆଙ୍କୁ ଏକ ଅଟୋ ଭଡ଼ା କରି ଶିଶୁଭବନକୁ ପଠାଇ ଦେଇଥିଲେ। ଖବରପାଇ ଅନନ୍ୟାଙ୍କ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ହେଲେ ଶିଶୁଭବନରେ ଚିକିତ୍ସା ବିଳମ୍ବ ହେବା ଯୋଗୁ ପରିବାର ଲୋକେ ଅନନ୍ୟାଙ୍କୁ ଏସ୍‌ସିବିକୁ ନେଇଆସିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଭୋର ୪ଟାରେ ଡାକ୍ତର ଅନନ୍ୟାଙ୍କୁ ମୃତ ଘୋଷଣା କରିଥିଲେ। ଅନନ୍ୟାଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ପଡ଼ିଥିବା ପରିବାର ଲୋକଙ୍କ ନିକଟରେ ସାମାଜିକ କର୍ମୀ ଅଭିମନ୍ୟୁ ଦାସ ପହଞ୍ଚି ତାର ଚକ୍ଷୁ ଦାନ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ପରିବାର ଲୋକ ରାଜି ହେବା ପରେ ଅନନ୍ୟା ସମାଜ ପାଇଁ ଉଦାହରଣ ପାଲଟି ଯାଇଛନ୍ତି।

# ବିଦ୍ୟୁତ୍ ଟାୱାର କାର୍ଯ୍ୟ ଯୋଗୁ ଟ୍ରେନ୍ ବାତିଲ୍

**ନିରାକାରପୁର,୯।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ କାଇପଦର ରେଳଷ୍ଟେଶନ ନିକଟରେ ଫନୀ କ୍ଷତିଗ୍ରସ୍ତ ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ଟାୱାର କାର୍ଯ୍ୟ ଚାଲୁଥିବା ଯୋଗୁ ରବିବାର ପୂର୍ବାହ୍ନରେ ଏକାଧିକ ଟ୍ରେନ୍ ବାତିଲ୍ କରାଯାଇଛି। ପୁରୀ-ଗୁଣପୁର ପାସେଞ୍ଜର, ଭୁବନେଶ୍ୱର-ବ୍ରହ୍ମପୁର ପାସେଞ୍ଜର ଓ ଭୁବନେଶ୍ୱର-ବିଶାଖାପାଟନମ୍ ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନ୍‌ଗୁଡିକ ବାତିଲ କରାଯାଇଥିଲା। ଏ ନେଇ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଦ୍ୟୁତ୍ ମରାମତି କାର୍ଯ୍ୟ ଚାଲୁଥିବାରୁ ଟ୍ରେନ୍‌ଗୁଡ଼ିକୁ ବାତିଲ କରିଦିଆଯାଇଛି ବୋଲି ନିରାକାରପୁର ଷ୍ଟେଶନ ପରିଚାଳକ ଶରତ କୁମାର ମହାରଣା ସୂଚନା ଦେଇଛନ୍ତି।

### ପୂର୍ବ ଶତ୍ରୁତାକୁ ନେଇ ଛୁରାମାଡ଼

**କଟକ ଅଫିସ,୯।୬**

ପୂର୍ବ ଶତ୍ରୁତାକୁ ନେଇ ରବିବାର ରାତିରେ ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ମାଟିଆ ମଙ୍ଗଳାସାହିରେ ଦୁଇ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଆହତ ଯୁବକ ଦ୍ୱୟ ହେଲେ ତପନ ନାୟକ ଓ ସିଲୁ ବେହେରା। ଚିକିତ୍ସାଲାଗି ସେମାନଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ମାଟିଆ ମଙ୍ଗଳା ସାହିରେ ହାତୀ ମହାନ୍ତି ରୁହନ୍ତି। ପୂର୍ବ ଶତ୍ରୁତାକୁ ନେଇ ରବିବାର ରାତି ୧୦ଟାରେ ତପନ ଓ ସିଲୁଙ୍କ ସହିତ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ହାତୀ ଉଭୟଙ୍କୁ ଏକ ଛୁରିରେ ଆକ୍ରମଣ କରି ପଳାଇଥିଲେ।

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଛାତ୍ର ପଦ୍ମଲୋଚନ

# ଦେଶର ଯୁବ ଲେଖକ ତାଲିକାରେ ସାମିଲ ପାଇଁ ଦାବିଦାର

**କଟକ ଅଫିସ,୯।୬**



ଭାରତର ଯୁବ ଲେଖକମାନଙ୍କ ତାଲିକାରେ ସାମିଲ ହେବାକୁ ଦାବିଦାର ପାଲଟିଛନ୍ତି ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଛାତ୍ର ପଦ୍ମଲୋଚନ ମଲ୍ଲିକ। ନିକଟରେ ପଦ୍ମଲୋଚନଙ୍କ ଏକ ପୁସ୍ତକ 'ଆଜ ଆଇ ଚୁଜ୍ ଟୁ ଲଭ ୟୁ' ପ୍ରକାଶ ପାଇଥିଲା। ଏହା ଏବେ ବ୍ୟବସାୟିକ ୱେବସାଇଟ ଆମାଜନରେ ବହୁଳ ମାତ୍ରାରେ ବିକ୍ରି ହେବା ସହ ପୁସ୍ତକକୁ ଭଲ ରେଟିଂ ମଧ୍ୟ ମିଳିଛି। ପୁଣେର ନାମିଦାମୀ ପ୍ରକାଶନ ସଂସ୍ଥା କାଲୋନ ମାପେଲ ଏହି ପୁସ୍ତକକୁ ପ୍ରକାଶିତ କରିଛନ୍ତି। ପୁସ୍ତକରେ ଥିବା ୫୫ଟି ଇଂଲିଶ କବିତା ସମଗ୍ର ଦେଶର ପାଠକମାନଙ୍କ ମହଲରେ ଲୋକାଦୃତ ହୋଇଛି। ତେବେ ଦେଶର ଶ୍ରେଷ୍ଠ ଯୁବ ଲେଖକମାନଙ୍କ ତାଲିକାରେ ସାମିଲ ହେବାକୁ ଦାବିଦାର ଥିଲେ ସୁଦ୍ଧା ପ୍ରଚାର, ପ୍ରସାରର ଅଭାବ ରହିଛି ବୋଲି ୧୯ବର୍ଷୀୟ ପଦ୍ମଲୋଚନ କହିଛନ୍ତି। ଅନ୍ୟ ରାଜ୍ୟରେ ଯୁବପୀଢ଼ିମାନେ ପୁସ୍ତକ ରଚନା କରି ଜାତୀୟ ସ୍ତରରେ ନାଁ କମାଇବା ସହଜ। ହେଲେ ଓଡ଼ିଶାରେ ଯୁବ ଲେଖକମାନଙ୍କୁ ଉତ୍ସାହିତ କରିବା କମ୍ ବୋଲି ସେ କହିଥିଲେ।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଭାଗ ସ୍ନାତକ ପ୍ରଥମ ବର୍ଷର ଛାତ୍ର ହେଉଛନ୍ତି ପଦ୍ମଲୋଚନ। କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅନ୍ତର୍ଗତ ପତ୍ରପୁର ଗ୍ରାମର ତ୍ରିଲୋଚନ ମଲ୍ଲିକ ଓ ସୁଚିତ୍ରା ମଲ୍ଲିକଙ୍କ ପୁତ୍ର ପଦ୍ମଲୋଚନ ପିଲାଟି ବେଳୁ ସାହିତ୍ୟ ରଚନା ପ୍ରତି ରୁଚି ରଖିଛନ୍ତି। ଛୋଟଛୋଟ କବିତା ରଚନା କରି ସୋସିଆଲ ମିଡ଼ିଆରେ ସେ ଅପଲୋଡ କରନ୍ତି। ଇନ୍‌ଷ୍ଟାଗ୍ରାମରେ ତାଙ୍କ କବିତାଗୁଡ଼ିକୁ ଅନେକ ମାତ୍ରାରେ ପ୍ରଶଂସା ମିଳେ। କିଛି ମାସ ପୂର୍ବେ ପୁଣେର ପ୍ରକାଶନ ସଂସ୍ଥା କାଲୋନ ମାପେଲର ସମ୍ପାଦନା ମଣ୍ଡଳୀର ଜଣେ ସଦସ୍ୟ ପଦ୍ମଲୋଚନଙ୍କ ସହ ଯୋଗାଯୋଗ କରିଥିଲେ। କବିତା ଭଲ ଲେଖୁଛ, ଆମେ ତୁମ କବିତାକୁ ନେଇ ଏକ ପୁସ୍ତକ ପ୍ରକାଶ କରିବାକୁ ଚାହୁଁଛୁ ବୋଲି ପ୍ରକାଶନ ସଂସ୍ଥା ତରଫରୁ ପଦ୍ମଲୋଚନଙ୍କୁ କୁହାଯାଇଥିଲା। ଏଥିରେ ପଦ୍ମଲୋଚନ ରାଜି ହେବା ପରେ ୫୫ଟି ବଛାବଛା କବିତାକୁ ନେଇ କାଲୋନ ମାପେଲ ଗତ ମେ ୫ ତାରିଖରେ ପୁସ୍ତକ ପ୍ରକାଶ କରିଥିଲା ଓ ନାଁ ରଖିଥିଲା ଆଜ ଆଇ ଚୁଜ୍ ଟୁ ଲଭ ୟୁ। ପ୍ରକାଶନ ସଂସ୍ଥା କାଲୋନ ମାପେଲ ଦ୍ୱାରା ପ୍ରକାଶିତ ଅନେକ ପୁସ୍ତକ ଭାରତୀୟ ପାଠକମାନଙ୍କ ଗହଣରେ ଚର୍ଚ୍ଚିତ ହୋଇଛି। ଏହି ପ୍ରକାଶନ ସଂସ୍ଥାର ପୁସ୍ତକ ଲେଟର୍ସ ଟୁ ସେଲ୍‌ଫ ହାଇରେଟିଂ ପୁସ୍ତକଗୁଡ଼ିକ ମଧ୍ୟରେ ଅନ୍ୟତମ। ଏଣୁ ଦେଶର ଏଭଳି ଏକ ପ୍ରକାଶନୀ ସଂସ୍ଥା ପଦ୍ମଲୋଚନଙ୍କ କବିତାକୁ ନେଇ ପୁସ୍ତକ ପ୍ରକାଶ କରିବା ବି କୌଣସି ଛୋଟ କଥା ନୁହେଁ। ଏ ନେଇ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର କୁହନ୍ତି, ଯୁବବର୍ଗଙ୍କୁ ଉତ୍ସାହିତ କରିବାରେ ଉଣା କରିବା କଥା ନୁହେଁ। ଏହି ଶିକ୍ଷାନୁଷ୍ଠାନର ଛାତ୍ର ପଦ୍ମଲୋଚନ ଏବେ ଦେଶରେ ନାଁ କମାଇଲେଣି, ଯାହା ବିଶ୍ୱବିଦ୍ୟାଳୟ ପାଇଁ ଖୁସିର କଥା। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଶୁଭେଚ୍ଛା ତାଙ୍କ ସହ ଅଛି।

## ଉତ୍କଳ ସାହିତ୍ୟ ସମାଜର ବାର୍ଷିକ ସମାବର୍ତ୍ତନ ଉତ୍ସବ

# ସାହିତ୍ୟର ନାହିଁ ସୀମା, ଜାତି, ସମ୍ପ୍ରଦାୟ

**କଟକ ଅଫିସ, ୯।୬**



ସମାବର୍ତ୍ତନ ଉତ୍ସବରେ ବିଶିଷ୍ଟ ସାରସ୍ୱତ ସାଧକ ସୀତାକାନ୍ତ ମହାପାତ୍ରଙ୍କୁ ଉତ୍କଳ ରତ୍ନ ସମ୍ମାନରେ ସମ୍ମାନିତ କରାଯାଉଛି।

ସାହିତ୍ୟର କିଛି ସୀମା, ଜାତି, ସମ୍ପ୍ରଦାୟ ନାହିଁ। ସାହିତ୍ୟ ଗୋଟିଏ ଶବ୍ଦ, ଯିଏକି ଗୋଟେ ବ୍ରହ୍ମ। ମଣିଷ ନ ରହିଲେ ମଧ୍ୟ ତାଙ୍କ ଦ୍ୱାରା କୁହାଯାଇଥିବା କଥା ସବୁବେଳେ ମନେ ରହିବ। ସାହିତ୍ୟ ସର୍ବଦା ସତ୍ୟ, ଶିବ ଓ ସୁନ୍ଦରର ଆରାଧନା କରିଆସିଛି ବୋଲି କଟକ ଶତାବ୍ଦୀ ଭବନରେ ରବିବାର ଅନୁଷ୍ଠିତ ଉତ୍କଳ ସାହିତ୍ୟ ସମାଜର ବାର୍ଷିକ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ଏହା କହିଛନ୍ତି।

ଏହି ଅବସରରେ ଉତ୍କଳ ସାହିତ୍ୟ ସମାଜର ପକ୍ଷରୁ ବିଶିଷ୍ଟ ସାରସ୍ୱତ ସାଧକ ସୀତାକାନ୍ତ ମହାପାତ୍ରଙ୍କୁ ଉତ୍କଳ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ମାନ ଗ୍ରହଣ କରିବା ଅବସରରେ ମହାପାତ୍ର କହିଛନ୍ତି, ରାଧାନାଥ ରାୟ, ମଧୁସୂଦନ ରାଓ ଆଦି ବରପୁତ୍ରଙ୍କ ଏହି ଅନୁଷ୍ଠାନ ମୋତେ ଉକ୍ତ ସମ୍ମାନ ପ୍ରଦାନ କରିଥିବାରୁ ମୁଁ ଚିରକୃତଜ୍ଞ। ଏହି କାର୍ଯ୍ୟକ୍ରମରେ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ବିଶ୍ୱନାଥ ମିଶ୍ର ଆତ୍ମଜୀବନୀ ସମ୍ମାନ, ଡ. ଅରବିନ୍ଦ ପଟ୍ଟନାୟକଙ୍କୁ ଗୋପୀନାଥ ନନ୍ଦ ପ୍ରବନ୍ଧ ସମାଲୋଚନା ସମ୍ମାନ, ନବୀନ କିଶୋର ପଟ୍ଟନାୟକଙ୍କୁ କବିଚନ୍ଦ୍ର ସଙ୍ଗୀତଗୁରୁ ସମ୍ମାନ, ଦେବରାଜ ସାମନ୍ତରାୟଙ୍କୁ ରାମକୃଷ୍ଣ ନନ୍ଦ ଶିଶୁ-ସାହିତ୍ୟ ସମ୍ମାନ, ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟଙ୍କୁ ଶୁକଦେବ ସାହୁ ଉପନ୍ୟାସ ସମ୍ମାନ, ପରେଶ ପଟ୍ଟନାୟକଙ୍କୁ ଫକୀର ମୋହନ କ୍ଷୁଦ୍ରଗଳ୍ପ ସମ୍ମାନ, ନବକିଶୋର ଦାସଙ୍କୁ ରାମଚନ୍ଦ୍ର ମିଶ୍ର ନାଟକ ସମ୍ମାନ, ବଦ୍ରି ମିଶ୍ରଙ୍କୁ ନୀରଦପ୍ରଭା ହାସ୍ୟବ୍ୟଙ୍ଗ ସମ୍ମାନ, ଲକ୍ଷ୍ମୀ ନାରାୟଣ ମହାନ୍ତିଙ୍କୁ ନବରୂପା ରାଜ ଗୀତିକବିତା ସମ୍ମାନ, ଶାନ୍ତିଲତା ବାରିକ ଛୋଟରାୟଙ୍କୁ ଭିକାରୀ ବଳ କଣ୍ଠଶିଳ୍ପୀ ସମ୍ମାନ, ସୁବାସିନୀ ଲେଙ୍କାଙ୍କୁ ବିକ୍ରମ ଦାସ ଭ୍ରମଣ କାହାଣୀ ସମ୍ମାନ, ଉମ୍ବରୁଧର ପଟ୍ଟନାୟକଙ୍କୁ ପ୍ରଭା ପଟେଲ ରମ୍ୟରଚନା ଓ ଲଳିତ ନିବନ୍ଧ ସମ୍ମାନ, ଡ. ଇତି ସାମନ୍ତ ଏବଂ ସୁନାମଣି ସାମଲଙ୍କୁ ଚିତ୍ରଶିଳ୍ପୀ ସମ୍ମାନ ପ୍ରଦାନ କରାଯାଇଥିଲା।

ଏହି ଅବସରରେ ଉତ୍କଳ ସାହିତ୍ୟ ସମାଜ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ 'ଉତ୍କଳ ସାହିତ୍ୟ ସମାଜ ଇତିହାସ', 'ବିବିଧ ଅଭିଭାଷଣ' ଏବଂ 'ଓଡ଼ିଶା ଓ ଓଡ଼ିଆ ସାହିତ୍ୟ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିରେ ଉପସଭାପତି ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଚାନ୍ଦ ବିବରଣୀ ପ୍ରଦାନ କରିଥିବା ବେଳେ ଉପସଭାପତି ମନୋଜ ପଟ୍ଟନାୟକ ଓ ସୁଶାନ୍ତ କୁମାର ନାୟକ ମାନପତ୍ର ପାଠ କରିଥିଲେ। ସଙ୍ଗଠନ ସମ୍ପାଦକ ଜୀବନାନନ୍ଦ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ନଦୀରେ ବୁଡି ଛାତ୍ର ମୃତ

ବ୍ରହ୍ମଗିରି, ୯।୬(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅନ୍ତର୍ଗତ ଅପିଠି ଗ୍ରାମରେ ରବିବାର ଜଣେ ୬ଷ୍ଠ ଶ୍ରେଣୀର ଛାତ୍ର ନଦୀରେ ଭାସିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ପ୍ରଦୀପ ଜେନା ଏବଂ ତାଙ୍କର ପୁଅ ପ୍ରୀତମ ପ୍ରିୟଦର୍ଶୀ ଜେନା(୧୧) ସାଙ୍ଗହୋଇ ରବିବାର ସକାଳୁ ନିକଟସ୍ଥ ଭାର୍ଗବୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ବାପପୁଅ ଗାଧୋଉଥିବା ସମୟରେ ପ୍ରିତମ ନଦୀରେ ଭାସିଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ଓ ବ୍ରହ୍ମଗିରି ଅଗ୍ନୀ ସେବା ସଂସ୍ଥା ଘଟଣାସ୍ଥଳରେ ପହଞ୍ଚି ନଦୀ ମଧ୍ୟରେ ପ୍ରିତମକୁ ବହୁ ଖୋଜା ଖୋଜି ପରେ ନଦୀ ମଧ୍ୟରୁ ବାହାର କରିଥିଲେ। ପ୍ରୀତମକୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବାତ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ବଣ୍ଟନ



ସାକ୍ଷୀଗୋପାଳ, ୯।୬(ଡି.ଏନ୍.ଏ.): ସତ୍ୟବାଦୀ ବ୍ଲକ ବିଦ୍ୟାଧରପୁର, ବଳପୁର, ବଳରାମପୁରଗଡ ଓ ସୁଆଣ୍ଡୋ ଗ୍ରାମରେ ରାମକୃଷ୍ଣ ମିଶନ ପକ୍ଷରୁ ବାତ୍ୟା ପ୍ରଭାବିତ ୨୩ଶହ ପରିବାରଙ୍କୁ ରିଲିଫ ବଣ୍ଟନ କରାଯାଇଛି। ରାମକୃଷ୍ଣ ମିଶନ ପୁରୀର ସ୍ୱାମୀ ଆପ୍ତେସ୍ୱରୂପ ନନ୍ଦଜୀ ମହାରାଜ, ସ୍ୱାମୀ ଯୋଗରୂପାନନ୍ଦ, ସ୍ୱାମୀ କ୍ରିଷ୍ଣରୂପାନନ୍ଦ, ଜିଲା ପରିଷଦ ସଭ୍ୟ ଧ୍ରୁବ ଚରଣ ଦାଶ, ବ୍ରହ୍ମଚାରୀ ରାକେଶ, ଅଧ୍ୟାପକ ସୁଶାନ୍ତ କୁମାର ନାୟକ ପ୍ରମୁଖ ପ୍ରତ୍ୟେକ ପରିବାରକୁ ଧୋତି, ଶାଢ଼ି, ଲୁଙ୍ଗି ଓ ଗାମୁଛା ପ୍ରଦାନ କରିଥିଲେ।

### ବ୍ୟବସାୟୀଙ୍କ ଜୀବିକା ବୁଡ଼ାଇଲା ଫନୀ

ଗୋପ,୯।୬(ଡି.ଏନ୍.ଏ.):ବାତ୍ୟାରେ ଗୋପ ଅଞ୍ଚଳରେ ବହୁ କ୍ଷୟକ୍ଷତି ହୋଇଥିବାବେଳେ କେତେକ କ୍ଷୁଦ୍ର ବ୍ୟବସାୟୀଙ୍କ ଜୀବିକା ବୁଡ଼ାଇ ଦେଇଛି। ଗୋପ-ବାଲିଘାଇ ରାସ୍ତାର ଆଳସଙ୍ଗାଠାରେ ଏକ ରାଇସ ମିଲ କରିଥିବା ଯୁବ ବ୍ୟବସାୟୀ ରାଜେଶ କୁମାର ନରେନ୍ଦ୍ର ସର୍ବସ ହରାଇ ଚିନ୍ତାରେ ପଡ଼ିଛନ୍ତି। ଏ ନେଇ ସେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏକମାସ ଧରି ଫନୀ ତାଙ୍କର ଜୀବିକା ବୁଡ଼ାଇ ଦେଇଥିବାବେଳେ ଏପର୍ଯ୍ୟନ୍ତ ତଦନ୍ତ ନ ହୋଇଥିବାରୁ ଏଭଳି ଅଭିଯୋଗ ସେ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୫-୧୬ରେ ରାଜେଶ ଗାଁରେ ଜମି ବିକିବା ସହ ସାଙ୍ଗସାଥୀଙ୍କଠାରୁ ଧାର କରି ଏହି ରାଇସମିଲ କରିଥିଲେ। ତାଙ୍କ ଉପରେ ଦୁଇପ୍ରାଣୀ ନିର୍ଭର କରୁଥିବାବେଳେ ସେ ଏବେ ନିରୂପାୟ ହୋଇପଡ଼ିଛନ୍ତି। ବ୍ୟବସାୟୀ ବଢ଼ିବା ଲାଗି ୨ଟି ବ୍ୟାଙ୍କରୁ ଋଣ ପଡ଼ିଥିବାରୁ ଅଧିକ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି। ବାତ୍ୟା ଦ୍ୱାରା ମିଲଟି ଧରାଶାୟୀ ହୋଇପଡ଼ିବା ସହ ୫୦ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟବାନ ଯନ୍ତ୍ରାଂଶ, ମେଶିନ ଭାଙ୍ଗିରୁଜି ଯାଇଛି। ପରେ ରାଜେଶ ବାରମ୍ବାର ସରକାରୀ ସହାୟତା ପାଇଁ ଦୌଡି ଦୌଡି ନିରାଶ ହେବା ପରେ ଶେଷରେ ଜିଲାପାଳ ପାଖକୁ ଆସିଥିଲେ। ଏ ସମ୍ପର୍କରେ ଗୋପ ବିଡିଓ ଦୀପ୍ତିରାଣୀ ଦାସ କୁହନ୍ତି, ଏ ବିଷୟରେ ମୋ ପାଖରେ କୌଣସି ଖବର ନ ଥିବାବେଳେ ତଦନ୍ତ ହେବାସହ ଜିଲାପାଳଙ୍କୁ ଜଣାଇବେ ବୋଲି କହିଛନ୍ତି।

■ ଇନ୍ଦ୍ରଦ୍ୟୁମ୍ନକୁ ଅଣଦେଖା

# ଆସିଲାଣି ବର୍ଷା, ପୁଣି ଭୁଶୁଡ଼ିବା ଆଶଙ୍କା

■ମରାମତି ହେଲାନି ପାଚେରି
■ଫନୀରେ ପାଚେରିରେ ସୃଷ୍ଟି ହୋଇଛି ଫାଟ

ପୁରୀ ଅଫିସ, ୯।୬:

ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ତୀର୍ଥ ହେଉଛି ଇନ୍ଦ୍ରଦ୍ୟୁମ୍ନ। ପବିତ୍ର ପଞ୍ଚ ତୀର୍ଥରେ ବୁଡ଼ ପକାଇଲେ ପୁରୀକୁ କରିଥିବା ତୀର୍ଥଯାତ୍ରା ସଫଳ ହୁଏ ବୋଲି ବିଶ୍ୱାସ ରହିଛି। ତୀର୍ଥଯାତ୍ରୀ ଏବଂ ଶ୍ରଦ୍ଧାଳୁଙ୍କ ଏଭଳି ଭାବାବେଗ ସହ ଜଡ଼ିତ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ଉପଯୁକ୍ତ ରକ୍ଷଣା ବେକ୍ଷଣ କରାଯାଉ ନାହିଁ। ଏହି ଐତିହ୍ୟ ପ୍ରତି ଅଣଦେଖା କରାଯାଉଛି। ତିନି ପାର୍ଶ୍ୱରେ ପାଚେରୀ ଭାଙ୍ଗି ପଡିଥିବାବେଳେ ଏହାର ମରାମତି କରାଯାଉ ନାହିଁ। ପୁଣି କେତେକ ସ୍ଥାନରେ ପାଚେରି ଫାଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଆଗକୁ ବର୍ଷା ଆସୁଛି। ଯଦି ବଡ ବର୍ଷା ହୁଏ ତେବେ ପୁଣି ପାଚେରି ଭୁଶୁଡିବା ନିଶ୍ଚିତ ବୋଲି ସ୍ଥାନୀୟ ଲୋକେ ଆଶଙ୍କା କରୁଛନ୍ତି।

ଗତ ବର୍ଷ ଅଗଷ୍ଟ ୬ ତାରିଖ ରାତିରେ ହୋଇଥିବା ମୂଷଳ ବର୍ଷାରେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ପୂର୍ବ ପାର୍ଶ୍ୱ ପାଚେରୀ ପ୍ରାୟ ୫୬ ଫୁଟ ଏବଂ ଦକ୍ଷିଣ ପାର୍ଶ୍ୱରେ ପ୍ରାୟ ୫୦ ଫୁଟ ଭୁଶୁଡ଼ି ପଡିଥିଲା। ସେହିପରି ଗତବର୍ଷ ଅକ୍ଟୋବର ୧୧ ତାରିଖ ରାତିରେ ହୋଇଥିବା ବର୍ଷାରେ ଉତ୍ତର ପାର୍ଶ୍ୱ ପାଚେରୀ ପ୍ରାୟ ୪୦ରୁ ୫୦ ଫୁଟ ପୁଷ୍କରିଣୀ ମଧ୍ୟକୁ ଭୁଶୁଡି ପଡିଥିଲା। ପ୍ରାୟ ୧୦ ମାସ ହୋଇଗଲାଣି ଭାଙ୍ଗିଥିବା ପାଚେରୀର ମରାମତି ହୋଇନାହିଁ। ଶ୍ରୀମନ୍ଦିର ପ୍ରଶାସନ ପୂର୍ବ ପାର୍ଶ୍ୱରେ ଭାଙ୍ଗିଥିବା ପାଚେରୀ କଡ଼ରେ ସିମେଣ୍ଟ କାନ୍ଥ ତିଆରି କରିଥିବା ବେଳେ ଉତ୍ତର ପାର୍ଶ୍ୱରେ ଇଟା ଯୋଡେଇ କାନ୍ଥ କରିଛି। ଏହା ପାଚେରିଠାରୁ ପଛକୁ କରାଯାଇଥିବାବେଳେ ଆଗରେ ବାଲିବସ୍ତା ପ୍ୟାକ୍ ଦିଆଯାଇଛି, ଯାହାକି ଇନ୍ଦ୍ରଦ୍ୟୁମ୍ନର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଛି। ବାଲିବସ୍ତା ବି ଫାଟି ବାଲିସବୁ ପୁଷ୍କରିଣୀ ଭିତରକୁ ପ୍ରବେଶ କରୁଛି। ଅନ୍ୟପକ୍ଷରେ ଫନୀ ବାତ୍ୟାରେ ଇନ୍ଦ୍ରଦ୍ୟୁମ୍ନର ପୂର୍ବ ପାର୍ଶ୍ୱ ପାଚେରି ୨/୩ ଜାଗାରେ ଫାଟ ସୃଷ୍ଟି ହୋଇ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହାକୁ ବି ମରାମତି କରାଯାଉ ନାହିଁ। ବର୍ତ୍ତମାନ ମୌସୁମୀ କେରଳ ଛୁଇଁଲାଣି। ୭ ଦିନ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେଣୁ ବର୍ଷା ଆସିଗଲେ ଆଉ ମରାମତି କାମ ହୋଇପାରିବ ନାହିଁ। ତେଣୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଇନ୍ଦ୍ରଦ୍ୟୁମ୍ନ ପାଚେରୀ ପ୍ରତି ଶ୍ରୀମନ୍ଦିର ପ୍ରଶାସନ ଅଣଦେଖା କରୁଛି। ଏ ନେଇ ଅଭିଯୋଗ କଲେ ମଧ୍ୟ କୌଣସି ପ୍ରତିକାର କରାଯାଉ ନାହିଁ। ତେଣୁ ଭାଙ୍ଗି ଯାଇଥିବା ପାଚେରୀ ତୁରନ୍ତ ନିର୍ମାଣ କରିବା ସହ ଏହାର ପାଣିକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଲୋକେ ଦାବି କରିଛନ୍ତି।



ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ପାଚେରି ଫାଟି ବିପଦସଂକୁଳ ଅବସ୍ଥାରେ ରହିଛି।

# ଚାଙ୍ଗଡା ଷ୍ଟାଣ୍ଡ କାମ ଚାଲିଛି

ପୁରୀ ଅଫିସ, ୯।୬:

ଜୁଲାଇ ୪ରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ରଥଖଳାରେ ତିନି ରଥ ନିର୍ମାଣ ଚାଲିଛି। ମହାରଣା, ରୁପକାର, ଭୋଇ, କମାର କରତି ସେବକ ମାନେ ରଥର ବିଭିନ୍ନ ଅଂଶ ନିର୍ମାଣ କାର୍ଯ୍ୟରେ ବ୍ୟସ୍ତ ରହିଛନ୍ତି। ଏପେଟେ ରଥ କାମ ଚାଲିଥିବା ବେଳେ ରଥର ଆନୁସଙ୍ଗିକ କାର୍ଯ୍ୟ ମଧ୍ୟ ଚାଲିଛି। ଇତି ମଧ୍ୟରେ ଦୋଳବେଦୀ କୋଣ ପରିସରରେ ତିଆରି ଚାଲିଛି ଠାକୁରଙ୍କ ଚାଙ୍ଗଡା ଷ୍ଟାଣ୍ଡ। ମନ୍ଦିର ମହାରଣା ବସନ୍ତ ମହାରଣାଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ଚାଲିଛି। ଏଥିରେ କୃଷ୍ଣଚନ୍ଦ୍ର ମହାରଣା ସହଯୋଗ କରୁଛନ୍ତି। ସାଢେ ୩ଫୁଟ ଲମ୍ବ ଏବଂ ଚଉଡା ବିଶିଷ୍ଟ ଏହି ଷ୍ଟାଣ୍ଡ ଅସନ ଓ ଧଉରା କାଠରେ ତିଆରି କରାଯାଏ। ବସନ୍ତ କୁହନ୍ତି ପ୍ରତିବର୍ଷ ରଥଯାତ୍ରା ସମୟରେ ଏହି ଚାଙ୍ଗଡା ଷ୍ଟାଣ୍ଡ ତିଆରି କରାଯାଏ। ଠାକୁର ରଥରେ ବିଜେ କରି ଗୁଣ୍ଡିଚା ମନ୍ଦିର ଯିବା ସମୟରେ ଏହା ଠାକୁରଙ୍କ ସହିତ ଯାଇଥାଏ। ତିନି ରଥରେ ୩ଟି ଚାଙ୍ଗଡା ଷ୍ଟାଣ୍ଡ ରହେ। ଏହା ଉପରେ ବଡ ଚାଙ୍ଗଡା ରଖାଯାଏ। ଏହି ଚାଙ୍ଗଡାରେ ଦାରୁ ବିଗ୍ରହଙ୍କ ଫୁଲ, ପାଟ, ତୁଳସୀ ଓ ବିଭିନ୍ନ ବେଶ ସାମଗ୍ରୀ ରଖାଯାଏ। ଏହି ଚାଙ୍ଗଡାରୁ ଆବଶ୍ୟକୀୟ ସାମଗ୍ରୀ ବାହାର କରାଯାଇ ଠାକୁରଙ୍କ ସେବାପୂଜାରେ ଲାଗିଥାଏ। ରଥଯାତ୍ରା ସରିଲେ, ଏହାକୁ ଶ୍ରୀମନ୍ଦିର ପରିସରରେ ରଖାଯାଇ ପୁନଃ ବ୍ୟବହାର କରାଯାଏ। ତିନି ରଥ ଲାଗି ୩ଟି ଏବଂ ଶ୍ରୀମନ୍ଦିରରେ ଗୋଟିଏ ଷ୍ଟକ ରହେ। ଯଦି କୌଣସି କାରଣରୁ ଗୋଟିଏ ଷ୍ଟାଣ୍ଡ ଭାଙ୍ଗିଯାଏ, ତେବେ ବଳକା ଷ୍ଟାଣ୍ଡ ବ୍ୟବହାର କରାଯିବ ବୋଲି ସେ କହିଛନ୍ତି।



ରଥ ଖଳାରେ ଚାଙ୍ଗଡା ଷ୍ଟାଣ୍ଡ ପ୍ରସ୍ତୁତ କରାଯାଉଛି।

# ଅଘୋଷିତ ବିଦ୍ୟୁତ୍ କାଟ ପ୍ରତିବାଦରେ ରାସ୍ତାରୋକୋ

ନିମାପଡ଼ା, ୯।୬(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ବ୍ୟବସାୟିକ ପେଣ୍ଠସ୍ଥଳୀ ଚାରିଛକ ବଜାର ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ପ୍ରତିବାଦରେ ରବିବାର ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିବା ସହ ଦୀର୍ଘ ସମୟ ଧରି ଆନ୍ଦୋଳନ କରିଥିଲେ। ରାସ୍ତାରୋକୋ ଯୋଗୁ ନିମାପଡ଼ା-କାକଟପୁର ଓ କାକଟପୁର-ନିଆଳି ରାସ୍ତାରେ ଯାନବାହନ ଚଳାଚଳ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଥିଲା। ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା।

ଏହି ଅବରୋଧରେ ଚାରିଛକ ବଜାର କମିଟି ଓ ଶତାଧିକ ସ୍ଥାନୀୟ ଲୋକେ ସାମିଲ ହୋଇଥିଲେ। ବାତ୍ୟାର ଦୀର୍ଘ ଦିନ ପରେ ଚାରିଛକ ବଜାରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲେ ବି ଦୈନିକ ସକାଳୁ ବିଦ୍ୟୁତ୍ କାଟ କରାଯାଇ ରାତି ୯ଟାରେ ବିଦ୍ୟୁତ୍ ସଂଯୋଗ ଦିଆଯାଉଛି। ଦିନ ଏବଂ ସନ୍ଧ୍ୟା ସମୟରେ ବିଦ୍ୟୁତ୍ ରହୁ ନ ଥିବାରୁ ବ୍ୟବସାୟୀମାନେ ହଟହଟା ହେଉଥିବାବେଳେ ଚାରିଛକ ଡାକ୍ତରଖାନାରେ ରୋଗୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ପ୍ରତିବାଦରେ ଚାରିଛକ ବ୍ୟବସାୟୀ ସଂଘ ସଭାପତି ସନ୍ତୋଷ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ବ୍ୟବସାୟୀ ଓ ସ୍ଥାନୀୟ ଲୋକେ ଏହି ରାସ୍ତାରୋକୋରେ ସାମିଲ ହୋଇଥିଲେ। ଖବର ପାଇ ଚାରିଛକ ଫାଣ୍ଡି ଅଧିକାରୀ ପ୍ରମୋଦ ସେଠୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ବିଦ୍ୟୁତ୍ କାଟ ଓ ବିଦ୍ୟୁତ୍ ବିଭ୍ରାଟ ରୋକାଯିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଆଯିବା ସହ ୨୪ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ ବ୍ୟବସ୍ଥା କରିବାକୁ କନିଷ୍ଠ ଯନ୍ତ୍ରୀ ଟେଲିଫୋନରେ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା।



ଚାରିଛକ ମୁଖ୍ୟ ବଜାରଠାରେ ଶତାଧିକ ବ୍ୟବସାୟୀ ରାସ୍ତାରୋକୋ କରିଛନ୍ତି।

### ବ୍ରହ୍ମଗିରିରେ ବଢୁଛି ରାହାଜାନି

ବ୍ରହ୍ମଗିରି, ୯।୬(ଡି.ଏନ୍.ଏ.)

ବ୍ରହ୍ମଗିରି ଅଞ୍ଚଳରେ ଦିନକୁ ଦିନ ରାହାଜାନି ଓ ଡକାୟତି ବଢିବଢି ଚାଲିଛି। ପ୍ରତି ଦିନ ରାତିରେ ଡକାୟତି ଚାଲୁଥିବା ସମୟରେ ପୋଲିସର ହାତ ଶୂନ ହୋଇଛି। ଶନିବାର ବିଳମ୍ବିତ ରାତିରେ ବ୍ରହ୍ମଗିରି ଅଞ୍ଚଳର ମିର୍ଜାପୁର ରାସ୍ତାରେ ଏକ ଡକାୟତି ହୋଇଥିବା ବେଳେ ରେଣ୍ଢୋ ଛକଠାରେ ମଧ୍ୟ ଏକ ଡକାୟତି ହୋଇଛି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ରାତି ପ୍ରାୟ ୧୨ଟା ପରେ ରାୟଘାଟ ଗ୍ରାମର ଦୀପକ କୁମାର ଜେନା ବାଇକ୍ ଯୋଗେ ନିଜ ଗାଁକୁ ଫେରୁଥିବା ସମୟରେ ଖଜୁରିଆ ରାସ୍ତାର ମିର୍ଜାପୁର ଛକଠାରେ ହଠାତ ଏକ ଅଟୋ ମଧ୍ୟରୁ ଦୁଇଜଣ ଯୁବକ ଓହ୍ଲାଇ ଆସି କାଠ ରୋଳାରେ ମାଡ ମାରିଥିଲେ। ଦୀପକଙ୍କ ପାଖରେ ଥିବା ପ୍ରାୟ ୧ହଜାର ୮ଶହ ଟଙ୍କା, ପର୍ସ, ସମସ୍ତ ପ୍ରମାଣପତ୍ର ଇତ୍ୟାଦି ନେଇ ଘଟଣାସ୍ଥଳରୁ ଚାଲି ଯାଇଥିଲେ। ସେହିପରି ରେଣ୍ଢା ଛକଠାରେ ଅବିକଳ ଘଟଣା ଘଟିଛି। ନୟାଗଡ ରଣପୁର ଅଞ୍ଚଳରୁ ଆସୁଥିବା ଏକ କାଠ ବୋଝେଇ ଟ୍ରକକୁ ଅଟକାଇ ଚାଳକଙ୍କୁ ମାଡ ମାରିବା ସହିତ ୧୦ହଜାର ଟଙ୍କା ଡକାୟତି ହୋଇଥିବା ଜଣା ପଡିଛି।

### ରଜ ପର୍ବ ଲାଗି ବାଲି ହରଚଣ୍ଡୀ ପୀଠ ଚଳଚଞ୍ଚଳ

ବ୍ରହ୍ମଗିରି, ୯।୬(ଡି.ଏନ୍.ଏ.)

ଆସନ୍ତା ୧୪ ତାରିଖରେ ବ୍ରହ୍ମଗିରିର ଆରାଧ୍ୟା ମା’ବାଲିହରଚଣ୍ଡୀଙ୍କ ପୀଠରେ ରଜ ପର୍ବ ଆରମ୍ଭ ହେବାକୁ ଥିବାବେଳେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରଜ ପର୍ବକୁ ସରସ ସୁନ୍ଦର କରିବା ପାଇଁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇ ୧୩ ତାରିଖ ପୂର୍ବରୁ ସମସ୍ତ ପ୍ରସ୍ତୁତି ଚୁଡାନ୍ତ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବାତ୍ୟା ଯୋଗୁ ବାଲି ହରଚଣ୍ଡୀପୀଠ ବୃକ୍ଷ ଶୂନ୍ୟ ହୋଇଯାଇଥିବାରୁ ରଜ ସମୟରେ ଅଧିକ ଛାଇ କରାଯିବା ସହିତ ପାନୀୟ ଜଳ ସମସ୍ୟାକୁ ଦୂର କରିବା ପାଇଁ କଡା ପଦକ୍ଷେପ ନିଆଯାଇଥିବା ଜଣାପଡିଛି। ରଜ ସମୟରେ ଟ୍ରାଫିକ ସମସ୍ୟା ଦିଗରେ ନଜର ଦେବା ପାଇଁ ପୋଲିସ ବିଭାଗକୁ ସତର୍କ କରାଯାଇଛି। ପ୍ରବେଶ ପଥରେ ଯେଭଳି ସମସ୍ୟା ସୃଷ୍ଟି ନ ହୁଏ ସେଥିପାଇଁ ପ୍ରସ୍ତୁତ ରହିବାକୁ ବୈଠକରେ ପ୍ରସ୍ତାବ ନିଆଯାଇଛି। ପ୍ରସ୍ତୁତି କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବା ପାଇଁ ପ୍ରଚେଷ୍ଟା ଜାରି ରହିଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଯୋଗ ଦେଇଥିବା ବେଳେ ସେବାୟତ କମିଟି, ମନ୍ଦିର ପରିଚାଳନା କମିଟି ଓ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

### ଗୋପ ନାଗରିକ ମଞ୍ଚ ପକ୍ଷରୁ ଦୁଇ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ଗୋପ, ୯।୬(ଡି.ଏନ୍.ଏ.)

ଗୋପ ନାଗରିକ ମଞ୍ଚ ପକ୍ଷରୁ ରବିବାର ଲକ୍ଷ୍ମୀ ବଜାରଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ କ୍ରୀଡ଼ା ଓ ଯୁବ ବ୍ୟାପର ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅପରାହ୍ନରେ ଦୁଇ ମନ୍ତ୍ରୀଙ୍କୁ ଗୋପ ଜଳସମ୍ପଦ ଡାକ ବଙ୍ଗଳା ଠାରୁ ହଜାର ହଜାର ମହିଳା ଓ ଯୁବ କର୍ମୀମାନେ ଏକ ବିରାଟ ପଟୁଆରରେ ଉତ୍ସବସ୍ଥଳକୁ ନେଇଥିଲେ। ଗୋପ ବିକାଶ ପରିଷଦ ସଭାପତି ସତ୍ୟପ୍ରିୟ ନାୟକଙ୍କ ଅଧ୍ୟକ୍ଷତାରେ ଓ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ସଂଯୋଜନାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି, ଗୋପ ବ୍ଲକ ମହିଳା ଶକ୍ତି ସଂଗଠନ, ଗୋପ ବ୍ଲକ ଯୋଗାଣ ବିଭାଗ, ବ୍ଲକ ପ୍ରଶାସନ, ଗୋପ ବ୍ଲକ୍ ଡିଲର ମହାସଂଘ ସହିତ ବିଭିନ୍ନ ମହିଳା ସଂଗଠନ, ବୁଦ୍ଧିଜୀବୀ ସଂଗଠନ ଓ ଯୁବ ସଂଗଠନ, ଗୋପ-କୁଶଭଦ୍ରା ବ୍ୟବସାୟୀ ସଂଘ ଯୋଗଦାନ କରିଥିଲେ।



ଦୁଇ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ତୁଷାରକାନ୍ତି ବେହେରାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା।

# ପୁରୀର ବିକାଶ ଲାଗି ସ୍ୱତନ୍ତ୍ର ପ୍ଲାନ ହେଉ

ପୁରୀ ଅଫିସ,୯।୬:

ପୁରୀ ଭିଜନ ପକ୍ଷରୁ ଏକ ଆଲୋଚନାଚକ୍ର ତିଆଡି ଜାଗା କଲ୍ୟାଣ ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଥିଲା। ଇଂ ସୂର୍ଯ୍ୟ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲେଚନାଚକ୍ରରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି, ଜାତୀୟ ଯୁବ ପ୍ରକଳ୍ପ ଆବାହକ ମଧୁସୂଦନ ଦାସ ମୁଖ୍ୟବକ୍ତା, ଶିକ୍ଷାବିତ୍ ଶଙ୍କର୍ଷଣ ପରିଡ଼ା, ରାଜନେତା ପ୍ରଭଞ୍ଜନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୁରୀ ସହର କଳା, ସଂସ୍କୃତି, ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ପର୍ଯ୍ୟଟନର ବିକାଶ ତଥା ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଆଲୋଚନା କରାଯାଇଥିଲା। ଶ୍ରୀକ୍ଷେତ୍ରରେ ବିଶ୍ୱ ନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ ବିଜେ କରିଛନ୍ତି। ବହୁ ପ୍ରାଚୀନ ଐତିହ୍ୟ, କୀର୍ତ୍ତିରାଜିରେ ଭରପୂର ଏହି ମନ୍ଦିରର ସୁରକ୍ଷା ଲାଗି ଏଏସଆଇ ଓ ରାଜ୍ୟ ସରକାର ମିଳିତ ଖସଡା ପ୍ରସ୍ତୁତ କରିବା ଆବଶ୍ୟକ। ଅନ୍ୟତମ କୀର୍ତ୍ତିରାଜି ପଟଚିତ୍ର ଓ ପଥର ମୂର୍ତ୍ତି କାରିଗରିର ପ୍ରସାର ଏବଂ କାରିଗରଙ୍କ ଜୀବନ ଜିବିକା ଉପରେ ଦୃଷ୍ଟି ଦିଆଯାଉ। ପୁରୀର ବିକାଶ ଲାଗି ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଉ। ସହରର ସୌନ୍ଦର୍ଯ୍ୟକରଣ ଲାଗି ଅନ୍ତର୍ଜାତୀୟ ସ୍ତରୀୟ ବିଶେଷଜ୍ଞମାନଙ୍କ ସହାୟତାରେ ମାଷ୍ଟରପ୍ଲାନ ପ୍ରସ୍ତୁତ ହେଉ। ବିଭିନ୍ନ ମଠ, ବେଦ ପାଠଶାଳା ଏଠାରେ ବିଦ୍ୟମାନ ରହିଛି। ଏହାର ପୁନରୁଦ୍ଧାର ସହ ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଉ। ଆଧୁନିକ କଳା, ସାହିତ୍ୟ ସଂସ୍କୃତି ବିଜ୍ଞାନ ଇଞ୍ଜିନିୟରିଂ, ଡାକ୍ତରୀ ପାଠ୍ୟକ୍ରମ ସହିତ ଅନ୍ତର୍ଜାତୀୟ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରାଯାଉ। ଶ୍ରୀକ୍ଷେତ୍ର ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଯୋଗୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଛି। ଏଣୁ ଅତ୍ୟାଧୁନିକ ସୁବିଧା, ସୁଯୋଗ ଉପଲବ୍ଧ ହେବା ଜରୁରୀ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି କାଶୀ ବିଶ୍ୱନାଥ ମନ୍ଦିର ଢାଞ୍ଚାରେ ଶ୍ରୀମନ୍ଦିର କରିଡର, ବେଳାଭୂମିରେ ସୁଗମ ପାର୍କିଂ ବ୍ୟବସ୍ଥା, ମୂଷା ନଈ ପ୍ରକଳ୍ପର ନବୀକରଣ, ସ୍ୱତନ୍ତ୍ର ଜଳ ନିଷ୍କାସନ ବ୍ୟବସ୍ଥା, ସମ୍ପୂର୍ଣ୍ଣ ସ୍ୱରେଜ ଯୋଜନା ବ୍ୟବସ୍ଥା ନିମନ୍ତେ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଥିଲା।

## ଓଡ଼ିଆ ଭାଷା ପ୍ରସାର ପାଇଁ ସଂଗ୍ରାମ ଚଳାଇଥିଲେ ‘ଅନନ୍ତ ମିଶ୍ର’

ସାକ୍ଷୀଗୋପାଳ, ୯।୬( ଡି.ଏନ୍.ଏ.)



କାର୍ଯ୍ୟକ୍ରମରେ ମଞ୍ଚାସୀନ ବିଶିଷ୍ଟ ଅତିଥିମାନେ।

ସତ୍ୟବାଦୀ ପଞ୍ଚସଖାଙ୍କର ଅନୁଗାମୀ ପ୍ରଚାରକ ଅନନ୍ତ ମିଶ୍ରଙ୍କ ୮୨ ତମ ସ୍ମୃତି ସମାରୋହ ରବିବାର ସ୍ଥାନୀୟ ପଞ୍ଚସଖା ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଅନନ୍ତ ମିଶ୍ର ସାହିତ୍ୟ ସଂସଦ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାହିତ୍ୟ ଏକାଡେମୀର ସଭାପତି ଡ. ହରିହର ମିଶ୍ର ଯୋଗଦେଇଥିଲେ। ଓଡ଼ିଶାର ବିଚ୍ଛିନ୍ନାଞ୍ଚଳରେ ପରିଚୟ ହରାଉଥିବା ଓଡ଼ିଆମାନଙ୍କୁ ଏକାଠି କରି ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଦିଗରେ ଅନନ୍ତ ମିଶ୍ର ଜୀବନବ୍ୟାପୀ ସଂଗ୍ରାମ କରିଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ କବି ଶଙ୍କର୍ଷଣ ପରିଡା ଯୋଗଦେଇ ସତ୍ୟବାଦୀ ସାହିତ୍ୟ, ସଂସ୍କାର, ସେବା ଓ ରାଜନୈତିକ ପୃଷ୍ଠଭୂମି ଅତ୍ୟନ୍ତ ସମୃଦ୍ଧ ବୋଲି ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାଷା ବିଜ୍ଞାନୀ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନର ପ୍ରାସଙ୍ଗିକତା ପ୍ରତିପାଦନ କରିଥିଲେ। ପ୍ର. ଶରତ ଚନ୍ଦ୍ର ରଥ, ପ୍ର. ହରିହର ହୋତା, ଡ. ଅଭିମନ୍ୟୁ ବରାଳ ଓ ସତ୍ୟବାଦୀ ଦାସ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଅନନ୍ତ ମିଶ୍ରଙ୍କ ଜୀବନ ଦର୍ଶନ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବିଜୟ କୁମାର ଛାଟୋଇ, ରବୀନ୍ଦ୍ର ନାଥ ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଞ୍ଜନ କୁମାର ହୋତା ସଂଯୋଜନା କରିଥିବାବେଳେ ଧନ୍ୟବାଦ ଦେଇଥିଲେ କବି ଦିଗମ୍ବର ରଥ। କବିତାପାଠ, ପୁସ୍ତକ ଉନ୍ମୋଚନ ସହିତ ପ୍ରତିଭାମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

■ ନିମାପଡ଼ାରେ ବ୍ୟାପୁଛି ଝାଡ଼ାବାନ୍ତି

# ୭ ଦିନରେ ୧ହଜାରରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ନିମାପଡ଼ା, ୯।୬(ଡି.ଏନ୍.ଏ.)

ପ୍ରଳୟଙ୍କରୀ ବାତ୍ୟା ଫନୀ ପରେ ନିମାପଡ଼ା ବ୍ଲକରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଗତ ୭ଦିନ ମଧ୍ୟରେ ୧ହଜାରରୁ ଊର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇ ନିମାପଡ଼ା ଓ ଚାରିଛକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଫଳରେ ଲୋକ ଆତଙ୍କିତ ହୋଇ ପଡ଼ିଛନ୍ତି। ଏଥିରେ ଆକ୍ରାନ୍ତ ହୋଇ ବାହାରେଣା ଗ୍ରାମର ବର୍ଷାରାଣୀ ନାୟକ, ଛଡିଆନା ଗ୍ରାମର ପ୍ରଜ୍ଞା ପଟ୍ଟନାୟକ, ବିଶିମାତ୍ରିର ସରସ୍ୱତୀ ନାୟକ, ତିରୁଣାର ରିତିରାଜ ଭୋଇ, ବରପଡ଼ାର ସୂର୍ଯ୍ୟନାରାୟଣ ସେଠୀ ପ୍ରମୁଖ ଚାରିଛକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେହିପରି ନିମାପଡାରେ ଡାକ୍ତରଖାନାରେ ବିଜିପୁର ଗ୍ରାମର ସୁଷମା ଭୋଇ, ଧୀରପୁରର ଉମାମଣି ବେହେରା, ଅଂସାଳର ଗୌରାଙ୍ଗ ବେହେରା, ବିଷ୍ଣୁପୁରର କୁନ୍ତଳା ଭୋଇ ପ୍ରମୁଖ ଚିକିତ୍ସିତ ହେଉଛନ୍ତି। ଏହି ଦୁଇ ଡାକ୍ତରଖାନାରେ ଆବଶ୍ୟକ ଶଯ୍ୟା ନ ଥିବାରୁ ଉଭୟ ଡାକ୍ତରଖାନାରେ ରୋଗୀମାନେ ବାଧ୍ୟ ହୋଇ ବାରଣ୍ଡାରେ ଓ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ନିମାପଡ଼ା ମେଡିକାଲର ଡାକ୍ତର ସୁଶାନ୍ତ ମିଶ୍ର ଏବଂ ଚାରିଛକ ଡାକ୍ତରଖାନର ଡାକ୍ତର ସୁଶାନ୍ତ କୁମାର ଜେନା ଓ ଡାକ୍ତର ଶୁଭମୟ ଚିନ୍ମୟ ସ୍ୱାଇଁଙ୍କୁ ପଚାରିବାରେ ଦୂଷିତ ଖାଦ୍ୟ ଓ ପାନୀୟ ଜଳ ସେବନରୁ ଏହି ରୋଗ ବ୍ୟାପୁଛି। ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀଙ୍କ ପାଇଁ ମେଡିକାଲରେ ପର୍ଯ୍ୟାପ୍ତ ପରିମାଣର ଔଷଧ, ଇଞ୍ଜେକଶନ୍ ଓ ସାଲାଇନ ମହଜୁଦ ରହିଛି। ରୋଗୀମାନଙ୍କୁ ଠିକ୍ ଭାବେ ଚିକିତ୍ସା କରାଯାଉଛି ବୋଲି ଡାକ୍ତରମାନେ କହିଛନ୍ତି। ଏଥିପାଇଁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦୃଷ୍ଟିଦେବା ସହ ନିମାପଡ଼ା ବ୍ଲକର ପ୍ରତ୍ୟେକ ଗ୍ରାମକୁ ଭ୍ରାମ୍ୟମାଣ ଡାକ୍ତରୀ ଦଳ ପଠାଇ ଚିକିତ୍ସା କରିବାକୁ ସାଧାରଣରେ ଦାବି ହେଉଛି। ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଗାଁ ଗଣ୍ଡାର ଥିବା ସମସ୍ତ କୂପ, ନଳକୂପ ଓ ପୋଖରୀଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ବିଶୋଧନ କରାଯିବା ସହ ବାତ୍ୟା ବିପନ୍ନଙ୍କୁ ପର୍ଯ୍ୟାପ୍ତ ପରିମାଣର ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ଦାବି ହେଉଛି।



ଚାରିଛକ ମେଡିକାଲରେ ଶଯ୍ୟା ଅଭାବ ଯୋଗୁ ରୋଗୀମାନେ ବାହାରେ ଚିକିତ୍ସିତ ହେଉଛନ୍ତି।

## ସଂକ୍ଷେପରେ

### ଯୁକ୍ତ୨ ବିଜ୍ଞାନରେ ଶୂନ ଫଳାଫଳ କରିଥିବା ୯ କଲେଜ ଉପରେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୯।୬(ବ୍ୟୁରୋ):** ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ ଶୂନ ରେଜଲ୍ଟ କରିଥିବା ୯ କଲେଜ ଉପରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେଗୁଡ଼ିକ ହେଲା ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ମଣ୍ଡଳସ୍ଥିତ ଶ୍ରୀଜଗନ୍ନାଥ ଦେବ ହାଇସ୍କୁଲ, ଅନୁଗୋଳ ଜିଲା ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରୀ ସ୍କୁଲ, ଢେଙ୍କାନାଳ ଜିଲା ସଦର ବ୍ଲକ୍‌ର ସରାଖିଆସ୍ଥିତ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ଆର୍ଟ ଆଣ୍ଡ କଲ୍‌ଚର, ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ବେଲଗୁଣ୍ଠା ଓ୍ୱିମେନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ କେ. ପି. ଡି. ଓ୍ୱିମେନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱରରର ଏସ୍.ଆର୍.ଏମ୍. ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱରରର ନାନୋ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ସମ୍ବଲପୁରସ୍ଥିତ ଶ୍ରୀ ଅରବିନ୍ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟିଗ୍ରାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ, ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ୍ ଅନ୍ତର୍ଗତ ରାଉରକେଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ ହାୟର ସେକେଣ୍ଡାରୀ ସ୍କୁଲ। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୬ଟି କଲେଜରେ ନାମଲେଖା ଉପରେ ରୋକ୍ ଲଗାଯାଇଥିବାବେଳେ ବାକି ୩ଟି କଲେଜ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ନାମଲେଖା ବନ୍ଦ ନିର୍ଦ୍ଦେଶ ଦିଆଯାଇଥିବା କଲେଜଗୁଡ଼ିକ ମଧ୍ୟରୁ ୪ଟିରେ ଗତବର୍ଷଠାରୁ ନାମଲେଖା ବନ୍ଦ ରହିଛି। ତେବେ ବଲାଙ୍ଗୀର ଜିଲା ବେଲପଡ଼ାର ଶ୍ରୀଜଗନ୍ନାଥ ଦେବ ହାଇସ୍କୁଲ ଓ ନୟାଗଡ଼ ଜିଲା ଦଶପଲାସ୍ଥିତ କେ.ପି.ଡି. ଓ୍ୱିମେନ୍ସ ହାୟର ସେକେଣ୍ଡାରୀ ସ୍କୁଲରେ ଚଳିତ ବର୍ଷଠାରୁ ନାମଲେଖା ଉପରେ ରୋକ୍ ଲଗାଯାଇଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

### ସର୍ଭିସ ବନ୍ଧୁକରୁ ଗୁଳି ଫୁଟାଇ ଯବାନଙ୍କ ଆତ୍ମହତ୍ୟା

**ନାକଟିଦେଉଳ,୯।୬(ଡି.ଏନ.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନାରେ କାର୍ଯ୍ୟରତ ଜଣେ ଯବାନ ରବିବାର ସକାଳେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଓଏସଏପି (ଓଡିଶା ଷ୍ଟେଟ ଆର୍ମଡ ପୋଲିସ) ପ୍ରଥମ ବାଟାଲିୟନର ଅମିର କୁମାର ସାହୁ(୩୬)। ତାଙ୍କ ଘର ବରଗଡ଼ ଜିଲା ଗାଇସିଲେଟ ଥାନା ଶରଧାପାଲି ଗ୍ରାମରେ। ଡ୍ୟୁଟିରେ ଥାଇ ନିଜ ବନ୍ଧୁକରୁ ସେ ବେକକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ମାଓବାଦୀ ଦମନ ନିମନ୍ତେ ଅମିର ୬ମାସ ହେବ କିସିଣ୍ଡା ଥାନାରେ ନିୟୋଜିତ ଥିଲେ। ରବିବାର ଭୋର ୪ଟାରେ ସେ ଥାନା କୋଠା ଛାତ ଉପରେ ସେଣ୍ଟ୍ରି ଡ୍ୟୁଟିରେ ଥିଲେ। ତେବେ ସକାଳ ପ୍ରାୟ ୫ଟା୫୫ରେ ନିଜର ଇନସାସ୍ ସର୍ଭିସ ବନ୍ଧୁକରୁ ବେକକୁ ୩ ରାଉଣ୍ଡ ଗୁଳି ଫୁଟାଇଥିଲେ। ଗୁଳି ଫୁଟିବା ଶବ୍ଦ ଶୁଣି ସହକର୍ମୀମାନେ ପହଞ୍ଚିଲା ବେଳକୁ ସେଠାରେ ଅମିରଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡି ରହିଥିଲା। ଖବର ପାଇ ରେଢାଖୋଲ ଏସଡ଼ିପିଓ ହାଡ଼ିବନ୍ଧୁ ସ୍ୱାଇଁ, ପ୍ରଥମ ବାଟାଲିୟନର ଡେପୁଟି କମାଣ୍ଡାଣ୍ଟ ବିଷ୍ଣୁପଦ ଦାସ, କିସିଣ୍ଡା ଥାନା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ନାକଟିଦେଉଳ ତହସିଲଦାର ଇଜଲୁସ ବିନୟ କୁଲୁଙ୍କ ଉପସ୍ଥିତିରେ ଅମୀରଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ରେଢାଖୋଲ ପଠାଯାଇଛି। ଏ ନେଇ କିସିଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩/୧୯)ରୁଜୁ କରାଯାଇଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣା ପଡ଼ିନାହିଁ। ପାରିବାରିକ ସମସ୍ୟାକୁ ନେଇ ଅମିର ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି ବୋଲି ଏସଡ଼ିପିଓ ହାଡ଼ିବନ୍ଧୁ ସ୍ୱାଇଁ ପ୍ରକାଶ କରିଛନ୍ତି।

## ■ ଅନ୍ତର୍ଜାତୀୟ ଅଭିଲେଖ ଦିବସ ପାଳିତ

# ପ୍ରତି ଜିଲାରେ ପ୍ରତିଷ୍ଠା ହେବ ଶାଖା ଅଭିଲେଖାଗାର

■ନଥିପତ୍ର ସଂଗ୍ରହ ନିମନ୍ତେ ନିଆଯିବ ପଦକ୍ଷେପ

■ଡିଜିଟାଇଜେସନ ଉପରେ ଅଭିଲେଖାଗାରର ଗୁରୁତ୍ୱ

**ଭୁବନେଶ୍ୱର,୯।୬(ବ୍ୟୁରୋ)**

କେବଳ ରାଜଧାନୀ ଭୁବନେଶ୍ୱର ନୁହେଁ, ଏଣିକି ସମଗ୍ର ରାଜ୍ୟରେ ପ୍ରତିଷ୍ଠା ହେବ ଅଭିଲେଖାଗାର। ସମଗ୍ର ରାଜ୍ୟବାସୀ ଅଭିଲେଖାଗାରର ଆବଶ୍ୟକତା, ଏହାର ମହତ୍ତ୍ୱ ଓ କାର୍ଯ୍ୟଧାରା ସମ୍ପର୍କରେ ଅବଗତ ହେବେ। ଅଭିଲେଖାଗାର ମାଧ୍ୟମରେ ରାଜ୍ୟ ତଥା ଦେଶର ଇତିହାସ, ନଥିପତ୍ର ଓ ପୁରାତନ ଦସ୍ତାବିଜ୍ ଆଦି ସମ୍ପର୍କରେ ଜାଣିପାରିବେ। ଭୁବନେଶ୍ୱରରେ ଥିବା ରାଜ୍ୟ ଅଭିଲେଖାଗାରର ଶାଖା ଅଭିଲେଖାଗାର ଭାବେ ଓଡ଼ିଶାର ବିଭିନ୍ନ ଜିଲାରେ ଏହା ପ୍ରତିଷ୍ଠା ହେବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶାଖା ଅଭିଲେଖାଗାର ପ୍ରତିଷ୍ଠା ସାଙ୍ଗକୁ ଜିଲାସ୍ତରରୁ ନଥିପତ୍ର ସଂଗ୍ରହ ନିମନ୍ତେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଛି।

ଅନ୍ତର୍ଜାତୀୟ ଅଭିଲେଖ ଦିବସ ଅବସରରେ ରାଜ୍ୟ ଅଭିଲେଖାଗାରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଥିଲେ, ବ୍ଲକସ୍ତରରୁ ଆରମ୍ଭ କରି ଜିଲାସ୍ତର ପର୍ଯ୍ୟନ୍ତ ତ୍ୱରିତ ପ୍ରକ୍ରିୟା ମାଧ୍ୟମରେ ଦଲିଲ ଦସ୍ତାବିଜ୍ ସଂଗ୍ରହ ଉପରେ ଏଣିକି ଗୁରୁତ୍ୱ ଦିଆଯିବ। ଅଭିଲେଖାଗାରର ଉନ୍ନତ ରୂପରେଖ ନିମନ୍ତେ ବୈଷୟିକ ତଥା ପ୍ରଯୁକ୍ତିବିଦ୍ୟାର ଉପଯୋଗ ଉପରେ ପ୍ରାଥମିକତା ଦିଆଯିବ। ଏହାସହିତ ଅଭିଲେଖାଗାର କର୍ମଚାରୀମାନଙ୍କର ଦକ୍ଷତା ଏବଂ ପାରଦର୍ଶିତାର ଅଭିବୃଦ୍ଧି ନିମନ୍ତେ ଉଦ୍ୟମ ହେବା ବାଞ୍ଛନୀୟ ବୋଲି ମନ୍ତ୍ରୀ କହିଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶାରେ ଚଳଚ୍ଚିତ୍ର ଅଭିଲେଖାଗାର ସ୍ଥାପନ ନିମନ୍ତେ ପରାମର୍ଶ ଦେଇଥିଲେ। ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକ ସଭାରେ ଅଧ୍ୟକ୍ଷତା କରି ଶାଖା ଅଭିଲେଖାଗାର ପ୍ରତିଷ୍ଠା ଓ ନଥିପତ୍ର ସଂଗ୍ରହ ନିମନ୍ତେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଥିଲେ। ଚଳିତବର୍ଷର ପ୍ରସଙ୍ଗ 'ଏକବିଂଶ ଶତାବ୍ଦୀରେ ଅଭିଲେଖାଗାରର ରୂପରେଖ' ଉପରେ ବିଶିଷ୍ଟ ପ୍ରଯୁକ୍ତି ବିଜ୍ଞାନୀ ପ୍ରଫେସର ସଂଘମିତ୍ରା ମହାନ୍ତି ଅଭିଲେଖାଗାରର ସାମଗ୍ରିକ ଅଭିବୃଦ୍ଧି ଏବଂ ଜନସାଧାରଣଙ୍କ ସହିତ ଏହାର ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ଓଡ଼ିଆ ଚଳଚ୍ଚିତ୍ର ଗ୍ରାମଫୋନ ରେକର୍ଡର ପ୍ରଚ୍ଛଦ ଆଧାରିତ ପ୍ରଦର୍ଶନୀକୁ ମନ୍ତ୍ରୀ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଅଭିଲେଖାଗାର ଅଧୀକ୍ଷକ ସୁଚିସ୍ମିତା ମନ୍ତ୍ରୀ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ବିଭାଗ ଯୁଗ୍ମ ନିର୍ଦ୍ଦେଶିକା ସଂଘମିତ୍ରା ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ। ଚଳିତବର୍ଷ ଅଷ୍ଟ୍ରେଲିଆର ଏଡ୍‌ଲେଡ୍‌ରେ ଆନ୍ତର୍ଜାତିକ ଅଭିଲେଖ ମହାସଂଘ ସମ୍ମିଳନୀ ଆୟୋଜିତ ହେଉଥିବା ବେଳେ ପ୍ରାମାଣିକ ଦସ୍ତାବିଜ୍‌ର ଡିଜିଟାଇଜେସନ, ସାମଗ୍ରୀ ସଂଗ୍ରହ ଅଭ୍ୟାସ, ଅଭିଲେଖାଗାରର ରୂପରେଖ ଆଦି ଉପରେ ଗୁରୁତ୍ୱ ଦିଆଯାଇଛି।



ଅନ୍ତର୍ଜାତୀୟ ଅଭିଲେଖ ଦିବସ ଅବସରରେ ଆୟୋଜିତ ପ୍ରଦର୍ଶନୀକୁ ଅତିଥି ବୁଲି ଦେଖୁଛନ୍ତି।

### ଚଳନ୍ତା ଭ୍ୟାନ୍‌ରେ ନିଆଁ, ବର୍ତ୍ତିଗଲେ ଚାଳକ

**ଓଡ଼ଗାଁ, ୯।୬ (ସ୍ୱ.ପ୍ର.):** ୨୧ ନମ୍ବର ରାଜ୍ୟ ରାଜପଥର ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ସମ୍ମୁଖରେ ରବିବାର ଏକ ଚଳନ୍ତା ମାରୁତି ଭ୍ୟାନରେ ନିଆଁ ଲାଗି ଜଳିଯାଇଛି। ସୂଚନା ଅନୁସାରେ ମଧ୍ୟାହ୍ନ ସମୟରେ ଓଆର୦୨ଏକ୍ସ ୭୧୮୧ ନମ୍ବର ବିଶିଷ୍ଟ ଭ୍ୟାନ୍ ଥାନା ସମ୍ମୁଖ ଦେଇ ଯାଉଥିବା ବେଳେ ହଠାତ୍ ସେଥିରେ ନିଆଁ ଲାଗି ଜଳୁଥିବା ଲୋକମାନେ ଦେଖି ପାଟି କରିଥିଲେ। ଏହା ଶୁଣି ଗାଡ଼ି ଚାଳକ ତତ୍‌କ୍ଷଣାତ୍ ଥାନା ସମ୍ମୁଖରେ ଗାଡି ରଖି ସେଠାରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିବା ବେଳେ ପୋଲିସ ଅଧାପୋଡା ଗାଡି ଜବତ କରିଛି। ଅନ୍ୟପକ୍ଷେ ଭ୍ୟାନ୍‌ଟି ଜଳୁଥିବା ବେଳେ ସେଥିରେ ମୃଦୁ ପାନୀୟ ନିମନ୍ତେ ସୋଡା ଗ୍ୟାସ ସିଲିଣ୍ଡର ଥିବାରୁ ବିସ୍ଫୋରଣ ଆଶଙ୍କାରେ ଲୋକେ ଭୟଭୀତ ହୋଇଯାଇଥିଲେ। ଏପରିକି ଦମକଳବାହିନୀ ନିଆଁ ଲିଭାଇବା ପର୍ଯ୍ୟନ୍ତ ସେହି ରାସ୍ତାରେ ଗମନାଗମନ ବନ୍ଦ ହୋଇଯାଇଥିଲା। ଏ ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିଲେ ହେଁ ଜନଜୀବନର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଜିଲା ପରିବହନ ବିଭାଗ ଓ ପୋଲିସ ମିଳିତ ଭାବେ ତଦନ୍ତ କରି ଏଭଳି ଭ୍ୟାନ୍‌କୁ ଠାବ କରିବା ଉଚିତ ବୋଲି ମତପ୍ରକାଶ ପାଇଛି।

## ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀଙ୍କୁ ହତ୍ୟା

**ପାଟକୁରା,୯।୬(ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅରଖ କୁଦ ଗ୍ରାମରେ ଶନିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି । ପରକୀୟା ପ୍ରୀତି ସନ୍ଦେହରେ ଗ୍ରାମର ଚନ୍ଦ୍ରଶେଖର ଜେନା ତାଙ୍କ ସ୍ତ୍ରୀ କନକଲତା(୩୦)ଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି । ରବିବାର ସକାଳେ ରକ୍ତଲଗା ଟାଙ୍ଗିଆ ଧରି ସ୍ୱାମୀ ଥାନାରେ ଆତ୍ମସମର୍ପଣ କରିଛନ୍ତି। ଖବରପାଇ ସମ୍ପୃକ୍ତ ମହିଳାଙ୍କ ଭାଇ ସନାତନ ଜେନା ପହଞ୍ଚି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ମାମଲା (ନଂ –୧୪୬/୨୦୧୯) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଟାଙ୍ଗିଆ ସହ ଏକ ସ୍କୁଟି ଜବତ କରାଯାଇଛି। ଚନ୍ଦ୍ରଶେଖର ୫ବର୍ଷ ତଳେ ବଡଚଣା ଥାନା କୁମୁଡ଼ା ଜଇପୁର ଗ୍ରାମର କନକଲତାଙ୍କୁ ପ୍ରେମ ବିବାହ କରିଥିଲେ । ତାଙ୍କର ଗୋଟିଏ ୪ବର୍ଷର ଶିଶୁପୁତ୍ର ଅଛି । କନକଲତାଙ୍କ ପରକୀୟା ପ୍ରୀତି ସନ୍ଦେହରେ ପୂର୍ବରୁ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡା ହେଉଥିଲା। ଶନିବାର ଏହି ଘଟଣାକୁ କେନ୍ଦ୍ର କରି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପୁନର୍ବାର ପାଟିତୁଣ୍ଡ ହୋଇଥିଲା । ରାତିରେ ଖାଇସାରି କନକଲତା ଶିଶୁପୁତ୍ର ଓ ସ୍ୱାମୀଙ୍କ ସହ ଶୋଇଥିଲେ । ତାଙ୍କୁ ନିଦ ହୋଇଯିବା ପରେ ପୂର୍ବ ଯୋଜନା ମୁତାବକ ଚନ୍ଦ୍ରଶେଖର ଏକ ଧାରୁଆ ଟାଙ୍ଗିଆରେ ସ୍ତ୍ରୀଙ୍କ ମୁଣ୍ଡରେ ଚୋଟ ମାରିଥିଲେ । ଫଳରେ ଘଟଣାସ୍ଥଳରେ କନକଲତାଙ୍କ ମୃତ୍ୟୁ ହୋଇଥିଲା। ପରେ ଚନ୍ଦ୍ରଶେଖର କୋରୁଆ ଫାଣ୍ଡିରେ ପହଞ୍ଚି ନିଜର ଦୋଷ ସ୍ୱୀକାର କରି ଆତ୍ମସମର୍ପଣ କରିଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ଉପଜିଲାପାଳ ସଞ୍ଜୟ ମିଶ୍ରଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଚଳାଇଛନ୍ତି।

**ରକ୍ତଭିଜା ଟାଙ୍ଗିଆ ଧରି ଥାନାରେ ସ୍ୱାମୀଙ୍କ ଆତ୍ମସମର୍ପଣ**

## କାରଣ ଖୋଜା କମିଟି ଉପରେ କର୍ମୀଙ୍କ ଭରସା ପାଉନି

**ଭୁବନେଶ୍ୱର,୯।୬(ବ୍ୟୁରୋ)**

**କଂଗ୍ରେସ ରାଜନୀତି**

■ ପରିବାରବାଦକୁ ସମାଲୋଚନା

■ ଜିଲା ନୁହେଁ ବରିଷ୍ଠଙ୍କ ମଧ୍ୟରେ ରହିଛି ବିବାଦ

ଚଳିତ ସାଧାରଣ ନିର୍ବାଚନରେ ଦେଶ ଓ ରାଜ୍ୟରେ କଂଗ୍ରେସର ବିଶେଷ କ୍ଷତି ହୋଇଛି। ରାଜ୍ୟ କଥା ବିଚାର କଲେ କଂଗ୍ରେସର ପ୍ରଦର୍ଶନରେ ନୈରାଶ୍ୟ ଭରି ରହିଛି। ୨୦୦୦ରୁ ରାଜ୍ୟରେ କଂଗ୍ରେସ କ୍ଷମତାରେ ନାହିଁ। ଏହି ୧୯ ବର୍ଷ ମଧ୍ୟରେ ହୋଇଥିବା ୫ଟି ନିର୍ବାଚନ ମଧ୍ୟରୁ କଂଗ୍ରେସ ୨୦୦୪ରେ ସାମାନ୍ୟ ଭଲ ପ୍ରଦର୍ଶନ କରିଥିଲା। ସେହିପରି ୨୦୦୯ ଲୋକ ସଭାରେ ୬ଟି ଆସନ ଜିତି ପାରିଥିଲା। ହେଲେ ଚଳିତଥର ମାତ୍ର ଗୋଟିଏ ଲୋକ ସଭା ଏବଂ ୯ଟି ବିଧାନସଭା ଆସନ ଜିତିବାରେ ସକ୍ଷମ ହୋଇଛି। ଏହିସବୁ ଆସନରେ କଂଗ୍ରେସ ଦଳ ଅପେକ୍ଷା ପ୍ରାର୍ଥୀମାନେ ନିଜସ୍ୱ ସଙ୍ଗଠନ ଦ୍ୱାରା ଉପକୃତ ହୋଇଥିବା ସମୀକ୍ଷକମାନେ ମତ ଦେଇଛନ୍ତି। ତେବେ ପରାଜୟର କାରଣ ଖୋଜିବା ପାଇଁ ଏକ ୨୧ ଜଣିଆ କମିଟି ଗଠନ କରାଯାଇଛି। ଏହାର ୬ଟି ଉପକମିଟି କରାଯାଇଛି। ବିଭିନ୍ନ ଜିଲା ଗସ୍ତ କରି ଏହି କମିଟି ପରାଜୟର କାରଣ ଖୋଜିବ। ହେଲେ କମିଟିକୁ ନେଇ ଅନେକ ଆପତ୍ତି ଉଠାଇଛନ୍ତି।

ଜନୈକ ପିସିସି ସମ୍ପାଦକଙ୍କ କହିବାନୁଯାୟୀ, କଂଗ୍ରେସର ପରିବାରବାଦକୁ ଭାଜପା ଏକ ମୁଖ୍ୟ ପ୍ରସଙ୍ଗ କରିପାରିଲା। ଯାହା ଦ୍ୱାରା ସର୍ବୋଚ୍ଚସ୍ତରରେ ଏକ ବିତର୍କ ସୃଷ୍ଟି ହେଲା। ଏହା ସତ୍ତ୍ୱେ ବି କଂଗ୍ରେସର ମଙ୍ଗ ଧରିଥିବା କେତେକ ନେତା ରାଜନୀତିରେ ଅନଭିଜ୍ଞଥିବା ନିଜ ସନ୍ତାନମାନଙ୍କୁ ପ୍ରାର୍ଥୀ କରାଇଲେ। ଦଳର ପ୍ରାୟ ଅଧ ଡଜନ ନେତାମାନେ ନିଜ ସନ୍ତାନ ଏବଂ ନିଜ ନିର୍ବାଚନରେ ବ୍ୟସ୍ତ ରହିଲେ। ବାଲେଶ୍ୱର ଲୋକ ସଭା ଆସନକୁ ଏକଦା କଂଗ୍ରେସର ଗଡ କୁହାଯାଉଥିଲା, ହେଲେ ପରିସ୍ଥିତି ଏପରି ହେଲା ଯେ, ସେଠାରେ କଂଗ୍ରେସ ନିଜର ଅମାନତ ରଖି ପାରିଲା ନାହିଁ। ସତ୍ୟବାଦୀ, ପୁରୀ, ଖଣ୍ଡପଡା, ଖୋର୍ଦ୍ଧା ଭଳି ଆସନରେ ମାତ୍ରାଧିକ କମ୍ ଭୋଟ ପାଇଲା। ତେଣୁ ପରାଜୟର କାରଣ ନେତୃତ୍ୱଙ୍କ ମାନଙ୍କ ପାଖରେ ରହିଛି, ଜିଲାକୁ ଗସ୍ତ କରି ଯିବାର କୌଣସି କାରଣ ନ ଥିବା ପିସିସି ସମ୍ପାଦକ ଜଣଙ୍କ କହିଛନ୍ତି। ସେହିପରି ଜଣେ ପୂର୍ବତନ ମୁଖପାତ୍ର କହିଛନ୍ତି ଯେ, ଯେଉଁ ପଦ୍ଧତିରେ କାରଣ ଖୋଜା ଚାଲିଛି। ସେହି ନିୟମରେ କୌଣସି ସମାଧାନର ସୂତ୍ର ବାହାରିବ ନାହିଁ। ଓଲଟି ମୂଳତଃ କଂଗ୍ରେସ ଦଳର କର୍ମୀ ନ ହୋଇ କେତେକ ନେତା ପିସିସି ଚୌକି ହାତେଇବାକୁ ଚେଷ୍ଟା କରୁଛନ୍ତି। ଭାଜପା ସାରା ଦେଶରେ କଂଗ୍ରେସ ବିରୋଧରେ ଲଢେଇ କରୁଛି। ହେଲେ କେନ୍ଦ୍ରାପଡା, ସୁନ୍ଦରଗଡ, ପୁରୀ ଏବଂ ଭୁବନେଶ୍ୱର ଭଳି ଗୁରୁତ୍ୱପୂର୍ଣ୍ଣ ଲୋକ ସଭାରେ କଂଗ୍ରେସ ନେତାମାନେ ଭାଜପା ସପକ୍ଷରେ ପ୍ରଚାର କଲେ। ଯାହା ଦଳର ଅତି ଖରାପ ପ୍ରଦର୍ଶନର କାରଣ। କଂଗ୍ରେସ ଶାସକ ବିଜେଡିର ବି ଟିମ୍ ବୋଲି ଧାରଣା ସୃଷ୍ଟି କରିଥିବା କେତେକ ନେତା କିପରି ପରାଜୟର କାରଣ ଖୋଜିବେ ବୋଲି ମୁଖପାତ୍ର ଜଣଙ୍କ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ଏତେ ସବୁ ପରେ ବି ବରିଷ୍ଠ ନେତା କାହ୍ନୁ ଚରଣ ଲେଙ୍କା, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ପ୍ରଦେଶ କଂଗ୍ରେସର ନବକଳେବର ପାଇଁ ବେଶ୍ ଆଶାବାଦୀ ଥିବା କୁହାଯାଉଛି।




ମଞ୍ଚାସୀନ ଅତିଥିମାନେ।

## ସମ୍ବର୍ଦ୍ଧିତ ହେଲେ ଦକ୍ଷିଣ ଓଡ଼ିଶାର ୬୬ କଳାକାର

**ଭଞ୍ଜନଗର,୯।୬(ଡି.ଏନ.ଏ):** ଗଞ୍ଜାମ ଜିଲା ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ପରିସରରେ ରବିବାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୮୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ କଳାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦକ୍ଷିଣ ଓଡ଼ିଶାର ୬୬ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନନ୍ଦିନୀ ଶତପଥୀ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଜୟନ୍ତୀ ସମାରୋହରେ ସଭାପତି ପ୍ରଫେସର କୃତିବାସ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡ. ବିଷ୍ଣୁ ଚରଣ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନନ୍ଦିନୀ ଦେବୀ ରାଜ୍ୟ ଓ ଜାତୀୟସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରି ଥିଲେ ବୋଲି ତାଙ୍କ ତାଙ୍କ ବକ୍ତବ୍ୟରେ କହିଥିଲେ। କଲେଜ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି ସମ୍ମାନିତ ଅତିଥି ଭାବେ ଯୋଗଦେଇ ନନ୍ଦିନୀଙ୍କ ଜୀବନୀ ସମ୍ପର୍କରେ କହିଥିଲେ। କ୍ଷତ୍ରିୟବରପୁର କଲେଜ ଅଧ୍ୟକ୍ଷ ଅମୂଲ୍ୟ ଦାସ, ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଆଶିଷ କୁମାର ସ୍ୱତନ୍ତ୍ର ଅତିଥିଭାବେ ଯୋଗ ଦେଇଥିଲେ। ଅଧାପିକା ସୁନିତାରାଣୀ ଖଣ୍ଡୁଆଳ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଶୂଳପାଣି ଶତପଥୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦୀନବନ୍ଧୁ ବେହେରା ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

**ଭଞ୍ଜନଗରରେ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ**

## ■ ବ୍ୟବସାୟୀଙ୍କୁ ଅପହରଣ ଉଦ୍ୟମ ମାମଲା

# ସିସିଟିଭି ଫୁଟେଜ୍‌ରୁ ଅଭିଯୁକ୍ତ ଚିହ୍ନଟ

**ଭୁବନେଶ୍ୱର,୯।୬(ବ୍ୟୁରୋ)**

ନୟାପଲ୍ଲୀ ଥାନା ସିଆର୍‌ପି ଏନ୍–୧ରେ ରହୁଥିବା ବ୍ୟବସାୟୀ ଶିବସୁନ୍ଦର ଦାଶଙ୍କୁ ଶୁକ୍ରବାର ରାତିରେ ୬ଜଣ ଦୁର୍ବୃତ୍ତ କାରରେ ଅପହରଣ ଉଦ୍ୟମ କରିଥିଲେ। ହେଲେ ବାଣୀବିହାର ଓଭରବ୍ରିଜ୍ ଉପରେ ଆର୍‌ଟିଓ ଚେକିଂ ହେଉଥିବାରୁ ଦୁର୍ବୃତ୍ତମାନେ କାର ବୁଲାଇ ଫେରିବା ସମୟରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଧରାପଡ଼ିଯିବା ଭୟରେ ସେମାନେ କାର ଛାଡ଼ି ଫେରାର ହୋଇଯାଇଥିଲେ। ଏହି ଘଟଣାରେ ରବିବାର ପୋଲିସକୁ ଏକ ସିସିଟିଭି ଫୁଟେଜ ମିଳିଛି। ସିସିଟିଭି ଫୁଟେଜ ଆଧାରରେ ପୋଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା କୁହାଯାଉଛି। ସେମାନେ କାହିଁକି ଏବଂ କାହା ଇଙ୍ଗିତରେ ବ୍ୟବସାୟୀଙ୍କୁ ଅପହରଣ ଉଦ୍ୟମ କରିଥିଲେ, ଅଭିଯୁକ୍ତମାନେ ଗିରଫ ହେବା ପରେ ରହସ୍ୟ ଉନ୍ମୋଚନ ହେବ ବୋଲି ପୋଲିସ କହିଛି। ଚିହ୍ନଟ କରାଯାଇଥିବା ଅଭିଯୁକ୍ତମାନଙ୍କ ଫୁଟେଜକୁ ପୋଲିସ ବ୍ୟବସାୟୀ ଶିବସୁନ୍ଦର ଓ ତାଙ୍କ ସ୍ତ୍ରୀଙ୍କୁ ଦେଖାଇଥିଲେ। ସେମାନେ ଫୁଟେଜରେ ଦେଖାଯାଉଥିବା ଅଭିଯୁକ୍ତମାନଙ୍କୁ ଚିହ୍ନିଥିବା କହିଛନ୍ତି। ଅଭିଯୁକ୍ତମାନେ ଛାଡ଼ିଯାଇଥିବା କାରର ନମ୍ବର ପ୍ଲେଟ୍ ନକଲି ଥିବା ମଧ୍ୟ ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ସେମାନେ କାରକୁ ଚୋରି କରି ଆଣି ଅପହରଣରେ ବ୍ୟବହାର କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ସ୍ପେଶାଲ ସ୍କ୍ୱାଡ ଟିମ୍ ଏବଂ ନୟାପଲ୍ଲୀ ପୋଲିସ ଚଢ଼ାଉ ଜାରି ରଖିଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ଅଭିଯୁକ୍ତମାନେ ଭୁବନେଶ୍ୱର ପାର୍ ହୋଇଯାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ତେଣୁ ପୋଲିସ ଭୁବନେଶ୍ୱର ବାହାରକୁ ଯାଇ ଚଢ଼ାଉ କରୁଥିବା ଜଣାପଡ଼ିଛି।

ସିସିଟିଭି ଫୁଟେଜରେ ଦେଖାଯାଉଛି ଯେ, ଘର ଆଗରେ ଥିବା ଏକ ବରଗଛ ମୂଳରେ କାର(ଓଡି–୦୨ଏୟୁ–୪୩୩୪)କୁ ପାର୍କିଂ କରି ଶ୍ୟାମସୁନ୍ଦର ଏସି ଲଗାଇ ଶୋଇଥିଲେ। ରାତି ପ୍ରାୟ ୪ଟାରେ ଏକ ଇନୋଭା ଗାଡ଼ି(ଓଡି–୦୫–୮୦୦୭) ସେଠାରେ ଲାଗିଥିଲା। କାରରୁ ଜଣେ ବ୍ୟକ୍ତି ଓହ୍ଲାଇଥିବା ବେଳେ ସମସ୍ତେ ମୁହଁରେ କପଡ଼ା ବାନ୍ଧିଥିବା ଶିବସୁନ୍ଦର କହିଛନ୍ତି। ଏହାପରେ ସେମାନେ ଶିବସୁନ୍ଦର ଶୋଇଥିବା କାରର କାଚ ବାଡ଼େଇଥିଲେ। ସେ କାର କାଚ ଖୋଲିବା ପରେ ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦେଇଥିଲେ। ଏହାପରେ ବ୍ୟବସାୟୀଙ୍କ କାରରେ ୪ଜଣ ଜୋରଜବରଦସ୍ତ ବସିଥିଲେ। ଜଣେ କାର ଚଳାଇଥିବା ବେଳେ ଆଉ ଜଣେ ଶିବସୁନ୍ଦରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ କାର୍‌ରେ ବସାଇ ଅପହରଣ ଉଦ୍ୟମ କରିଥିଲେ।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କିଲା ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୫ | ୨୫.୭ |
| ଚାନ୍ଦବାଲି | ୩୮.୨ | ୨୮.୧ |
| କଟକ | ୩୬.୫ | ୨୩.୫ |
| ପାରାଦ୍ୱୀପ | ୩୨.୫ | ୨୮.୨ |
| ଭୁବନେଶ୍ୱର | ୩୭.୭ | ୨୫.୦ |
| ଗୋପାଳପୁର | ୩୨.୭ | ୨୬.୩ |
| ପୁରୀ | ୩୩.୫ | ୨୬.୪ |
| ଅନୁଗୋଳ | ୪୦.୪ | ୨୧.୬ |
| ବାରିପଦା | ୩୮.୬ | ୨୭.୬ |
| ଝାରସୁଗୁଡ଼ା | ୪୨.୨ | ୨୫.୬ |
| କେନ୍ଦୁଝର | ୩୭.୯ | ୨୫.୨ |
| ସମ୍ବଲପୁର | ୪୩.୬ | ୨୭.୬ |
| ସୁନ୍ଦରଗଡ଼ | ୩୮.୦ | ୨୩.୦ |
| ହୀରାକୁଦ | ୪୩.୧ | ୨୭.୩ |
| ତାଳଚେର | --- | ୨୬.୪ |
| ଭବାନୀପାଟଣା | ୪୦.୫ | ୨୯.୦ |
| ବଲାଙ୍ଗୀର | ୪୨.୦ | ୨୮.୫ |
| କୋରାପୁଟ | ୩୪.୬ | ୨୩.୦ |
| ଫୁଲବାଣୀ | ୩୭.୦ | ୨୩.୦ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୪୧.୦ | ୨୨.୦ |
| ସୋନପୁର | ୪୦.୮ | ୨୪.୦ |
| ଦାରିଙ୍ଗିବାଡ଼ି | ୩୫.୫ | ୨୩.୦ |

ଡିଗ୍ରୀ ସେଲ୍‌ସିୟସ୍



ଭୀରୁ ବାରମ୍ବାର ମରେ; କିନ୍ତୁ ସାହାସୀ ଲୋକର ଜୀବନରେ ମାତ୍ର ଥରେ ମୃତ୍ୟୁ ହୋଇଥାଏ ।
- ନେପୋଲିୟନ



# ଜବରଦଖଲରେ ଶ୍ମଶାନ ଜମି

- କରାଯାଉନି ତାରବାଡ, ପାଚେରି ନିର୍ମାଣ
- ଖୋର୍ଦ୍ଧା ସହରରେ ହ୍ରାସ ପାଉଛି ସରକାରୀ ଜମି

ଖୋର୍ଦ୍ଧା ଅଫିସ,୯।୬

ପ୍ରଶାସନର ସହଯୋଗ ନ ଥିବାରୁ ଅଧିକାଂଶ ଶ୍ମଶାନ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଏଥିରୁ କିଛି ଜମିରେ ଘର ନିର୍ମାଣ ହୋଇ ସାରିଲାଣି। ଜିଲା ସଦର ମହକୁମା, ଖୋର୍ଦ୍ଧା ତହସିଲରେ ଦିନକୁଦିନ ଶ୍ମଶାନ ଜମି ଜବରଦଖଲ ଚାଲିଥିବାରୁ ସମୟ ଆସିବ ମୃତଦେହ ପୋଡିବାକୁ ଜମି ରହିବ ନାହିଁ। ସବୁ ଜାଣି ଜିଲା ପ୍ରଶାସନ ଚୁପ ହୋଇ ରହିଛି। ଜବରଦଖଲ ମୁକ୍ତ ଲାଗି ପଦକ୍ଷେପ ନିଆଯାଉନାହିଁ। ଏଭଳିସ୍ଥଳେ ସ୍ଥିତି ସଙ୍ଗିନ ଆଡକୁ ଗତି କରୁଛି।

ଖୋର୍ଦ୍ଧା ତହସିଲ ଅଧୀନରେ ହଳଦିଆ, ପାଇକତିଗିରିଆ, ଖୋର୍ଦ୍ଧା, ଜଙ୍କିଆ, ଗୋଳବାଇ ୫ଟି ରାଜସ୍ୱ ସର୍କଲ ରହିଛି। ଖୋର୍ଦ୍ଧା ସର୍କଲରେ ୫୪ଟି ମୌଜା ମଧ୍ୟରୁ ୮ଟି ମୌଜା ଖୋର୍ଦ୍ଧା ପୌରାଞ୍ଚଳରେ ରହିଛି। ସେଗୁଡିକ ହେଲା ମୁକୁନ୍ଦପ୍ରସାଦ, ଖୋର୍ଦ୍ଧା, ଯଯାରସିଂ, ଜେମାଦେଇ, ଜଗନ୍ନାଥପୁର, ସାନପଲ୍ଲା, ଗୁରୁଜଙ୍ଗ ଓ ରାଧାମୋହନପୁର। ସହରର ଏହି ୮ଟି ମୌଜାରେ ୩,୪୩୪ ସରକାରୀ ଜମି ରହିଛି। ଏଥିରୁ କିଛି ଗୋଚର, ପତିତ, ଅନାବାଦି ଆଦି କିସମର। ତେବେ ଏଥିରୁ ପ୍ରାୟ ୧୬ ଶହ ଏକର ସରକାରୀ ଜମି ଜବରଦଖଲ ହୋଇଥିବା ଅଭିଯୋଗ ରହିଛି। ଅନ୍ୟପକ୍ଷେ ଏହି ସରକାରୀ ଜମି ମଧ୍ୟରୁ ଶ୍ମଶାନ ଜମି ସବୁ ଜବରଦଖଲ ହୋଇଛି। ଖୋର୍ଦ୍ଧାର ଟିଏଲସି ଶ୍ମଶାନ ଏରିଆ ହେଉଛି ୨୧ ଏକର। ଏହାକୁ



ହାଡ଼ଗଡ଼ିଆ ଶ୍ମଶାନ ଜମିକୁ ଜବରଦଖଲ କରାଯାଇଛି।

ଚଣ୍ଡୀଚୁଆ ରାସ୍ତା ଦୁଇ ଭାଗରେ ବିଭକ୍ତ କରିଛି। ଏଣୁ ରାସ୍ତାର ଗୋଟିଏ ପାର୍ଶ୍ୱରେ ଶ୍ମଶାନର ଦେଢ଼ ଏକର ରହିଥିବାବେଳେ ଅନ୍ୟପାର୍ଶ୍ୱରେ ୧୯ ଏକର ରହିଛି। ଉଭୟପାର୍ଶ୍ୱରେ ମୃତଦେହ ସଂସ୍କାର କରାଯାଉଛି। କିଛି ଜମିରେ ପଥରଖଣି, ସମାଧିପୀଠ ରହିଛି। ଏପରିସ୍ଥଳେ ଅବଶିଷ୍ଟ ଜମିରୁ କିଛି ଜବରଦଖଲ ସହ ବେଆଇନ ଭାବେ ଘର ନିର୍ମାଣ ସରିଛି। ଅପରପାର୍ଶ୍ୱରେ ୧୯ ଏକର ଜମିରେ ବନ ବିଭାଗ ବୃକ୍ଷରୋପଣ କରି ପାର୍କ ନିର୍ମାଣ କରୁଛି। ଖୋର୍ଦ୍ଧା ମ୍ୟୁନିସିପାଲିଟି ପକ୍ଷରୁ ଏଠାରେ ଏକ ଶବଦାହ ଗୃହ ନିର୍ମାଣ ହୋଇଥିଲା। ଏହି ଗୃହର ଲୌହ ଖୁମ୍ବଗୁଡିକ ଚୋରି ହୋଇଯାଇଥିବାରୁ ତାହା କାର୍ଯ୍ୟରେ ଲାଗୁନି। ଗୁରୁଜଙ୍ଗ ଶ୍ମଶାନର କିଛି ଅଂଶ ଜବରଦଖଲକାରୀଙ୍କ କବ୍‌ଜାରେ। ମୁକୁନ୍ଦପ୍ରସାଦ ଶ୍ମଶାନ ଜମିକୁ ଏକ ଶିଳ୍ପ ସଂସ୍ଥା ଆଂଶିକ ଅକ୍ତିଆର କରିଛି। ସ୍ଥାନୀୟ କେତେଜଣ ଲୋକ ମଧ୍ୟ ଶ୍ମଶାନ ଜମିର କିଛି ଅଂଶ ଜବରଦଖଲ କରିଛନ୍ତି। ଭାଲିଆବାଡି, ସାନପଲ୍ଲା ଶ୍ମଶାନ ଜମିର ଅବସ୍ଥା ମଧ୍ୟ ଏକା ପ୍ରକାରର।

ଅପରପକ୍ଷେ ଶ୍ମଶାନ ଜମିକୁ ଚିହ୍ନଟ କରି ଚତୁଃପାର୍ଶ୍ୱରେ ତାରବାଡ ଓ ପାଚେରି ନିର୍ମାଣ କରିବା ଲାଗି ରାଜ୍ୟ ସରକାରଙ୍କ ପ୍ରତି ତହସିଲ ଓ ପୌର କର୍ତ୍ତୃପକ୍ଷଙ୍କୁ ପ୍ରତିବର୍ଷ ଅନୁଦାନ ଦେଉଛନ୍ତି। ହେଲେ ଉକ୍ତ ଜମି ଚିହ୍ନଟ କରିବାରେ ପ୍ରଶାସନ ବିଫଳ ହୋଇଛି। ଖୋର୍ଦ୍ଧା ତହସିଲରେ ସେଇ ଏକା ଅବସ୍ଥା। ଏଠାରେ ସରକାରୀ ଅନୁଦାନ ଖର୍ଚ୍ଚ ହୋଇପାରୁନାହିଁ। ବରିଷ୍ଠ ନାଗରିକ ବିମଳ ଷଡଙ୍ଗୀ କୁହନ୍ତି, ମୁସଲମାନ, ଖ୍ରୀଷ୍ଟିଆନଙ୍କର ଶ୍ମଶାନଗୁଡିକ ପାଚେରିରେ ଆବଦ୍ଧ ହୋଇଛି। ହେଲେ ହିନ୍ଦୁମାନଙ୍କ ଶ୍ମଶାନଗୁଡିକ ପାଚେରି ହୋଇ ନ ଥିବାରୁ ଜବରଦଖଲ ହେଉଛି। ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର କୁହନ୍ତି, ଟିଏଲସି ଶ୍ମଶାନର ଜମି ଚିହ୍ନଟ ପାଇଁ ସମିତି ତରଫରୁ ତହସିଲରେ ଡିମାରକେଶନ ପାଇଁ କେସ୍ ନଂ. ୭୮/୧୦ରେ ଦରଖାସ୍ତ ହୋଇଥିଲେ ମଧ୍ୟ ଏଯାବତ ମାପଚୁପ ହୋଇପାରିନାହିଁ। ଅନ୍ୟପକ୍ଷେ ପ୍ରତି ଶ୍ମଶାନରେ ଜିଲାପାଳଙ୍କ ରେଡକ୍ରସ ପାଣ୍ଠିରୁ ବିଦ୍ୟୁତ ଚୁଲା ନିର୍ମାଣ ପାଇଁ ପ୍ରସ୍ତାବ ରଖିଛନ୍ତି।

### ଶ୍ମଶାନ ଜବରଦଖଲକୁ ନେଇ ଉତ୍ତେଜନା

ଖୋର୍ଦ୍ଧା ସହରର ଜେମାଦେଇ ମୌଜାରେ ଥିବା ହାଡଗାଡିଆ ଶ୍ମଶାନ ଜବରଦଖଲକୁ ନେଇ ଉତ୍ତେଜନା ଦେଖାଦେଇଛି। ଶ୍ମଶାନ ଉପରେ ନିର୍ଭର କରୁଥିବା ମୁକୁନ୍ଦପ୍ରସାଦ, ଜେମାଦେଇ, ସାମନ୍ତରାପୁର, ଶାଗୁଆନବଗିଚା, ବୁଢ଼ିବଗିଚା, ଠେଙ୍ଗାହାଟ, ନବୀନାବାଗ, ଉପରସାହି, ବାସେଲିସାହିର ଲୋକ ଜବରଦଖଲକୁ ବିରୋଧ କରୁଛନ୍ତି। ଏପରିକି ସୋମବାର ଜିଲାପାଳଙ୍କୁ ଭେଟି ଅଭିଯୋଗ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର

**ପୁରୁଣା ଭୁବନେଶ୍ୱର, ୯।୬ (ଡି.ଏନ.ଏ.):** ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁରଠାରେ ନୃତ୍ୟ ଶିକ୍ଷା ସାରି ଜନୈକା ନାବାଳିକା ଏକୁଟିଆ ଘରକୁ ଫେରୁଥିବାବେଳେ ଶୁକ୍ରବାର ସନ୍ଧ୍ୟାରେ ଅପହରଣ କରାଯାଇଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ରବିବାର ରାତିରେ ଶିଶୁପାଳଗଡ଼ ଅଞ୍ଚଳର ଜଣେ ବ୍ୟକ୍ତି ଉକ୍ତ ନାବାଳିକାଙ୍କୁ ତାଙ୍କ ବାପାଙ୍କୁ ହସ୍ତାନ୍ତର କରିଛନ୍ତି। ପରେ ଝିଅ ସହ ବାପା ଥାନାରେ ପହଞ୍ଚି ଘଟଣା ସଂକ୍ରାନ୍ତରେ ଜଣାଇଛନ୍ତି। ପରେ ପୋଲିସ ନାବାଳିକାଙ୍କୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ଜୟଦୀପ ବିଶ୍ୱଜିତ କହିଛନ୍ତି। ମିଳିଥିବା ସୂଚନାନୁସାରରେ, ଶିଶୁପାଳଗଡ ଅଞ୍ଚଳର ଉକ୍ତ ବ୍ୟକ୍ତି ଜଣକ ତାଙ୍କ ପୁଅ ସମ୍ପୃକ୍ତ ନାବାଳିକାଙ୍କୁ ବିବାହ ପାଇଁ ଚାହୁଁଥିଲେ। ଏଥିପାଇଁ ସେ ନାବାଳିକାଙ୍କ ବାପାଙ୍କ ସହ କଥାବାର୍ତ୍ତା ହୋଇ ପ୍ରସ୍ତାବ ଦେଇଥିଲେ। ଏଥିରେ ନାବାଳିକାଙ୍କ ବାପା ରାଜି ହୋଇ ନ ଥିଲେ। ମାତ୍ର ଶୁକ୍ରବାର ତାଙ୍କ ପୁଅ ନାବାଳିକାଙ୍କୁ ଅପହରଣ କରି ଘରକୁ ନେଇ ବିବାହ ପାଇଁ ଯୋଜନା କରିଥିଲେ। ନାବାଳିକା ଜଣକ ଉଦ୍ଧାର ହେବା ପରେ ଏହି ଘଟଣା ପଦାକୁ ଆସିଥିଲା। ପରେ ଚାଇଲ୍ଡ ଲାଇନ ପକ୍ଷରୁ ଏନେଇ ତନାଘନା ଆରମ୍ଭ ହୋଇଛି। ଚାଇଲ୍ଡ ଲାଇନ୍ ଅଧକ୍ଷ ବେଣୁଧର ସେନାପତି କହିଛନ୍ତି, ନାବାଳିକାଙ୍କୁ ଜୋରଜବରଦସ୍ତି ବିବାହ କରିବା ଆଇନତଃ ଦଣ୍ଡନୀୟ ଅପରାଧ।

### ମଦ କମ୍ପାନୀରେ ତାଲିମ ନେଉଥିବା ଛାତ୍ର ଆହତ

**ଖୋର୍ଦ୍ଧା ଅଫିସ,୯।୬:** ଖୋର୍ଦ୍ଧା ଶିଳ୍ପାଞ୍ଚଳର ଏକ ମଦ କମ୍ପାନୀକୁ ତାଲିମ ନେବାକୁ ଆସିଥିବା ଜଣେ ଛାତ୍ର ଆହତ ହୋଇଛନ୍ତି। ଆହତ ଛାତ୍ରଙ୍କ ନାଁ ପ୍ରଭାତ ଦଳେଇ। ଘର ପିପିଲିର କଣ୍ଟି ଗାଁରେ। ପ୍ରଭାତଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ପରିବର୍ତ୍ତନ ନ ଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ପ୍ରଭାତ ବିଦ୍ୟୁତ୍ କାମ କରିଥିବାବେଳେ ତଳକୁ ଖସି ପଡିଥିଲେ।

### ମାସିକ ସାହିତ୍ୟ ଆସରରେ ସ୍ମୃତିଚାରଣ

**ଖୋର୍ଦ୍ଧା ଅଫିସ, ୯।୬:** ଖୋର୍ଦ୍ଧା ସାହିତ୍ୟ ସଂସଦର ମାସିକ ଆସର ରବିବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପ୍ରାଧାପକ ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରଫେସର ନାରାୟଣ ରାଓ, ବୈକୁଣ୍ଠନାଥ ରାଜଗୁରୁ, ପ୍ରାଧାପକ ଅଶୋକ ରାୟସିଂହ, ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ଖୋର୍ଦ୍ଧାର ଶିକ୍ଷାବିତ ଓ ସାମ୍ୟବାଦୀ ଲକ୍ଷ୍ମୀନାରାୟଣ ରାୟସିଂହଙ୍କ ବିୟୋଗରେ ଏଠାରେ ସ୍ମୃତିଚାରଣ ସହ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା।

## ■ ଶିଶୁପୁତ୍ର ମୃତ୍ୟୁକୁ ନେଇ ଉତ୍ତେଜନା
# ଏଏନ୍‌ଏମ୍ କର୍ମୀଙ୍କୁ ତାଲା ପକାଇଲେ ଗ୍ରାମବାସୀ

**ପ୍ରଶାସନିକ ପ୍ରତିଶ୍ରୁତି ପରେ ପରିସ୍ଥିତି ସ୍ୱାଭାବିକ**

ନିରାକାରପୁର,୯।୬(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ମଞ୍ଜାରିଆ ପାଟଣାର ଜଣେ ଦଳିତ ପରିବାରର ଏକ ଶିଶୁପୁତ୍ରର ମୃତ୍ୟୁକୁ ନେଇ ରବିବାର ଉତ୍ତେଜନା ପ୍ରକାଶ ପାଇଛି। ମୃତ ଶିଶୁଙ୍କ ମା’ ଲକ୍ଷ୍ମୀପ୍ରିୟା ବେହେରା। ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କ ୨୪ ଦିନ ପୁଅର ମୃତ୍ୟୁ ଘଟିଥିବା ଅଭିଯୋଗ କରିଛନ୍ତି। ଶିଶୁର ମୃତଦେହକୁ ନିରାକାରପୁର ମେଡିକାଲ୍‌ର ଏଏନ୍‌ଏମ୍‌ଙ୍କ ଘର ଆଗରେ ରଖି ମୃତକଙ୍କ ପରିବାର ଓ ଗ୍ରାମବାସୀ ଧାରଣା ଦେଇଥିଲେ। ପରେ ଏଏନ୍‌ଏମ୍‌ଙ୍କୁ ତାଙ୍କ ଘରେ ତାଲା ପକାଇ ରଖିଥିଲେ। ଖବର ପାଇ ସ୍ଥାନୀୟ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ, ଟାଙ୍ଗୀ ମେଡିକାଲ ଅଫିସର ଜିତେନ୍ଦ୍ର ସାହୁ ଓ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଝୁମାରାଣୀ ଚକ୍ରବର୍ତ୍ତୀ ଓ ସ୍ଥାନୀୟ ସରପଞ୍ଚ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ମୃତ ଶିଶୁର ପରିବାରକୁ



ଏଏନ୍‌ଏମ୍‌ଙ୍କ ଘର ଆଗରେ ମୃତଦେହ ରଖି ଗାଁର ମହିଳାମାନେ ବସି ରହିଛନ୍ତି।

କ୍ଷତିପୂରଣ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତ ସ୍ୱାଭାବିକ ହୋଇଥିଲା। ଟାଙ୍ଗୀ ତହସିଲଦାର ସୁନାଶିର କିଷାନ ରେଡ୍‌କ୍ରସ ପାଣ୍ଠିରୁ ମୃତକ ପରିବାରକୁ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ତେବେ ଘଟଣାକୁ ନେଇ ପୂର୍ବାହ୍ନ ସାଢେ ୧୧ଠାରୁ ରାତି ୮ଟା ଯାଏ ଉତ୍ତେଜନା ଲାଗିରହିଥିଲା। ଏ ନେଇ ମୃତୁ ଶିଶୁର ଜେଜେମା ଝିଲି କାଣ୍ଡି କୁହନ୍ତି, ଆଶା କି ଏଏନ୍‌ଏମ୍ ଆମ ଛୁଆକୁ ଠିକ୍‌ରେ ଦେଖିନାହାନ୍ତି। ୨୪ ଦିନ ହେଲା ପିଲା ଘରକୁ ଆସିଲାଣି, ତା’ର ଭଲମନ୍ଦ ବୁଝିବା ପାଇଁ କେହି ଆସିନାହାନ୍ତି। ଶିଶୁର ମା’ ଲକ୍ଷ୍ମୀପ୍ରିୟା କୁହନ୍ତି, ଆମେ ଗରିବ ଦଳିତ ପରିବାର ବୋଲି କେହି ପିଲାକୁ ଦେଖିବା ପାଇଁ ଆସିଲେ ନାହିଁ। ଅଙ୍ଗନୱାଡି କର୍ମୀ କହିବା ଅନୁଯାୟୀ ଶିଶୁର ଓଜନ ମାତ୍ର ୧୯୦୦ ଗ୍ରାମ ଥିଲା। ବିନା ଆଇସିୟୁରେ ରହିଥିଲା। ତେବେ କେମିତି ତା’ର ମୃତ୍ୟୁ ଘଟିଲା ସେ କହିପାରିବେ ନାହିଁ ବୋଲି କହିଥିଲେ। ଏ ନେଇ ଆଶା ଓ ଏଏନ୍‌ଏମ୍ କର୍ମୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

### ରାଜସ୍ୱ ବିଭାଗରୁ ମିଳୁନି ଫନୀ କ୍ଷୟକ୍ଷତି ତଥ୍ୟ

ଟାଙ୍ଗୀ(ଖୋର୍ଦ୍ଧା),୯।୬(ଡି.ଏନ.ଏ.)

ଟାଙ୍ଗୀ ବ୍ଲକର ରାଜସ୍ୱ ବିଭାଗ ଓ ଯୋଗାଣ ବିଭାଗ ଫନୀ ବାତ୍ୟାଜନିତ କ୍ଷୟକ୍ଷତି ଆକଳନ ତଥ୍ୟ ଦେଉ ନ ଥିବା ଅଭିଯୋଗ ହେଉଛି। ଘରଭଙ୍ଗା କ୍ଷୟକ୍ଷତିର ତାଲିକା ପ୍ରସ୍ତୁତ କରାଯାଉଛି, ଆଜି ଦେବି ଓ କାଲି ଦେବି କହି ଟାଙ୍ଗୀ ତହସିଲଦାର ଗଣମାଧ୍ୟମକୁ ଭଣ୍ଡାଉଥିବା କୁହାଯାଉଛି। ବୃତାନ୍ତ ରିପୋର୍ଟ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଇ ସାରିଥିଲେ ମଧ୍ୟ ସେହି ତଥ୍ୟ ଗଣମାଧ୍ୟମକୁ ନ ଦେବା ପଛରେ ଯେ କି ଗୂଢ଼ ରହସ୍ୟ ରହିଛି ସେ ନେଇ ସନ୍ଦେହ ସୃଷ୍ଟି ହେଉଛି। କେତେକ ପଞ୍ଚାୟତର ତଥ୍ୟ ଲୋକଲୋଚନକୁ ଆସିଥିବାବେଳେ ଅନ୍ୟ କିଛି ପଞ୍ଚାୟତ ସମ୍ବନ୍ଧରେ ତଥ୍ୟ ମିଳିପାରିନି। ଯୋଗାଣ ନିରୀକ୍ଷକ ନିର୍ମଳ ଚନ୍ଦ୍ର ମହାପାତ୍ର ଅଣରାଶନକାର୍ଡଧାରୀ ହିତାଧିକାରୀଙ୍କ ତାଲିକା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ନିର୍ବାଚିତ ପ୍ରତିନିଧିମାନେ ମଧ୍ୟ ଏ ନେଇ ସନ୍ତୋଷଜନକ ଉତ୍ତର ଦେଉନାହାନ୍ତି। ତେଣୁ ଟାଙ୍ଗୀର ଉଭୟ ରାଜସ୍ୱ ଓ ଯୋଗାଣ ବିଭାଗର ପ୍ରଶାସନିକ ଅଧିକାରୀଙ୍କ ନିରପେକ୍ଷତାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।

## ■ ମହିଳା ବିରୋଧୀ ହିଂସା ରୋକିବାକୁ ପ୍ରୟାସ
# ଅନ୍ତର୍ଜାତୀୟ ସ୍ତରରେ ହେବ ‘କନ୍ୟା କିରଣ’

ଭୁବନେଶ୍ୱର,୯।୬(ବ୍ୟୁରୋ)

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ୍(କିସ୍) ପକ୍ଷରୁ ମହିଳା ଓ କନ୍ୟା ସନ୍ତାନଙ୍କୁ ନିର୍ଯାତନା ବିରୋଧରେ ଆୟୋଜିତ ସଚେତନତା ଅଭିଯାନ ‘କନ୍ୟା କିରଣ’ର ୩ୟ ସଂସ୍କରଣ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଜୁନ୍ ୧୦ରୁ ୧୨ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହି ଅଭିଯାନ କରାଯିବାକୁ ଥିବାବେଳେ ମହିଳା ବିରୋଧୀ ହିଂସା କିଭଳି ରୋକାଯାଇପାରିବ, ସେ ନେଇ ଲୋକଙ୍କୁ ସଚେତନ କରାଯିବ। ଆଗାମୀ ବର୍ଷଠାରୁ ‘କନ୍ୟା କିରଣ’କୁ ବିଶ୍ୱବ୍ୟାପକ କରିବା ପାଇଁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପାଳନ କରାଯିବ ବୋଲି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଘୋଷଣା କରିଛନ୍ତି। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ଯୋଗଦେଇ କହିଥିଲେ, ନାରୀ ସଭ୍ୟତାର ଅଗ୍ରଗତି ନିମନ୍ତେ କନ୍ୟା କିରଣ ଏକ ଭଲ ପରିକଳ୍ପନା। ସାମାଜିକ ବିକାଶ କ୍ଷେତ୍ରରେ ଏହା ଏକ ନୂଆ ଚିନ୍ତାଧାରା ସୃଷ୍ଟି କରିପାରିଛି। ସମାଜରେ ନାରୀର ଗୁରୁତ୍ୱ ଲୋକମାନେ ବୁଝି ପାରୁଥିଲେ ବି ଆହୁରି ସଚେତନତାର ଆବଶ୍ୟକତା ରହିଛି। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ସମ୍ପାଦକ ଆର୍.ଏନ୍. ଦାଶ କହିଲେ, ନାରୀକୁ ଆବହମାନ କାଳରୁ ସମାଜରେ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି। ମାତ୍ର ଆଧୁନିକ ସମାଜ ନାରୀର ମର୍ଯ୍ୟାଦାକୁ ଭୁଲିଯିବାର ଯେଉଁ ମାନସିକତାରେ ଆକ୍ରାନ୍ତ ହୋଇଛି, ତାହାକୁ ଦୂର କରିବାର ଆବଶ୍ୟକତା ରହିଛି। ସମାଜରେ ନାରୀଙ୍କ ପ୍ରତି ଲୋକଙ୍କର ଥିବା ମାନସିକତାକୁ ପରିବର୍ତ୍ତନ କରାଯିବା ଉଚିତ ବୋଲି ସେ କହିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ସସ୍ମିତାରାଣୀ ସାମନ୍ତ କହିଥିଲେ, ବିଶ୍ୱ ଏବେ ପ୍ରକୃତି, ମାନବ ଓ ପ୍ରଯୁକ୍ତିବିଦ୍ୟା ଭଳି ୩ ମୁଖ୍ୟ ବ୍ୟବସ୍ଥା ଦେଇ ସନ୍ତୁଳିତ ଭାବେ ଗତି କରୁଛି। ଏଥିମଧ୍ୟରୁ କୌଣସିଟିରେ ତାରତମ୍ୟ ଦେଖାଦେଲେ ସମଗ୍ର ଜଗତ ଅସନ୍ତୁଳିତ ହୋଇଯାଏ। ସେଥିପାଇଁ ପ୍ରତ୍ୟେକଟି ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି ବିଶ୍ୱକୁ ସନ୍ତୁଳିତ ରଖିବାକୁ ହେବ। ଚଳିତବର୍ଷ ‘କନ୍ୟା କିରଣ’ ବିଷୟବସ୍ତୁ ଉପରେ କିଟ୍ ଓ କିସ୍‌ର ୩ ହଜାର ମହିଳା କର୍ମଚାରୀ ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି।



ଶୀତଳଷଷ୍ଠୀ ଉତ୍ସବରେ ବଲାଙ୍ଗୀରର ଢୋଲମହୁରୀ ବାଦ୍ୟ ସହ ନୃତ୍ୟ ପରିବେଷଣ।

## ■ ଗୋବିନ୍ଦପୁର ଶୀତଳଷଷ୍ଠୀ ଉତ୍ସବ
# ଦିନରେ ନାମଯଜ୍ଞ, ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ

ବେଗୁନିଆ, ୯।୬(ଡି.ଏନ.ଏ.)

ବେଗୁନିଆ ବ୍ଲକ ବଡବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଶୀତଳଷଷ୍ଠୀ ଉତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ବାଲୁଙ୍କେଶ୍ୱର ଦେବଙ୍କ ପୀଠ ପରିସରରେ ଦିଅଁ ବିବାହ ସମ୍ପନ୍ନ ହେବା ପରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିସହ ଶୀତଳଷଷ୍ଠୀ ଉତ୍ସବ ଅବସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯୋଗୁ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ତେବେ ପୀଠ ପରିସରରେ ୫ ଚଳନ୍ତି ପ୍ରତିମା ଏକତ୍ର ହୋଇ ପୂଜା ପାଉଛନ୍ତି। ପୀଠ ପରିସରରେ ଦିନରେ ନାମ ସଙ୍କୀର୍ତ୍ତନ, ବିଶ୍ୱଶାନ୍ତି ମହାଯଜ୍ଞ ଦ୍ୱାରା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଛି। ରାତିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ପାଇକଆଖଡା ଲୋକଙ୍କୁ ବିଭୋର କରୁଛି। ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ପ୍ରତିବର୍ଷ ପରି ଚଳିତବର୍ଷ ଶୀତଳଷଷ୍ଠୀ ଯାତ୍ରା ଗ୍ରାମବାସୀଙ୍କ ପକ୍ଷରୁ ପାଳନ କରାଯାଉଛି। ବାଜା, ଘୋଡାନାଚ ଓ ବାଣ ଫୁଟାଇ ପଟୁଆରରେ ୫ ମଣ୍ଡଳ ଠାକୁରଙ୍କୁ ଦୋଳ ବିମାନରେ ବସାଇ ଶ୍ରଦ୍ଧାଳୁମାନେ ସାହି ଶୋଭାଯାତ୍ରା କରିଥିଲେ। ପ୍ରାରମ୍ଭରୁ ଯଜ୍ଞ ମଣ୍ଡପକୁ ଥାନପତି ଠାକୁର ଭାବେ ବାଲୁଙ୍କେଶ୍ୱର ଦେବ ବିମାନରେ ବସି ବିରାଜମାନ କରିଥିଲେ। ପରେ ଏଠାକୁ ଗୋପୀନାଥଦେବ, ଗୋପାଳଜୀଉ, ରାଧାକାନ୍ତ ଦେବ, ରଘୁନାଥ ଦେବ ନିମନ୍ତ୍ରିତ ହୋଇ ଆସି ୫ ଚଳନ୍ତି ପ୍ରତିମା ଏକତ୍ରିତ ହୋଇ ପୂଜା ପାଉଛନ୍ତି। ସନ୍ଧ୍ୟାରେ ସାଂସ୍କୃତିକ ଉତ୍ସବକୁ ସ୍ଥାନୀୟ ଜନପ୍ରତିନିଧି, ଶିକ୍ଷାବିତ୍, ସରପଞ୍ଚ, ସାମାଜିକ କର୍ମୀ ଏବଂ ବ୍ଲକ ପ୍ରଶାସନର ଅଧିକାରୀମାନେ ଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚରେ ବଲାଙ୍ଗୀରରୁ ଆସିଥିବା ଢୋଲମହୁରି, ଓଡ଼ିଶୀ, ପାଇକ ଆଖଡା, ମଡର୍ନ ଡ୍ୟାନ୍ସ ଗ୍ରୁପ, ବ୍ୟଙ୍ଗ ଏବଂ ସିନେ କଳାକାରଙ୍କ ନୃତ୍ୟ ଦର୍ଶକମାନଙ୍କୁ ବିଭୋର କରିଥିଲା।

# ନାବାଳିକା ଝିଅକୁ ମା’ ଦେଉଥିଲେ ନିର୍ଯାତନା
## ଖସି ଆସି ବାପାଙ୍କ ସହ ଥାନାର ଦ୍ୱାରସ୍ଥ ହେଲେ

ଭୁବନେଶ୍ୱର,୯।୬(ବ୍ୟୁରୋ)

ଖଣ୍ଡଗିରି ଥାନା ଅଞ୍ଚଳରେ ଜଣେ ନାବାଳିକା ଝିଅଙ୍କୁ ତାଙ୍କ ମା’ ନିର୍ଯାତନା ଦେବା ସହ ମାରିଦେବାକୁ ଧମକ ଦେଉଥିଲେ। ଶେଷରେ ନାବାଳିକା ଜଣକ ସେଠାରୁ ଖସି ଆସି ଥାନାର ଦ୍ୱାରସ୍ଥ ହେବା ପରେ ଘଟଣା ପଦାକୁ ଆସିଛି।

ସୂଚନା ମୁତାବକ, ୧୨ବର୍ଷ ତଳେ ବିବାହ କରିଥିବା ଏକ ଦମ୍ପତି ଡୁମଡୁମା ସୁବାସନଗର ବସ୍ତି ଅଞ୍ଚଳରେ ରହୁଥିଲେ। ସ୍ୱାମୀ କାଠ ମିସ୍ତ୍ରି କାମ କରୁଥିବାବେଳେ ସ୍ତ୍ରୀ ଘରେ ରୁହନ୍ତି। ସେମାନଙ୍କର ୧୦ ବର୍ଷର ଝିଅ ପାଠପଢ଼ି ହସ ଖୁସିରେ ଦିନ କାଟୁଥିଲେ। ମାତ୍ର ଗତ କିଛିମାସ ହେବ ସ୍ତ୍ରୀର ପରକୀୟା ପ୍ରୀତିକୁ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ୩ମାସ ହେବ ମା’ ଜଣେ ଗୁଣ୍ଡାଶ୍ରେଣୀର ଯୁବକଙ୍କ ସମ୍ପର୍କରେ ଆସିଥିଲେ। ୨ ମାସ ତଳେ ଉକ୍ତ ଯୁବକଙ୍କ ସହ ମିଶି ମହିଳା ଜଣକ ତାଙ୍କ ସ୍ୱାମୀଙ୍କୁ ଘରୁ ବାହାର କରିଦେଇଥିଲେ। ସ୍ୱାମୀ ଲୋକଲଜ୍ଜା ପାଇଁ କାହାକୁ ନ କହି ଅନ୍ୟତ୍ର ରହୁଥିବାବେଳେ ନାବାଳିକା ଝିଅ ମା’ ପାଖରେ ରହିଥିଲେ। କିଛିଦିନ ପରେ ନାବାଳିକାଙ୍କୁ ମା’ ଓ ଉକ୍ତ ଯୁବକ ନିର୍ଯାତନା ଦେବା ଆରମ୍ଭ କଲେ। ଠିକ୍‌ରେ ଖାଇବାକୁ ଦିଆଯାଇ ନ ଥିବାବେଳେ ଅଧିକାଂଶ ସମୟରେ ବାସି ଖାଦ୍ୟ ଖାଇବାକୁ ବାଧ କରାଯାଉଥିଲା। ବିଭିନ୍ନ କାରଣରୁ ମାଡ଼ ମଧ୍ୟ ମରାଯାଉଥିଲା। ଏପରିକି ତଣ୍ଟି ଚିପି ମାରିଦେବାକୁ ମା’ ଧମକ ଦେଉଥିଲେ। ମା’ ଉପସ୍ଥିତିରେ ଯୁବକ ଜଣକ ନାବାଳିକା ଝିଅକୁ ନିସ୍ଠୁର ମାଡ଼ ମାରିଥିଲେ। ନାବାଳିକା ଜଣକ ସେଠାରୁ ରବିବାର କୌଶଳକ୍ରମେ ଖସି ଆସି ବାପାଙ୍କୁ ସବୁକଥା କହିଥିଲେ। ଏ ନେଇ ନିର୍ଯାତିତା ନାବାଳିକା ଓ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ଠିକ ତଦନ୍ତ କରି ନ୍ୟାୟ ଦେବା ସହ ଦୋଷୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେମାନେ ଗଣମାଧ୍ୟମକୁ ନିବେଦନ କରିଛନ୍ତି। ଉକ୍ତ ଯୁବକ ଜଣକ ଗୁଣ୍ଡା ଶ୍ରେଣୀର ହୋଇଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ଜଣାଇଛନ୍ତି।

# କେରଙ୍ଗ ଅହମ୍ମଦୀୟ ମୁସଲିମ ବି. ଦଳ ବିଜୟୀ

ଖୋର୍ଦ୍ଧା ଅଫିସ,୯।୬

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମ୍ମଦୀୟା ମୁସଲିମ ଯୁବ ସଙ୍ଗଠନ ଆନୁକୂଲ୍ୟରେ ସରକାରୀ ଚିକିତ୍ସାଳୟ ପଡିଆରେ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେରଙ୍ଗ ଅହମ୍ମଦୀୟା ମୁସଲିମ ବି. ଦଳ ୩-୨ ଟାଇବ୍ରେକର ଗୋଲରେ କେରଙ୍ଗ ଏକାଡ଼େମୀକୁ ପରାସ୍ତ କରିଥିଲା। ଏହି ଟୁର୍ନାମେଣ୍ଟରେ ୧୨ ଗୋଟି ଦଳ ଭାଗ ନେଇଥିଲେ। ମୁଖ୍ୟଅତିଥି ଭାବେ କେରଙ୍ଗ ଜଇତୁନ ନିସା ନୋଡ଼ାଲ ହାଇସ୍କୁଲର ପୂର୍ବତନ ଖେଳ ଅଧ୍ୟାପକ ନନ୍ଦ କିଶୋର କର ଯୋଗ ଦେଇଥିଲେ। ଖେଳ ପରିଚାଳନା ସଗିର ଅହମ୍ମଦ କରୁଥିବା ବେଳେ ଲାଇନରେ ଅମିର ଅହମ୍ମଦ, ଅମଜାଦ୍ ଏହେସାନ ସହଯୋଗ କରିଥିଲେ।



ଖେଳାଳିଙ୍କ ସହ ଅତିଥିମାନେ କରମର୍ଦ୍ଦନ କରୁଛନ୍ତି।

## ■ ଚୁପ୍ ବସିଛନ୍ତି ବିଏମ୍‌ସି କର୍ତ୍ତୃପକ୍ଷ, ବାଧକ ସାଜିଛି ପ୍ଲାଷ୍ଟିକ ଆବର୍ଜନା
# ବର୍ଷା ପୂର୍ବରୁ ଡ୍ରେନ୍ ସଫେଇ ସରିବା ଆଶଙ୍କା

- ମୌସୁମୀ ଆସିବା ପୂର୍ବରୁ ମନେପଡ଼େ ଡ୍ରେନ ସଫେଇ
- ଦୀର୍ଘଦିନ ପଡ଼ିରହୁଛି ଆବର୍ଜନା, ଶେଷ ମୁହୂର୍ତ୍ତରେ ତତ୍ପରତା

ଭୁବନେଶ୍ୱର, ୯।୬(ବ୍ୟୁରୋ)

ଭୁବନେଶ୍ୱରରେ ପଲିଥିନ ଓ ପ୍ଲାଷ୍ଟିକଜନିତ ଆବର୍ଜନା ଏବେ ମୁଣ୍ଡବିନ୍ଧାର କାରଣ ସାଜିଛି। ବିଶେଷକରି ଡ୍ରେନ୍‌ରେ ଦୀର୍ଘଦିନ ହେବ ଜମା ହୋଇ ରହୁଥିବାରୁ ସଫେଇରେ ସମସ୍ୟା ସୃଷ୍ଟି କରୁଛି। ଏଥିଯୋଗୁ ଭୁବନେଶ୍ୱରର ଅଧିକାଂଶ ଡ୍ରେନ୍ ଜାମ୍ ରହିବାରୁ କେତେକ ସ୍ଥାନରେ ରାସ୍ତାରେ ଆବର୍ଜନା ଜଳ ଭାସୁଛି। ଭୁବନେଶ୍ୱରବାସୀଙ୍କ ସଚେତନତାର ଅଭାବ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଖାମଖିଆଲ ମନୋଭାବ ପାଇଁ ଏ ପରିସ୍ଥିତି ସୃଷ୍ଟି ହୋଇଛି। ମୌସୁମୀ ଆସିବା ପୂର୍ବରୁ ବିଏମ୍‌ସିର ଡ୍ରେନ୍ ସଫେଇ କଥା ମନେପଡୁଛି। ଭୁବନେଶ୍ୱରର ଆଭ୍ୟନ୍ତରୀଣ ଡ୍ରେନ ଓ ମୁଖ୍ୟ ୧୦ ଡ୍ରେନ ଏଯାବତ୍ ସଫା ହୋଇପାରି ନାହିଁ। ଆସନ୍ତା ୨୦ ତାରିଖ ସୁଦ୍ଧା ସଫେଇ କାମ ସାରିବାକୁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ମନମୁଖି ଭାବେ ସଫେଇ କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳୁଛି। ଏବେ ସ୍ଥିତି ଯାହା ବର୍ଷା ପୂର୍ବରୁ ସହରର ସମସ୍ତ ଡ୍ରେନ୍ ସଫେଇ ସରିବା ନେଇ ଅନିଶ୍ଚିତତା ଦେଖାଦେଇଛି। ତେଣୁ ଆସନ୍ତା ବର୍ଷାରେ ଭୁବନେଶ୍ୱରର ଅଧିକାଂଶ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଯାଉଛି।

### ଜଳବନ୍ଦୀର ମୁଖ୍ୟ କାରଣ ପ୍ଲାଷ୍ଟିକ ଆବର୍ଜନା

ଜଳବନ୍ଦୀ ହେବାର ମୁଖ୍ୟ କାରଣ ହେଉଛି ଡ୍ରେନ୍ ଭିତରେ ଥିବା ପ୍ଲାଷ୍ଟିକ୍ ଆବର୍ଜନା। ଡ୍ରେନେଜ୍ ସଫେଇ ହେଉଛି ସତ, କିନ୍ତୁ ଡ୍ରେନେଜ୍ ଭିତରୁ ବାହାରୁଥିବା ଆବର୍ଜନାକୁ ନିକଟରେ ଗଦା କରି ରଖାଯାଉଛି। ଦୀର୍ଘଦିନ ଧରି ଆବର୍ଜନା ପଡିରହି ଦୁର୍ଗନ୍ଧ କରିବା ସହ ବର୍ଷା ହେଲେ ପୁଣି ଡ୍ରେନ୍ ଭିତରକୁ ପଶୁଛି। ପୋତି ହୋଇଥିବା ଡ୍ରେନ୍‌କୁ ଲୋକଦେଖାଣିଆ ସଫେଇ କରି ଲାଭ କ’ଣ ଓ ଏ ବାବଦକୁ କାହିଁକି ଅଯଥା ଅର୍ଥ ଖର୍ଚ୍ଚ କରାଯାଉଛି ବୋଲି ସହରବାସୀ ପ୍ରଶ୍ନ କରିଛନ୍ତି। ପ୍ରତ୍ୟେକ ବର୍ଷ ଡ୍ରେନେଜ୍ ସଫେଇ ସମୟରେ ଏହି ସମସ୍ୟା ଦେଖାଯାଉଥିଲେ ମଧ୍ୟ ବିଏମ୍‌ସି କର୍ତ୍ତୃପକ୍ଷ କାହିଁକି ସ୍ଥାୟୀ ପଦକ୍ଷେପ ନେଉନାହାନ୍ତି ନା ଜାଣିଶୁଣି ଚୁପ୍ ବସିଛନ୍ତି ବୋଲି ଅଭିଯୋଗ ହେଉଛି।



ପ୍ଲାଷ୍ଟିକ୍ ବଟ୍‌ଲରେ ଭର୍ତ୍ତି ହୋଇଥିବା ଡ୍ରେନ୍।

### ବିଏମ୍‌ସିର ପଲିଥିନ କଟକଣା ପ୍ରହସନ

ଭୁବନେଶ୍ୱରକୁ ପଲିଥିନମୁକ୍ତ କରିବା ଲାଗି ଦୀର୍ଘଦିନ ହେବ ପ୍ରୟାସ ଜାରି ରହିଥିଲେ ମଧ୍ୟ ବିଏମ୍‌ସି ଏଥିରେ ସଫଳ ହୋଇପାରିନାହିଁ। ଆଖିଦୃଶିଆ ଦଣ୍ଡବିଧାନ ସହ ବିଏମ୍‌ସି ପରିବେଶ ଆଇନ ୧୯୮୬ ଅନୁସାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଅନେକ ସମୟରେ ନିଷ୍ପତ୍ତି ନେଇଛି, ହେଲେ ତାହାକୁ ସଫଳ ଭାବେ କାର୍ଯ୍ୟକାରୀ କରିପାରୁ ନାହିଁ। ଏପରି କି ସବୁଠି ନିୟମ ଉଲ୍ଲଂଘନ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବିଏମ୍‌ସି ପକ୍ଷରୁ ଜାରି ନିର୍ଦ୍ଦେଶନାମାକୁ ମଧ୍ୟ ଠିକ୍ ଭାବେ ପାଳନ ଓ କାର୍ଯ୍ୟକାରୀ କରାଯାଉନାହିଁ। ଫଳରେ ସହରର ଅଧିକାଂଶ ଆଭ୍ୟନ୍ତରୀଣ ଡ୍ରେନ ଓ ସବ୍ ଡ୍ରେନରେ ପ୍ଲାଷ୍ଟିକ୍ ବୋତଲ, ପଲିଥିନ ଓ ସୋଲ ପଡ଼ି ରହୁଥିବାରୁ ସେଗୁଡ଼ିକ ମୁଖ୍ୟ ଡ୍ରେନ୍‌କୁ ଯାଇ ନ ପାରି ଜାମ ସମସ୍ୟା ସୃଷ୍ଟି କରୁଛି।

ଏପରି ଖାମଖିଆଲ ମନୋଭାବ ଓ ଅବହେଳା ସଂକ୍ରାନ୍ତରେ ବିଭାଗୀୟ ସିଟି ଇଞ୍ଜିନିୟର ଦେବସୁନ୍ଦର ମହାପାତ୍ର ସିଧା କଥା ନ କହି ଆସନ୍ତା ୨୦ ତାରିଖ ସୁଦ୍ଧା ଡ୍ରେନ୍ ସଫେଇ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ସେହିପରି ମୌସୁମୀ ସରିବା ଯାଏ ପର୍ଯ୍ୟାୟକ୍ରମେ ମୁଖ୍ୟ ଡ୍ରେନଗୁଡ଼ିକର ସଫେଇ କରାଯିବ। ଏନେଇ ୧୦ଟି ଘରୋଇ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ସେ କହିଛନ୍ତି।



# ସ୍ୱାସ୍ଥ୍ୟୋପକାରୀ ଗାଜର ପତ୍ର



ପୀତାମ୍ବର କର

ଗାଜରକୁ ସମସ୍ତେ ଅଳ୍ପ ବହୁତେ ଜାଣନ୍ତି। ଭୋଜିଭାତରେ ଏହାର ବହୁଳ ବ୍ୟବହାର ହୋଇଥାଏ। କିନ୍ତୁ ଏହାର ପତ୍ରର ବ୍ୟବହାର ବିଷୟରେ ଆମର ଧାରଣା କମ୍, ସାଧାରଣତଃ ଏହାର ପତ୍ରକୁ ବ୍ୟବହାର ନ କରି ନଷ୍ଟ କରିଥାଉ। କିନ୍ତୁ ପତ୍ରରେ ବହୁ ଔଷଧୀୟ ଗୁଣ ଅଛି। ଆସନ୍ତୁ, ଜାଣିବା ଏହାର ଔଷଧୀୟ ଗୁଣ ବିଷୟରେ।

❖ଏହି ପତ୍ରରେ କ୍ୟାଲୋରି, ଡାଇଟୋରି ତନ୍ତୁ, ପ୍ରୋଟିନ, ଜୀବସାର-ଏ, ସି, କ୍ୟାଲସିୟମ, ଲୌହ ପ୍ରଚୁର ପରିମାଣରେ ଥାଏ।

-ଗାଜରପତ୍ରକୁ ଖାଦ୍ୟରେ ନିୟମିତ ବ୍ୟବହାର କଲେ ଏହା ଶରୀରରେ ଟ୍ୟୁମରର କୋଷକୁ ବୃଦ୍ଧି କରିବାକୁ ଦେଇ ନ ଥାଏ।

❖ଖାଦ୍ୟରେ ନିୟମିତ ଗାଜରପତ୍ର ସାମିଲକଲେ ଶରୀରରେ ଅଧିକ ପାଣି ଜମାଟ ହେବାକୁ ଦେଇ ନ ଥାଏ। ଏହା ଶରୀରର ବର୍ଜ୍ୟବସ୍ତୁକୁ ପରିସ୍ରା ମାଧ୍ୟମରେ ବାହାରକୁ ବାହାର ଦୂରକରିଥାଏ, ଉଚ୍ଚ ରକ୍ତଚାପ ରୋଗୀ ନିୟମିତ ଖାଦ୍ୟରେ ଏହାକୁ ବ୍ୟବହାର କରିବା ଦରକାର।

❖ଗାଜର ପତ୍ରରେ ମ୍ୟାଗ୍ନେସିୟମ, ପୋଟାସିୟମ ଥିବାରୁ ଏହା ଶରୀରର ମାଂସପେଶୀକୁ ମଜଭୁତ କରିବା ସହ ରକ୍ତ ସଞ୍ଚାଳନକୁ ତ୍ୱରାନ୍ୱିତକରି ଶରୀରକୁ ଦିନତମାମ ଶକ୍ତି ପ୍ରଦାନ କରିଥାଏ। ଅଧିକ ପରିଶ୍ରମ କରୁଥିବା ବ୍ୟକ୍ତି ଗାଜରପତ୍ର ଖାଦ୍ୟରେ ବ୍ୟବହାର କରିବା ଦରକାର।

❖ଏହି ପତ୍ରରେ ଅଧିକ ପରିମାଣରେ କ୍ୟାଲସିୟମ, ମ୍ୟାଗ୍ନେସିୟମ ଓ ଜୀବସାର'କେ' ଥିବାରୁ ଏହା ହାଡ଼ର ଡେନ୍‌ସିଟି ବଢ଼ାଇବାରେ ସାହାଯ୍ୟ କରିଥାଏ। ଆଣ୍ଠୁଗଣ୍ଠି ରୋଗୀ ଏହାକୁ ଖାଦ୍ୟରେ ବ୍ୟବହାର କଲେ ସେମାନଙ୍କର ହାଡ଼ ସୁସ୍ଥ ରହିବା ସହ ଆଣ୍ଠୁଗଣ୍ଠି ସମସ୍ୟା ଦୂର ହୋଇଥାଏ।

❖ପତ୍ରରେ ଜୀବସାର'ଏ' ପ୍ରଚୁର ପରିମାଣରେ ଥିବାରୁ ଏହା ଆଖି ପାଇଁ ଅତି ଦରକାରୀ। ଆଖିରେ ସମସ୍ୟା ଥିଲେ ନିୟମିତ ଗାଜର ଓ ଗାଜରପତ୍ର ଖାଦ୍ୟରେ ବ୍ୟବହାର କରିବା ଦରକାର।

❖ରକ୍ତହୀନତା ରୋଗୀଙ୍କ ପାଇଁ ଏହା ମହୌଷଧି ପରି କାମ କରିଥାଏ। ଯଦି ପ୍ରତିଦିନ ଖାଦ୍ୟ ପ୍ରସ୍ତୁତିରେ ଏହାକୁ ବ୍ୟବହାର କରାଯାଏ ଏହା ଲାଲ ରକ୍ତକଣିକାରେ ହିମୋଗ୍ଲୋବିନ ପ୍ରସ୍ତୁତ କରିବାରେ ସାହାଯ୍ୟ କରିଥାଏ। ଫଳରେ ରକ୍ତହୀନତା ସମସ୍ୟାରୁ ମୁକ୍ତି ମିଳିଥାଏ।



କରିବାରେ ସାହାଯ୍ୟ କରିଥାଏ।

❖କିଡ୍‌ନୀରେ ପଥୁରୀ ବା ଷ୍ଟୋନ ସମସ୍ୟା ଥିଲେ ପେଟରେ ଯନ୍ତ୍ରଣା ହୋଇଥାଏ, ଗାଜର ପତ୍ର ନିୟମିତ ସେବନ କଲେ ଏହା ଶରୀରକୁ ଡି-ଟୋକ୍‌ସିଫାୟ କରିବା ସହିତ କିଡ୍‌ନୀ ରକ୍ତରୁ କ୍ଷତିକାରକ ବର୍ଜ୍ୟବସ୍ତୁକୁ ଛାଣି ବାହାରକୁ କାଢ଼ିବା ଦ୍ୱାରା ଏହି ସମସ୍ୟାରୁ ମୁକ୍ତି ମିଳିଥାଏ।

❖ଏହା ଖାଦ୍ୟ ହଜମରେ ସାହାଯ୍ୟ କରିବା ସହିତ ଶରୀରରେ ନ୍ୟୁଟ୍ରିଏଣ୍ଟସକୁ ଆବ୍‌ଜରଭ କରିଥାଏ।

❖ଏଥିରେ ପୋଟାସିୟମ ପ୍ରଚୁର ପରିମାଣରେ ଥିବାରୁ ଏହା ରକ୍ତଚାପକୁ କମ୍ କରିବା ସହ ହୃଦ୍‌ଘାତ ଆଶଙ୍କା

❖ଏହା ପିଟ୍ୟୁଟାରି ଗ୍ଲାଣ୍ଡକୁ ଷ୍ଟିମୁଲେଟ କରି ସେକ୍ସ ହର୍‌ମୋନ ସ୍ଖଳନ କରିବାରେ ତ୍ୱରାନ୍ୱିତ କରିଥାଏ ଏବଂ ମହିଳାମାନଙ୍କର ମାସିକ ଋତୁସ୍ରାବକୁ କଣ୍ଟ୍ରୋଲ କରିଥାଏ। ଏହାର ପତ୍ରକୁ ଗର୍ଭବତୀ ସେବନ କରିବା ମନା।

❖ଗାଜରପତ୍ରକୁ ସାଲଟ କରି ବା ଜୁସ୍ କରି ସେବନକଲେ ଏହା ମାଇଗ୍ରେନ୍ ପରି ଯନ୍ତ୍ରଣାଦାୟକ ଅଧକପାଳି ବିନ୍ଧାରୁ ରକ୍ଷା କରିଥାଏ। କିଛିଦିନ ସେବନ କଲେ ଏହା ପୁନର୍ବାର ହୋଇ ନ ଥାଏ।

*-ମୁକୁନ୍ଦ ମିଶ୍ର ନଗର, ଗୋପୀନାଥପୁର, ପୁରୀ-୨*

# ସମସ୍ତଙ୍କ ପାଇଁ ସୁରକ୍ଷିତ ରକ୍ତ

ରକ୍ତ ହେଉଛି ଈଶ୍ୱରଙ୍କର ଏକ ଅମୂଲ୍ୟ ଦାନ। କାରଣ ଏହାର କୌଣସି ବିକଳ୍ପ ନ ଥିବାରୁ ରକ୍ତ ବିନା ମଣିଷ ବଞ୍ଚିବା ସମ୍ଭବ ନୁହେଁ। ଦୁର୍ଘଟଣାଗ୍ରସ୍ତ ହୋଇ ବ୍ୟକ୍ତିର ଶରୀରରୁ ପ୍ରଚୁର ରକ୍ତକ୍ଷୟ ହୋଇଥିଲେ ରକ୍ତର ପରିମାଣ ଯଥେଷ୍ଟ କମିଯିବାରୁ ତା'ର ମୃତ୍ୟୁ ହୋଇଯାଇପାରେ। କିନ୍ତୁ ଯଥା ସମୟରେ ତାଙ୍କୁ ରକ୍ତ ଦିଆଯାଇପାରିଲେ ସେ ମୃତ୍ୟୁମୁଖରୁ ରକ୍ଷା ପାଇଯିବା ସମ୍ଭାବନା ଅଧିକ। ସେହିପରି ଥାଲାସିମିଆ, ହେମୋଫିଲିଆ, ସିକଲସେଲ ରୋଗ ଭୋଗୁଥିବା ରୋଗୀଙ୍କୁ ନିୟମିତ ରକ୍ତ ଦେବାକୁ ପଡ଼େ। ରକ୍ତହୀନତା, କ୍ୟାନ୍‌ସର ଓ ଅନ୍ୟାନ୍ୟ କେତେକ ରୋଗୀ ମଧ୍ୟ ଚିକିତ୍ସା ପାଇଁ ବହୁ ସମୟରେ ରକ୍ତ ଦରକାର କରିଥାନ୍ତି।



**ଚଳିତ ମାସ ୧୪ ତାରିଖ ହେଉଛି 'ବିଶ୍ୱ ରକ୍ତଦାତା ଦିବସ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା..**







ଡା. ନିତ୍ୟାନନ୍ଦ ସ୍ୱାଇଁ

**''ରକ୍ତରେ ରହିଛି ଅଲଗା ଅଲଗା ଗ୍ରୁପ୍। ସାଧାରଣ ଭାବେ ଦେଖିଲେ ମୁଖ୍ୟ ରକ୍ତ ପ୍ରଣାଳୀକୁ କୁହାଯାଏ ଏବିଓ। ଏହି ପ୍ରଣାଳୀ ଅନୁସାରେ ରକ୍ତ ଗ୍ରୁପ୍ ୪ ପ୍ରକାର, ଯଥା: ଏ, ବି, ଏବି ଏବଂ ଓ। ଆମ ଭିତରୁ କାହାର ରକ୍ତ ଗ୍ରୁପ୍ 'ଏ' ତ କାହାର 'ବି', କାହାର 'ଏବି' ଏବଂ ଅନ୍ୟ କାହାର 'ଓ'। ଯାହାର ରକ୍ତ ଗ୍ରୁପ୍ ଯାହା, ସେ ସେହି ରକ୍ତଗ୍ରୁପ ଥିବା ବ୍ୟକ୍ତିଙ୍କଠାରୁ ସଂଗୃହୀତ ରକ୍ତ ନିରାପଦରେ ନେଇପାରେ। ତା' ଛଡ଼ା ଏବି ଗ୍ରୁପ୍‌ର ବ୍ୟକ୍ତି ଏ, ବି,ଏବି ଏବଂ ଓ – ଏହି ପ୍ରତ୍ୟେକ ଗ୍ରୁପ୍‌ର ବ୍ୟକ୍ତିଙ୍କଠାରୁ ରକ୍ତ ନେଲେ ସେଥିରେ କୌଣସି ସମସ୍ୟା ନାହିଁ। ପୁଣି 'ଓ' ରକ୍ତ ଗ୍ରୁପ୍ ଥିବା ବ୍ୟକ୍ତି ସମସ୍ତଙ୍କୁ ନିରାପଦରେ ରକ୍ତ ଦେଇପାରିବେ।''**

ଅସ୍ତ୍ରୋପଚାର ସମୟରେ ରକ୍ତସ୍ରାବ ହେଉଥିବାରୁ ବହୁ କ୍ଷେତ୍ରରେ ରକ୍ତ ଦେଇ ରୋଗୀଙ୍କ ଅପରେଶନ କରାଯାଏ ଏବଂ ଅପରେଶନ ପରେ ମଧ୍ୟ ଆବଶ୍ୟକ ପଡ଼ିପାରେ ରକ୍ତ ସଂଚାରଣ।

ତେବେ ସମସ୍ୟାଟି ହେଉଛି, ଯେକୌଣସି ବ୍ୟକ୍ତିଠାରୁ ସଂଗୃହୀତ ରକ୍ତ ଯେକୌଣସି ବ୍ୟକ୍ତି ପାଇଁ ଉପଯୋଗୀ ହୋଇ ନ ପାରିବା ସମ୍ଭାବନା ଅଛି। କାରଣ ରକ୍ତରେ ରହିଛି ଅଲଗା ଅଲଗା ଗ୍ରୁପ। ସାଧାରଣ ଭାବେ ଦେଖିଲେ ମୁଖ୍ୟ ରକ୍ତ ପ୍ରଣାଳୀକୁ କୁହାଯାଏ ଏବିଓ। ଏହି ପ୍ରଣାଳୀ ଅନୁସାରେ ରକ୍ତ ଗ୍ରୁପ୍ ୪ ପ୍ରକାର, ଯଥା : ଏ, ବି, ଏବି ଏବଂ ଓ। ଆମ ଭିତରୁ କାହାର ରକ୍ତଗ୍ରୁପ୍ 'ଏ' ତ କାହାର 'ବି', କାହାର 'ଏବି ' ଏବଂ ଅନ୍ୟ କାହାର 'ଓ'। ଯାହାର ରକ୍ତଗ୍ରୁପ୍ ଯାହା ସେ ସେହି ରକ୍ତଗ୍ରୁପ୍ ଥିବା ବ୍ୟକ୍ତିଙ୍କଠାରୁ ସଂଗୃହୀତ ରକ୍ତ ନିରାପଦରେ ନେଇପାରେ। ତା' ଛଡ଼ା ଏବି ଗ୍ରୁପ୍‌ର ବ୍ୟକ୍ତି ଏ, ବି, ଏବି ଏବଂ ଓ - ଏହି ପ୍ରତ୍ୟେକ ଗ୍ରୁପ୍‌ର ବ୍ୟକ୍ତିଙ୍କଠାରୁ ରକ୍ତ ନେଲେ ସେଥିରେ କୌଣସି ସମସ୍ୟା ନାହିଁ। ପୁଣି ଓ ରକ୍ତ ଗ୍ରୁପ୍ ଥିବା ବ୍ୟକ୍ତି ସମସ୍ତଙ୍କୁ ନିରାପଦରେ ରକ୍ତ ଦେଇପାରିବେ।

ରକ୍ତଦାନ ମହତ ଦାନ। ରୋଗୀ ପାଇଁ ରକ୍ତ ଦାନକଲେ ରକ୍ତଦାତାଙ୍କର କୌଣସି କ୍ଷତି ହୋଇ ନ ଥାଏ। କିନ୍ତୁ ସେ ଦାନ କରିଥିବା ରକ୍ତ ନେଇ ରୋଗୀର ଜୀବନ ରକ୍ଷା ହୋଇଥାଏ। ହେଲେ ରକ୍ତ ଦେବା ପାଇଁ ଅନେକେ ଖୁବ୍ ଭୟ କରିଥାନ୍ତି। ମାତ୍ର ରକ୍ତ ଦେବା ପାଇଁ ଭୟ କରିବା ଅଜ୍ଞତା ଭିନ୍ନ ଆଉ କିଛି ନୁହେଁ। ପୁଣି କେହି ସ୍ୱେଚ୍ଛାରେ ରକ୍ତ ଦେବା ନିମନ୍ତେ ଚାହିଁଲେ ବହୁ କ୍ଷେତ୍ରରେ ତାଙ୍କ ପରିବାର ଲୋକେ ଏହାର ବିରୋଧ କରିଥାନ୍ତି। ଫଳରେ ରକ୍ତ ଦେବା ନିମିତ୍ତ ଇଚ୍ଛୁକ ଥିବା ବ୍ୟକ୍ତି ନିରୁତ୍ସାହିତ ହୋଇପଡ଼େ ଓ ନିଜର ନିରାପତ୍ତା ସମ୍ପର୍କରେ ତା'ଠାରେ ସଂଶୟର ସୂତ୍ରପାତ ହୁଏ। ହେଲେ ଏଭଳି ଭୟ କି ସଂଶୟର ପଶ୍ଚାତରେ କୌଣସି ବିଜ୍ଞାନ ସମ୍ମତ କାରଣ ନାହିଁ। ବରଂ ରକ୍ତ ଦେବାକୁ ଚାହୁଁଥିବା ବ୍ୟକ୍ତି ରକ୍ତ ଦେବା ପାଇଁ ଅନୁପଯୁକ୍ତ ହୋଇଥିଲେ ରକ୍ତଭଣ୍ଡାରର ଡାକ୍ତରମାନେ ତାଙ୍କଠାରୁ ରକ୍ତ ସଂଗ୍ରହ କରି ନ ଥାନ୍ତି।

ସମସ୍ତେ ମନେରଖିବା ଉଚିତ, ଯେକୌଣସି ସୁସ୍ଥ ପୁରୁଷ ଓ ସୁସ୍ଥ ମହିଳା ରକ୍ତଦାନ କରିପାରିବେ। ରକ୍ତ ଦେବାରେ ଦାତାଙ୍କ ଶରୀରର ରଙ୍ଗ, ତାଙ୍କର ଜାତି, ସମ୍ପ୍ରଦାୟ ଓ ଜାତୀୟତା ଆଦୌ ବାଧକ ହୋଇ ନ ଥାଏ। ଯେକୌଣସି ସମ୍ପ୍ରଦାୟର ବ୍ୟକ୍ତି ଯେ କୌଣସି ସମ୍ପ୍ରଦାୟଭୁକ୍ତ ବ୍ୟକ୍ତିଙ୍କଠାରୁ ସଂଗୃହୀତ ରକ୍ତକୁ ନିରାପଦରେ ନେଇପାରିବେ। ପୁରୁଷ ରକ୍ତଦାତା ପ୍ରତି ତିନିମାସରେ ଓ ମହିଳା ରକ୍ତଦାତ୍ରୀ ପ୍ରତି ଚାରିମାସରେ ଥରେ ଲେଖାଏଁ ରକ୍ତ ଦାନକଲେ ସେମାନଙ୍କର କୌଣସି କ୍ଷତି ହୋଇ ନ ଥାଏ। କାରଣ ରକ୍ତ ଦେବାର ପରବର୍ତ୍ତୀ ଅଳ୍ପ କିଛିଦିନ ଭିତରେ ଦାତାଙ୍କର ଶରୀରରେ ତା'ର ଭରଣା ହୋଇଯାଏ। ପୁନଶ୍ଚ ରକ୍ତ ଦେଲେ ରକ୍ତଦାତାଙ୍କଠାରେ ଶରୀରର ରକ୍ତ ତିଆରି ଅଙ୍ଗମାନ ଅଧିକ ସକ୍ରିୟ ହୋଇଉଠନ୍ତି। ତା'ଛଡ଼ା ରକ୍ତ ନ ଦେଲେ ବି ରକ୍ତରେ ଥିବା କୋଷିକାଗୁଡ଼ିକର ଆୟୁକାଳ ସୀମିତ ହୋଇଥିବାରୁ ସେହି ଆୟୁକାଳ ପୂରିଗଲେ ସେଗୁଡିକ ନଷ୍ଟ ହୋଇଯାଏ ଏବଂ ତା'ର ଭରଣା କରିବା ନିମନ୍ତେ ଶରୀରରେ ତିଆରି ହୋଇପଡ଼େ ନୂତନ କୋଷିକାମାନ।

ରକ୍ତ ଦେଇସାରିବା ପରେ ରକ୍ତ ଦେଇଥିବା ଯୋଗୁ ଅଧିକ ଖାଦ୍ୟ ଖାଇବା ଦରକାର ପଡ଼େନି କି ଦାତାଙ୍କର ବିଶ୍ରାମ ନେବା ଦରକାର ପଡ଼େନି। ରକ୍ତଭଣ୍ଡାରରେ ରକ୍ତ ଦେବା ପାଇଁ ଯେତିକି ସମୟ ଲାଗେ, ସେହି ଅଳ୍ପ କିଛି ସମୟର ବ୍ୟୟକୁ ଛାଡ଼ିଦେଲେ ରକ୍ତ ଦାତାଙ୍କୁ ଆଉ କିଛି ବ୍ୟୟ କରିବା ପାଇଁ ପଡ଼ି ନ ଥାଏ। ରକ୍ତଦାନ ସହଜ, ନିରାପଦ ଏବଂ ସ୍ୱାସ୍ଥ୍ୟପ୍ରଦ ମଧ୍ୟ। ରକ୍ତ ଦେଲେ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ଉପରେ ଆଦୌ କୌଣସି ପ୍ରତିକୂଳ ପ୍ରଭାବ ପଡ଼େନି। ତେବେ ରକ୍ତଦାନ କରିବା ପାଇଁ ଚାହୁଁଥିବା ବ୍ୟକ୍ତିଙ୍କ ବୟସ ୧୮ରୁ ୬୫ ବର୍ଷ ଭିତରେ ହୋଇଥିବା ଆବଶ୍ୟକ ଏବଂ ତାଙ୍କ ରକ୍ତରେ ହିମୋଗ୍ଲୋବିନର ମାତ୍ରା ୧୦୦ ମିଲି ଲିଟର ରକ୍ତ ପିଛା ୧୨.୫ ଗ୍ରାମ କିମ୍ବା ତଦୂର୍ଦ୍ଧ୍ୱ ରହିଥିବା ଆବଶ୍ୟକ। ସେହିପରି ବ୍ୟକ୍ତି ସିଫିଲିସ୍, ମ୍ୟାଲେରିଆ, ଏଡ୍‌ସ୍, ହେପାଟାଇଟିସ, ଯକ୍ଷ୍ମା, ହୃଦ୍‌ରୋଗ, ବୃକ୍କ, ଫୁସ୍‌ଫୁସ୍ ଆଦି ଗୁରୁତର ରୋଗରେ ଆକ୍ରାନ୍ତ ହୋଇଥିଲେ ସେ ରକ୍ତଦାନ ପାଇଁ ଅନୁପଯୁକ୍ତ। ଗର୍ଭବତୀମାନଙ୍କଠାରୁ ମଧ୍ୟ ରକ୍ତଦାନ ପାଇଁ ରକ୍ତ ସଂଗ୍ରହ କରାଯାଇ ନ ଥାଏ।

ଏକ ଅନୁଧ୍ୟାନରୁ ଜଣାଯାଇଛି ଯେ, ପ୍ରତି ୨ ମିନିଟ୍‌ରେ କେହି ନା କେହି ରକ୍ତ ଦରକାର କରିଥାନ୍ତି। ତେଣୁ ରକ୍ତଦାନ ପାଇଁ ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତି ବର୍ଷକୁ ଅନ୍ତତଃ ୩ ଥର ରକ୍ତ ଦାନ କରିପାରିଲେ ସଞ୍ଚାରଣ ନିମନ୍ତେ ରକ୍ତ ଅଭାବର ସମସ୍ୟା ଦୂରୀଭୂତ ହୋଇପାରିବ। ଅନେକ ଜୀବନ ମଧ୍ୟ ରକ୍ଷା ପାଇଯିବ। ପ୍ରତିବର୍ଷ ପୃଥିବୀରେ ପାଖାପାଖି ୧୧କୋଟି ୟୁନିଟ୍ ରକ୍ତ ସଂଗୃହୀତ ହେଉଥିଲେ ମଧ୍ୟ ନାନା କାରଣରୁ ଟ୍ରାନ୍ସଫ୍ୟୁଜନ ବା ପରିସଞ୍ଚାଳନ ନିମନ୍ତେ ସୁରକ୍ଷିତ ରକ୍ତ ଯୋଗାଣ ଆଜି ବି ଅପର୍ଯ୍ୟାପ୍ତ।

ବିଶ୍ୱର ଉନ୍ନତ ଦେଶଗୁଡ଼ିକରେ ଅଧିକାଂଶ ରକ୍ତଦାତା ସ୍ୱେଚ୍ଛାରେ ରକ୍ତଦାନ କରିଥାନ୍ତି। ବିଶେଷକରି ସେସବୁ ଦେଶରେ ଯଥେଷ୍ଟ ପରିମାଣର ରକ୍ତ ସଂଗୃହୀତ ହୋଇଥାଏ ସ୍ୱେଚ୍ଛା ରକ୍ତଦାତା ଏବଂ ମାଗଣା ରକ୍ତଦାତାଙ୍କଠାରୁ। ମାତ୍ର ଅନ୍ୟ କେତେକ ଦେଶରେ ରୋଗୀ ପରିବାରର ସଦସ୍ୟମାନଙ୍କଠାରୁ କିମ୍ବା ଟଙ୍କା ବିନିମୟରେ ହେଉଥିବା ବ୍ୟକ୍ତିଙ୍କଠାରୁ ସଂଗୃହୀତ ହୋଇଥାଏ ରକ୍ତ।

ଯେଉଁମାନେ ନିଜ ଇଚ୍ଛାରେ ଓ ବିନା ମୂଲ୍ୟରେ ରକ୍ତଦାନ କରିଥାନ୍ତି, ସେମାନଙ୍କଠାରୁ ସଂଗ୍ରହ କରାଯାଉଥିବା ରକ୍ତ ହେଉଛି ସବୁଠାରୁ ନିରାପଦ ଓ ସର୍ବୋତ୍କୃଷ୍ଟ। ଅର୍ଥ ବିନିମୟରେ ରକ୍ତଦାନ କରିବା ସମ୍ପୂର୍ଣ୍ଣ ଅନୁଚିତ କାର୍ଯ୍ୟ। ଯେଉଁମାନେ ଅର୍ଥ ଲୋଭରେ ରକ୍ତ ବିକ୍ରି କରିଥାନ୍ତି, ସେମାନେ ସମାଜରେ ଏଡ୍‌ସ୍, ହେପାଟାଇଟିସ୍ 'ବି' ଓ ହେପାଟାଇଟିସ୍ 'ସି' ଭଳି ମାରାତ୍ମକ ରୋଗର ସଂକ୍ରମଣକୁ ସୁଗମ କରିଦେଇଥାନ୍ତି। କାରଣ ରକ୍ତ ସଞ୍ଚାରଣ ମାଧ୍ୟମରେ ଏଡ୍‌ସ, ହେପାଟାଇଟିସ ଆଦି ଭୟଙ୍କର ରୋଗ ଜାତ ହେବା ଆଶଙ୍କା ଥିବାରୁ ରକ୍ତଦାତାଙ୍କଠାରୁ ସଂଗୃହୀତ ରକ୍ତ କଠୋର ପରୀକ୍ଷା ନିରୀକ୍ଷା ପରେ ହିଁ ରୋଗୀକୁ ଦିଆଯାଇଥାଏ।

ବିନାମୂଲ୍ୟରେ ଓ ସ୍ୱେଚ୍ଛାରେ ରକ୍ତଦାନ କରିଥିବା ବ୍ୟକ୍ତିମାନଙ୍କୁ ସେମାନଙ୍କର ଏଭଳି ମହାନ୍ କାର୍ଯ୍ୟପାଇଁ କୃତଜ୍ଞତା ପ୍ରକାଶ କରିବା ଏବଂ ସାଧାରଣ ଜନତାଙ୍କ ମନରୁ ରକ୍ତଦାନ ସମ୍ପର୍କିତ ଭ୍ରାନ୍ତ ଧାରଣାଗୁଡିକୁ ଦୂରକରି ସେମାନଙ୍କୁ ରକ୍ତଦାନ ନିମିତ୍ତ ଅନୁପ୍ରାଣିତ କରିବା ଉଦ୍ଦେଶ୍ୟରେ ୨୦୦୪ ମସିହାଠାରୁ ପାଳିତ ହୋଇଆସୁଛି ବିଶ୍ୱ ରକ୍ତଦାତା ଦିବସ। ପ୍ରତିବର୍ଷ ଜୁନ୍ ୧୪ ତାରିଖରେ ଏହି ଦିବସଟି ସାରା ବିଶ୍ୱରେ ପାଳନ କରାଯାଇଥାଏ। ଏହାର ପୃଷ୍ଠପୋଷକତା କରିଥାନ୍ତି ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା। ତେବେ ଜୁନ ୧୪ ତାରିଖକୁ ଏଥିପାଇଁ ନିର୍ବାଚନ କରିବାର ତାତ୍ପର୍ଯ୍ୟ କ'ଣ ? ଏହି ଦିବସଟି ହେଉଛି ରକ୍ତର 'ଏ','ବି,' 'ଏବି' ଏବଂ 'ଓ' ଗ୍ରୁପ୍ ବା ଏବିଓ ପ୍ରଣାଳୀର ଆବିଷ୍କର୍ତ୍ତା ଅଷ୍ଟ୍ରିଆର ଡାକ୍ତର କାର୍ଲ ଲ୍ୟାଣ୍ଡଷ୍ଟେନରଙ୍କ ଶୁଭ ଜନ୍ମତିଥି। ସେ ଭୂମିଷ୍ଠ ହୋଇଥିଲେ ୧୮୬୮ ମସିହାରେ ଓ ତାଙ୍କର ଏହି ଅସାଧାରଣ ଆବିଷ୍କାର ପାଇଁ ତାଙ୍କୁ ପ୍ରଦାନ କରାଯାଇଥିଲା ୧୯୩୦ ମସିହାର ଚିକିତ୍ସା ବିଜ୍ଞାନ ନୋବେଲ ପୁରସ୍କାର। ଆଧୁନିକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ରକ୍ତ ସଞ୍ଚାରଣର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ସୁଦୂରପ୍ରସାରୀ।

ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନକାଳ ଭିତରେ ଅନ୍ତତଃ ଥରେ ରକ୍ତଦାନ କରିବା ଭଳି ମହତ୍ କାର୍ଯ୍ୟରେ ସମ୍ପୃକ୍ତ ରହିବା ବାଞ୍ଛନୀୟ। ରକ୍ତଦାନ କରିବା ନିମନ୍ତେ ଆପଣ କାହାର ଅନୁରୋଧକୁ ଅପେକ୍ଷା କରନ୍ତୁନାହିଁ। ବରଂ ମୁଁ କେତେବେଳେ ରକ୍ତ ଦେବି ବୋଲି ନିଜ ତରଫରୁ ଅନୁରୋଧ ଜଣାନ୍ତୁ ରକ୍ତଭଣ୍ଡାର କର୍ତ୍ତୃପକ୍ଷଙ୍କ ନିକଟରେ।

*-ଅଭୀପ୍ସା, ସେକ୍ଟର-୬, ପ୍ଲଟ୍ ନଂ - ୧୧୩୧, ଅଭିନବ ବିଡ଼ାନାସୀ, କଟକ, ମୋ : ୯୪୩୭୭୬୬୧୧୭*

# ଉପକାରୀ ଅଦା ରସ



ଅଦା ରସରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଯଦି ଜଣେ ବ୍ୟକ୍ତି ପ୍ରତିଦିନ ୧୦-୨୦ ମିଲିଲିଟର ଅଦା ରସରେ ଅଳ୍ପ ଗୁଡ଼ ମିଶାଇ ପିଅନ୍ତି ତେବେ ତାହା ଆଣ୍ଠୁଗଣ୍ଠି ଦରଦରୁ ଅନେକାଂଶରେ ଉପଶମ ଦେଇଥାଏ। ଅଦାରେ କ୍ୟାଲସିୟମ, ମ୍ୟାଗ୍ନେସିୟମ, ଜିଙ୍କ୍ ଏବଂ ମିନେରାଲ ଭରି ରହିଛି। ଆପଣ ଥଣ୍ଡାଜନିତ ସମସ୍ୟାରେ ପୀଡ଼ିତ କି ? ଯଦି ହଁ, ତେବେ ଅଦା ରସ, ମହୁ, ତୁଳସୀ ପତ୍ର ମିଶ୍ରିତ ଚା' ପିଇଲେ ତାହା କେବଳ ଥଣ୍ଡା, ନାକରୁ ପାଣି ଗଡ଼ିବା, ମୁଣ୍ଡ ବିନ୍ଧିବା କମାଇବାରେ ସାହାଯ୍ୟ କରିଥାଏ। ନିୟମିତ ଅଦା ରସ ସେବନ କଲେ ତାହା ପାଚନକ୍ରିୟାକୁ ଆହୁରି ଦୃଢ଼ କରିଥାଏ। ତା' ସହ ବଦହଜମି ସମସ୍ୟା ମଧ୍ୟ ଅନେକାଂଶରେ ଦୂର କରିଥାଏ।

# ଷ୍ଟୋମାକ କ୍ୟାନ୍‌ସର ଚିହ୍ନିବାର ନୂଆ ଉପାୟ

ଷ୍ଟୋମାକ କ୍ୟାନ୍‌ସରର ଆଦ୍ୟାବସ୍ଥାରୁ ଚିକିତ୍ସା କରାଇଲେ ଏଥିରୁ ଆରୋଗ୍ୟ ଲାଭ କରିବାର କିଛି ଅଂଶ ସୁଯୋଗ ରହିଛି। ହେଲେ ଏହା ଜଟିଳ ଅବସ୍ଥା ଧାରଣ କରିଥିଲେ ଏହି ଆଶା ପ୍ରାୟ କ୍ଷୀଣ। ତେବେ ଷ୍ଟୋମାକ କ୍ୟାନ୍‌ସରକୁ ଚିହ୍ନଟ କରିବାର ଏକ ନୂଆ ଉପାୟ ନିକଟରେ ଖୋଜି ପାଇବାରେ ସକ୍ଷମ ହୋଇଛନ୍ତି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ। ସେମାନେ ଦୀର୍ଘ ୪ବର୍ଷ ଏପରି ବିଷୟବସ୍ତୁ ଉପରେ ଗବେଷଣାକରି ଏ କଥା ଜାଣିପାରିଛନ୍ତି। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି ଯେ, ଜଣେ ବ୍ୟକ୍ତିଙ୍କର ଶ୍ୱାସକ୍ରିୟାରୁ ଏହି କ୍ୟାନ୍‌ସର ବିଷୟରେ କେତେକାଂଶରେ ସୂଚନା ମିଳିପାରିବ। ଗବେଷଣା ସମୟରେ ସେମାନେ ଏହାର ପରିସରଭୁକ୍ତ କେତେଜଣ ବ୍ୟକ୍ତିଙ୍କର ଶ୍ୱାସକ୍ରିୟାକୁ ତନ୍ନ ତନ୍ନ କରି ପରୀକ୍ଷା ନିରୀକ୍ଷା କରିଥିଲେ। ଏହି ସମୟରେ ସେମାନେ ଶ୍ୱାସକ୍ରିୟାର ପାଞ୍ଚଟି ରାସାୟନିକ ତତ୍ତ୍ୱକୁ ଗୁରୁତ୍ୱ ଦେଇଥିଲେ। ଏଥିରୁ ସେମାନେ ଷ୍ଟୋମାକ କ୍ୟାନ୍‌ସରର ଲକ୍ଷଣ ସମ୍ପର୍କରେ କେତେକ ତଥ୍ୟ ଜାଣିବାକୁ ପାଇଥିଲେ।




## ସ୍ୱାସ୍ଥ୍ୟ ସୂଚନା

■ଦାନ୍ତ ପରିଷ୍କାର ନ ରହିଲେ ତାହା ଦାନ୍ତ ଏବଂ ମାଢ଼ିଜନିତ ରୋଗ ସୃଷ୍ଟି କରିଥାଏ। ତେଣୁ ଭଲ ଭାବରେ ଦାନ୍ତ ଘଷନ୍ତୁ। କେତେକେ ଏହି କାମକୁ ଚଟାପଟ ଶେଷ କରିଦେଇଥାଆନ୍ତି। ଅତିକମ୍‌ରେ ଦୁଇ ମିନିଟ୍ ଦାନ୍ତ ଘଷନ୍ତୁ।

■ସୁସ୍ଥ ରହିବା ପଛରେ ବିଶ୍ରାମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ପ୍ରତିଦିନ ଅତିକମ୍‌ରେ ୬-୭ଘଣ୍ଟା ଶୁଅନ୍ତୁ।

■ବୟସ ବଢ଼ିବା ସହ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଇଥାଏ। ଏହାକୁ କଦାପି ଅବହେଳା କରନ୍ତୁ ନାହିଁ। ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

■କାର୍ଯ୍ୟବ୍ୟସ୍ତତା ଭିତରେ ଅନେକେ ଖାଦ୍ୟପେୟ ପ୍ରତି ଠିକ୍ ଭାବରେ ନଜର ଦେଇପାରି ନ ଥାନ୍ତି। ଏହାଦ୍ୱାରା ଗ୍ୟାଷ୍ଟ୍ରିକ୍, ପାଚନକ୍ରିୟାଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ କିଛି ଖାଆନ୍ତୁ।

■କୌଣସି ରୋଗ ଉପରେ କିମ୍ବା ଔଷଧ ଉପରେ ଯଦି ଆପଣ ଠିକ୍ ଭାବରେ ଜାଣିନାହାନ୍ତି ତେବେ ଅନ୍ୟମାନଙ୍କୁ ଏ ନେଇ ପରାମର୍ଶ ନ ଦେବା ଭଲ।



> ବିଶ୍ୱ ବାଣିଜ୍ୟ ସଙ୍ଗଠନର ସଂସ୍କାର ପଦକ୍ଷେପ ଏହାର ମୂଳ ଉଦ୍ଦେଶ୍ୟକୁ ଗୌଣ୍ୟ କରିବା ଅନୁଚିତ।
> — ପୀୟୂଷ ଗୋଏଲ, କେନ୍ଦ୍ର ରେଳ ମନ୍ତ୍ରୀ



> ରାଜପଥ ନିର୍ମାଣରେ ନିଜର ଯୋଗଦାନ ଲାଗି ଘରୋଇ କ୍ଷେତ୍ରକୁ ସରକାର ଉତ୍ସାହିତ କରୁଛନ୍ତି।
> — ନୀତିନ ଗଡକରି, କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ



## ସଂକ୍ଷେପରେ

### ଜୁନ୍ ୨୦ରେ ଜିଏସ୍‌ଟି ପରିଷଦ ବୈଠକ




**ନୂଆଦିଲ୍ଲୀ,୯-୬:** ଚଳିତ ମାସ ୨୦ତାରିଖରେ ଜିଏସ୍‌ଟି ପରିଷଦ ବୈଠକ ଅନୁଷ୍ଠିତ ହେବ। ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଅଧୀନରେ ୫୦ କୋଟି ଟଙ୍କାର କାରବାରକୁ ଇ-ଇନଭଏସ୍ ସୀମା ଭାବେ ଲାଗୁ କରିବା ଲାଗି ବୈଠକରେ ନିଷ୍ପତ୍ତି ହୋଇପାରେ। ଟିକସ ଠକେଇକୁ ରୋକିବା ଦିଗରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ ବିଜ୍‌ନେସ-ଟୁ-ବିଜ୍‌ନେସ (ବିଟୁବି) କ୍ଷେତ୍ରରେ ଏହା ଲାଗୁ କରିବା ନେଇ ପ୍ରସ୍ତାବ ରହିଛି ବୋଲି ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ରାଜ୍ୟଗୁଡିକର ମତାମତ ଗ୍ରହଣ ପରେ ପରିଷଦ ଏହା ଉପରେ ନିଷ୍ପତ୍ତି ଗ୍ରହଣ କରିବ। ରିଟର୍ନ ଫାଇଲିଂ ତଥ୍ୟ ମୁତାବକ ୬୮,୦୪୧ ବାଣିଜ୍ୟ ସଂସ୍ଥା ସେମାନଙ୍କ କାରବାର ୫୦ କୋଟି ଟଙ୍କା ରହିଥିବା ଦର୍ଶାଇଛନ୍ତି। ଆଦାୟ ହୋଇଥିବା ମୋଟ ଜିଏସ୍‌ଟି କ୍ଷେତ୍ରରେ ଏହି ସଂସ୍ଥାଗୁଡିକର ଅଂଶ ୬୬.୬% ରହିଛି।

### ପାକିସ୍ତାନରୁ ସାମଗ୍ରୀ ଆମଦାନୀ ୯୨% ହ୍ରାସ



**ନୂଆଦିଲ୍ଲୀ,୯-୬:** ଚଳିତବର୍ଷ ମାର୍ଚ୍ଚ ମାସରେ ଦେଶ ମଧକୁ ପାକିସ୍ତାନରୁ ଆମଦାନୀ ୯୨% ହ୍ରାସ ଘଟି ୨.୮୪ ନିୟୁତ ରହିଛି। ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନରୁ ଆସୁଥିବା ସାମଗ୍ରୀ ଉପରେ ୨୦୦% ଟିକସ ଲାଗୁ କରିଥିଲା। ଏହା ପରେ ସେଠାରୁ ଭାରତକୁ ହେଉଥିବା ସାମଗ୍ରୀ ରପ୍ତାନି ଉପରେ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି। ଭାରତ ଫେବୃୟାରୀ ୧୬ରେ ଏଭଳି କଠୋର ପଦକ୍ଷେପ ନେଇଥିଲା। ପାକିସ୍ତାନରୁ ଆସୁଥିବା କପା, ପନିପରିବା, ସିମେଣ୍ଟ, ପେଟ୍ରୋଲିୟମ ସାମଗ୍ରୀ ଏବଂ ଖଣିଜ ସମେତ ଅନ୍ୟ ସମସ୍ତ ସାମଗ୍ରୀ ଉପରେ ସରକାର ଆମଦାନୀ ଟିକସକୁ ବଢାଇବା ଲାଗି ନିଷ୍ପତ୍ତି ନେଇଥିଲେ। ବାଣିଜ୍ୟ ମନ୍ତ୍ରଣାଳୟ ତଥ୍ୟ ମୁତାବକ ଭାରତ ପାକିସ୍ତାନଠାରୁ ୨୦୧୮ ମାର୍ଚ୍ଚରେ ୩୪.୬୧ ନିୟୁତ ଡଲାରର ସାମଗ୍ରୀ ଆମଦାନୀ କରିଥିଲା। ଚଳିତ ବର୍ଷ ମାର୍ଚ୍ଚରେ ପାକିସ୍ତାନରୁ ଆସିଥିବା ମୋଟ ୨.୮୪ ନିୟୁତ ଡଲାର ସାମଗ୍ରୀ ମଧରୁ କପାର ଅଂଶ ୧.୧୯ ନିୟୁତ ଡଲାର ରହିଛି। ଭାରତ ଏହି ସମୟ ମଧରେ ପାକିସ୍ତାନରୁ ପ୍ଲାଷ୍ଟିକ, କପଡା, ପାପାରେଲ ସାମଗ୍ରୀ, କେମିକାଲ, ଓଲ୍ ଏବଂ ପାରମ୍ପରିକ ଫିଲାମେଣ୍ଟ ଭଳି ପ୍ରଡକ୍ଟ ଏବଂ ସାମଗ୍ରୀ ମଗାଇଛି। ୨୦୧୮-୧୯ ଜାନୁୟାରୀ-ମାର୍ଚ୍ଚ ସମୟ ମଧରେ ପାକିସ୍ତାନରୁ ଆମଦାନୀ ୪୭% ହ୍ରାସ ହୋଇ ୫୩.୬୫ ନିୟୁତ ଡଲାର ରହିଛି। ସେହିଭଳି ପାକିସ୍ତାନକୁ ଭାରତର ରପ୍ତାନି ୩୨% କମିବା ଫଳରେ ଏହା ୧୭୧.୩୪ ନିୟୁତ ଡଲାର ରହିଛି। ୨୦୧୮-୧୯ରେ ପାକିସ୍ତାନକୁ ମୋଟ ରପ୍ତାନି ୭.୪% ବଢି ୨ ବିଲିୟନ ଡଲାର ଛୁଇଁଛି।

### ଆଇଏଲ୍‌ଆଣ୍ଡଏଫ୍‌ଏସ୍ ମାମଲା

# ସାମ୍ନାକୁ ଆସିଲା ଅଡିଟରଙ୍କ କାରସାଦି

- ୨୦୧୭ରେ ଜାଣିପାରିଥିଲେ ହ୍ୱିସିଲବ୍ଲୋୟର
- ଶୀର୍ଷ ମ୍ୟାନେଜମେଣ୍ଟ ଅଭିଯୋଗକୁ ଅଣଦେଖା କରିଥିଲା
- ଅଡିଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କୁହାଗଲା




**ନୂଆଦିଲ୍ଲୀ,୯-୬**

ଋଣ ସଙ୍କଟରେ ଫସିଥିବା ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ରେ ନୂଆ ନୂଆ ଘଟଣା ସାମ୍ନାକୁ ଆସୁଛି। କମ୍ପାନୀକୁ ଗୋଷ୍ଠୀଗତ ଭାବେ ଲୁଟ କରାଯାଇଥିବା ବେଳେ ଏହି ଧାରାରେ ଅଡିଟରମାନେ ମଧ ସମ୍ପୃକ୍ତ ଥିବା ତଦନ୍ତରୁ ସାମ୍ନାକୁ ଆସିଛି। ଅଡିଟରମାନେ କେବଳ କମ୍ପାନୀର ଶୀର୍ଷ ପଦାଧିକାରୀଙ୍କ ସହ ମିଳିତ ହୋଇ ନ ଥିଲେ। ସେମାନଙ୍କ ନିଜ କମ୍ପାନୀର କେତେକ ଉତ୍ପାଦ ଏବଂ ସେବାକୁ ବିକ୍ରି କରିବାକୁ ଚେଷ୍ଟା କରିଥିବା ଏବେ ନଜରକୁ ଆସିଛି। ଜଘନ୍ୟ ଅପରାଧ ତଦନ୍ତ କାର୍ଯ୍ୟାଳୟ(ଏସ୍‌ଏଫ୍‌ଆଇଓ) ଆଇଏଲ୍‌ଏଫ୍‌ଏସ୍ ସମୂହ କମ୍ପାନୀ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡର ଯାଞ୍ଚ କରୁଛି। ଅଡିଟର, ଅଡିଟ ପରିଷଦ ଏବଂ ଶୀର୍ଷ ମ୍ୟାନେଜମେଣ୍ଟ ସ୍ତରରେ ବିଭିନ୍ନ ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ଏସ୍‌ଏଫ୍‌ଆଇଓ ଜାଣିବାକୁ ପାଇଛି। ବର୍ତ୍ତମାନ ସୁଦ୍ଧା ସରକାର ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଗ୍ରୁପର ପୁନରୁଦ୍ଧାର ଲାଗି ନୂଆ ବୋର୍ଡ ନିଯୁକ୍ତ କରିଛନ୍ତି। ୨୦୧୭ରେ କମ୍ପାନୀରେ ହେଉଥିବା ବେଆଇନ କାର୍ଯ୍ୟକଳାପ ନେଇ ହ୍ୱିସିଲବ୍ଲୋୟର ଜାଣିବା ପରେ ଘଟଣା ଉପରୁ ପର୍ଦ୍ଦା ହଟାଇବା ଲାଗି କହିଥିଲେ। ଏହି ସମୟରେ ଅଡିଟ ବ୍ୟବସ୍ଥା ଉପରେ ଧ୍ୟାନ ଦେଇଥିଲେ ପ୍ରକୃତ ଘଟଣା ସାମ୍ନାକୁ ଆସିଥାନ୍ତା। ମାତ୍ର ଶୀର୍ଷ ମ୍ୟାନେଜମେଣ୍ଟ କଥାକୁ ଅଣଦେଖା କରିବା ସହ ଚପାଇ ରଖିଥିଲା। ଫଳରେ ଅଭିଯୋଗ ହୋଇଥିଲେ ଏହି ପ୍ରସଙ୍ଗ ଆଗକୁ ବଢି ନ ଥିଲା ବୋଲି ଏସ୍‌ଏଫ୍‌ଆଇଓ କହିଛି।

ଏହି ମାମଲାରେ ଏସ୍‌ଏଫ୍‌ଆଇଓ ପ୍ରାୟ ୪୦୦ ସଂସ୍ଥାର ତଥ୍ୟକୁ ତଦନ୍ତ ପରିସରଭୁକ୍ତ କରିଛି। କମ୍ପ୍ୟୁଟର ଏବଂ ଲ୍ୟାପଟପ ସମେତ ବିଭିନ୍ନ କ୍ଷେତ୍ରରୁ ତଦନ୍ତ ଏଜେନ୍ସି ପ୍ରମାଣ ସଂଗ୍ରହ କରିଛି। ଏହା ପରେ ଚାର୍ଜଶିଟ ଦାଏର କରାଯାଇଛି। ଅଡିଟ କରୁଥିବା ଡିଲଏଟ,ହାସକିନ୍ସ ଆଣ୍ଡ ସେଲ୍‌ସ ଭଳି ସଂସ୍ଥା ଋଣଦାତାଙ୍କ ସହ ହେଉଥିବା ଠକେଇ ସମ୍ପର୍କରେ ପୂର୍ବରୁ ଜାଣିଥିଲେ। ବିଶେଷ କରି ସୁଧବାବଦ ଅର୍ଥ ପ୍ରଦାନ ଏବଂ ମୂଳ ଟଙ୍କା ପୈଠ ବେଳେ ଖିଲାପ ଏବଂ ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ମଧ ଅଡିଟର ଜାଣିବାକୁ ପାଇଥିଲେ ମଧ ଏଥି ସମ୍ପର୍କରେ କିଛି କଥା ସାମ୍ନାକୁ ଆଣି ନ ଥିଲେ।

ଯାଞ୍ଚ ଏଜେନ୍ସି ଦେଇଥିବା ସୂଚନା ମୁତାବକ ଆସେଟ ବୁକ୍‌କୁ ଲଗାତର ଭାବେ ଅଣଦେଖା କରିବା, ବର୍ଷ ବର୍ଷ ଧରି ଋଣ ଅସୁଲ କରିବାରେ ବିଳମ୍ବ କରିବା ଭଳି ଘଟଣା ଘଟିଛି। ଏହା ସବୁ ଶୀର୍ଷ ମ୍ୟାନେଜମେଣ୍ଟର ଗୋଚରରେ ହେଉଥିଲା। ଡିଲଏଟ ଗ୍ରୁପ ଏହାର ଏକ କନସଲଟିଂ ଫାର୍ମ ଡିଲଏଟ ଟଚେ ତୋମାସ୍ତୁ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ଏକ ପ୍ରଡକ୍ଟ କିଣିବାକୁ ଆଇଏଲ୍‌ଆଣ୍ଡଏଫ୍‌ଏସ୍‌କୁ କହିଥିଲା। ଜୁନ ୨୦୧୭ର ଏକ ଇମେଲରୁ ଏହା ଜଣା ଯାଇଛି। ଋଣ ଅର୍ଥ ଠିକ୍ ଭାବେ ଖର୍ଚ୍ଚ ହେଉଛି କି ନାହିଁ ଏହାକୁ ଠିକ୍ ଭାବେ ତର୍ଜମା ମଧ କରାଯାଉ ନ ଥିଲା। ଏହି ମାମଲାରେ ସମ୍ପୃକ୍ତ ଥିବା ଅଡିଟରଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଏସ୍‌ଏଫ୍‌ଆଇଓ କହିଛି। ଘଟଣା ଉପରୁ ପର୍ଦ୍ଦା ହଟାଇବା ଲାଗି କାହିଁକି ବିଳମ୍ବ ଘଟିଛି ସେ ନେଇ ରିଜର୍ଭ ବ୍ୟାଙ୍କ ଦ୍ୱାରା ତଦନ୍ତ କରାଇବାକୁ ପ୍ରସ୍ତାବ ଦିଆଯାଇଛି।

ଆଇଏଫ୍‌ଆଇଏନ୍ ମାମଲା ପଛରେ ୯ ସଦସ୍ୟ ବିଶିଷ୍ଟ ଏକ ଗୋଷ୍ଠୀ ସାମିଲ ରହିଥିବା ଏସ୍‌ଏଫ୍‌ଆଇଓ ଏହାର ପ୍ରଥମ ଚାର୍ଜଶିଟରେ ଦର୍ଶାଇଛି। ଷ୍ଟାଚୁଟୋରୀ ଅଡିଟରଙ୍କ ବାଦ ସ୍ୱାଧୀନ ନିର୍ଦ୍ଦେଶକମାନେ ମଧ ଗୋପନୀୟ ଭାବେ ବେଆଇନ କାର୍ଯ୍ୟକଳାପରେ ସାମିଲ ଥିଲେ। ଅଡିଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନ୍ୟାଶନାଲ ଫାଇନାନ୍ସିଆଲ ରିପୋର୍ଟିଂ ଅଥରିଟି(ଏନ୍‌ଏଫ୍‌ଆର୍‌ଏ) ଏବଂ ଇନଷ୍ଟିଚ୍ୟୁଟ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ ଅଫ୍ ଇଣ୍ଡିଆ(ଆଇସିଏଆଇ) କାର୍ଯ୍ୟାନୁଷ୍ଠାନ ନେଉ ବୋଲି କୁହାଯାଇଛି। ମାମଲାରେ ୩୦ ସଂସ୍ଥା ଏବଂ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଚାର୍ଜଶିଟ ହୋଇଛି। ବର୍ତ୍ତମାନ ସୁଦ୍ଧା ଏଥିରେ ସମ୍ପୃକ୍ତ କିଛି ବ୍ୟକ୍ତି ବିଚାର ବିଭାଗୀୟ ହାଜତରେ ରହିଛନ୍ତି।

### ଇସ୍ପାତ ପ୍ରକଳ୍ପ ଲାଗି ଜମି ଯୋଗାଣ

## ସେଲ୍‌କୁ ରାଜ୍ୟ ସରକାରଙ୍କ ସବୁଜ ସଙ୍କେତ

**ନୂଆଦିଲ୍ଲୀ,୯-୬**

ରାଷ୍ଟ୍ରାୟତ୍ତ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍) ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳରେ ନୂଆ ୟୁନିଟ୍ ସ୍ଥାପନା ନେଇ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିବାବେଳେ ଏହାକୁ ସବୁଜ ସଙ୍କେତ ମିଳିଛି। କମ୍ପାନୀ ବର୍ତ୍ତମାନ ବାର୍ଷିକ ୫୦ ନିୟୁତ ଟନ୍ ସମ୍ପ୍ରସାରଣ ଯୋଜନା ରଖିଛି। ଏଥି ଅନ୍ତର୍ଗତ ଓଡ଼ିଶାରେ ବାର୍ଷିକ ୩ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ୟୁନିଟ ବସାଇବା ଲାଗି କମ୍ପାନୀ ପକ୍ଷରୁ ଯୋଜନା ରହିଛି। ଏହା ୧୫,୦୦୦ କୋଟି ଟଙ୍କାରେ ସ୍ଥାପନ ହେବ। ଜମି ପାଇଁ କମ୍ପାନୀ ପକ୍ଷରୁ ରାଜ୍ୟ ସରକାରଙ୍କୁ ପୂର୍ବରୁ ଚିଠି ଲେଖାଯାଇଥିଲା। ରାଜ୍ୟ ଶିଳ୍ପ ବିଭାଗ ପ୍ରମୁଖ ସଚିବଙ୍କଠାରୁ ରେସପନ୍ସ ପାଇ ଖୁସି ବୋଲି ସେଲ ଅଧକ୍ଷ ଅନିଲ କୁମାର ଚୌଧୁରୀ ସୂଚନା ଦେଇଛନ୍ତି। ପ୍ଲାଣ୍ଟ ସ୍ଥାପନ ନେଇ ରାଜ୍ୟ ସରକାର ଆମନ୍ତ୍ରଣ କରିଥିବା ସେ ସ୍ପଷ୍ଟ କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସେଲର କୌଣସି ପ୍ଲାଣ୍ଟ ଉପକୂଳରେ ସ୍ଥାପନ ହୋଇନାହିଁ। ଓଡ଼ିଶାରେ ପ୍ଲାଣ୍ଟ ସ୍ଥାପନା ପାଇଁ ଜମି ଉପଲବ୍ଧତା ଉପରେ ବିଚାର କରିବା ଲାଗି କମ୍ପାନୀର ଏକ ପ୍ରତିନିଧି ଦଳ ଶୀଘ୍ର ଓଡ଼ିଶା ଆସିବେ। ପାରାଦୀପରେ ୟୁନିଟ ବସାଇବା ଲାଗି କମ୍ପାନୀର ଯୋଜନା ଉପରେ ଏକ ପ୍ରଶ୍ନର ଉତ୍ତରରେ ଚୌଧୁରୀ କହିଛନ୍ତି, ରାଜ୍ୟରେ ବହୁତ ଜମି ଶିଳ୍ପ ଲାଗି ଉପଲବ୍ଧ ରହିଛି। ପୂର୍ବରୁ କୋରିଆର ପ୍ରମୁଖ ଷ୍ଟିଲ କମ୍ପାନୀ ପସ୍କୋ ଜଗତସିଂହପୁର ଜିଲାର ପାରାଦୀପରେ ପ୍ଲାଣ୍ଟ କରିବା ଲାଗି ଇଚ୍ଛୁକ ଥିଲେ ମଧ ପରବର୍ତ୍ତୀ ପର୍ଯ୍ୟାୟରେ ଏଥିରୁ ଓହରି ଯାଇଛି। ଏହି ଜମି ପାଇବା ପାଇଁ ଏକ ବଡ କମ୍ପାନୀ ଏକ୍ସପ୍ରେଶନ ଅଫ୍ ଇଣ୍ଟରେଷ୍ଟ(ଇଓଆଇ) ପ୍ରଦାନ କରିଥିବା ରାଜ୍ୟ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଥିଲେ। ସେଲ୍ ବର୍ତ୍ତମାନ କିଛି ଜାପାନ ଏବଂ କୋରିଆ କମ୍ପାନୀଙ୍କ ସହ ଆଲୋଚନା କରୁଛି। ଏ ନେଇ ଏକ ପ୍ରତିନିଧି ଦଳ ପୂର୍ବରୁ ଜାପାନ ଯାଇଥିଲେ। ଏଥିରେ ଇସ୍ପାତ ମନ୍ତ୍ରଣାଳୟ ଏବଂ ସେଲ ଅଧିକାରୀମାନେ ସାମିଲ ଥିଲେ।

## ୟୁକ୍ରେନରେ ଡାକ୍ତରୀ ଶିକ୍ଷାର ସୁଯୋଗ

**ଭୁବନେଶ୍ୱର,୯-୬(ବ୍ୟୁରୋ)**




**ଗ୍ଲୋବାଲ ଫୋକସ୍ ପକ୍ଷରୁ ସେମିନାର**

ଗ୍ଲୋବାଲ ଫୋକସ୍ ଏଜୁକେଶନ ଗ୍ରୁପ ପକ୍ଷରୁ ୟୁକ୍ରେନରେ ଏମ୍‌ବିବିଏସ୍ ଶିକ୍ଷା ଶୀର୍ଷକ ଏକ ସେମିନାର ସ୍ଥାନୀୟ ଏକ ହୋଟେଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ମେଡିକାଲ କଲେଜଗୁଡିକରେ ସିଟ୍ କମ୍ ରହିବା ଏବଂ ବ୍ୟୟବହୁଳ ମେଡିକାଲ ଶିକ୍ଷା ଯୋଗୁ ଏହା ଅଭିଭାବକଙ୍କ ଚିନ୍ତାର କାରଣ ହୋଇଥାଏ। ଏପରି ସ୍ଥିତିରେ ୟୁକ୍ରେନରେ ନ୍ୟାଶନାଲ ମେଡିକାଲ ୟୁନିଭର୍ସିଟି ସମେତ ଅନ୍ୟାନ୍ୟ ଜାତୀୟ ସ୍ତରର ମେଡିକାଲ ପ୍ରତିଷ୍ଠାନଗୁଡିକରେ ଡାକ୍ତରୀ ପଢିବାର ସୁଯୋଗ ଗ୍ଲୋବାଲ ଫୋକସ୍ ପକ୍ଷରୁ ପ୍ରଦାନ କରାଯାଉଛି। ସେମିନାରରେ ବର୍ତ୍ତମାନ ୟୁକ୍ରେନରେ ଡାକ୍ତରୀ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ନିମନ୍ତ୍ରିତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଛି। ୟୁକ୍ରେନରେ ଶିକ୍ଷା ଗ୍ରହଣ, ରହିବା, ଖାଦ୍ୟପେୟ ଏବଂ ସଂସ୍କୃତି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ଲାଗି ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ସେମିନାର ଆୟୋଜନ କରାଯାଉଛି।

ଏଥିରେ ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଗ୍ଲୋବାଲ ଫୋକସ୍‌ର କାଉନସେଲରମାନେ ରଖିଛନ୍ତି। ୟୁକ୍ରେନର ଏହି ପ୍ରତିଷ୍ଠାନଗୁଡିକ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ମେଡିକାଲ କାଉନସିଲ ଅଫ୍ ଇଣ୍ଡିଆ ଦ୍ୱାରା ସ୍ୱୀକୃତିପ୍ରାପ୍ତ। ଛାତ୍ରୀଛାତ୍ର ନିଟ୍‌ରେ ସଫଳ ହୋଇଥିଲେ ନାମ ଲେଖାର ସୁଯୋଗ ପାଇପାରିବେ। ବର୍ତ୍ତମାନ ସାରା ଦେଶରେ ୬ ହଜାରରୁ ଉର୍ଦ୍ଧ୍ୱ ଏବଂ ଓଡ଼ିଶାରୁ ୧୦୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉକ୍ତ ସ୍ଥାନଗୁଡିକରେ ଡାକ୍ତରୀ ଶିକ୍ଷା ଗ୍ରହଣ କରୁଛନ୍ତି। ଏଥିରେ ଗ୍ଲୋବାଲ ଫୋକସ୍‌ର ଏମ୍‌ଡି ଅବଦୁଲ ଜାହିର କହିଛନ୍ତି ଯେ, ରାଜ୍ୟରେ ମାତ୍ର ୧୧୦୦ ମେଡିକାଲ ସିଟ୍ ରହିଥିବା ବେଳେ ୫୦,୦୦୦ ଛାତ୍ରୀଛାତ୍ର ମେଡିକାଲ ପଢିବା ଲାଗି ପ୍ରବେଶିକା ପରୀକ୍ଷା ଦେଉଛନ୍ତି। ଘରୋଇ ମେଡିକାଲ କଲେଜଗୁଡିକ ତୁଳନାରେ ୟୁକ୍ରେନରେ ଡାକ୍ତରୀ ପଢିବାର ଏକ ବିକଳ୍ପ ରହିଛି। ଚଳିତ ବର୍ଷ ଲାଗି ପ୍ରଥମ ପର୍ଯ୍ୟାୟ ଚୟନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଲାଗି ଏବେ ପ୍ରକ୍ରିୟା ଆରମ୍ଭ ହୋଇଛି।

## ଗ୍ରାହକ ସମ୍ପର୍କ ବୃଦ୍ଧି ଲାଗି ଏଲ୍‌ଜିର ପଦକ୍ଷେପ

**ଭୁବନେଶ୍ୱର,୯-୬**




ପ୍ରମୁଖ କମ୍ପାନୀ ଏଲ୍‌ଜି ପକ୍ଷରୁ ଗ୍ରାହକ ସମ୍ପର୍କ ବୃଦ୍ଧି କରିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥି ଲାଗି କମ୍ପାନୀ ଇନଫୋବିପ ସହ ମିଳିତ ହୋଇଛି। ବିକ୍ରି ପରବର୍ତ୍ତୀ ସେବା କ୍ଷେତ୍ରରେ ହ୍ୱାଟସ ଆପ୍ ବିଜନେସ ସଲ୍ୟୁଶନକୁ ବ୍ୟବହାର କରିବା ଦିଗରେ କମ୍ପାନୀ ଗୁରୁତ୍ୱ ଦେଇଛି। ଏହି ପଦକ୍ଷେପ ମୁତାବକ ଗ୍ରାହକମାନେ ଏଲ୍‌ଜିର କଷ୍ଟମର କେୟାରକୁ ଟୁଓ୍ୱେ ଡାଏଲଗ ଦ୍ୱାରା ମେସେଜ ପ୍ରେରଣ କରିବାକୁ ସକ୍ଷମ ହେବେ। ମେଟ୍ରୋ ସମେତ ଦେଶର ପ୍ରତି ସହରର ଗ୍ରାହକଙ୍କ ସହ ଯୋଡି ହେବାକୁ କମ୍ପାନୀ ଏହା ଦ୍ୱାରା ସକ୍ଷମ ହେବ ବୋଲି କହିଛି। ଗ୍ରାହକ ଅଭିଯୋଗ ଲାଗି ଲମ୍ବା ଲାଇନରେ ଛିଡା ହେବାକୁ ପଡିବ ନାହିଁ। ତ୍ୱରିତ ଭାବେ ଏଲଜି ସହ କଥା ହେବାକୁ ଏହା ସହାୟତା କରିବ। ଏହା ଛବି, ଲିଙ୍କ ଏବଂ ଡକ୍ୟୁମେଣ୍ଟ ଶେୟାର କରିବାକୁ ସୁବିଧା ଦେବ। ଏହା ସହ ଅନ୍ୟ ସେବା ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ବ୍ରାଣ୍ଡେଡ ପୋଷାକ ମେଳାରେ ରିହାତି



**ଭୁବନେଶ୍ୱର,୯-୬**

ସ୍ଥାନୀୟ ହୋଟେଲ ନିୟୁ ମ୍ୟାରିୟନଠାରେ ଆରମ୍ଭ ହୋଇଥିବା ବ୍ରାଣ୍ଡେଡ ପୋଷାକ ମେଳାରେ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଛି। କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଲାଗି ୩୫ ହଜାରରୁ ଉର୍ଦ୍ଧ୍ୱ ଷ୍ଟକ ବର୍ତ୍ତମାନ ସଂଯୋଗ କରାଯାଇଛି। ପାର୍ବଣ ଏବଂ ବିବାହ ସମୟକୁ ଧ୍ୟାନରେ ରଖି ନୂଆ କଲେକ୍ସନ ସଂଯୋଗ ହୋଇଛି। ପୁରୁଷ, ମହିଳା ଏବଂ ଶିଶୁଙ୍କ ବର୍ଗରେ କଲେକ୍ସନ ସାମିଲ ରହିଛି। ଷ୍ଟକଗୁଡିକ ଉପରେ ପ୍ରାୟ ୯୦% ପର୍ଯ୍ୟନ୍ତ ରିହାତି ଅଫର ରହିଛି। ପୁରୁଷଙ୍କ ବର୍ଗରେ ଶାର୍ଟ, ଟିଶାର୍ଟ, ଶର୍ଟସ, ଟ୍ରାଉଜର ଏବଂ ଜିନ୍ସ ରହିଛି। ସେହିଭଳି ମହିଳାଙ୍କ ବର୍ଗରେ କୁର୍ତ୍ତି,ଶୁଟ୍ସ, ଟପ୍ସ, ଜିନ୍ସ, ଅଫିସଓ୍ୱେର, ଶାର୍ଟ ଏବଂ ଟ୍ରାଉଜର ରହିଛି।

## ଫୋଭର ପକ୍ଷରୁ କଳାକୃତି ପ୍ରଦର୍ଶନୀ

**କଲିକତା,୯-୬**





ମୋବେଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ କଲିକତା ସ୍ଥିତ ଏହାର ପ୍ରିମିୟମ ବ୍ରାଣ୍ଡ ଶୋ'ରୁମ 'ଫୋଭର'ରେ ଏକ ଆର୍ଟ ଏକ୍ଜିବିଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ତର୍ଜାତୀୟ ଫର୍ନିଚର, ଡେକର, କିଚେନ୍ସ, ଲାଇଟସ ଏବଂ ହ୍ୟାଣ୍ଡ କ୍ରାଫ୍ଟ ଫ୍ୟାନ ଉପଲବ୍ଧ ହେଉଛି। ଏଥିରେ କଲେକ୍ସନଗୁଡିକ ଆକର୍ଷଣୀୟ ହୋଇଥିବା ବେଳେ ଫୋଭରର ଟ୍ୟାଗ ଲାଇନ 'ଫର ଏଭର ଲଭ' ରହିଛି। ଭାରତୀୟ କଳାକାର ଅଭନୀଶ ତ୍ରିବେଦୀ, ଜୀବନ ବିଶ୍ୱାସଙ୍କ କାରୁକାର୍ଯ୍ୟ ଏବଂ ଡିଜାଇନକୁ ଏଥିରେ ସାମିଲ କରାଯାଇଛି। ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ଆର୍ଟଓ୍ୱାର୍କ ଦ୍ୱାରା ଅଭନୀଶ ତ୍ରିବେଦୀ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କର କାର୍ଯ୍ୟରେ ନିର୍ଦ୍ଦିଷ୍ଟ ସମୟର ସୌନ୍ଦର୍ଯ୍ୟତାକୁ ସାମିଲ କରି ଏକ ସ୍ୱତନ୍ତ୍ରତା ପ୍ରଦାନ କରାଯାଇଥାଏ। ତାଙ୍କର ପ୍ରମୁଖ କଳାକୃତି ମଧରେ କଲିକତା ନଷ୍ଟାଲଜିଆ ଏବଂ ରିକ୍ସା ରହିଛି। ଜୀବନ ବିଶ୍ୱାସଙ୍କ କଳାକୃତିରେ ଆଧ୍ୟାତ୍ମିକତା,ବିଷ୍ଣୁ ଉପାସନା ଏବଂ ମାନବବାଦ ଭଳି ପ୍ରସଙ୍ଗ ସ୍ଥାନିତ ହୋଇଥାଏ।

## ଗରିବ ମେଧାବୀଙ୍କ ଡାକ୍ତର ହେବା ସ୍ୱପ୍ନକୁ କରୁଛି ସାକାର

**ଏ.ବି.ସିଂଙ୍କ 'ଜିନ୍ଦେଗୀ' ପଦକ୍ଷେପ**

**ଭୁବନେଶ୍ୱର,୯-୬(ବ୍ୟୁରୋ)**




ଦିନେ ଡାକ୍ତର ହେବେ ବୋଲି ସେ ସ୍ୱପ୍ନ ଦେଖିଥିଲେ। ସେଥିଲାଗି ମେଡିକାଲ କୋଚିଂରେ ମଧ ନାମ ଲେଖାଇଥିଲେ। ହେଲେ ସମୟର ସୁଅରେ ତାଙ୍କର ସେ ସ୍ୱପ୍ନ ସ୍ୱପ୍ନରେ ରହିଗଲା। ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ତାଙ୍କ ବାପା କିଡନୀ ରୋଗରେ ଆକ୍ରାନ୍ତ ହେବା ପରେ ଆକସ୍ମିକ ଭାବେ ପରିବାରର ସ୍ଥିତି ଖରାପ ହେଲା। ଆର୍ଥିକ ବୋଝ ଯୋଗୁ ଡାକ୍ତର ହେବା ସ୍ୱପ୍ନ ଅଧାରେ ରହିଗଲା। ପାଠ ପଢିବା ଲାଗି ବିବାହ ବେଳେ ଆଇସକ୍ରିମ ଯୋଗାଣ, ଚା,ସର୍ବତ ଷ୍ଟଲ ବସାଇ ରୋଜଗାର ସହ ଅନ୍ୟାନ୍ୟ କାର୍ଯ୍ୟ ମଧ କରିଛନ୍ତି। ହେଲେ ଜୀବନରେ ପଛକୁ ହଟି ନ ଯାଇ ସେହି ବ୍ୟକ୍ତି ଜଣକ ସବୁ ବେଳେ ଆଗକୁ ବଢିବାର ଉତ୍ସାହ ରଖିଛନ୍ତି। ବହୁ କଷ୍ଟରେ ଗ୍ରାଜୁଏଶନ ଯାଏ ପଢିବାର ସୁଯୋଗ ପାଇଥିବା ସେହି ବ୍ୟକ୍ତି ଜଣକ କିନ୍ତୁ ଏବେ ଅନ୍ୟମାନଙ୍କୁ ଜୀବନରେ ଆଗକୁ ବଢିବାର ରାସ୍ତା ଦେଖାଉଛନ୍ତି। ଜୀବନରେ ରହିଯାଇଥିବା ସେହି ଶୂନ୍ୟସ୍ଥାନ ଏବଂ ଲକ୍ଷ୍ୟ କିନ୍ତୁ ତାଙ୍କ ମନରୁ କେବେ ହଟି ନ ଥିଲା। ନିଜେ ସ୍ୱଚ୍ଛଳ ହେବା ପରେ ଏବେ ଗରିବ ମେଧାବୀଙ୍କ ଡାକ୍ତର ହେବାର ସ୍ୱପ୍ନକୁ ପୂରଣ କରିବା ଲାଗି ସେ ଆରମ୍ଭ କରିଛନ୍ତି ଜିନ୍ଦେଗୀ ଫାଉଣ୍ଡେଶନ। ଏହି ଅନୁଷ୍ଠାନ ଦ୍ୱାରା ଯେଉଁ ଆର୍ଥିକ ଦୁର୍ବଳ ବର୍ଗର ମେଧାବୀ ଛାତ୍ରୀଛାତ୍ର ମେଡିକାଲ ପ୍ରସ୍ତୁତି ଲାଗି ଅର୍ଥର ବାଧକ ସାମ୍ନା କରୁଛନ୍ତି ତାଙ୍କୁ ମାଗଣାରେ ରହିବା ଖାଇବା ବ୍ୟବସ୍ଥା କରିବା ସହ ପ୍ରସ୍ତୁତିରେ ସହଯୋଗ କରୁଛନ୍ତି। ସେ ହେଉଛନ୍ତି ଅଜୟ ବାହାଦୁର ସିଂ। ୧୯୭୨ରେ ଝାଡଖଣ୍ଡର ଦେଓଘର ବୈଦ୍ୟନାଥଧାମ ସହରରେ ଜନ୍ମିତ ଅଜୟ ବାହାଦୁର ଭୁବନେଶ୍ୱରକୁ ତାଙ୍କର କର୍ମଭୂମି ଭାବେ ବାଛି ନେଇଛନ୍ତି। ଏଠାରେ ସେ ଏବେ ଆକାଶ ଭୁବନେଶ୍ୱରର ସେଣ୍ଟରର ନିର୍ଦ୍ଦେଶକ ଥିବା ବେଳେ ଆଦ୍ୟାନ୍ତ ଉଚ୍ଚ ମାଧମିକ ସ୍କୁଲର ଅଧକ୍ଷ ଭାବେ କାର୍ଯ୍ୟ କରୁଛନ୍ତି।

ଧରିତ୍ରୀ ସହ ବାର୍ତ୍ତାଳାପ ଅବସରରେ ସେ ପୁରୁଣା ଦିନକୁ ମନେ ପକାଇ କହିଛନ୍ତି, ମୁଁ ଡାକ୍ତର ନ ହେଲି କ'ଣ ହେଲା ଆଜି ଗରିବ ମେଧାବୀଙ୍କୁ ଡାକ୍ତର କରିବା ଦିଗରେ ଯୋଗଦାନ ରଖୁଛି। ଚଳିତ ବର୍ଷ ଜିନ୍ଦେଗୀ ଫାଉଣ୍ଡେଶନରେ କୋଚିଂ ନେଉଥିବା ୧୪ରୁ ୧୪ ଛାତ୍ରୀଛାତ୍ର ମେଡିକାଲ ପ୍ରବେଶିକାରେ ସଫଳ ହୋଇଛନ୍ତି। ୨୦୧୮ରେ ଫାଉଣ୍ଡେଶନର ମୋଟ ୨୦ ଛାତ୍ରୀଛାତ୍ରଙ୍କ ମଧରୁ ୧୮ ସଫଳ ହେବା ସହ ୧୨ ଜଣ ସରକାରୀ ମେଡିକାଲ କଲେଜରେ ପଢିବାର ସୁଯୋଗ ପାଇଥିଲେ। ଏହି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଅବସରରେ ସେ ଖୁସି ବ୍ୟକ୍ତ କରି କହିଛନ୍ତି, ମେଧାବୀ ଛାତ୍ରୀଛାତ୍ର ଆଗକୁ ବଢିବା ଦିଗରେ ଅର୍ଥ ଯେଭଳି ବାଧକ ନ ସାଜୁ ତାକୁ ବିଚାର କରି ଜିନ୍ଦେଗୀ ଫାଉଣ୍ଡେଶନ ଗଠନ ହୋଇଛି। ଛାତ୍ରୀଛାତ୍ରଙ୍କ ମେଡିକାଲ କୋଚିଂ, ରହିବା, ଖାଦ୍ୟ ଏବଂ ପାଠ୍ୟପୁସ୍ତକ ପ୍ରଦାନ କରିବା ସହ ପ୍ରସ୍ତୁତିରେ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି। ୨୦୦୭ରେ ସେ ଆରମ୍ଭ କରିଥିବା ଆଦ୍ୟାନ୍ତ ଉଚ୍ଚ ମାଧମିକ ବିଦ୍ୟାଳୟରେ ଦୁର୍ବଳ ଛାତ୍ରୀଛାତ୍ରଙ୍କ ଲାଗି ଆଟମ-୫୦ ନାମରେ ମାଗଣା ଶିକ୍ଷା, ରହିବା ବ୍ୟବସ୍ଥା କରିଛନ୍ତି। ବିହାରରେ ସୁପର-୩୦ର ପ୍ରତିଷ୍ଠାତା ଆନନ୍ଦ କୁମାରଙ୍କ ସହ ଭେଟ ହେବା ପରେ ଏହି ଧାରାକୁ ନୂଆ ଦିଶା ମିଳିଥିବା ସେ କହିଛନ୍ତି।

**CHIKITI MAHAVIDYALAYA, CHIKITI, GANJAM**
**SHORT QUOTATION CALL NOTICE**
No.: 763/CM Date: 07.06.2019
Chikiti Mahavidyalaya invites quotation from reputed authorized dealers for procurement of Interactive Board with Projector, Computer (Laptop), Copier Machine, Computer (all in one) with Touch Screen, AC 2 ton, Distemper and paint materials (Dulux/Asian), Plumbing and Sanitary Materials, Sports materials and Electrical goods etc. as per details with specification and terms & conditions available in the website: **www.cmvedu.in**. The quotation shall be submitted by Registered/Speed Post in person to Chikiti Mahavidyalaya. Last date of submission of quotation document is 17th June 2019 (2.00 P.M.) and Quotation will be opened at 3.00 P.M. on the same day.
Sd./- Principal, Chikiti Mahavidyalaya, Chikiti

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଜୁନାଗଡ଼**
ପତ୍ର ସଂ.: ୧୭୩୭ ତା୦୭।୦୬।୨୦୧୯
**ବିଜ୍ଞାପନ**
ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକର ଠିକା ପାଇଁ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତିମାନେ ଆସନ୍ତା ତା୧୮।୦୬।୨୦୧୯ରିଖ ଅପରାହ୍ନ ଘ୧.୦୦ଘଣ୍ଟା ପର୍ଯ୍ୟନ୍ତ ନିର୍ଦ୍ଧାରିତ ଅମାନତ ରାଶିର ବ୍ୟାଙ୍କ ଡ୍ରାଫ୍ଟ ସହ ଟେଣ୍ଡର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବାକ୍ସରେ ଦାଖଲ କରିପାରିବେ। ଯେଉଁମାନଙ୍କ ଉପରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଯେକୌଣସି ଦେୟ ବକେୟା ଥିଲେ ସେମାନେ ଟେଣ୍ଡର ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେ ନାହିଁ। ଠିକା ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବା ବ୍ୟକ୍ତିଙ୍କ ନାମରେ ସାବ୍ୟସ୍ତ କରାଯିବ। ଠିକା ସାବ୍ୟସ୍ତର ୩ଦିନ ମଧରେ ସମୁଦାୟ ଠିକା ମୂଲ୍ୟର ଶତକଡ଼ା ୫୦ଭାଗ ଅର୍ଥ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଜମା ଦେବାକୁ ପଡ଼ିବ। ନଚେତ୍ ସାବ୍ୟସ୍ତ କରାଯାଇଥିବା ଠିକା ବାତିଲ କରାଯାଇ ସାନିଟେଣ୍ଡର କରାଯିବ। ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଟେଣ୍ଡରକୁ ବିଚାରକୁ ନିଆଯିବ ନାହିଁ। ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷ ଯେକୌଣସି ସମୟରେ ବିନା କାରଣରେ ଟେଣ୍ଡର ପ୍ରକ୍ରିୟାକୁ ରଦ୍ଦ କରିପାରିବେ। ଏହା ବିଜ୍ଞାପିତ ଅଞ୍ଚଳ ପରିଷଦର ନିଜସ୍ୱ ଓ୍ୱେବସାଇଟ୍ **www.junagarhnac.in**ରେ ମଧ ଉପଲବ୍ଧ ଅଟେ।

| କ୍ରମିକ ନଂ. | ସମ୍ପତ୍ତି ଗୁଡ଼ିକର ନାମ | ଠିକା ଅବଧି | ଅମାନତ ଟଙ୍କା | ସର୍ବନିମ୍ନ ଠିକା ମୂଲ୍ୟ |
|---|---|---|---|---|
| ୧. | ଶିବ ସାଗର ବନ୍ଧ | ୨୦୧୯-୨୦ ଠାରୁ ୨୦୨୧-୨୨ (୩ବର୍ଷ) (ଜୁନ୍ ୨୦୨୨ ପର୍ଯ୍ୟନ୍ତ) | ଟ.୩୦,୦୦୦/- | ଟ.୬,୬୦,୦୦୦.୦୦ |
| ୨. | ପୌର ବ୍ୟାୟାମଶାଳା | ୨୦୧୯-୨୦ ରୁ ୨୦୨୧-୨୨ | ଟ.୧୦,୦୦୦/- | ଟ.୯୦,୦୦୦.୦୦ |

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଜୁନାଗଡ଼

# ଅଷ୍ଟ୍ରେଲିଆକୁ ହରାଇଲା ଭାରତ

**ଲଣ୍ଡନ, ୯।୬**

ଆଇସିସି ବିଶ୍ୱକପର ରବିବାର ଅନୁଷ୍ଠିତ ହାଇ ଭୋଲ୍ଟେଜ୍ ମ୍ୟାଚରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ୩୬ ରନରେ ପରାସ୍ତ କରିଛି ଟିମ୍ ଇଣ୍ଡିଆ। ଭାରତ ବିଜୟର ହିରୋ ସାଜିଛନ୍ତି ଶତକ ହାସଲକାରୀ ଶିଖର ଧାୱନ। ଧାୱନଙ୍କ ଶତକ, ଅଧିନାୟକ ବିରାଟ କୋହଲିଙ୍କ ଲଢୁଆ ବ୍ୟାଟିଂ ଓ ରୋହିତ ଶର୍ମାଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୫୨ ରନ କରିଥିଲା। ଜବାବରେ ଡେଭିଡ ୱାର୍ନର, ଷ୍ଟିଭେନ ସ୍ମିଥ ଓ ଆଲେକ୍ସ କାରେଙ୍କ ଅର୍ଦ୍ଧଶତକ ସହାୟତାରେ ଲଢ଼େଇ କରିଥିବା ଅଷ୍ଟ୍ରେଲିଆ ୫୦ ଓଭରରେ ୩୧୬ ରନ କରି ଅଲଆଉଟ ହୋଇ ଯାଇଥିଲା। ଚଳିତ ବିଶ୍ୱକପରେ କ୍ରମାଗତ ଦ୍ୱିତୀୟ ବିଜୟ ପରେ ଅଷ୍ଟ୍ରେଲିଆର ଏହା ପ୍ରଥମ ପରାଜୟ। ନିଜର ପ୍ରଥମ ୨ ମ୍ୟାଚରେ ଏହି ଦଳ ଆଫଗାନିସ୍ତାନକୁ ୭ ଉଇକେଟରେ ଓ ୱେଷ୍ଟଇଣ୍ଡିଜକୁ ୧୫ ରନରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଚଳିତ ଟୁର୍ନାମେଣ୍ଟରେ ଭାରତର ଏହା କ୍ରମାଗତ ଦ୍ୱିତୀୟ ବିଜୟ। ପ୍ରଥମ ମ୍ୟାଚରେ କୋହଲିଙ୍କ ଦଳ ଦକ୍ଷିଣ ଆଫ୍ରିକାକୁ ୬ ଉଇକେଟରେ ହରାଇଥିଲା।

୩୫୩ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆ ଓପନିଂ ଯୋଡ଼ିରେ ୬୧ ରନ ସଂଗ୍ରହ ପରେ ଅଧିନାୟକ ଆରନ ଫିଞ୍ଚଙ୍କ ଉଇକେଟ ହରାଇଥିଲା। ହାଇ ସ୍କୋରିଂ ମ୍ୟାଚରେ ଆତ୍ମବିଶ୍ୱାସର ସହ ବ୍ୟାଟିଂ ଆରମ୍ଭ କରିଥିବା ଫିଞ୍ଚ୍ ୩୫ ବଲ୍‌ରୁ ୩୬(୩ ଚୌକା, ୧ ଛକା) ରନ କରିଥିବାବେଳେ ଦୁର୍ଭାଗ୍ୟଜନକଭାବେ ରନଆଉଟ ହୋଇ ଯାଇଥିଲେ। ଡେଭିଡ ୱାର୍ନରଙ୍କ ସହ ଷ୍ଟିଭେନ ସ୍ମିଥ କ୍ରିଜ୍‌ରେ ଯୋଗଦେବାପରେ ଅଷ୍ଟ୍ରେଲିଆ ଯୋଜନାବଦ୍ଧଭାବେ ଆଗକୁ ବଢ଼ିଥିଲା। ଦ୍ୱିତୀୟ ଉଇକେଟ ଭାଗୀଦାରିରେ ୭୨ ରନ ଯୋଗପରେ ଆଉଟ ହୋଇଥିଲେ ୱାର୍ନର। ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱାଭାବିକ ଆକ୍ରମଣାତ୍ମକ ବ୍ୟାଟିଂ ନ କରି ୱାର୍ନର ଏଠାରେ ୮୪ ବଲ୍‌ରୁ ୫ ଚୌକା ସହାୟତାରେ ୫୬ ରନ ସ୍କୋର କରିଥିଲେ। ଷ୍ଟିଭେନ୍ ସ୍ମିଥ ଓ ଉସମାନ ଖ୍ୱାଜାଙ୍କ ଯୋଡ଼ି ମଧ୍ୟ ବେଶ୍ ଜମିଥିଲା। ଦୁହେଁ ଦ୍ରୁତ ହାରରେ ରନ ସଂଗ୍ରହ କରି ନ ଥିଲେ ହେଁ ରଣନୀତି ଅନୁସାରେ ସ୍କୋରକୁ ଆଗେଇ ନେଇଥିଲେ। ବିଜୟ ପାଇଁ ଆବଶ୍ୟକ ରନ ହାର କ୍ରମେ ବଢ଼ି ଚାଲିଥିବାବେଳେ ଯଶପ୍ରୀତ୍ ବୁମ୍‌ରାଙ୍କ ଏକ ବଲ୍‌କୁ ଭିନ୍ନ ଢଙ୍ଗରେ ଉଇକେଟ କିପର ମହେନ୍ଦ୍ର ସିଂ ଧୋନୀଙ୍କ ମୁଣ୍ଡ ଉପରେ ମାରିବା ଚକ୍କରରେ କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ ଖ୍ୱାଜା। ସେ ୩୯ ବଲ୍‌ରୁ ୪ ଚୌକା ଓ ୧ ଛକା ସହ ୪୨ ରନ ସ୍କୋର କରିଥିଲେ। ସ୍ମିଥ ଓ ଖ୍ୱାଜାଙ୍କ ୩ୟ ଉଇକେଟ ଯୋଡ଼ିରୁ ୬୯ ରନ ସଂଗୃହୀତ ହୋଇଥିଲା। ୫ମ ବ୍ୟାଟ୍ସମ୍ୟାନଭାବେ କ୍ରିଜ୍‌କୁ ଆସିଥିବା ଗ୍ଲେନ ମ୍ୟାକ୍ସୱେଲ ଦ୍ରୁତ ହାରରେ ରନ ସଂଗ୍ରହ କରିଥିଲେ। ତେବେ ୪୦ତମ ଓଭରର ଦ୍ୱିତୀୟ ବଲ୍‌ରେ ସ୍ମିଥଙ୍କ ପ୍ରାଇଜ୍ ଉଇକେଟ ହାସଲ କରି ଭୁବନେଶ୍ୱର କୁମାର ଭାରତର ବିଜୟ ସମ୍ଭାବନାକୁ ଦୃଢ଼ୀଭୂତ କରିଥିଲେ। ଅମ୍ପାୟର ପ୍ରଥମେ ଏଲବିଡବ୍ଲ୍ୟୁ ଦେଇ ନ ଥିଲେ ହେଁ ବିରାଟ କୋହଲି ରିଭ୍ୟୁ ମାଗିବାପରେ ରିପ୍ଲେରେ ବଲ୍ ସିଧା ଷ୍ଟମ୍ପ୍‌କୁ ହିଟ୍ କରୁଥିବା ପରିଲକ୍ଷିତ ହୋଇଥିଲା। ଫଳରେ ଅମ୍ପାୟର ନିଜ ନିଷ୍ପତ୍ତି ପରିବର୍ତ୍ତନ କରି ସ୍ମିଥଙ୍କୁ ଆଉଟ ଦେଇଥିଲେ। ୭୦ ବଲ୍ ଖେଳିଥିବା ସ୍ମିଥ ୫ ଚୌକା ଓ ୧ ଛକା ସହ ୬୯ ରନ ସ୍କୋର କରିଥିଲେ। ଗୋଟିଏ ବଲ୍ ବ୍ୟବଧାନରେ ମାର୍କୁସ ଷ୍ଟୋଇନ୍ସ ଭୁବନେଶ୍ୱରଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହେବାସହ ଅଷ୍ଟ୍ରେଲିଆ କ୍ରମେ ପରାଜୟ ମୁହାଁ ହୋଇଥିଲା। ଚାପ ପରିସ୍ଥିତିରେ ମ୍ୟାକ୍ସୱେଲ ୨୮ରନ୍(୧୪ ବଲ, ୫ ଚୌକା) କରି ଆଉଟ ହୋଇ ଯାଇଥିଲେ। ଶେଷଭାଗରେ ଆଲେକ୍ସ କାରେ କେତୋଟି ଦର୍ଶନୀୟ ଶଟ୍ ଖେଳିଥିଲେ ହେଁ ତାହା ଅଷ୍ଟ୍ରେଲିଆ ବିଜୟ ପାଇଁ ପର୍ଯ୍ୟାପ୍ତ ନ ଥିଲା। ସେ ୩୫ ବଲ୍ ଖେଳି ୫ ଚୌକା ଓ ୧ ଛକା ସହାୟତାରେ ୫୫ ରନକରି ଅପରାଜିତ ରହିଥିଲେ। ବ୍ୟାଟିଂ ସମୟରେ ଅଙ୍ଗୁଳିରେ ଆଘାତ ପାଇଥିବାରୁ ଶିଖର ଧାୱନ ଫିଲ୍ଡିଂ କରି ନ ଥିଲେ। ତାଙ୍କ ସ୍ଥାନରେ ରବୀନ୍ଦ୍ର ଜାଡେଜା ଫିଲ୍ଡିଂ କରିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ଓ ଭୁବନେଶ୍ୱର କୁମାର ୩ଟି ଲେଖାଏ ଏବଂ ୟୁଜବେନ୍ଦ୍ର ଚହଲ ୨ଟି ଉଇକେଟ ନେଇଥିଲେ।

କେନିଂଟନ ଓଭାଲ ପିଚ୍‌ର ପ୍ରକୃତିକୁ ଦେଖି ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି। ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରିଥିଲେ ଦୁଇ ଓପନର ରୋହିତ ଶର୍ମା ଓ ଶିଖର ଧାୱନ। ବ୍ୟାଟିଂ ଫ୍ରେଣ୍ଡଲୀ ପିଚ୍‌ରେ ଦୁହେଁ ଅଷ୍ଟ୍ରେଲୀୟ ବୋଲରଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରି ଶତକୀୟ ଭାଗୀଦାରି ଗଢ଼ିଥିଲେ। ୨୩ତମ ଓଭରର ୩ୟ ବଲ୍‌ରେ ଯାଇ ଅଷ୍ଟ୍ରେଲିଆକୁ ବ୍ରେକ୍ ଥ୍ରୁ ମିଳିଥିଲା। ୨୨.୩ ଓଭରରେ ରୋହିତ ଶର୍ମାଙ୍କୁ ଆଲେକ୍ସ କୋରେଙ୍କ ହାତରେ କ୍ୟାଚ୍ କରାଇ ଦଳକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ନାଥାନ କୁଲ୍ଟର-ନାଇଲ। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ଶତକ ହାସଲ କରିଥିବା ରୋହିତ ଏଠାରେ ମଧ୍ୟ ଭଲ ଆରମ୍ଭ କରି ୭୦ ବଲ୍‌ରୁ ୩ ଚୌକା ଓ ୧ ଛକା ସହାୟତାରେ ୫୭ ରନ୍ ସ୍କୋର କରିଥିଲେ। ବିରାଟ କ୍ରିଜ୍‌ରେ ଯୋଗଦେବା ପରେ ଦଳୀୟ ସ୍କୋରକୁ ଆଗକୁ ବଢ଼ାଇଥିଲେ। ପିଚ୍‌ରୁ ବୋଲରଙ୍କୁ ବିଶେଷ ସହାୟତା ମିଳି ନ ଥିଲା। ଏଥିରୁ ଭାରତୀୟ ବ୍ୟାଟ୍ସମ୍ୟାନମାନେ ପୂରା ଫାଇଦା ଉଠାଇଥିବାବେଳେ କ୍ୟାରିୟରର ୧୭ତମ ଶତକ ହାସଲ କରିଥିଲେ ଧାୱନ। ୯୫ ବଲ୍‌ରୁ ୧୦୦ ରନ୍ ପୂରଣ କରିଥିବା ଏହି ବାମହାତୀ ବ୍ୟାଟ୍ସମ୍ୟାନ ୧୦୯ ବଲ୍‌ରୁ ୧୬ ଚୌକା ସହାୟତାରେ ୧୧୭ ରନ୍ କରି ମିଚେଲ ଷ୍ଟାର୍କଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଧାୱନ ଓ କୋହଲିଙ୍କ ଦ୍ୱିତୀୟ ଉଇକେଟ ଯୋଡ଼ିରେ ୯୩ ରନ୍ ସଂଗୃହୀତ ହୋଇଥିଲା। ୪ ନମ୍ବର ବ୍ୟାଟ୍ସମ୍ୟାନ ଭାବେ ପଡ଼ିଆକୁ ଓହ୍ଲାଇଥିବା ହାର୍ଦ୍ଦିକ ପାଣ୍ଡ୍ୟା ଦ୍ରୁତହାରରେ ରନ୍ ସଂଗ୍ରହ କରିଥିଲେ। ସେ ୨୭ଟି ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ୩ ଛକା ସହାୟତାରେ ୪୮ ରନ୍ କରି ଆଉଟ ହେବାବେଳକୁ କୋହଲିଙ୍କ ସହ ୪ର୍ଥ ଉଇକେଟ ଭାଗୀଦାରିରେ ୮୧ ରନ୍ ଯୋଗକରିଥିଲେ। ଶେଷ ଓଭରରେ ଆଉଟ୍ ହୋଇଥିଲେ ମହେନ୍ଦ୍ର ସିଂ ଧୋନୀ ଓ ବିରାଟ। ଦ୍ରୁତହାରରେ ରନ୍ ସଂଗ୍ରହ ଚକ୍କରରେ ଧୋନୀ ୧୪ ବଲ୍‌ରୁ ୨୭(୩ ଚୌକା, ୧ ଛକା) ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ସେହିପରି ବିରାଟ ୭୭ଟି ବଲ୍ ଖେଳି ୪ ଚୌକା ଓ ୨ ଛକା ସହାୟତାରେ ୮୨ ରନ କରିଥିବାବେଳେ ମାର୍କୁସ ଷ୍ଟୋଇନ୍ସଙ୍କ ବଲ୍‌କୁ ପଏଣ୍ଟ ଉପରେ ମାରିବାକୁ ଯାଇ ପ୍ୟାଟ୍ କୁମିନ୍ସଙ୍କ ହାତରେ ଧରାପଡ଼ିଥିଲେ। ଇନିଂସ୍‌ର ଅନ୍ତିମ ବଲ୍‌କୁ ଚୌକାରେ ପରିଣତ କରି ଲୋକେଶ ରାହୁଲ ଭାରତର ସ୍କୋରକୁ ୩୫୦ ଅତିକ୍ରମ କରାଇଥିଲେ। ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୫୨ ରନ୍ ସ୍କୋର କରିଥିଲା। ଶେଷ ୧୦ ଓଭରରେ ଭାରତ ୧୧୬ ରନ୍ ସଂଗ୍ରହ କରିଥିଲା। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ଷ୍ଟୋଇନ୍ସ ୨ଟି ଏବଂ କୁମିନ୍ସ, ଷ୍ଟାର୍କ ଓ ନାଥାନ କୁଲ୍ଟର-ନାଇଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଉଇକେଟ୍ ହାସଲ ପରେ ଭୁବନେଶ୍ୱର କୁମାରଙ୍କୁ ବିରାଟ କୋହଲିଙ୍କ ବଧେଇ।

## ସ୍କୋର ବୋର୍ଡ

**ଭାରତ ଇନିଂସ**

ରୋହିତ-କ-କାରେ-ବୋ-କୁଲ୍ଟର ନାଇଲ-୫୭
ଧାୱନ-କ-ଲିୟନ (ବଦଳ)-ବୋ-ଷ୍ଟାର୍କ-୧୧୭
କୋହଲି-କ-କୁମିନ୍ସ-ବୋ-ଷ୍ଟୋଇନିସ-୮୨
ପାଣ୍ଡ୍ୟା-କ-ଫିଞ୍ଚ୍-ବୋ-କୁମିନ୍ସ-୪୮
ଧୋନୀ-କ ଆଣ୍ଡ୍ ବୋ-ଷ୍ଟୋଇନିସ-୨୭
ଲୋକେଶ-ନଟଆଉଟ-୧୧
କେଦାର-ନଟଆଉଟ-୦
ଅତିରିକ୍ତ-୧୦
ମୋଟ- (୫୦ ଓଭର, ୫ ଉଇକେଟ) ୩୫୨।
ଉଇକେଟ ପତନ: ୧/୧୨୭, ୨/୨୨୦, ୩/୩୦୧, ୪/୩୩୮, ୫/୩୪୮।
ବୋଲିଂ (ଅଷ୍ଟ୍ରେଲିଆ)
ପ୍ୟାଟ କୁମିନ୍ସ ୧୦-୦-୫୫-୧
ମିଚେଲ ଷ୍ଟାର୍କ ୧୦-୦-୭୪-୧
କୁଲ୍ଟର ନାଇଲ ୧୦-୧-୬୩-୧
ଗ୍ଲେନ ମାକ୍ସୱେଲ ୭-୦-୪୫-୦
ଆଡାମ ଜାମ୍ପା ୬-୦-୫୦-୦
ମାର୍କସ ଷ୍ଟୋଇନିସ ୭-୦-୬୨-୨।

**ଅଷ୍ଟ୍ରେଲିଆ ଇନିଂସ**

ୱାର୍ନର-କ-ଭୁବନେଶ୍ୱର-ବୋ-ଚହଲ-୫୬
ଫିଞ୍ଚ୍ -ରନଆଉଟ (କେଦାର/ହାର୍ଦ୍ଦିକ)-୩୬
ସ୍ମିଥ୍ -ଏଲବିଡବ୍ଲ୍ୟୁ-ଭୁବନେଶ୍ୱର-୬୯
ଖ୍ୱାଜା-ବୋ-ବୁମ୍‌ରା-୪୨
ମାକ୍ସୱେଲ-କ-ଜାଡେଜା(ବଦଳ)-ବୋ-ଚହଲ-୨୮
ଷ୍ଟୋଇନିସ୍ -ବୋ-ଭୁବନେଶ୍ୱର-୦
କାରେ-ନଟଆଉଟ-୫୫
କୁଲ୍ଟର ନାଇଲ-କ-କୋହଲି-ବୋ-ବୁମ୍‌ରା-୪
କୁମିନ୍ସ-କ-ଧୋନୀ-ବୋ-ବୁମ୍‌ରା-୮
ଷ୍ଟାର୍କ-ରନଆଉଟ-୩
ଜାମ୍ପା-କ-ଜାଡେଜା-ବୋ-ଭୁବନେଶ୍ୱର-୧
ଅତିରିକ୍ତ-୧୪
ମୋଟ (୫୦ଓଭର, ଅଲଆଉଟ ) ୩୧୬।
ଉଇକେଟ ପତନ: ୧/୬୧, ୨/୧୩୩, ୩/୨୦୨, ୪/୨୩୮, ୫/୨୩୮, ୬/୨୪୪, ୭/୨୮୩, ୮/୩୦୦, ୯/୩୧୩, ୧୦/୩୧୬।
ବୋଲିଂ (ଭାରତ)
ଭୁବନେଶ୍ୱର କୁମାର ୧୦-୦-୫୦-୩
ଯଶପ୍ରୀତ ବୁମ୍‌ରା ୧୦-୧-୬୧-୩
ହାର୍ଦ୍ଦିକ ପାଣ୍ଡ୍ୟା ୧୦-୦-୬୮-୦
କୁଲଦୀପ ଯାଦବ ୯-୦-୫୫-୦
ୟୁଜବେନ୍ଦ୍ର ଚହଲ ୧୦-୦-୬୨-୨
କେଦାର ଯାଦବ ୧-୦-୧୪-୦

**ଧାୱନ ମ୍ୟାନ୍ ଅଫ୍ ଦି ମ୍ୟାଚ**

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ନ୍ୟୁଜିଲାଣ୍ଡ | ୩ | ୩ | ୦ | ୦ | ୦ | ୬ | +୨.୧୬୩ |
| ଇଂଲଣ୍ଡ | ୩ | ୨ | ୧ | ୦ | ୦ | ୪ | +୧.୩୦୭ |
| ଭାରତ | ୨ | ୨ | ୦ | ୦ | ୦ | ୪ | +୦.୫୩୯ |
| ଅଷ୍ଟ୍ରେଲିଆ | ୩ | ୨ | ୧ | ୦ | ୦ | ୪ | +୦.୪୮୩ |
| ଶ୍ରୀଲଙ୍କା | ୩ | ୧ | ୧ | ୦ | ୧ | ୩ | -୧.୫୧୭ |
| ପାକିସ୍ତାନ | ୩ | ୧ | ୧ | ୦ | ୧ | ୩ | -୨.୪୧୨ |
| ୱେଷ୍ଟଇଣ୍ଡିଜ | ୨ | ୧ | ୧ | ୦ | ୦ | ୨ | +୨.୦୫୪ |
| ବାଂଲାଦେଶ | ୩ | ୧ | ୨ | ୦ | ୦ | ୨ | -୦.୭୧୪ |
| ଦକ୍ଷିଣ ଆଫ୍ରିକା | ୩ | ୦ | ୩ | ୦ | ୦ | ୦ | -୦.୯୫୨ |
| ଆଫଗାନିସ୍ତାନ | ୩ | ୦ | ୩ | ୦ | ୦ | ୦ | -୧.୪୯୩ |

**ଆଜିର ମ୍ୟାଚ୍**

ଦକ୍ଷିଣ ଆଫ୍ରିକା
ବନାମ
ୱେଷ୍ଟଇଣ୍ଡିଜ

ସ୍ଥାନ: ସାଉଥାମ୍ପଟନ
ସମୟ: ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଖେଳାଳି, ଅଫିସିଆଲ, ଅମ୍ପାୟରଙ୍କ ଲାଗି ଡେବିଟ୍ କାର୍ଡ

**ଲଣ୍ଡନ,୯।୬(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌କୁ ଦୁର୍ନୀତିମୁକ୍ତ କରିବା ଲାଗି ଇସିବି (ଇଂଲଣ୍ଡ ଆଣ୍ଡ୍ ୱେଲ୍ସ କ୍ରିକେଟ ବୋର୍ଡ) ପକ୍ଷରୁ ସମସ୍ତ ଖେଳାଳି, ଅଫିସିଆଲ, ଅମ୍ପାୟର ଏବଂ ମ୍ୟାଚ ରେଫରିମାନଙ୍କୁ ସ୍ୱତନ୍ତ୍ର ଡେବିଟ୍ କାର୍ଡ ଇସୁ କରାଯାଇଛି। ଟୁର୍ନାମେଣ୍ଟ ବେଳେ ଯଥାସମ୍ଭବ ଅର୍ଥ କାରବାରକୁ ଏଡାଇ ଡେବିଟ୍ କାର୍ଡର ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଛି। ମିଡିଆ ରିପୋର୍ଟ ଅନୁସାରେ, ଇସିବି ଜୁନ୍ ୬ରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଶେଷ ପର୍ଯ୍ୟନ୍ତ ଖେଳାଳିମାନଙ୍କୁ ସମସ୍ତ ପ୍ରକାର ପାଉଣା/ଭତ୍ତା ନଗଦ ଅର୍ଥ ଅବା ଚେକ୍ ଆକାରରେ ନ ଦେଇ ଡେବିଟ୍ କାର୍ଡରେ ଜମା କରିଛି। କାର୍ଡଟିର ବୈଧତା ଅଗଷ୍ଟ ପର୍ଯ୍ୟନ୍ତ ରହିବ। ଡେବିଟ୍ କାର୍ଡଟିକୁ ଶପିଂ, ପେମେଣ୍ଟ ଏବଂ ରେଷ୍ଟୋରାଁରେ ବ୍ୟବହାର କରାଯାଇପାରିବ। ଏପର୍ଯ୍ୟନ୍ତ ଆୟୋଜକ ଦେଶ ଖେଳାଳି ଏବଂ ଟିମ୍ ଅଫିସିଆଲମାନଙ୍କୁ ସେମାନଙ୍କ ଦୈନିକ ଭତ୍ତା ଏବଂ ଅନ୍ୟାନ୍ୟ ପେମେଣ୍ଟ ବାବଦ ଅର୍ଥକୁ ଟିମ୍ ମ୍ୟାନେଜରଙ୍କ ଜରିଆରେ ବାଣ୍ଟି ଆସୁଥିଲା। ଇଭେଣ୍ଟକୁ ଦୁର୍ନୀତିମୁକ୍ତ କରିବା ସହ ଖେଳାଳିମାନଙ୍କୁ ଅନିଚ୍ଛାକୃତ ବାହ୍ୟ ପ୍ରଲୋଭନରୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଲ' ଏନ୍‌ଫୋର୍ସିଂ ଏଜେନ୍ସିଗୁଡ଼ିକର ସହଯୋଗରେ କିଛି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି ବୋଲି ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) କହିଛି। ରିପୋର୍ଟରେ କୁହାଯାଇଛି, ଡେବିଟ୍ କାର୍ଡର ବ୍ୟବହାର ଦ୍ୱାରା ଟୁର୍ନାମେଣ୍ଟ ବେଳେ ଆଇସିସିର ଦୁର୍ନୀତି ନିରୋଧୀ ଗୋଇନ୍ଦାମାନେ ଖେଳାଳି, ଟିମ୍ ଏବଂ ମ୍ୟାଚ ଅଫିସିଆଲଙ୍କ ଆର୍ଥିକ କାରବାର ଉପରେ ନଜର ରଖିପାରିବେ। ଆଇସିସିର ସ୍ୱୀକୃତିପ୍ରାପ୍ତ କ୍ରିକେଟ ବୋର୍ଡଗୁଡ଼ିକ ଏହି ଉଦ୍ୟମ ପ୍ରତି ସମର୍ଥନ ଜଣାଇଛନ୍ତି।

# ଆଇସିସି ନିର୍ଦ୍ଦେଶକୁ ମାନିଲେ ଧୋନୀ


ଅଷ୍ଟ୍ରେଲିଆ ମ୍ୟାଚ ଅବସରରେ ମହେନ୍ଦ୍ର ସିଂ ଧୋନୀ ।

**ଲଣ୍ଡନ, ୯।୬ (ପି.ଟି.)**

ଭାରତର ଭେଟେରାନ ଉଇକେଟକିପର ମହେନ୍ଦ୍ର ସିଂ ଧୋନୀ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ନିର୍ଦ୍ଦେଶକୁ ମାନିଛନ୍ତି। ରବିବାର ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱକପ୍ ମ୍ୟାଚରେ ସେ ବ୍ୟବହାର କରିଥିବା ତାଙ୍କ ସବୁଜ ରଙ୍ଗର କିପିଂ ଗ୍ଲୋଭ୍ସରୁ ବିବାଦୀୟ ଚିହ୍ନଟିକୁ ହଟାଇ ଦେଇଛନ୍ତି, ଯାହାକୁ ନେଇ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

ଧୋନୀଙ୍କ ଗ୍ଲୋଭ୍ସରେ ସ୍ଥାନ ପାଇଥିବା ଚିହ୍ନ ବଳିଦାନ ଅବା ଆର୍ମିରେ କୌଣସି ଏକ ପଦବୀର ପ୍ରତୀକ ସଦୃଶ ବୋଲି କୁହାଯାଉଛି। ଏହି ଗ୍ଲୋଭ୍ସଟିକୁ ସେ ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ମ୍ୟାଚରେ ବ୍ୟବହାର କରିଥିଲେ। ଆଇସିସି ଏହି ପ୍ରସଙ୍ଗରେ ବିସିସିଆଇ ନିକଟକୁ ଚିଠି ଲେଖିଥିଲା। ଧୋନୀ ଆଇସିସିର କ୍ରୀଡ଼ା ସାମଗ୍ରୀ ନିୟମ ଉଲ୍ଲଂଘନ କରିଛନ୍ତି। ଗ୍ଲୋଭ୍ସରୁ ବିବାଦୀୟ ଚିହ୍ନକୁ ହଟାଇବା ଲାଗି ତାଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଆଇସିସି କହିଥିଲା। ଧୋନୀ ରବିବାର ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ତାଙ୍କ ସବୁଜ ରଙ୍ଗ ଗ୍ଲୋଭ୍ସ ବ୍ୟବହାର କରିଥିଲେ, ମାତ୍ର ସେଥିରେ ଉଭୟ ଏସଜି ଲୋଗୋ କିମ୍ବା ବିବାଦୀୟ ଚିହ୍ନଟିକୁ ଦେଖିବାକୁ ମିଳି ନ ଥିଲା। ଏହାଦ୍ୱାରା ଧୋନୀ ବିସିସିଆଇକୁ ଏକ ଅପ୍ରୀତିକର ପରିସ୍ଥିତିରୁ ବଞ୍ଚାଇ ଦେଇପାରିଛନ୍ତି। ଧୋନୀ ରବିବାର ମ୍ୟାଚରେ ସମାନ ଗ୍ଲୋଭ୍ସ ବ୍ୟବହାର କରିଛନ୍ତି କି ନୂଆ ଗ୍ଲୋଭ୍ସ ବ୍ୟବହାର କରିଛନ୍ତି ତାହା ଜଣାପଡ଼ିନାହିଁ।

# ଦକ୍ଷିଣ ଆଫ୍ରିକା ଦୃଢ଼ ପ୍ରତ୍ୟାବର୍ତ୍ତନ କରିବ

**ଜ୍ୟାକ୍ କାଲିସ୍**

ଦକ୍ଷିଣ ଆଫ୍ରିକାର ପ୍ରଦର୍ଶନ ନେଇ ସମସ୍ତେ ନିରାଶ ଥିବେ। ସତ କଥା କହିବାକୁ ଗଲେ ଏହା ଠିକ୍ ଓ ବୋଧଗମ୍ୟ ମଧ୍ୟ। ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ତା'ର ପ୍ରଥମ ୩ଟି ମ୍ୟାଚ୍‌ରେ ଆଶାଠାରୁ କମ୍ ପ୍ରଦର୍ଶନ କରିଛି। କେବଳ ସେତିକି ନୁହଁ ଦକ୍ଷିଣ ଆଫ୍ରିକା ପ୍ରତ୍ୟାବର୍ତ୍ତନ କରିବାର ଆଶା ମଧ୍ୟ କମ୍। ଏହା ଦଳର ପ୍ରଦର୍ଶନରୁ ନୁହଁ, ଖେଳାଳିଙ୍କ ହାବଭାବରୁ ସ୍ପଷ୍ଟଭାବେ ପ୍ରତୀୟମାନ ହେଉଛି। କିନ୍ତୁ ମୁଁ ଦକ୍ଷିଣ ଆଫ୍ରିକ ଦଳ ସହ ପ୍ରତ୍ୟକ୍ଷଭାବେ ପାଖାପାଖି ଦେଢ ଦଶନ୍ଧି ଧରି ଜଡିତ ରହିଆସିଛି ଓ ଏହି ଦଳ ପୁରା ଢଙ୍ଗରେ ଦମ୍‌ଦାର ପ୍ରଦ୍ୟାବର୍ତ୍ତନ କରିବ ବୋଲି ଭଲଭାବେ ଜାଣିଛି। ବିଶ୍ୱବ୍ୟାପୀ କ୍ରିକେଟ ପ୍ରଶଂସକ ଦକ୍ଷିଣ ଆଫ୍ରିକା ଉପରୁ ଆଶା ଛାଡିଛନ୍ତି। ଦୁର୍ଭାଗ୍ୟଜନକ ଭାବେ ଦକ୍ଷିଣ ଆଫ୍ରିକାର କେତେକ ସମର୍ଥକ ଦଳର ପ୍ରତ୍ୟାବର୍ତ୍ତନ କରିବ ସେ ଆଶା ଛାଡିଦେଇଛନ୍ତି। ତେବେ ଫାଫ୍ ଡୁପ୍ଲେସିଙ୍କ ଦଳ ଦୃଢ ପ୍ରତ୍ୟାବର୍ତ୍ତନ କରିବ ବୋଲି ମୁଁ ଜୋର ଦେଇ କହୁଛି। ପୂର୍ବରୁ ମଧ୍ୟ ଦକ୍ଷିଣ ଆଫ୍ରିକା ଏଭଳି ପରିସ୍ଥିତିରେ ନିଜର ଦକ୍ଷତା ପ୍ରମାଣିତ କରିଛି। ପୁଣିଥରେ ଦକ୍ଷିଣ ଆଫ୍ରିକା ନିଜର ଶକ୍ତି ତଥା ସାମର୍ଥ୍ୟ ପ୍ରମାଣ କରିବ ବୋଲି ଆଶା ରଖିଛି।

ଦକ୍ଷିଣ ଆଫ୍ରିକା ଏବେ ସେମିଫାଇନାଲରେ ପହଞ୍ଚିବ ବୋଲି କହୁନାହିଁ। ତେବେ ସେମିକୁ ଉଠିବାର ସମ୍ଭାବନାକୁ ମଧ୍ୟ ଏଡାଇ ଦେଉନାହିଁ। ତେବେ ଯଦି ଦକ୍ଷିଣ ଆଫ୍ରିକା ଖୁବ୍‌ଶୀଘ୍ର ପ୍ରତ୍ୟାବର୍ତ୍ତନ ନ କରି ଜିତିବା ଆରମ୍ଭ ନ କରେ ତାହେଲେ ଆଶ୍ଚର୍ଯ୍ୟ ହେବି।

ଇତିମଧ୍ୟରେ କେତେକ ଦଳ ବେଶ୍ ଦୃଢ ତଥା ଶକ୍ତିଶାଳୀ ମନେ ହେଉଛନ୍ତି। ବିଶ୍ୱକପ୍ ଆରମ୍ଭରୁ ବେଶ୍ ଆକର୍ଷଣୀୟ ହୋଇପାରିଛି। ସାରା ବ୍ରିଟେନରେ ପ୍ରଥମ ୧୦ ଦିନ ଭ୍ରମଣ କରିଛି। ବ୍ରିଟେନ ଜନସଂଖ୍ୟାର କସ୍‌ମୋପଲିଟାନ ଆଚରଣ ବିଶ୍ୱକପ୍ ପାଇଁ ଅତି ଉଚ୍ଚକୋଟୀର ଦର୍ଶକ ସୃଷ୍ଟି କରିପାରିଛି। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ସବୁ ୧୦ଟି ଦେଶର ପ୍ରଶଂସକ ବ୍ରିଟେନରେ ଏକାଠି ହୋଇଛନ୍ତି। ଏହି ପ୍ରଶଂସକମାନେ ବେଶ୍ ଉତ୍ସାହି ଓ ଜ୍ଞାନୀ ସ୍ୱଭାବର। ତେବେ ଅନ୍ୟ ଦେଶମାନଙ୍କଠାରୁ ଭାରତର ପ୍ରଶଂସକ ଅଧିକ ବୋଲି କେହି ଭୁଲିବା ଉଚିତ୍ ନୁହଁ। ଏପରି ଆୟୋଜକ ତଥା ଘରୋଇ ଇଂଲଣ୍ଡଠାରୁ ଭାରତର ପ୍ରଶଂସକ ବିଶ୍ୱକପ୍‌ରେ ଅଧିକ ବୋଲି ମୁଁ ଦେଖିପାରୁଛି। ଓଭାଲରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରୁ ଏହା ସ୍ପଷ୍ଟ ହୋଇଛି। ଷ୍ଟାଡିୟମରେ ୨୫ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ନୀଳ ଶାର୍ଟ ପିନ୍ଧିଥିଲେ। ଅର୍ଥାତ୍ ଷ୍ଟାଡିୟମରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଦର୍ଶକ ଭାରତକୁ ସମର୍ଥନ କରୁଥିଲେ। ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ତାରକା ଓପନର ରୋହିତ ଶର୍ମା ଯେପରି ବ୍ୟାଟିଂ କଲେ ତାହା ପ୍ରଶଂସନୀୟ। ଧୈର୍ଯ୍ୟର ସହ ବ୍ୟାଟିଂ କରି ସେ ଉପଯୋଗୀ ଶତକ ହାସଲ କରିଥିଲେ ଓ ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ବିଜୟ ସହ ଭାରତ ୨ ପଏଣ୍ଟ ମଧ୍ୟ ହାସଲ କରିଥିଲା। ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ୍ ଭଳି ଅଷ୍ଟ୍ରେଲିଆ ମଧ୍ୟ ଶକ୍ତିଶାଳୀ ମନେହେଉଛି। ପାକିସ୍ତାନକୁ ଆଦୌ ହେୟ ମନେ କରିହେବ ନାହିଁ କିମ୍ବା ଅଣଦେଖା କରିହେବ ନାହିଁ। ଇଂଲଣ୍ଡ ଓ ଭାରତ ଫେଭରାଇଟ୍ ବୋଲି ଟୁର୍ନାମେଣ୍ଟ ଆରମ୍ଭରୁ କହିଛି।

(ଗେମ୍ ପ୍ଲାନ୍/ ଟିଭାକ୍ ସ୍ପୋର୍ଟ୍ସ)








## ସଂକ୍ଷେପରେ

### ଫିଡେ ରେଟିଂ ଚେସ୍: ସତ୍ୟଜିତ ଆଗୁଆ

**କଟକ ଅଫିସ,୯।୬:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ୱିଜଡମ ଠାରେ ଟ୍ରିପଲ ସି ଚେସ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଫିଡ଼େ ରେଟିଂ(୧୬୦୦ରୁ କମ୍) ଚେସ୍‌ରେ ରବିବାର ୬ ରାଉଣ୍ଡ ଖେଳ ଶେଷ ହୋଇଛି । ଏଥିରେ ପଶ୍ଚିମବଙ୍ଗର ସତ୍ୟଜିତ ସରକାର ୬ ପଏଣ୍ଟ ପାଇ ଅଗ୍ରଣୀ ରହିଛନ୍ତି । କେ.ଆର ପ୍ରସଥ ଓ ଧ୍ରୁମନ ମିତ୍ର ସମାନ ପଏଣ୍ଟ ପାଇ ଯଥାକ୍ରମେ ଦ୍ୱିତୀୟ ଓ ୩ୟ ସ୍ଥାନରେ ଅଛନ୍ତି। ଓଡ଼ିଶାର ପି.ସାଇରୂପା ୫.୫ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ଅଛନ୍ତି । ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହେବ ।

### ଫୁଟବଲ ଖେଳାଳି ଲଜରୁସଙ୍କ ପରଲୋକ



**କଟକ ଅଫିସ,୯।୬:** ପୂର୍ବତନ ଜାତୀୟ ଫୁଟବଲ ଖେଳାଳି ଲଜରୁସ ଲାକ୍ରାଙ୍କର ଗତ ଶୁକ୍ରବାର ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୪୫ବର୍ଷ ବୟସ ହୋଇଥିଲା। ରାଧାଗୋବିନ୍ଦ କ୍ଲବ ଓ ଯୋବ୍ରା ଦୁର୍ଗା କ୍ଲବ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଲଜରୁସ ରାଜ୍ୟ ଦଳ ପକ୍ଷରୁ ସନ୍ତୋଷ ଟ୍ରଫିରେ ମଧ ଭାଗ ନେଇଛନ୍ତି । ସେ ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ ଚାକିରୀ କରୁଥିଲେ । ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ସଞ୍ଜୟ ବେହେରା ଲଜରୁସଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ।

### ହରିୟାଣାର ବୃହତ ବିଜୟ

**କଟକ ଅଫିସ,୯।୬:** ଅଲ ଇଣ୍ଡିଆ ଫୁଟବଲ ଫେଡେରେଶେନ(ଏଆଇଏଫ୍‌ଏଫ) ଆନୁକୂଲ୍ୟରେ କଟକରେ ଚାଲିଥିବା ସବ୍‌ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ହରିୟାଣା ୨୨ ଗୋଲ ବ୍ୟବଧାନରେ ତ୍ରିପୁରାକୁ ପରାସ୍ତ କରିଛି । ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ହରିୟାଣା ଫରୱାର୍ଡ ପୁଷ୍ପା ଦେବୀ ସର୍ବାଧିକ ୯ଟି ଗୋଲ ସ୍କୋର କରିଥିଲେ ।

# ରୁଷିଆର ଦ୍ୱିତୀୟ ବିଜୟ

**ଭୁବନେଶ୍ୱର, ୯।୬(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ରୁଷିଆ ୩-୨ ଗୋଲରେ ପୋଲାଣ୍ଡକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚରୁ ୬ ପଏଣ୍ଟ ସହିତ ରୁଷିଆ ପୁଲ୍'ଏ'ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ଗ୍ରୁପରେ ଭାରତ ୨ ମ୍ୟାଚରୁ ୬ ପଏଣ୍ଟ ପାଇଥିବାରୁ ଶୀର୍ଷସ୍ଥାନ ବଜାୟ ରଖିଛି। ସୋମବାର ଭାରତ ଏହାର ଅନ୍ତିମ ଲିଗ୍ ମ୍ୟାଚରେ ୪୩ତମ ର୍‍ୟାଙ୍କ୍‌ପ୍ରାପ୍ତ ଉଜ୍‌ବେକିସ୍ତାନକୁ ଭେଟିବ। ଏହି ମ୍ୟାଚରେ ଉଜ୍‌ବେକିସ୍ତାନ ଯଦି ସେମିତି ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି ନ କରେ ତେବେ ଭାରତ ସେମିଫାଇନାଲରେ ପ୍ରବେଶ କରିବ। ଏ କ୍ଷେତ୍ରରେ ରୁଷିଆ ଓ ପୋଲାଣ୍ଡ କ୍ରସ୍‌ଓଭର ମ୍ୟାଚ ଖେଳିବେ। ପରିସଂଖ୍ୟାନ ଦୃଷ୍ଟିରୁ ଭାରତର ସେମିଫାଇନାଲ ପ୍ରବେଶ ଏକପ୍ରକାର ନିଶ୍ଚିତ ହୋଇଛି। କାରଣ ୬ ପଏଣ୍ଟ ପାଇଥିବା ଭାରତର ଗୋଲ ବ୍ୟବଧାନ +୧୨ ରହିଛି। ଅନ୍ୟପକ୍ଷରେ ରୁଷିଆର ଗୋଲ ବ୍ୟବଧାନ +୨ ରହିଛି। ତେଣୁ ଶେଷ ଲିଗ୍ ମ୍ୟାଚରେ ଉଜ୍‌ବେକିସ୍ତାନଠାରୁ କମ୍ ଗୋଲ ବ୍ୟବଧାନରେ ହାରିଲେ ମଧ ଭାରତ ସେମିଫାଇନାଲରେ ପ୍ରବେଶ କରିବାରେ କୌଣସି ଅସୁବିଧା ହେବନାହିଁ।

ରୁଷିଆ-ପୋଲାଣ୍ଡ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଫଳସ୍ୱରୂପ ପ୍ରଥମ କ୍ୱାର୍ଟର ଖେଳ ଗୋଲଶୂନ୍ୟ ରହିଥିଲା। ଉଭୟ ଦଳ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ତାହାକୁ ଗୋଲରେ କନ୍‌ଭର୍ଟ କରିପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ମ୍ୟାଚର ୧୭ତମ ମିନିଟରେ ପାଭେଲ ଗୋଲୁବେଭ୍ ଏକ ଫିଲ୍ଡ ଗୋଲ ଦେଇ ରୁଷିଆକୁ ଅଗ୍ରଣୀ କରାଇଥିଲେ। ଏହି କ୍ୱାର୍ଟର ଶେଷ ହେବା ପାଇଁ ମାତ୍ର ୨ ମିନିଟ ଥିବାବେଳେ ୨୮ତମ ମିନିଟରେ ପୋଲାଣ୍ଡର ମାଟେଉଜ୍ ହୁଲ୍‌ବୋଜ୍ ଗୋଲଟି ପରିଶୋଧ କରିଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ୧-୧ ସ୍ଥିତିରେ ରହିଥିଲା। ତୃତୀୟ କ୍ୱାର୍ଟରରେ ଅଗ୍ରଣୀ ନେବା ପାଇଁ ମୁକାବିଲା ଜୋରଦାର ହୋଇଥିଲା। ଏହି କ୍ୱାର୍ଟର ଶେଷ ହେବା ପାଇଁ ଅଳ୍ପକିଛି ସେକେଣ୍ଡ ଥିବାବେଳେ ରୁଷିଆ ଖେଳାଳିଙ୍କ ବିପଜ୍ଜନକ ଖେଳ ପାଇଁ ପୋଲାଣ୍ଡକୁ ପେନାଲ୍ଟି ଷ୍ଟ୍ରୋକ୍ ଅଫର ଦିଆ ଯାଇଥିଲା। ଅଧିନାୟକ ପାୱେଲ ବ୍ରାଟ୍‌କୋୱସ୍କି ଏହାକୁ ଗୋଲରେ ପରିଣତ କରି ପୋଲାଣ୍ଡକୁ ଅଗ୍ରଣୀ କରାଇଥିଲେ। ଅନ୍ତିମ କ୍ୱାର୍ଟର ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ରୁଷିଆ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା। ୫୬ ମିନିଟ ପର୍ଯ୍ୟନ୍ତ ଅଗ୍ରଣୀ ରହିଥିବାରୁ ପୋଲାଣ୍ଡ ବିଜୟୀ ହେବା ଆଶା କରାଯାଉଥିଲା। ମାତ୍ର ରୁଷିଆ ସହଜରେ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା। ଶେଷ ପର୍ଯ୍ୟାୟରେ ଦଳ ବଲ୍‌କୁ ପୋଲାଣ୍ଡ ଡି ଏରିଆ ମଧ୍ୟରେ ରଖି ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି ପାଇଁ ଉଦ୍ୟମ କରିଥିଲା। ୫୭ତମ ମିନିଟରେ ଦଳକୁ ପେନାଲ୍ଟି କର୍ନର ମିଳିଥିଲା। ସେମେନ ମାଟ୍‌କୋଭସ୍କି ଏହାକୁ ଗୋଲରେ ପରିଣତ କରିବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ଏହାର ୨ ମିନିଟ ପରେ ଅର୍ଥାତ୍ ୫୯ତମ ମିନିଟରେ ଦଳକୁ ମିଳିଥିବା ଆଉ ଏକ ପେନାଲ୍ଟି କର୍ନରକୁ ପାଭେଲ ଗୋଲରେ ପରିଣତ କରି ରୁଷିଆକୁ ବିଜୟୀ କରାଇଥିଲେ। ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ପାଇଁ ପୋଲାଣ୍ଡ ହାତରେ ଆଉ ପର୍ଯ୍ୟାପ୍ତ ସମୟ ନ ଥିଲା। ଚଳିତ ମ୍ୟାଚରେ ପାଭେଲଙ୍କର ଏହାଥିଲା ଦ୍ୱିତୀୟ ଗୋଲ। କ୍ରୀଡ଼ା ସଚିବ ବିଶାଳ ଦେବ ଅତିଥିଭାବେ ଯୋଗଦେଇ ରୁଷିଆର ଡବଲ ଗୋଲ ସ୍କୋରର ପାଭେଲ ଗୋଲୁବେଭ୍‌ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।



ପୋଲାଣ୍ଡ ଓ ରୁଷିଆ ମଧ୍ୟରେ ରବିବାର ଖେଳାଯାଇଥିବା ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ ।



ପରାଜୟ ଗ୍ଲାନିରେ ମ୍ରିୟମାଣ ପୋଲାଣ୍ଡ ଖେଳାଳି।




ମୁଖ୍ୟ ଅତିଥି ବିଶାଳ ଦେବ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି ।

### ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ଡ୍ର | ହାରିଛି | ଗୋଲ ସ୍କୋର | ଗୋଲ ବରଣ | ବ୍ୟବଧାନ | ପଏଣ୍ଟ |
|---|---|---|---|---|---|---|---|---|
| **ପୁଲ୍-ଏ** | | | | | | | | |
| ଭାରତ | ୨ | ୨ | ୦ | ୦ | ୧୩ | ୧ | +୧୨ | ୬ |
| ରୁଷିଆ | ୩ | ୨ | ୦ | ୧ | ୧୫ | ୧୩ | +୨ | ୬ |
| ପୋଲାଣ୍ଡ | ୩ | ୧ | ୦ | ୨ | ୭ | ୬ | +୧ | ୩ |
| ଉଜ୍‌ବେକିସ୍ତାନ | ୨ | ୦ | ୦ | ୨ | ୧ | ୧୬ | -୧୫ | ୦ |
| **ପୁଲ୍'ବି'** | | | | | | | | |
| ଆମେରିକା | ୨ | ୨ | ୦ | ୦ | ୧୧ | ୦ | +୧୧ | ୬ |
| ଜାପାନ | ୨ | ୨ | ୦ | ୦ | ୫ | ୧ | +୪ | ୬ |
| ଦକ୍ଷିଣ ଆଫ୍ରିକା | ୨ | ୦ | ୦ | ୨ | ୧ | ୧୨ | -୧୧ | ୦ |
| ମେକ୍ସିକୋ | ୨ | ୦ | ୦ | ୨ | ୧ | ୧୨ | -୧୧ | ୦ |

### ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ

**ଆଜିର ମ୍ୟାଚ**

- ଆମେରିକା ବନାମ ଜାପାନ
  ସକାଳ ୮ଟା ୪୫
- ଦକ୍ଷିଣ ଆଫ୍ରିକା ବନାମ ମେକ୍ସିକୋ
  ଅପରାହ୍ନ ୫ଟା
- ଭାରତ ବନାମ ଉଜ୍‌ବେକିସ୍ତାନ
  ରାତି ୭ଟା

# ସେମିଫାଇନାଲ ଲକ୍ଷ୍ୟରେ ଭାରତ

**ଭୁବନେଶ୍ୱର,୯।୬(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ସିରିଜ ଫାଇନାଲ୍ସରେ ଫେଭରାଇଟ୍ ବିବେଚିତ ହେଉଥିବା ଆୟୋଜକ ଭାରତ ସୋମବାର ତା'ର ଅନ୍ତିମ ପୁଲ୍ ମ୍ୟାଚ୍‌ରେ ଅପେକ୍ଷାକୃତ ଦୁର୍ବଳ ଉଜ୍‌ବେକିସ୍ତାନକୁ ଭେଟିବ। ଏହି ମ୍ୟାଚ୍‌ରେ ବିଜୟୀ ହୋଇ ଭାରତ ସେମିଫାଇନାଲକୁ ଉଠିବା ଲକ୍ଷ୍ୟରେ ରହିଛି।

ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ରୁଷିଆକୁ ୧୦-୦ ଗୋଲରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିଲା। ଏହାପରେ ଦ୍ୱିତୀୟ ମ୍ୟାଚ୍‌ରେ ବିଶ୍ୱର ୫ ନମ୍ବର ଦଳ ଭାରତ ୩-୧ ଗୋଲରେ ୨୧ ନମ୍ବର ଦଳ ପୋଲାଣ୍ଡକୁ ପରାସ୍ତ କରିଥିଲା। ଏହି ଦୁଇଟି ବିଜୟ ସହ ଭାରତ ସର୍ବାଧିକ ପଏଣ୍ଟ ପାଇ ପୁଲ୍ ଏ'ର ଶୀର୍ଷ ସ୍ଥାନରେ ରହିଛି। ତେଣୁ ଉନ୍ନତ ଗୋଲ ବ୍ୟବଧାନ ସହିତ ଭାରତ ସ୍ୱତଃ ସେମିଫାଇନାଲକୁ ଉଠିବ ବୋଲି କୁହାଯାଇପାରେ। ତେବେ ଏଫ୍‌ଆଇଏଚ୍ ବିଶ୍ୱ ର‍୍ୟାଙ୍କିଙ୍ଗ୍‌ରେ ୪୩ ନମ୍ବର ସ୍ଥାନରେ ରହିଥିବା ଉଜ୍‌ବେକିସ୍ତାନକୁ ଆଦୌ ହାଲ୍‌କା ଭାବେ ଭାରତ ନେବ ନାହିଁ। ଆସନ୍ତା ଅକ୍ଟୋବର-ନଭେମ୍ବରରେ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ଅଲିମ୍ପିକ୍ସ କ୍ୱାଲିଫାୟରରେ ସ୍ଥାନ ପାଇବାକୁ ହେଲେ ଭାରତକୁ ସବୁ ମ୍ୟାଚ୍‌ରେ ବିଜୟୀ ହେବା ଆବଶ୍ୟକ।

ଦୁଇ ଦଳ ମଧ୍ୟରେ ସେତେଟା ପାର୍ଥକ୍ୟ ନାହିଁ। ତେଣୁ ର‍୍ୟାଙ୍କିଙ୍ଗ ସେତେଟା ଗୁରୁତ୍ୱ ବହନ କରୁନାହିଁ। ଦଳଗୁଡିକୁ ଠିକ୍ ଢଙ୍ଗରେ ସଜାଇ ରଖିବା ପାଇଁ ଏଫ୍‌ଆଇଏଚ୍ ର‍୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଲାଗୁ କରିଛି ବୋଲି ଭାରତୀୟ କୋଚ୍ ଗ୍ରାହମ ରିଡ କହିଛନ୍ତି। ରୁଷିଆ ବିପକ୍ଷରେ ଭାରତ ଦମ୍‌ଦାର ପ୍ରଦର୍ଶନ କରିଥିଲେ ମଧ ପୋଲାଣ୍ଡ ବିପକ୍ଷରେ ଚମକହୀନ ବିଜୟ ହାସଲ କରିଥିଲା। ଫଳରେ ଭାରତର ପ୍ରଦର୍ଶନରେ ସ୍ଥିରତା ନ ଥିବା ଏକପ୍ରକାର ସ୍ପଷ୍ଟ ହୋଇଛି। ତେଣୁ ଭାରତ ପ୍ରଦର୍ଶନରେ ସ୍ଥିରତା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ପୋଲାଣ୍ଡ ବିପକ୍ଷରେ ଭାରତ ଏକାଧିକ ଗୋଲ ସୁଯୋଗ ସୃଷ୍ଟି କରିଥିଲେ ମଧ ଫରୱାର୍ଡ- ଲାଇନ୍ ଫିନିଶ କରିବାରେ ବିଫଳ ହୋଇଥିଲା। ଫଳରେ ଭାରତ ବାଜି ମାରିଥିଲେ ମଧ ବଡ଼ ବ୍ୟବଧାନରେ ବିଜୟୀ ହୋଇପାରି ନ ଥିଲା। ତେଣୁ ପ୍ରଦର୍ଶନରେ ସ୍ଥିରତା ଆଣିବା ମୋର ମୁଖ୍ୟ ଲକ୍ଷ୍ୟ ବୋଲି ରିଡ କହିଛନ୍ତି।

ଶ୍ରେଷ୍ଠ ସ୍ତରରେ କିପରି ଖେଳିବାକୁ ହୁଏ ତାହା ଅବଶ୍ୟ ଶିକ୍ଷା କରିବା ଆବଶ୍ୟକ। ପୁଣି ବିଜୟୀ ହେବା ସହ ଏହିଧାରାକୁ ବଜାୟ ରଖିବା ମଧ ଜାଣିବା ଆବଶ୍ୟକ ହୋଇଥାଏ। କାରଣ ସବୁ ଟୁର୍ନାମେଣ୍ଟର ଫାଇନାଲରେ ଆମେ ଅଷ୍ଟ୍ରେଲିଆକୁ ହିଁ ଭେଟିବୁ ଓ ଏହା ଆମର ମଧ ଲକ୍ଷ୍ୟ ବୋଲି ରିଡ କହିଛନ୍ତି। ପ୍ରତିପକ୍ଷ ଦଳ ଶ୍ରେଷ୍ଠ ହୋଇ ନ ଥିଲେ ମଧ ଭାରତ ହାଲ୍‌କା ଭାବେ ପ୍ରଦର୍ଶନ କରିବ ନାହିଁ। ଗତ ଦୁଇଟି ମ୍ୟାଚ୍‌ରେ ରିଡ ଦୁଇ ଗୋଲକିପର ପି.ଆର. ଶ୍ରୀଜେଶ୍ ଓ କ୍ରିଷନ ବାହାଦୁର ପାଠକଙ୍କୁ ୪ଟି କ୍ୱାର୍ଟରରେ ଅଦଳବଦଳ କରି ଖେଳାଇଛନ୍ତି। ଫଳରେ ଦୁଇ ଗୋଲକିପରଙ୍କୁ ଖେଳିବାର ଅଧିକ ସୁଯୋଗ ମିଳିଛି। ତେବେ ଦୁଇଜଣ ଏପର୍ଯ୍ୟନ୍ତ ପ୍ରକୃତ ପରୀକ୍ଷାର ସମ୍ମୁଖୀନ ହୋଇପାରିନାହାନ୍ତି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଅଧିନାୟକ ମନପ୍ରୀତ ସିଂ ଓ ନୀଳକାନ୍ତ ଶର୍ମା ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ମିଡଫିଲ୍ଡ ଦାୟିତ୍ୱରେ ରହିବା ସହ ଏମାନେ ଗୋଲ ସ୍କୋର କରିବାକୁ ସକ୍ଷମ ହୋଇଛନ୍ତି। ତେବେ ଭାରତୀୟ ଷ୍ଟ୍ରାଇକରମାନେ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ଏ ନେଇ କୋଚ୍ ରିଡ୍ ନିଶ୍ଚିତ ଭାବେ ଚିନ୍ତିତ ଥିବେ। ତେଣୁ ଆକାଶଦୀପ ସିଂ, ମନଦୀପ ସିଂ ଓ ଦୀର୍ଘଦିନରେ ଫିଟ୍ ହୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ରମନଦୀପ ସିଂଙ୍କୁ ଅଧିକ ଦାୟିତ୍ୱର ସହ ଖେଳିବାକୁ ହେବ। ତେଣୁ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବାକୁ ହେଲେ ଖେଳାଳିମାନଙ୍କୁ ଅଧିକ ଦାୟିତ୍ୱର ସହ ପ୍ରଦର୍ଶନ କରିବାକୁ ହେବ।

ଟୁର୍ନାମେଣ୍ଟର ନିୟମ ଅନୁସାରେ ପ୍ରତ୍ୟେକ ପୁଲ୍‌ର ଦୁଇଟି ଶ୍ରେଷ୍ଠ ଦଳ ସେମିଫାଇନାଲକୁ ସିଧାସଳଖ ପ୍ରବେଶ କରିବେ। ତେବେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିବାକୁ ଥିବା ଦଳଗୁଡିକୁ ସେମିଫାଇନାଲରେ ସ୍ଥାନ ହାସଲ କରିବାକୁ ହେଲେ କ୍ରସ୍- ଓଭର ମ୍ୟାଚ୍ ଖେଳିବାକୁ ହେବ। ସୋମବାର ଖେଳାଯିବାକୁ ଥିବା ଅନ୍ୟ ମ୍ୟାଚ୍‌ଗୁଡିକରେ ଆମେରିକା ଏସିଆନ ଚାମ୍ପିୟନ ଜାପାନକୁ ପୁଲ୍ ବି'ରେ ଭେଟିବେ।

# ଭୁବନେଶ୍ୱରରେ ହୋଇପାରେ ୨୦୩୨ ଅଲିମ୍ପିକ୍ସ

**ବେଙ୍ଗାଲୁରୁ,୯।୬**

୨୦୩୨ ଅଲିମ୍ପିକ୍ସ ଆୟୋଜନ କରିବାକୁ ଭାରତ ଅତ୍ୟନ୍ତ ଆଗ୍ରହୀ ବୋଲି ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ (ଆଇଓଏ) ଅଧ୍ୟକ୍ଷ ନରିନ୍ଦର ବାତ୍ରା କହିଛନ୍ତି। କେବଳ ମୁମ୍ବାଇ ଓ ନୂଆଦିଲ୍ଲୀ ନୁହଁ ବେଙ୍ଗାଲୁରୁରେ ମଧ ଏହି ମେଗା ଇଭେଣ୍ଟ ଆୟୋଜନ ହୋଇପାରେ। ଅନ୍ତର୍ଜାତୀୟ ବିମାନବନ୍ଦର ଥିବାରୁ ବେଙ୍ଗାଲୁରୁ ଆୟୋଜନ ଦୌଡ଼ରେ ସାମିଲ ହୋଇପାରେ। ଏପରି କି ଭୁବନେଶ୍ୱର ମଧ ଏହି ଦୌଡ଼ରେ ସାମିଲ ହୋଇପାରେ ବୋଲି ବାତ୍ରା କହିଛନ୍ତି। ଭୁବନେଶ୍ୱରକୁ ଦେଶର ସ୍ପୋର୍ଟ୍ସ କ୍ୟାପିଟାଲ ବା କ୍ରୀଡ଼ା ରାଜଧାନୀ କୁହାଯାଉଥିବାରୁ ଏପରି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ଏ ନେଇ ଅନ୍ତିମ ନିଷ୍ପତ୍ତି ପରେ ନିଆଯିବ। ମୁମ୍ବାଇ ଓ ନୂଆଦିଲ୍ଲୀକୁ ଦୃଷ୍ଟିରେ ରଖି ଆଇଓଏ ଏହି ବିଡ୍ ଦାଖଲ କରିବାକୁ ନିଷ୍ପତ୍ତି ନେଇଛନ୍ତି କି ବୋଲି ପ୍ରଶ୍ନ ହେବାରୁ ବାତ୍ରା ଏହି କଥା କହିଛନ୍ତି।

୨୦୨୬ ଯୁବ ଅଲିମ୍ପିକ୍ସ ଆୟୋଜନ କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ୨୦୨୧ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓଏ) କଂଗ୍ରେସକୁ ଭାରତ ଆୟୋଜନ କରିବାକୁ ଆମେ ଦାବି କରିଛୁ। ପୁଣି ୨୦୩୦ ଏସିଆନ ଗେମ୍ସ ଆୟୋଜନ କରିବାକୁ ଆମେ ଇଚ୍ଛା ପ୍ରକାଶ କରିଛୁ। ଏହା ହୋଇପାରିଲେ ଆଗୁଆ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ ହୋଇପାରିବ ବୋଲି ବାତ୍ରା କହିଛନ୍ତି। ଏହାର ଠିକ୍ ଦୁଇ ବର୍ଷ ପରେ ଅଲିମ୍ପିକ୍ସ ଆୟୋଜନ ହେବ। ଏଠାରେ ଏଫ୍‌ଆଇବିଏ ଏସିଆ କପ୍ ବାସ୍କେଟବଲ ୨୦୨୧ କ୍ୱାଲିଫାୟର୍ସର ଏକ ଉତ୍ସବରେ ଯୋଗଦେଇ ବାତ୍ରା ଏହି କଥା କହିଛନ୍ତି। ଆଇଓଏ ସମ୍ପାଦକ ରାଜୀବ ମେହେଟା ମଧ ସମାନ କଥା କହିଛନ୍ତି। ଆୟୋଜନ ଦୌଡରେ ମୁମ୍ବାଇ, ଦିଲ୍ଲୀ ଆଗରେ ରହିଛନ୍ତି। ତେବେ ବେଙ୍ଗାଲୁରୁ ଓ ଭୁବନେଶ୍ୱର ଭଳି ସହରକୁ ମଧ ବିଚାରକୁ ନେବୁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଥାଉ କି, ଗତ ଡିସେମ୍ବରରେ ୨୦୩୨ ଅଲିମ୍ପିକ୍ସ ଆୟୋଜନ କରିବାକୁ ଆଇଓଏ ଔପଚାରିକ ଭାବେ ଇଚ୍ଛା ଜାହିର କରିଥିଲା ଓ ଏ ସଂକ୍ରାନ୍ତରେ ଆଇଓସିକୁ ଅବଗତ କରାଇଥିଲା। ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତର ପ୍ରସ୍ତୁତି ଭଲଭାବେ ଚାଲିଛି ଓ ଭାରତର ପଦକ ସଂଖ୍ୟା ଦୁଇଅଙ୍କରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରହିଛି । ୨୦୩୨ ଅଲିମ୍ପିକ୍ସ ବିଡ୍ ଦାଖଲ କରିବାକୁ ହେଲେ ଆମକୁ ୨୦୨୪ ଅଲିମ୍ପିକ୍ସରେ ୨୫ ଓ ୨୦୨୮ ଅଲିମ୍ପିକ୍ସରେ ୩୫-୪୦ ପଦକ ହାସଲ କରିବାକୁ ହେବ ବୋଲି ବାତ୍ରା କହିଛନ୍ତି।



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ ।

# ରବୀନ୍ଦ୍ର ଓଝା ଚାମ୍ପିୟନ

**ଭୁବନେଶ୍ୱର, ୯।୬ (କ୍ରୀଡ଼ା ପ୍ରତିନିଧି)**

ଖୋର୍ଦ୍ଧା ଜିଲା ଚେସ୍ କ୍ଲବ ଓ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଶେଷ ହୋଇଥିବା ୪ର୍ଥ ରାଜ୍ୟ ଓପନ ର‍୍ୟାପିଡ୍ ଚେସ୍‌ରେ ରବୀନ୍ଦ୍ର ଓଝା ଚାମ୍ପିୟନ ହୋଇଛନ୍ତି। ତାପଙ୍ଗସ୍ଥିତ କବିରାଜ ଚିନ୍ତାମଣୀ ବିଦ୍ୟାପୀଠରେ ଆୟୋଜିତ ୬ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ କଟକର ରବୀନ୍ଦ୍ର ପୂରା ୬ ପଏଣ୍ଟ ପାଇ ଟାଇଟଲ ହାସଲ କରିଛନ୍ତି। ଭୁବନେଶ୍ୱରର ସୌମ୍ୟରଞ୍ଜନ ମିଶ୍ର ୫ ଓ ମାନସରଞ୍ଜନ ପରିଡ଼ା ୪.୫ ପଏଣ୍ଟ ସହିତ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ୧୫ ଜଣଙ୍କୁ ମୁଖ୍ୟ ପୁରସ୍କାର ସମେତ ୬ ସ୍କୁଲ ପିଲା ଏବଂ ୯ ଖେଳାଳିଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧାଜିଲା ଚେସ୍ କ୍ଲବ ସମ୍ପାଦକ ୟୁସୁଫ କଳାପାହାଡ଼, ଗେମ୍ସ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଜୁନ୍ ୧୦/୨୦୧୯ Bhubaneswar, Monday, June 10/2019

# ନାଡାଲଙ୍କୁ ରେକର୍ଡ ଟାଇଟଲ

ପ୍ୟାରିସ୍,୯।୬(ଏଏଫ୍‌ପି)

କ୍ଲେ କୋର୍ଟର ରାଜା ସ୍ପେନ୍ ତାରକା ରାଫାଲ ନାଡାଲ ଇତିହାସ ସୃଷ୍ଟି କରିଛନ୍ତି। ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ୍ ଓପନ୍‌ରେ ଏଥର ସେ ଚାମ୍ପିୟନ ହୋଇଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ନାଡ଼ାଲ ୬-୩, ୫-୭, ୬-୧, ୬-୧ ସେଟରେ ଅଷ୍ଟ୍ରିଆର ଡୋମିନିକ୍ ଥିମ୍‌ଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ଏଥିସହିତ ସେ ରେକର୍ଡ ୧୨ଥର ପାଇଁ ଫ୍ରେଞ୍ଚ୍ ଓପନ୍ ଚାମ୍ପିୟନ ହେବାସହ ଐତିହାସିକ ସଫଳତା ପାଇଛନ୍ତି। ଏହି କ୍ରମରେ ସେ କ୍ୟାରିୟରର ୧୮ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ଗୌରବ ଅର୍ଜନ କରିଛନ୍ତି।

୩୩ ବର୍ଷୀୟ ନାଡ଼ାଲ ପ୍ରଥମ ପୁରୁଷ କିମ୍ବା ମହିଳା ଖେଳାଳିଭାବେ ଗୋଟିଏ ସମାନ ଗ୍ରାଣ୍ଡସ୍ଲାମ ୧୨ଥର ପାଇଁ ଜିତି ବିରଳ ସଫଳତା ପାଇଛନ୍ତି। ଆଉ ଦୁଇଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ହାସଲ କଲେ ନାଡ଼ାଲ ସର୍ବିୟାର ନୋଭାକ ଜୋକୋଭିଚ୍‌ଙ୍କ ୨୦ଟି ମେଜର ଟାଇଟଲ ହାସଲ ରେକର୍ଡର ସମକକ୍ଷ ହେବେ। ଜୋକୋଭିଚ୍‌ଙ୍କୁ ଏଥର ଥିମ୍ ସେମିଫାଇନାଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ।



ଚାମ୍ପିୟନ ହେବା ପରେ ଟ୍ରଫି ସହ ଖୁସି ମନାଉଛନ୍ତି ରାଫାଲ ନାଡାଲ ।

## ଫ୍ରେଞ୍ଚ୍ ଓପନ୍ ଟେନିସ୍

ପୁଣି ନାଡ଼ାଲ ଫ୍ରେଞ୍ଚ୍ ଓପନ୍‌ରେ ରେକର୍ଡ ୯୩ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ମାତ୍ର ୨ଟି ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି। ପୂର୍ବରୁ ନାଡ଼ାଲ ୨୦୦୫ରୁ ୨୦୦୮ , ୨୦୧୦ରୁ ୨୦୧୪, ୨୦୧୭ ଓ ୨୦୧୮ରେ ଫ୍ରେଞ୍ଚ୍ ଓପନ ଟାଇଟଲ ହାସଲ କରିଥିଲେ। ନିଜ ପ୍ରଦର୍ଶନରେ ନାଡ଼ାଲ ଖୁସି ଜାହିର କରିଛନ୍ତି। ତେବେ ସାହସିକ ପ୍ରଦର୍ଶନ ପାଇଁ ସେ ଥିମ୍‌ଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। ୨୦୦୫ରେ ପ୍ରଥମଥର ପାଇଁ ଫ୍ରେଞ୍ଚ୍ ଓପନ୍ ଖେଳିଥିଲି। ସେତେବେଳେ ଭାବି ନ ଥିଲି ଯେ, ମୁଁ ୨୦୧୯ରେ ଏହି ଟୁର୍ନାମେଣ୍ଟ ଖେଳିବି। ଏହି ବିଜୟ ମୋ ପାଇଁ ସ୍ୱତନ୍ତ୍ର ବୋଲି ନାଡ଼ାଲ କହିଛନ୍ତି। ଏଥି ସହିତ ନାଡ଼ାଲ କ୍ୟାରିୟରରେ ମୋଟ ୮୨ତମ ଟାଇଟଲ ହାସଲ କରିଛନ୍ତି ଓ ୯୫୦ତମ ମ୍ୟାଚ୍ ଜିତିଛନ୍ତି। ୧୯୯୫ ପରେ ଦ୍ୱିତୀୟ ଅଷ୍ଟ୍ରିଆ ଖେଳାଳିଭାବେ ଥିମ୍ ଫ୍ରେଞ୍ଚ୍ ଓପନ୍ ଟାଇଟଲ ଜିତିଥାନ୍ତେ। ତେବେ ଶେଷରେ ତାଙ୍କ ଆଶା ଧୂଳିସାତ୍ ହୋଇଛି। ଗତବର୍ଷ ମଧ୍ୟ ନାଡ଼ାଲ ଫାଇନାଲରେ ଥିମ୍‌ଙ୍କୁ ହରାଇ ଫ୍ରେଞ୍ଚ୍ ଓପନ୍ ଟାଇଟଲ ହାସଲ କରିଥିଲେ।

# ମ୍ଲାଡେନୋଭିଚ୍ ଦ୍ୱିତୀୟଥର ଚାମ୍ପିୟନ



ଫ୍ରେଞ୍ଚ୍ ଓପନ୍ ମହିଳା ଡବଲ୍ସ ଟାଇଟଲ ବିଜୟିନୀ କ୍ରିଷ୍ଟିନା ମ୍ଲାଡେନୋଭିଚ୍ ଏବଂ ଟିମିଆ ବାବୋସ।

ପ୍ୟାରିସ, ୯।୬

ଫ୍ରାନ୍ସର କ୍ରିଷ୍ଟିନା ମ୍ଲାଡେନୋଭିଚ୍ ଦ୍ୱିତୀୟ ଥର ଫ୍ରେଞ୍ଚ୍ ଓପନ୍ ମହିଳା ଡବଲ୍ସ ଟାଇଟଲ ଜିତିଛନ୍ତି। ରବିବାର ଏଠାରେ ଅନୁଷ୍ଠିତ ଫାଇନାଲରେ ସେ ଏବଂ ହଙ୍ଗେରୀର ତାଙ୍କ ପାର୍ଟନର ଟିମିଆ ବାବୋସ ୬-୨, ୬-୩ ସେଟ୍‌ରେ ଚାଇନିଜ୍ ଅଣସିଡ୍ ଯୋଡ଼ି ଡୁଆନ୍ ୟିଙ୍ଗ୍‌ୟିଙ୍ଗ୍ ଏବଂ ଝେଙ୍ଗ ସାଇସାଇଙ୍କୁ ପରାସ୍ତ କରି ସେମାନଙ୍କ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ଏହି ଯୋଡ଼ି ୨୦୧୮ରେ ଅଷ୍ଟ୍ରେଲିଆନ ଓପନ ଜିତିଥିଲେ। ମ୍ଲାଡେନୋଭିଚ୍ ୨୦୧୬ରେ କାରୋଲିନ୍ ଗାର୍ସିଆଙ୍କ ସହିତ ତାଙ୍କ ପ୍ରଥମ ଫ୍ରେଞ୍ଚ୍ ଓପନ ଟାଇଟଲ ଜିତିଥିଲେ। ଆସନ୍ତା ଡବଲ୍ସ ର୍‍ୟାଙ୍କିଙ୍ଗରେ ସେ ଶୀର୍ଷ ସ୍ଥାନରେ ରହିବେ। ସୂଚନାଯୋଗ୍ୟ, ମ୍ଲାଡେନୋଭିଚ୍‌ଙ୍କ ବୟ ଫ୍ରେଣ୍ଡ୍ ହେଉଛନ୍ତି ଟେନିସ ଖେଳାଳି ଡୋମିନିକ୍ ଥିମ୍।

# ବାର୍ଟିଙ୍କୁ ଆଇସିସିର ଶୁଭେଚ୍ଛା

ଦୁବାଇ,୯।୬

ଦୀର୍ଘ ୪୬ ବର୍ଷର ବ୍ୟବଧାନ ପରେ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ୍ ଓପନ ଟାଇଟଲ ହାତେଇଥିବା ପ୍ରଥମ ଅଷ୍ଟ୍ରେଲିଆନ ଆସ୍‌ଲ ବାର୍ଟିଙ୍କୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଶୁଭେଚ୍ଛା ଦିଆଯାଇଛି। ତୁମେ କ୍ରିକେଟରୁ ଆଥ୍‌ଲେଟଙ୍କୁ ନେଇପାରିବ। ହେଲେ ଉକ୍ତ ଆଥ୍‌ଲେଟଙ୍କଠାରୁ କ୍ରିକେଟ ଦୂରେଇ ପାରିବ ନାହିଁ। ଫ୍ରେଞ୍ଚ୍ ଓପନ ଜିତିବା ପାଇଁ ବାର୍ଟିଙ୍କୁ ଅନେକ ଅନେକ ଶୁଭେଚ୍ଛା ବୋଲି ଆଇସିସି ପକ୍ଷରୁ ଟୁଇଟ୍ କରାଯାଇଛି। ଉଲ୍ଲେଖଥାଉ କି, ବାର୍ଟି ୨୦୧୪ରୁ ୨୦୧୬ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆର ମହିଳା ବିଗ୍ ବାଶ ଲିଗ୍ (ବିବିଏଲ)ରେ ଖେଳିଥିଲେ। ସେ ବ୍ରିସ ବେନ ହିଟ୍ ପାଇଁ ୯ ମ୍ୟାଚ୍ ଖେଳି ୬୮ ରନ୍ କରିଥିଲେ। ବିବିଏଲ ବ୍ୟତୀତ କୁଇନ୍ସଲାଣ୍ଡ ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟ୍ ମଧ୍ୟ ଖେଳିଥିଲେ। କିନ୍ତୁ ୨୦୧୬ରେ ସେ ପୁଣି ଟେନିସକୁ ଫେରିବାକୁ ନିଷ୍ପତ୍ତି ନେଇଥିଲେ।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଭୀରୁ ବାରମ୍ବାର ମରେ; କିନ୍ତୁ ସାହାସୀ ଲୋକର ଜୀବନରେ ମାତ୍ର ଥରେ ମୃତ୍ୟୁ ହୋଇଥାଏ ।
-ନେପୋଲିୟନ



## ସଂକ୍ଷେପରେ

### ବିଧାୟକଙ୍କ ବାଇକ ଶୋଭାଯାତ୍ରା

**ନରାଜ, ୯।୬(ଡି.ଏନ୍.ଏ.):** ବାରଙ୍ଗ ବ୍ଲକ ଅନ୍ତର୍ଗତ ୩୨ନଂ. ଜୋନ୍‌ର ୫ ପଞ୍ଚାୟତରେ ରବିବାର ବାଙ୍କୀ ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ବିଧାୟକ ଦେବୀ ରଞ୍ଜନ ତ୍ରିପାଠିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଶୋଭାଯାତ୍ରା ମଧୁପୁର ପଞ୍ଚାୟତର ଚଣ୍ଡୀପ୍ରସାଦରୁ ଆରମ୍ଭ ହୋଇ ଦାଢାପାଟଣା, ଶ୍ରୀବନ୍ତପୁର, ମଧୁପୁର,ବେଲଗଛିଆ ଓ କୁହ୍ନେଇପଡା ପଞ୍ଚାୟତର ବ୍ରାହ୍ମଣିଗାଁରେ ଶେଷ ହୋଇଥିଲା। ଜିଲା ପରିଷଦ ସଭ୍ୟା ସସ୍ମିତା ସାହୁ, ସରପଞ୍ଚ ସ୍ୱର୍ଣ୍ଣଲତା ବିଶ୍ୱାଳ, ସୁମନ ବେହେରା, ସୁମିନା ପ୍ରଧାନ, ମାନିନୀ ସାହୁ, ପ୍ରିୟଙ୍କା ରାଉତ, ରମାକାନ୍ତ ରାଉତ, ସନ୍ତୋଷ ପାଣି, ଅଶୋକ ରାଉତ, ଅଭିମନ୍ୟୁ ବେହେରା ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

### ମାଟ୍ରିକ ପରବର୍ତ୍ତୀ କ୍ୟାରିୟର ପରାମର୍ଶ

**ଫୁଲନଖରା,୯।୬(ଡି.ଏନ୍.ଏ.):** କଟକ ସଦର ଥାନା ଅଧୀନ ଗବବସ୍ତଠାରେ ରବିବାର ମାଟ୍ରିକ ପରବର୍ତ୍ତୀ କ୍ୟାରିୟର ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗବବସ୍ତ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ସମ୍ପାଦକ ଚକ୍ରଧର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ ଡା. ପ୍ରସନ୍ନ କୁମାର ପାତ୍ର, ଡ. ବିଜୟରାମ ମହାନ୍ତି, ଡ. ବଂଶୀଧର ମୁଳିଆ, ଇଂ. ପ୍ରଶାନ୍ତ କୁମାର ଦାଶ ଓ ଅଭିଳାସ ଚନ୍ଦ୍ର ବେହେରା ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପାଠ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳରେ ଥିବା ୩୬ଟି ହାଇସ୍କୁଲର କୃତୀ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଚନ୍ଦ୍ରକାନ୍ତ ଜେନା, ବିଭୂତି ବେହେରା, ବିପିନ୍ କୁମାର ଜେନା ଓ ନଇମୁଦ୍ଦିନ ଖାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ନରସିଂହପୁରରେ କାଳବୈଶାଖୀ ତାଣ୍ଡବ

# ଉଡ଼ିଲା ଛପର, ଉପୁଡ଼ିଲା ଗଛ

■ ବିଦ୍ୟୁତ୍ ସେବା ବ୍ୟାହତ
■ ୩ ଘଣ୍ଟା ଗାଡ଼ି ଚଳାଚଳ ବନ୍ଦ

**ନରସିଂହପୁର,୯।୬(ସ୍ୱ.ପ୍ର.)**

ନରସିଂହପୁର ଅଞ୍ଚଳରେ ରବିବାର ଅପରାହ୍ନରେ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଥିଲା। ଏହାର ପ୍ରଭାବରେ ଅନେକ ଚାଳ ଛପର ଉଡ଼ିଯିବା ସହ ବହୁ ବୃହତକାୟ ଗଛ ଉପୁଡ଼ି ପଡ଼ିଥିଲା। ବିଶେଷକରି ନରସିଂହପୁରଠାରୁ କମଳାଡିହ ରାସ୍ତାରେ ଶତାଧିକ ଗଛ ଭାଙ୍ଗି ପଡ଼ିଥିଲା। ସେହିପରି ବାଲିସାହି ଛକ ନିକଟରେ ଏକ ବିରାଟ ଚାକୁଣ୍ଡା ଗଛ ଭାଙ୍ଗି ରାସ୍ତା ଉପରେ ପଡିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ିମୋଟର ଦୀର୍ଘ ତିନି ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅଟକି ରହିଥିଲା। ବାଲିସାହି ସମିତିସଭ୍ୟ ଶକ୍ତିକାନ୍ତ ମିଶ୍ର ଓ ଗ୍ରାମବାସୀ ରାସ୍ତାରୁ ଗଛକାଟି ସଫା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରେ ଗଛ ଉପୁଡି ପଡ଼ିବାରୁ ବିଦ୍ୟୁତ୍ ତାର ଛିଡ଼ି ପଡ଼ିଥିବା ଦେଖିବାକୁ ମିଳିଥିଲା। ଯଦ୍ୱାରା ନରସିଂହପୁରଠାରୁ କମଳାଡିହ ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ବ୍ୟାହାତ ହୋଇଥିଲା।



ରାସ୍ତାରେ ଉପୁଡ଼ି ପଡ଼ିଥିବା ଗଛକୁ କାଟି ସଫା କରାଯାଉଛି।

## ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ପାଳିତ

**ଚୌଦ୍ୱାର, ୯।୬(ଡି.ଏନ.ଏ)**

ଓଡ଼ିଶା ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ରବିବାର ଚୌଦ୍ୱାର ପ୍ରେସକ୍ଲବରେ ପାଳିତ ହୋଇଯାଇଛି। ପ୍ରେସକ୍ଲବର ସମ୍ପାଦକ ତଥା ଖବରଦାତା ରମେଶ ଚନ୍ଦ୍ର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚୌଦ୍ୱାର କଲେଜ ଓଡ଼ିଆ ବିଭାଗ ଅଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁ, ଦୀପକ ବେହେରା, ସୂର୍ଯ୍ୟ ରାଜ, ସାମାଜିକ କର୍ମୀ କୈଳାସ ଚନ୍ଦ୍ର ବରାଳ, ସହଦେବ ବରାଳ, କେ.ସି ପ୍ରତାପ ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇ ନନ୍ଦିନୀ ଶତପଥୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରେସକ୍ଲବର ମୁଖ୍ୟ ଉପଦେଷ୍ଟା ସୌରେନ୍ଦ୍ର କୁମାର ପଣ୍ଡା, ଗଙ୍ଗାଧର ସାହୁ, ପ୍ରକାଶ କୁମାର ନାୟକ, ସୁଧାକର ସାମନ୍ତରାୟ, ସୁରେଶ ପୃଷ୍ଟି, ବର୍ଷାରାଣୀ ରାଉତରାୟ, ପ୍ରଗତୀ ଭୂୟାଁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆଶୁତୋଷ ଦାସ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ବାଙ୍କୀ କଲେଜ ଛାତ୍ର ପ୍ରଥମ



ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରଥମ ହୋଇଥିବା ଛାତ୍ର ଗଦାଧରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବାଙ୍କୀ, ୯।୬(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଯୁକ୍ତ ୩ ଶେଷ ବର୍ଷ ଛାତ୍ର ଗଦାଧର ସାମଲ ରାଜ୍ୟସ୍ତରୀୟ ଗିରିଜାଶଙ୍କର ପ୍ରବନ୍ଧ ପ୍ରତିଯୋଗିତାରେ ଭାଗନେଇ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ପରିପ୍ରେକ୍ଷୀରେ କଟକ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ୧୧୨ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ଉତ୍ସବରେ ସହିତ୍ୟ ସମାଜ ସଭାପତି ଡ. ବିଜୟାନନ୍ଦ ସିଂହ, ଉଦ୍‌ଘାଟକଭାବେ ଏମ୍‌ପି ଭର୍ତ୍ତୃହରି ମହତାବ, ମୁଖ୍ୟଅତିଥି ବିଶିଷ୍ଟ ସାହିତ୍ୟିକା ମନୋରମା ମହାପାତ୍ର, ସମ୍ମାନିତ ଅତିଥି ଡ. ସଂଗ୍ରାମ ଜେନା, ପାବକ୍ କାନୁନ୍ ଗୋ ଓ ଶୈଳଜା ରବି ପ୍ରମୁଖ ଉପସ୍ଥିତ ରହି ସାମଲଙ୍କୁ ମାନପତ୍ର ସହିତ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସଫଳତା ପାଇଁ ମହାବିଦ୍ୟାଳୟ ଅଧକ୍ଷ ଡ. ବାବାଜୀ ଚରଣ ଶତପଥୀ, ଯୁକ୍ତ ୨ ମହାବିଦ୍ୟାଳୟ ଅଧକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ଓଡ଼ିଆ ବିଭାଗ ମୁଖ୍ୟ ଡ. ଚିତ୍ରସେନ ରାଉତ, ଡ. ଶଶିଭୂଷଣ ମହାପାତ୍ର, ଅଧ୍ୟାପକ ସତ୍ୟଜିତ୍ ଦାସ୍, ଅଧ୍ୟାପିକା ସରସ୍ୱତୀ ଦେହୁରୀ ଓ ଅଧ୍ୟାପକ ଚିନ୍ମୟ ତ୍ରିପାଠୀ ପ୍ରମୁଖ ଛାତ୍ର ସାମଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଜୀବନର କଥା କହିଲା ନାଟକ ମୃତ୍ୟୁର ଚୋଖେ ଜଲ୍

**କଟକ ଅଫିସ, ୯।୬**

ମୃତ୍ୟୁ ପୂର୍ବର ସମୟକୁ ବ୍ୟାଖା କରିବା ସହଜ ନୁହେଁ। ମଣିଷଟି ଏହି ସମୟରେ କେଉଁ ମାନସିକତା ଦେଇ ଗତି କରେ, କଣ କହିବାକୁ ଚାହେଁ କିମ୍ବା କଣ ଆଶା ରଖିଥାଏ ତାହା ସେ ତାହାର ସମଗ୍ର ଜୀବନକୁ ପ୍ରତିଫଳିତ କରେ। ଏଭଳି ଏକ ବିଷୟବସ୍ତୁ ନେଇ ସ୍ଥାନୀୟ କଳା ବିକାଶ କେନ୍ଦ୍ରରେ ଶନିବାର ମଞ୍ଚସ୍ଥ ହୋଇଥିଲା ନାଟକ 'ମୃତ୍ୟୁର ଚୋଖେ ଜଲ୍'। ମନୋଜ ମିତ୍ରଙ୍କ ଲିଖିତ ଓ ଦୀପେନ ଘୋଷଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଥିବା ଏହି ନାଟକ ଅତ୍ୟନ୍ତ ଚମତ୍କାର ଓ ହୃଦୟସ୍ପର୍ଶୀ ଥିଲା। ବୈଙ୍ଗୀୟ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଆମର କାଜୋନର ବାର୍ଷିକ ଉତ୍ସବର ସାଂସ୍କୃତିକ ସନ୍ଧ୍ୟାରେ ବୈଙ୍ଗୀୟ କଳାକାରଙ୍କ ଦ୍ୱାରା ନାଟକ ସମେତ ସଙ୍ଗୀତ ପରିବେଷଣ କରାଯାଇଥିଲା। ମୌମିତା ମୁଖାର୍ଜୀ, ପୁଷ୍ପାଙ୍କ ବାନାର୍ଜୀ, ରାଜୀବ ଭଟ୍ଟାଚାର୍ଯ୍ୟ, ଜୋଇତା ଚାଟାର୍ଜୀ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। କଲିକତାର କଳାକାର ଶାଲିନୀ ସମାଦାର, ସୌମିତା ଘୋଷ ଓ ସରୋଜିନୀ ଦାସ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ତାରକ ସୂର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରୂପା ଘୋଷ, କୌଶିକ ଘୋଷ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକ କଳାବିକାଶ କେନ୍ଦ୍ରରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଏନ୍‌ବିଡବ୍ଲ୍ୟୁ ବଳରେ ଅଭିଯୁକ୍ତ ଗିରଫ

**କଟକ ଅଫିସ, ୯।୬**

ଜାମିନ୍ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ବଳରେ ଦରଘାବଜାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଦରଘାବଜାର ଅଞ୍ଚଳର କେ. ରାଜୁ। ପୋଲିସ ସୂଚନା ଅନୁଯାୟୀ, ୨୦୧୮ରେ ସ୍ତ୍ରୀଙ୍କୁ ଏସିଡ୍ ଫିଙ୍ଗି ହତ୍ୟା ଉଦ୍ୟମ କରିଥିଲେ ରାଜୁ। ଏ ସମ୍ପର୍କରେ ତାଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏବେ ଉକ୍ତ ମାମଲା କୋର୍ଟରେ ବିଚାରଧୀନ ଥିବାବେଳେ ସେ କୋର୍ଟରେ ହାଜର ହେଉ ନ ଥିଲେ। ଫଳରେ କୋର୍ଟ ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲେ।

## ଏମ୍‌ପି, ମନ୍ତ୍ରୀଙ୍କୁ ଆଠଗଡ଼ରେ ସମ୍ବର୍ଦ୍ଧନା




ଆଠଗଡ଼ରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଏମ୍.ପି., ମନ୍ତ୍ରୀ ଓ ଅନ୍ୟମାନେ।

**ଆଠଗଡ଼,୯।୬(ସ୍ୱ.ପ୍ର.)**

ଆଠଗଡ଼ ସ୍ୱାଭିମାନ ଏକତା ମଞ୍ଚ ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ ଆଠଗଡ଼ ବିଧାୟକ ତଥା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ମହୋତ୍ସବ ପଡିଆଠାରେ ମଞ୍ଚ ସଭାପତି ହେମନ୍ତ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏମ୍‌ପି ମହତାବ ଯୋଗଦେଇ ଜନସାଧାରଣଙ୍କ ଆଶା ଓ ବିଶ୍ୱାସକୁ ସଫଳ ରୂପାୟନ କରିବା ପାଇଁ ବଦ୍ଧପରିକର ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ମନ୍ତ୍ରୀ ସ୍ୱାଇଁ ଜନସାଧାରଣଙ୍କ ବିଶ୍ୱାସ ବିଜେଡି ସରକାର ଉପରେ ରହିଥିବା ଏହି ନିର୍ବାଚନରେ ପ୍ରତିଫଳିତ ହୋଇସାରିଛି ବୋଲି କହିଥିଲେ। ସଭାରେ ଆୟୋଜକଙ୍କ ସମେତ ଆଠଗଡ଼ ଓକିଲ ସଂଘ, ଗଣମାଧ୍ୟମ ପ୍ରତିନିଧି ସମୂହ, ସରକାରୀ ଅନୁଷ୍ଠାନ, ବିଭିନ୍ନ ପଞ୍ଚାୟତ, ସ୍ୱେଚ୍ଛାସେବୀ ସଙ୍ଗଠନ, ବିଜୁ ଯୁବବାହିନୀ, ସମସ୍ତ ବଜାର କମିଟି ଓ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ଉଭୟ ମନ୍ତ୍ରୀ ଏବଂ ଏମ୍‌ପିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ଜନ ସମାଗମ ହୋଇଥିଲା। ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟାକୁ ସରଳ ଭାବେ ସମାଧାନ କରାଯିବ ବୋଲି ଉଭୟ ଏମ୍‌ପି ଓ ମନ୍ତ୍ରୀ ଜନସମାଗମକୁ ସମ୍ବୋଧିତ କରି କହିଥିଲେ। ପ୍ରାୟ ୧୨୫ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

## ବିଜୟ ପଡିହାରୀଙ୍କୁ ସମ୍ବର୍ଦ୍ଧନା



ସମ୍ବାଦ ପତ୍ର ବିକ୍ରେତା ସଂଘ ପକ୍ଷରୁ ବିଜୟ ପଢ଼ିହାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କଟକ ଅଫିସ, ୯।୬**

ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତିର ସର୍ବଭାରତୀୟ ସମ୍ପାଦକ ତଥା ସମ୍ବାଦପତ୍ର ବିକ୍ରେତା ସଂଘ କଟକର ସଭାପତି ବିଜୟ କୁମାର ପଡିହାରୀଙ୍କୁ କଟକ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବାରବାଟୀ ଷ୍ଟାଡିୟମଠାରେ ରବିବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେ ନିକଟରେ ଏକ ପ୍ରତିନିଧି ଦଳର ନେତୃତ୍ୱ ନେଇ କ୍ୟୁବା ଯାଇଥିଲେ। ସେଠାରେ ଭାରତ ଓ କ୍ୟୁବାର ଜନସାଧାରଣଙ୍କ ମଧ୍ୟରେ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ବନ୍ଧନ ଦୃଢ କରିବା ଦିଗରେ ଆଲୋଚନା କରିଥିଲେ। ସମିତି ଓ କ୍ୟୁବାର ମୈତ୍ରୀ ସଂଗଠନ ସହ ମୈତ୍ରୀ ଚୁକ୍ତି କରିଥିଲେ।

## ସୋସିଆଲ ମିଡିଆରୁ ସୂଚନା ପାଇ ପହଞ୍ଚିଲେ ନାତି

**ବୃଦ୍ଧାଙ୍କୁ ଉଦ୍ଧାର କଲା ପୋଲିସ**

**କଟକ ଅଫିସ, ୯।୬**

ଚାଉଳିଆଗଞ୍ଜ ଥାନା ଅଧୀନ ଓଏମ୍‌ପି ଛକରୁ ପୋଲିସ ରବିବାର ସନ୍ଧ୍ୟାରେ ଜଣେ ୬୦ ବର୍ଷର ବୃଦ୍ଧାଙ୍କୁ ଉଦ୍ଧାର କରି କଟକସ୍ଥିତ ବସୁନ୍ଧରା ଆଶ୍ରୟସ୍ଥଳିରେ ଛାଡିଥିଲା। ତେବେ ଏହି ଖବର ସୋସିଆଲ ମିଡିଆରେ ଭାଇରାଲ ହେବାର ଘଣ୍ଟାଏ ମଧ୍ୟରେ ବୃଦ୍ଧାଙ୍କ ନାତୀ ସୂଚନା ପାଇଁ ଥାନାରେ ପହଞ୍ଚିଥିଲେ। ପରେ ସମ୍ପୃକ୍ତା ବୃଦ୍ଧାଙ୍କୁ ପୋଲିସ ତାଙ୍କ ନାତିଙ୍କ ଜିମା ଦେଇଛି। ବୃଦ୍ଧା ଜଣଙ୍କ ହେଲେ କେନ୍ଦ୍ରାପଡ଼ା ଜିଲା ତିନିମୁହାଣି ଅଞ୍ଚଳର ସରସ୍ୱତୀ ବାରିକ। ରବିବାର ସେ ତାଙ୍କ ପରିବାର ଲୋକଙ୍କ ସହ କଟକରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ହେଲେ ଘରେ ନ କହି ସନ୍ଧ୍ୟା ୬ଟାରେ ସରସ୍ୱତୀ ଘରୁ ବାହାରି ଆସିଥିଲେ। ପରେ ଆଉ ବଜାରରୁ ଘରକୁ ଫେରି ପାରି ନ ଥିଲେ। ସେ ଓଏମ୍‌ପି ଛକ ନିକଟରେ ଏକାଏକା ବୁଲୁଥିବା ବେଳେ ପିସିଆର୍ ଭ୍ୟାନ ତାଙ୍କୁ ଉଦ୍ଧାର କରିଥିଲା। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ପ୍ରାଥମିକ ଚିକିତ୍ସା କରାଇବା ପରେ ପୋଲିସ ତାଙ୍କୁ ବସୁନ୍ଧରାରେ ଛାଡ଼ିଥିଲା। ପରେ ଥାନା ଅଧିକାରୀ ଦୀପକ ମିଶ୍ର ଏହି ଖବର ସୋସିଆଲ ମିଡିଆରେ ଛାଡିବାରୁ ତାଙ୍କ ନାତି ସୂଚନା ପାଇ ଥାନାରେ ପହଞ୍ଚିଥିଲେ।

## ଗଣିତ ଓ ସଙ୍ଗୀତ ପ୍ରଶିକ୍ଷଣ ଶିବିର

**କଟକ ସଦର, ୯।୬(ଡି.ଏନ୍.ଏ.)**

ଓଡ଼ିଶା ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ରବିବାର କଟକ ସଦର ବ୍ଲକ ଅଧୀନ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଉତ୍ତର-ପୂର୍ବ ସମ୍ଭାଗ ଯୋଜନାର ଗଣିତ ଓ ସଙ୍ଗୀତ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଟକ, ଯାଜପୁର, କେନ୍ଦ୍ରାପଡା ଜିଲାର ବିଭିନ୍ନ ସରସ୍ୱତୀ ଶିଶୁମନ୍ଦିରର ୬୦ ଜଣ ଗୁରୁମାଗୁରୁଜୀ ପ୍ରଶିକ୍ଷଣ ନେଇଥିଲେ। ସୋମନାଥ ବିଶ୍ୱାଳ, ଦୟାନିଧି ଚୌଧୁରୀ, ନକୁଳ ଚରଣ ସାହୁ, ପରମ ନାରାୟଣ ରଥ ଓ ଗୟାଧର ବେହେରା ଗଣିତ ଶିକ୍ଷାକୁ ଆନନ୍ଦଦାୟକ, କ୍ରିୟାକଳାପ ଭିତିକ ପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ସେହିପରି ଲିଲି ସାମଲ, ମାନସୀ ଦାସ, ଜୟକିଶୋର ସାହୁ, ସିଦ୍ଧାର୍ଥ ଶଙ୍କର ପଣ୍ଡା ସଙ୍ଗୀତର ଭୂମିକା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ସୋମନାଥ ବିଶ୍ୱାଳ, ଶିକ୍ଷା ବିକାଶ ସମିତି କାର୍ଯ୍ୟକର୍ତ୍ତା ମଧୁସୂଦନ ବାରିକ, ବିଭୂତି ପାଇକରାୟ, ରାସବିହାରୀ ମହାପାତ୍ର, କ୍ଷେତ୍ରମୋହନ ଦାସ, କନ୍ଦରପୁର ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟିର ନବଘନ ରାଉତ, ହୃଷୀକେଶ ଜେନା, ପଣ୍ଡିତ କୃଷ୍ଣଚନ୍ଦ୍ର ତ୍ରିପାଠୀ, ମନୋରଞ୍ଜନ ମହାପାତ୍ର ଓ ବିଭୂତି ଭୂଷଣ ଜେନା ଉପସ୍ଥିତ ଥିଲେ। ଆଚାର୍ଯ୍ୟ ତ୍ରିଲୋଚନ ହାତୀ, ଦିନେଶ ପଣ୍ଡା, ଦିଲ୍ଲୀପ କୁମାର ଜେନା, ଲୋଚନ କୁମାର ପରିଡା, ଶ୍ରୀକାନ୍ତ ଶତ୍‌ପଥୀ, ଜାନକୀ ବଲ୍ଲଭ ମହାପାତ୍ର, ମଧୁସ୍ମିତା ଯଶୋଲିନ ମହାପାତ୍ର ଓ ସୁଚିତା ପ୍ରହରାଜ ଶିବିର ପରିଚାଳନା କରିଥିଲେ।

## କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କୁ ସମ୍ବର୍ଦ୍ଧନା

**କଟକ ଅଫିସ/ ଫୁଲନଖରା, ୯।୬(ଡି.ଏନ୍.ଏ.)**

କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ବାଲେଶ୍ୱର ଗସ୍ତ ସମୟରେ ବିଭିନ୍ନ ଅଞ୍ଚଳରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ରବିବାର ଶିଖରପୁର ଛକରେ କଟକ ଜିଲା ଭଗୱା ସେନାର ଆବାହକ ସ୍ମୃତିରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଜିଲାର ପଦାଧିକାରୀମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦିଆଯାଇ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ଆଶୁତୋଷ ଦାସ, ସାଧାରଣ ସମ୍ପାଦକ ସୁରେଶ ମହାନ୍ତି, ଗୁରୁପ୍ରସାଦ ସାହୁ, ଭଗୱା ସେନାର ଉପଦେଷ୍ଟା ସଞ୍ଜୀବ ଚିନାରା, କାଳୀପ୍ରସାଦ ମହାନ୍ତିଙ୍କ ସମେତ ସେନାର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସେହିପରି କଟକ ସଦର ଥାନା ଅଧୀନ ଫୁଲନଖରା ଛକଠାରେ ଭାଜପା ପଞ୍ଚମୁଖୀ ମଣ୍ଡଳ, ଉରାଳି ମଣ୍ଡଳ ଓ ଗବବସ୍ତ ମଣ୍ଡଳ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଷଡଙ୍ଗୀ କହିଥିଲେ, ଓଡ଼ିଶାର ସାମଗ୍ରୀକ ବିକାଶ ପାଇଁ ମୋର ଉଦ୍ୟମ ଜାରି ରହିବ। ଏହି କାର୍ଯ୍ୟକ୍ରମରେ କଟକ ନଗର ଜିଲା ଭାଜପା ଉପସଭାପତି ସ୍ୱାଧୀନଚେତା ମହାନ୍ତି, କ୍ଷୀରୋଦ ଚନ୍ଦ୍ର ଦଳାଇ, ବଦ୍ରି ନାରାୟଣ ପଟ୍ଟନାୟକ, ଅଶୋକ ରଥ, ଶିଶିର ଦାସ, ଅଶୋକ ଦାସ, ମାନସ ପଣ୍ଡା, ସୁଜାତା ମହାନ୍ତି, ପ୍ରଦୀପ ବେହେରା ଓ ବିଚିତ୍ରାନନ୍ଦ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ମଧୁପାଟଣାଠାରେ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଯାଦବ ମହାସଭା ପକ୍ଷରୁ ସମ୍ବର୍ଦ୍ଧନା ସଭା

**କଟକ ଅଫିସ,୯।୬**

ବାରବାଟୀ ଷ୍ଟାଡିୟମସ୍ଥିତ ହର୍ଷଗେଟ୍ ସମ୍ମିଳନୀ କକ୍ଷରେ ଉତ୍କଳ ଯାଦବ ମହାସଭା ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ମହାସଭାର ରାଜ୍ୟ ସଭାପତି ଆଶୀର୍ବାଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଧର୍ମଗଡ଼ ବିଧାୟକ ମୌଷଧୀ ବାଗ, ବରୀ ବିଧାୟକ ସୁନନ୍ଦା ଦାସ, ଲମ୍ବୋଧର ନିୟାଲ ଓ ଲକ୍ଷ୍ମଣ ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟରେ ଯାଦବମାନଙ୍କ ଏକତାକୁ ଏମାନେ ପ୍ରମାଣ କରିଛନ୍ତି ବୋଲି ଆଶୀର୍ବାଦ କହିଥିଲେ। ଆଗାମୀ ଦିନରେ ଅଧିକରୁ ଅଧିକ ସିଟ୍‌ରେ ବିଜୟ ପାଇଁ ମହାସଭା ପ୍ରଚେଷ୍ଟା କରିବ ବୋଲି ମହାସଚିବ ଲମ୍ବୋଧର ନିୟାଲ କହିଥିଲେ। କାର୍ଯ୍ୟକାରୀ ସଭାପତି ସୁଭାଷ ଚନ୍ଦ୍ର ବେହେରା, ଉପଦେଷ୍ଟା ଏଲ. ଡମ୍ବରୁଧର, ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବେହେରା, ମିତ୍ରଭାନୁ ମହାକୁଡ଼, ଚିନ୍ମୟ ଦାସ, କୀର୍ତ୍ତନ ନାୟକ, କୋଷାଧ୍ୟକ୍ଷ ଦେବେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଷ୍ଟୋରି ଇମେଜ୍‌ର ରଜମଉଜ କାର୍ଯ୍ୟକ୍ରମ

**ଚୌଦ୍ୱାର,୯।୬ (ଡି.ଏନ୍.ଏ)**

ଆସୁଛି ରଜ ପର୍ବ। ଏ ନେଇ ଚୌଦ୍ୱାରର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ କ୍ଷ୍ଟୋରି ଇମେଜ୍ ଆନୁକୁଲ୍ୟରେ ସ୍ଥାନୀୟ ବୈଦେଶ୍ୱର ପୀଠ ପରିସରରେ ରଜମଉଜ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ପ୍ରଫୁଲ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ କଳା, ସଂସ୍କୃତି, ସାହିତ୍ୟ, ସଙ୍ଗୀତ, କବିତା ଓ ନୃତ୍ୟର ଯୁଗଳବନ୍ଦୀ ଭିତ୍ତିକ କାର୍ଯ୍ୟକ୍ରମକୁ କବି ରବୀନ୍ଦ୍ର କୁମାର ମହାପାତ୍ର ସଂଯୋଜନା କରିଥିଲେ। ଏଥିରେ ଖବରଦାତା ରମେଶ ଚନ୍ଦ୍ର ସାମଲ ଅତିଥି ଭାବେ ଯୋଗଦେଇଥିଲେ। ଗୀତିକାର ପ୍ରକାଶ ମହାପାତ୍ର, ବିଜୟ ମଲ୍ଲ, ଦେବୀଦତ୍ତ ମହାନ୍ତି, ଗଗନ ରାଉତ, ଅଧ୍ୟାପିକା ଡ. ସ୍ନେହଲତା ମିଶ୍ର, ଗାଳ୍ପିକ ଅଜୟ ମିଶ୍ର, ଶିଶୁ ସାହିତ୍ୟିକ ଗଣେଶ୍ୱର ସ୍ୱାଇଁ, ଡ. ଚିତ୍ତରଞ୍ଜନ ପଣ୍ଡା, କବି ବୈଦନାଥ ଖିଲାର, କେ.ସି.ପ୍ରତାପ ସିଂହଙ୍କ ସମେତ ବହୁ କବିୟିତ୍ରୀ ଓ କବି ଯୋଗଦେଇ ସ୍ୱରଚିତ କବିତା ଆବୃତି କରିବା ସହିତ ରଜ ଉତ୍ସବର ଅନୁଭୂତି ସମ୍ପର୍କରେ କହିଥିଲେ। ଲକ୍ଷ୍ମୀଧର ମହାରଣାଙ୍କ ରଚିତ ପୁସ୍ତକ 'ଅବ୍ୟକ୍ତ ଆର୍ତ୍ତନାଦ' ଓ ପୂର୍ଣ୍ଣମାସୀ ସାହୁଙ୍କ 'ସ୍ନିଗ୍ଧା ବସୁନ୍ଧରା' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହ କୁନିକୁନି ପିଲାମାନଙ୍କ ଦ୍ୱାରା ରଜଦୋଳି ଓ ପାନଭଙ୍ଗା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯାତ୍ରା ଅଭିନେତ୍ରୀ କାବେରୀ ବାରିକ ଯୋଗଦେଇଥିବାବେଳେ ପ୍ରଗତୀ ଭୂୟାଁ, ଖାଲିଦ ଚାନ୍ଦ ଓ କାହ୍ନୁ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରଜ ମଉଜରେ ସାମିଲ ହୋଇଥିବା ଯୁବତୀମାନେ।